ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ବୁଧବାର, ଜୁନ୍ ୧୨/୨୦୨୪ (୧୬ ପୃଷ୍ଠା) Bhubaneswar, Wednesday, June 12/2024 Page 16 ₹ 7.00
୫୦ଶ ଭାଗ ୧୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 198 ମୂଲ୍ୟ ₹୭/-

# ମୋହନ ମାଝି ନୂଆ ମୁଖ୍ୟମନ୍ତ୍ରୀ

## କନକ ବର୍ଦ୍ଧନ, ପ୍ରଭାତୀ ଉପମୁଖ୍ୟମନ୍ତ୍ରୀ

## ଆଜି ଶପଥ ଗ୍ରହଣ ଉତ୍ସବ

ଭୁବନେଶ୍ୱର,୧୧।୬(ସୁନିତ୍ ମିଶ୍ର)

ଓଡ଼ିଶାର ୧୪୭ ବିଧାନସଭା ଆସନ ମଧ୍ୟରୁ ୭୮ଟିରେ ବିଜୟୀ ହୋଇ ଭାଜପା ପ୍ରଥମ ଥର ପାଇଁ ସରକାର ଗଠନ କରିବାକୁ ସମର୍ଥ ହୋଇଥିବାବେଳେ କିଏ ମୁଖ୍ୟମନ୍ତ୍ରୀ ହେବେ ସେନେଇ ଲାଗି ରହିଥିବା କଳ୍ପନାଜଳ୍ପନାର ମଙ୍ଗଳବାର ସନ୍ଧ୍ୟାରେ ଅବସାନ ଘଟିଛି। ଭାଜପାର ନବନିର୍ବାଚିତ ବିଧାୟକମାନଙ୍କୁ ନେଇ ଦଳର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝିଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ସେହିପରି ବଲାଙ୍ଗୀର ଜିଲାର ପାଟଣାଗଡ଼ ବିଧାନସଭା ଆସନରୁ ବିଜୟୀ ହୋଇଥିବା ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ ଏବଂ ଦଳର ପ୍ରମୁଖ ନେତ୍ରୀ ତଥା ପୁରୀ ଜିଲା ନିମାପଡ଼ା ବିଧାନସଭା ଆସନରୁ ନିର୍ବାଚିତ ପ୍ରଭାତୀ ପରିଡ଼ାଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ଚୟନ କରାଯାଇଛି। ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଭଳି ଓଡ଼ିଶାରେ ମଧ୍ୟ ଭାଜପା ୨ ଉପମୁଖ୍ୟମନ୍ତ୍ରୀ ଫର୍ମୁଲା ଆପଣାଇଛି। ଏହାସାଙ୍ଗକୁ ଉତ୍ତର, ଉପକୂଳ ଓ ପଶ୍ଚିମ ଓଡ଼ିଶା ଭଳି ଆଞ୍ଚଳିକ ସନ୍ତୁଳନ ଏବଂ ଆଦିବାସୀ, ମହିଳା ଓ ସାଧାରଣ ବର୍ଗ ଆଦି ସାମାଜିକ ସମୀକରଣକୁ ପ୍ରମୁଖ ପଦବୀରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଚେହେରାକୁ ନେଇ ଉତ୍ସୁକତା ଲାଗି ରହିଥିବାବେଳେ ବିଧାୟକ ଦଳ ବୈଠକରେ ନୂଆ ନେତା ଚୟନ ପାଇଁ ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଏବଂ ଭୂପେନ୍ଦ୍ର ଯାଦବଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଥିଲା। ବୈଠକ ପରେ ରାଜନାଥ ସିଂ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ମୋହନଙ୍କ ନାମ ଘୋଷଣା କରିଛନ୍ତି। ସେ ବୁଧବାର ୧୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। କେନ୍ଦୁଝର ସଦର ଆସନରୁ ମୋହନ ୨୦୦୦, ୨୦୦୪, ୨୦୧୯ ଏବଂ ୨୦୨୪ରେ ବିଜୟୀ ହୋଇଛନ୍ତି। ଭାଜପା-ବିଜେଡି ମେଣ୍ଟ ସରକାରରେ ସେ ୨୦୦୫ରୁ ୨୦୦୯ ଯାଏ ସରକାରୀ ଦଳର ଉପମୁଖ୍ୟ ସଚେତକ ଭାବେ କାର୍ଯ୍ୟ ତୁଲାଇଥିଲେ। ସେହିପରି ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ☞ପୃଷ୍ଠା-୪



▲ କନକ ବର୍ଦ୍ଧନ ସିଂଦେଓ
ପାଟଣାଗଡ଼ରୁ ୬ଥର ବିଧାୟକ
ଜନ୍ମ: ୧୪।୦୬।୧୯୫୬ (୬୭ବର୍ଷ)
ଭାଜପା ରାଜ୍ୟ ସଭାପତି ଏବଂ ଓଡ଼ିଶା ସରକାରରେ ନଗର ଉନ୍ନୟନ ମନ୍ତ୍ରୀ ଥିଲେ

▲ ମୋହନ ଚରଣ ମାଝି
କେନ୍ଦୁଝର ବିଧାନସଭା ଆସନରୁ ୪ଥର ବିଜୟୀ
ଜନ୍ମ: ୦୬।୦୧।୧୯୭୨ (୫୨ ବର୍ଷ)
ଶିଶୁମନ୍ଦିର ଗୁରୁଜୀ ଭବେ କ୍ୟାରିୟର ଆରମ୍ଭ, ୧୯୯୭-୨୦୦୦ ସରପଞ୍ଚ, ୨୦୦୫-୨୦୦୯ ମେଣ୍ଟ ସରକାରରେ ଉପ ମୁଖ୍ୟ ସଚେତକ ଥିଲେ

▲ ପ୍ରଭାତୀ ପରିଡ଼ା
ନିମାପଡ଼ାରୁ ପ୍ରଥମ ଥର ବିଧାୟିକା
୫୭ ବର୍ଷ
ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ, ଭାଜପାର ରାଜ୍ୟ ଉପସଭାପତି ଦାୟିତ୍ୱ ତୁଲାଇଛନ୍ତି

## ଖଣି ଦୁର୍ନୀତି କଥା ଉଠାଇ ବୋମାମାଡ଼ର ଶିକାର ହୋଇଥିଲେ ମୋହନ

ଭୁବନେଶ୍ୱର/କେନ୍ଦୁଝର,୧୧।୬ (ସୁନିତ୍ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଟାଣୁଆ ନେତା ତଥା ବିଧାୟକ ମୋହନ ଚରଣ ମାଝୀ ଓଡ଼ିଶାର ୧୫ତମ ମୁଖ୍ୟମନ୍ତ୍ରୀ ଭାବେ ବୁଧବାର ଶପଥ ନେବାକୁ ଯାଉଛନ୍ତି। ଏ ସମ୍ପର୍କରେ ଭାଜପା ବିଧାୟକ ଦଳ ବୈଠକ ପରେ ଘୋଷଣା ହେବା ପରେ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି। ମୁଖ୍ୟମନ୍ତ୍ରୀ ପଦରେ ବସିବାକୁ ଯାଉଥିବା ମୋହନ ତାଙ୍କ ଜୀବନରେ ବହୁ ବାଧାବିଘ୍ନର ସାମ୍ନା କରିଛନ୍ତି। ଏପରିକି ତାଙ୍କ ଉପରକୁ ବୋମାମାଡ଼ ହୋଇଥିବାବେଳେ ସେ ନିଜ ଜୀବନ ରକ୍ଷା କରିପାରିଛନ୍ତି। ୨୦୨୧ ଅକ୍ଟୋବର ୧୦ରେ ବାଂଶପାଳସ୍ଥିତ ଓଏମ୍‌ସି ଖଣି ଦୁର୍ନୀତି ଘଟଣାକୁ ନେଇ ସେ ଆନ୍ଦୋଳନ କରୁଥିବାବେଳେ ତାଙ୍କ ଉପରକୁ ବୋମାମାଡ଼ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

### ନୂଆକୁ ସ୍ୱାଗତ

ଉଚ୍ଚ ଶିକ୍ଷାନୁଷ୍ଠାନ ବର୍ଷକୁ ଦୁଇଥର ନାମଲେଖା କରିପାରିବେ: ୟୁଜିସି ପୃଷ୍ଠା-୩







Admission Going on +2 1st Yr. Sc. & NEET -2024-25
TETRAHEDRON GROUP OF INSTITUTIONS
+2 1st Yr. Sc. 100 Seats & NEET only 70 Seats Left
TETRAHEDRON HIGHER SECONDARY SCHOOL
TETRAHEDRON WOMEN'S HIGHER SECONDARY SCHOOL
TETRAHEDRON RESIDENTIAL COACHING FOR NEET & JEE
Tangi, Cuttack-754022
STATE RANK 1
OUR NEET RESULT -2024
Mentor : Trideb Sir
Contact : 7008222977
AIR-163 715
KAMALAKANTA
Mob. : 8249906661
JAGATPUR, CUTTACK
705 AIR-1326 JIJNASU M. : 9178102675 JAJPUR
705 AIR-1202 RAHUL M. : 6372741832 BALANGIR
700 AIR-2008 OMM PRAKASH M. : 6372521307 PARADEEP
700 AIR-2111 SWAGATIKA M. : 7381845430 KENDRAPARA
690 ABHISEK M. : 9668498248 JAJPUR
688 SUSHREE SANGITA M. : 7735011969 JAJPUR
Above 700 : 05 STUDENTS
Above 680 : 12
Above 660 : 30
Above 640 : 56
Above 620 : 79
Above 670 : 23
Above 650 : 42
Above 630 : 69
Above 610 : 91
685 Shakti Swarup M. : 6370213092 Jajpur
685 Sushree Asmita M. :7848947386 Tangi, Cuttack
681 Ashutosh M. : 9178545331 Jagatsinghpur
680 Biswashree M. : 8480715205 Sundarpur, Jajpur
680 Priyabrata M. : 9861668335 Kuakhia, Jajpur
677 Jyotiranjan M. : 8018158921 Balasore
676 Abhiram M. : 8658966579 Jajpur
676 Subhankar Mob. : 9658607511 Maingalpur, Jajpur
675 Gyana Ranjan Mob. : 6370618246 Athagarh, Cuttack
674 Sonali Mob. : 8144561917 Binjharpur, Jajpur
673 Anshuman Mob. : 9938403854 Jagatsinghpur
673 S.A.Gourangi Mob. : 8260823873 Paradeep,J.s.pur
672 Hitaismi Mob. : 9338017644 Choudwar, Cuttack
670 Aditya Narayan Mob. : 8908612788 Rahama, Jagatsinghpur
670 Sandip Mob. : 8260537030 Jajpur
670 Santosh Mob. : 9861387108 Aul, Kendrapara
668 Swayam Pri. Mob. : 7327866845 Bari, Jajpur
662 Ananya Anindita Mob. : 9937099042 Kakatpur, Puri
661 Pratikshya Mob. : 9337254025 Kuakhia, Jajpur
661 Rahul Mob. : 7653898338 Jajpur
660 Akankhya Mob. : 8280227149 Jajpur
660 Deepak Mob. : 9337210273 Rajnagar, Kendrapara
FRESHER
665 Satyajeet Swain M. : 9439830875 Jagatpur, Cuttack
657 Abinash Sahoo M. : 9692121982 Aul, Kendrapara
598 Swastik (SC) M.: 9777071130 Dhenkanal
597 Diptimayee (SC) M. : 8249355019 Sundargarh
591 Satyajit (SC) M. : 6370706476 Salipur, Cuttack
OUR CHSE RESULT -2024
556 SATYAJEET ROLL NO. : 312CZ001 M. : 7978967700
555 MANISHA ROLL NO. : 321CZ009 M. : 8144643061
552 SWASTIK ROLL NO. : 312CZ340 M. : 9437777064
552 ARCHITA ROLL NO. : 321CZ016 M. : 9338114740
550 SUBHASHREE ROLL NO. : 321CZ031 M. : 9937018265
549 SOURAV ROLL NO. : 312CZ004 M. : 9937775696
546 SOMANATH ROLL NO. : 312CZ032 M. : 8658962681
546 ITISHREE ROLL NO. : 321CZ020 M. : 9438365119
546 PRIYADARSHANI ROLL NO. : 321CZ024 M. : 8895669588
546 PRIYADARSHINI ROLL NO. : 321CZ043 M. : 9937762882
546 ANANYA ROLL NO. : 321CZ052 M. : 7326014914
545 SATYAJEET ROLL NO. : 312CZ013 M. : 8777497589
545 CHANDRAKANTA ROLL NO. : 312CZ031 M. : 8763496117
544 RISHI RANJAN ROLL NO. : 312CZ009 M. : 9938145272
544 ABHISEKH ROLL NO. : 312CZ362 M. : 9438805996
544 SUBHASHREE ROLL NO. : 321CZ005 M. : 8658330625
542 AKANKHYA ROLL NO. : 321CZ004 M. : 7077929133
541 DEEPTIMAYEE ROLL NO. : 321CZ002 M. : 9778735583
541 STHITIPRAJNA ROLL NO. : 321CZ003 M. : 8917208141
541 ANISHA ROLL NO. : 321CZ018 M. : 9776735775
541 S. SONAM ROLL NO. : 321CZ075 M. : 9078581458
540 SAMIR ROLL NO. : 312CZ002 M. : 9437926225
100% RESULTS
Above 90% : 22
Above 89% : 33
Above 88% : 44
Above 85% : 97
Above 500 mark : 135
Above 80% : 227
Above 75% : 343
Above 70% : 548
Above 60% : 780
➔ ପିଲାମାନଙ୍କ ପାଇଁ +୨ କ୍ୟାରିୟର୍ ବହୁତ୍ ମୂଲ୍ୟବାନ୍ ।
➔ +୨ର ସଫଳତା ଉପରେ ପିଲାମାନଙ୍କର ପରବର୍ତ୍ତୀ ପ୍ରତିଟି ପ୍ରବେଶିକା ପରୀକ୍ଷା (Entrance Exam) ର ସଫଳତା ସଂପୂର୍ଣ୍ଣ ନିର୍ଭରଶୀଳ ।
➔ ସେ କ୍ଷେତ୍ରରେ ଆପଣଙ୍କର ଗୋଟିଏ ଭୁଲ୍ ନିଷ୍ପତି ପିଲାମାନଙ୍କର ସଫଳତାର ଦ୍ୱାରକୁ ୫ବର୍ଷ ପଛକୁ ନେଇଯାଇପାରେ ।
➔ ତେଣୁ ଭାବିଚିନ୍ତି ନିର୍ଣ୍ଣୟ ନେବା ବୁଦ୍ଧିମାନର କାମ ହେବ । ବିଚାର ଆପଣମାନଙ୍କର ।
Qualifying & Scholarship Test For NEET on 23rd, 24th & 30th June (any one)
Exam from 11am. to 2.20pm. , Reporting at 10.00am)
FOR ONLINE REGISTRATION VISIT OUR WEBSITE : www.tetrahedroncoaching.com
No need of entrance for student scoring more than 500 in NEET -2024
Course Fees For NEET-2024-25 , Rs. 1,00,000/- + (18% GST)
For Student Scoring 600 above : Free
For Student Scoring 590 above : Rs. 10,000/-
For Student Scoring 580 above : Rs. 20,000/-
For Student Scoring 570 above : Rs. 30,000/-
For Student Scoring 560 above : Rs. 40,000/-
For Student Scoring 550 above : Rs. 50,000/-
For Student Scoring 525 above : Rs. 55,000/-
For Student Scoring 500 above : Rs. 60,000/-
For Admission Contact : 9040363480, 8093064522,8093064525,7008222977




# ଉଚ୍ଚ ଶିକ୍ଷାନୁଷ୍ଠାନ ବର୍ଷକୁ ୨ଥର ନାମଲେଖା କରିପାରିବେ

## ଅନୁମତି ଦେଲା ୟୁଜିସି

ଭୁବନେଶ୍ୱର, ୧୧।୬ (ଅସମାପିକା ସାହୁ)

ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଏଣିକି ବର୍ଷକୁ ଦୁଇଥର ନାମଲେଖା କରିପାରିବେ। ଏନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଅନୁମତି ଦେଇଛି। ୨୦୨୪-୨୫ ଶିକ୍ଷାବର୍ଷରୁ ଏହା ଲାଗୁ ହେବ। ୟୁଜିସି ମୁଖ୍ୟ ଜଗଦେଶ କୁମାର କହିଛନ୍ତି, ବିଦେଶରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ଭଳି ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନରେ ଦୁଇଥର ନାମଲେଖା ହେଲେ ବହୁ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ। ଜୁଲାଇ-ଅଗଷ୍ଟ ଏବଂ ଜାନୁଆରୀ-ଫେବୃଆରୀରେ ନାମଲେଖା ପ୍ରକ୍ରିୟା କରାଯାଇପାରିବ। ନାମଲେଖାରୁ ବଞ୍ଚିତ ହେଉଥିବା ଛାତ୍ରୀଛାତ୍ରଙ୍କୁ ଆଉ ଏକବର୍ଷ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ବୋର୍ଡ ରେଜଲ୍ଟ ପ୍ରକାଶ ହୋଇ ନ ଥିବାରୁ, ସ୍ୱାସ୍ଥ୍ୟ ସମସ୍ୟା କିମ୍ବା କୌଣସି ବ୍ୟକ୍ତିଗତ କାରଣରୁ ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ନାମଲେଖାଇ ପାରି ନ ଥିବେ, ସେମାନେ ଦ୍ୱିତୀୟ ପର୍ଯ୍ୟାୟରେ ନାମ ଲେଖାଇପାରିବେ। ସେହିଭଳି ବର୍ଷକୁ ଦୁଇଥର ନାମଲେଖା ହେଲେ କମ୍ପାନୀଗୁଡ଼ିକ ମଧ୍ୟ ବର୍ଷକୁ ଦୁଇଥର କ୍ୟାମ୍ପସ ନିଯୁକ୍ତି ଦେଇପାରନ୍ତି ବୋଲି ଜଗଦେଶ କୁମାର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ବିଶ୍ୱବ୍ୟାପୀ ବିଶ୍ୱବିଦ୍ୟାଳୟଗୁଡ଼ିକ ବର୍ଷକୁ ଦୁଇଥର ନାମଲେଖା ପ୍ରକ୍ରିୟା ଅନୁସରଣ କରୁଛନ୍ତି। ଯଦି ଭାରତୀୟ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଏହାକୁ ଅନୁସରଣ କରନ୍ତି, ତେବେ ଆମର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ସେମାନଙ୍କ ଅନ୍ତର୍ଜାତୀୟ ସହଯୋଗ ଏବଂ ଛାତ୍ର ବିନିମୟକୁ ବଢ଼ାଇ ପାରିବେ। ଫଳରେ ଆମେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଓ ବିଶ୍ୱବିସ୍ତରୀୟ ଶିକ୍ଷାଗତ ଯୋଗ୍ୟତାରେ ସମାସ୍କନ୍ଧ ହୋଇପାରିବୁ। ତେବେ ଏଥିପାଇଁ ଶିକ୍ଷାନସ୍ଥାନଗୁଡିକରେ ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ଭିତ୍ତିଭୂମି ବିକାଶ କରିବାକୁ ହେବ। ପର୍ଯ୍ୟାପ୍ତ ସଂଖ୍ୟାରେ ଫାକଲ୍ଟି, କର୍ମଚାରୀ ଥିଲେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଏହାକୁ ଲାଗୁ କରିପାରିବେ। ତେବେ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ବର୍ଷକୁ ଦୁଇଥର ନାମଲେଖା ବାଧ୍ୟତାମୂଳକ ହେବ ନାହିଁ ବୋଲି ଜଗଦେଶ ସ୍ପଷ୍ଟ କରିଛନ୍ତି। ୟୁଜିସି ବର୍ଷକୁ ଦୁଇଥର ନାମଲେଖା ପାଇଁ ଅନୁମତି ଦେଇଛି। ଯେଉଁ ଉଚ୍ଚଶିକ୍ଷାନୁଷ୍ଠାନ ସେମାନଙ୍କର ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି କରିବାକୁ କିମ୍ବା କୌଣସି ନୂଆ ପାଠ୍ୟକ୍ରମ ସାମିଲ କରିବା ପାଇଁ ଚାହୁଁଥିବେ, ସେମାନେ ଏହାର ସୁଯୋଗ ନେଇପାରିବେ। କିନ୍ତୁ ଏଥିପାଇଁ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ସେମାନଙ୍କ ଆନୁଷ୍ଠାନିକ ନିୟମରେ ଉପଯୁକ୍ତ ସଂଶୋଧନ କରିବା ଆବଶ୍ୟକ ବୋଲି ଜଗଦେଶ କହିଛନ୍ତି।

# ଯୁବତୀଙ୍କୁ ହତ୍ୟା, ପ୍ରେମିକଙ୍କ ଆତ୍ମସମର୍ପଣ

ବିଷମକଟକ, ୧୧।୬ (ପ୍ରସନ୍ନ କୁମାର ପଣ୍ଡା)

ପ୍ରେମ ସମ୍ପର୍କକୁ ନେଇ ଯୁବତୀଙ୍କୁ ହତ୍ୟା। ପ୍ରେମିକାଙ୍କୁ ହତ୍ୟାକରି ରାୟଗଡ଼ା ଜିଲା ବିଷମକଟକ ଥାନା ଅନ୍ତର୍ଗତ କିରିବିରି ଛକ ନିକଟସ୍ଥ ଜଙ୍ଗଲରେ ଫିଙ୍ଗି ଅଭିଯୁକ୍ତ ପ୍ରେମିକ ଗୁଣପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ମୃତ ଯୁବତୀ ଜଣକ ବିଷମକଟକ ଥାନା ବ୍ଲକ କଲୋନିର ନିତୁ ନାଉରି ବୋଲି ଜଣାପଡ଼ିଛି। ହତ୍ୟାକାଣ୍ଡରେ ଜଡ଼ିତ ଯୁବକଙ୍କୁ କଠୋର ଦଣ୍ଡ ଦାବିକରି ପରିବାର ଲୋକେ ମଙ୍ଗଳବାର ଥାନା ଘେରାଉ କରିବା ସହ ରାସ୍ତାରୋକୋ କରିଥିଲେ। ଥାନା ଆଗରେ ମୃତଦେହ ରଖି ବହୁସଂଖ୍ୟାର ମହିଳା ଧାରଣାରେ ବସିଥିଲେ। ଉତ୍ତ୍ୟକ୍ତ ଲୋକେ ମୁନିଗୁଡ଼ାକୁ ଯୋଗାଯୋଗ କରୁଥିବା ୩୨୬ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିବାରୁ ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା। ଅପରାହ୍ନ ୪ଟାରେ ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଏବଂ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା ।

ଗୁଣପୁର ମରାଠିଗୁଡ଼ାର ମାନୁଆଲ ଶବରଙ୍କ ଦୀର୍ଘ ଦିନ ହେବ ବିଷମକଟକ ଥାନା ବ୍ଲକ କଲୋନୀର ନିତୁଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ବିବାହର ପ୍ରତିଶ୍ରୁତି ଦେଇ ମାନୁଆଲ ଅନେକ ସମୟରେ ନିତୁଙ୍କ ଘରକୁ ଯିବାଆସିବା କରୁଥିଲେ। କୌଣସି କାରଣରୁ ନିତୁଙ୍କ ପରିବାର ଲୋକେ ମାନୁଆଲଙ୍କ ସହ ବିବାହ କରିବାକୁ ମନା କରିଦେଇଥିଲେ। ସୋମବାର ଅପରାହ୍ନ ପ୍ରାୟ ୪ଟାରେ ମାନୁଆଲ ନିତୁଙ୍କୁ ଫୋନ୍ କରି ଘରୁ ଡାକି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ହତ୍ୟା ମାମଲା ୧୦୩/୨୪ ରୁଜୁ କରି ଘଟଣାର ତଦନ୍ତ କରୁଛି। ବିଷମକଟକ ପୋଲିସ ଗୁଣପୁର ଥାନାରୁ ଅଭିଯୁକ୍ତଙ୍କୁ ଆଣି ପଚରାଉଚରା କରୁଛି।

# ୩୦ ଯାଏ ସରକାରୀ କର୍ମଚାରୀଙ୍କୁ ଛୁଟି ମନା

ଭୁବନେଶ୍ୱର, ୧୧।୬ (ଅନିଲ ଦାସ)

ଜୁନ୍ ୩୦ ଯାଏ ସରକାରୀ କର୍ମଚାରୀମାନେ ଛୁଟି ନେଇପାରିବେ ନାହିଁ । ଛୁଟିଦିନରେ ବି କାର୍ଯ୍ୟ ଜାରି ରହିବ । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗ ସଚିବ ଓ ଜିଲାପାଳମାନଙ୍କୁ ଚିଠି ଲେଖି ସୂଚନା ଦିଆଯାଇଛି। ନୂଆ ସରକାର ଗଠନ ହେଉଥିବାରୁ ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମ ଚାଲିବ। ତେଣୁ ୩୦ ପର୍ଯ୍ୟନ୍ତ କାହାରିକୁ ଛୁଟି ନ ଦେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିସହ ଅଧିକାରୀମାନଙ୍କୁ ମୁଖ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏମିତିକି ସରକାରୀ ଛୁଟିଦିନରେ ବି ଅନୁପସ୍ଥିତ ନ ରହିବାକୁ କୁହାଯାଇଛି। କେବଳ ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଛୁଟି ମିଳିବ ବୋଲି ଉଲ୍ଲେଖ କରାଯାଇଛି। ନୂଆ ସରକାର ଦାୟିତ୍ୱ ନେବାକୁ ଥିବାରୁ ବିଭାଗ ବଣ୍ଟନଠାରୁ ଆରମ୍ଭ କରି ପ୍ରଶାସନିକ କ୍ଷେତ୍ରରେ ବିଭିନ୍ନ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସରକାରୀ କର୍ମଚାରୀଙ୍କୁ ଛୁଟିରେ ନ ଯିବା ଲାଗି କୁହାଯାଇଛି।

# ସାନି ପରୀକ୍ଷା ପାଇଁ କେନ୍ଦ୍ର, ଏନ୍‌ଟିଏକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

## ଏନ୍‌ଇଇଟି ପ୍ରଶ୍ନପତ୍ର ଲିକ୍ ଅଭିଯୋଗ


ନୂଆଦିଲ୍ଲୀ, ୧୧।୬


ପ୍ରଶ୍ନପତ୍ର ଲିକ୍ ଓ ଅସାଧୁ ଉପାୟ ଅବଲମ୍ବନ ଅଭିଯୋଗ ଆଧାରରେ ଏନ୍‌ଇଇଟି-ୟୁଜି ୨୦୨୪କୁ ବାତିଲକରି ସାନି ପରୀକ୍ଷା କରାଇବା ପାଇଁ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାର ଏବଂ ପରୀକ୍ଷା ପରିଚାଳକ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ଜବାବ ମାଗିଛନ୍ତି। ପରୀକ୍ଷାର ପବିତ୍ରତା ପ୍ରଭାବିତ ହୋଇଥିବାରୁ ଆମେ ଏହାର ଜବାବ ଚାହୁଁ ବୋଲି ଜଷ୍ଟିସ୍ ବିକ୍ରମ ନାଥ ଏବଂ ଅହସାନୁଦ୍ଦିନ ଅମାନୁଲ୍ଲାଙ୍କ ଖଣ୍ଡପୀଠ କହିଛନ୍ତି। ତେବେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ କାଉନ୍‌ସେଲିଂ ପ୍ରକ୍ରିୟା ଉପରେ ସ୍ଥଗିତାଦେଶ ଲାଗି ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି। କାଉନସେଲିଂ ଆରମ୍ଭ ହେବାକୁ ଦିଆଯାଉ। ଆମେ ଏହାକୁ ଅଟକାଇବା ନାହିଁ ବୋଲି ଜଷ୍ଟିସ୍ ନାଥ କହିଥିଲେ। ଅଦାଲତ ଖୋଲିବା ପରେ ପିଟିଶନର ପରବର୍ତ୍ତୀ ଶୁଣାଣି ତୁରନ୍ତ ଧାର୍ଯ୍ୟ ହେବ। ତେବେ ଜବାବ ଦାଖଲ ପାଇଁ ଅଧିକ ସମୟ ଆବଶ୍ୟକ ପଡ଼ିଲେ କାଉନସେଲିଂକୁ ରୋକାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ଏହା ବ୍ୟତୀତ ବିହାରରେ ପରୀକ୍ଷା ପରିଚାଳନାରେ ଅସାଧୁ ଉପାୟ ଅବଲମ୍ବନ କରାଯାଇଥିବା ଅଭିଯୋଗ ଉପରେ ରାଜ୍ୟ ସରକାରଙ୍କୁ ମଧ୍ୟ ନୋଟିସ ଜାରି ହୋଇଛି। ଏଥିସହିତ ପୂର୍ବରୁ ବିଚାରାଧୀନ ଥିବା ଏନ୍‌ଇଇଟି ସମ୍ପର୍କିତ ଏକ ପିଟିଶନର ଶୁଣାଣି ପାଇଁ ଶିବାଙ୍ଗୀ ମିଶ୍ରା ଓ ଅନ୍ୟ ୯ ଜଣଙ୍କ ଆବେଦନକୁ ଖଣ୍ଡପୀଠ ଗ୍ରହଣ କରି ଏନ୍‌ଟିଏକୁ ଜବାବ ମାଗିଛନ୍ତି। ଗ୍ରୀଷ୍ମାବକାଶ ପରେ ଜୁଲାଇ ୮ରୁ ସୁପ୍ରିମକୋର୍ଟ ନିୟମିତ ଶୁଣାଣି ଆରମ୍ଭ କରିବେ।



ସୂଚନାଯୋଗ୍ୟ, ଗତ ମେ’ ୫ରେ ଚଳିତ ବର୍ଷର ଏନ୍‌ଇଇଟି-ୟୁଜି ପରୀକ୍ଷା ହୋଇଥିବା ବେଳେ ଜୁନ୍ ୪ରେ ଲୋକସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ଦିନ ତରବରିଆ ଭାବେ ପରୀକ୍ଷା ରେଜଲ୍ଟ ଘୋଷଣା କରାଯାଇଥିଲା। ଜୁନ୍ ୧୪ରେ ରେଜଲ୍ଟ ଆସିବା ଆଶା କରାଯାଉଥିବାବେଳେ ୧୦ଦିନ ଆଗରୁ ପ୍ରକାଶ ପାଇବା ନେଇ ସନ୍ଦେହ ପ୍ରକାଶ ପାଇଥିଲା। ଏହା ବ୍ୟତୀତ ପରୀକ୍ଷାରେ ୬୭ ଜଣ ଛାତ୍ରୀଛାତ୍ର ସମ୍ପୂର୍ଣ୍ଣ ୧୦୦ ପ୍ରତିଶତ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ପ୍ରଥମ ର୍ୟାଙ୍କ ହାସଲ କରିବାକୁ ନେଇ ପ୍ରଶ୍ନ ଉଠିଥିଲା। ଏପରିକି ହରିୟାଣାର ଗୋଟିଏ ପରୀକ୍ଷା କେନ୍ଦ୍ରରୁ ୬ ଜଣ ୭୨୦ରୁ ୭୨୦ ନମ୍ବର ରଖି ର୍ୟାଙ୍କ୍ ୱାନ୍‌ରେ ସ୍ଥାନ ପାଇଥିଲେ। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ପରୀକ୍ଷାରେ ଅନିୟମିତତା ଓ ଅସାଧୁ ଉପାୟ ଅବଲମ୍ବନ କରାଯାଇଥିବା ଅଭିଯୋଗ ହୋଇଥିଲା।

ମେଡିକାଲ କଲେଜଗୁଡ଼ିକରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ୨୦୨୨ରେ ହୋଇଥିବା ଏନ୍‌ଇଇଟି-ପିଜି ପରୀକ୍ଷାରେ ଅନିୟମିତତା ଅଭିଯୋଗ କରି ପ୍ରଶ୍ନପତ୍ର ଓ ଉତ୍ତର ଖାତାଗୁଡ଼ିକ ପ୍ରକାଶ କରିବା ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ସମୟ ଅତିବାହିତ ହୋଇଥିବାରୁ ଉକ୍ତ ଆବେଦନଗୁଡ଼ିକର କିଛି ମୂଲ୍ୟ ନାହିଁ ବୋଲି ଜଷ୍ଟିସ ନାଥ ଏବଂ ଅମାନୁଲ୍ଲାଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନୃତ୍ୟ ସଙ୍ଗୀତର ଆସର 'ସଜରେ ସଜରେ ରଜ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ଟେନିସ ଚାମ୍ପିଅନଶିପ ପ୍ରତିଯୋଗିତା, ସ୍ଥାନ: ରୋଟାରୀ କ୍ଲବ ପରିସର, ପୁରୀ, ସମୟ: ସକାଳ ୭ଟା।
- ସିନିୟର୍ ଜାତୀୟ ହାମରବଲ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ, ପୁରୀ, ସମୟ: ଅପରାହ୍ନ ୩ଟା।
- ମଲିକେଶ୍ୱର ମହାଦେବଙ୍କ ଗୁଆଲି ଉତ୍ସବ, ସ୍ଥାନ: ନରସିଂହ ବଲ୍ଲଭ ପାଟଣା, ରେଳ ଫାଟକ, ପୁରୀ, ସନ୍ଧ୍ୟା ୬ଟା।
- ବାବା କପିଳେଶ୍ୱର ଦେବଙ୍କ ଗୁଆଲି ଉତ୍ସବ, ନରେନ୍ଦ୍ରକୋଣ, ପୁରୀ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ଗୋବିନ୍ଦପୁର, ବେଗୁନିଆ, ସମୟ: ସକାଳ ୭ଟା।
- ଶୀତଳଷଷ୍ଠୀ ମହୋତ୍ସବ, ସ୍ଥାନ: ଗୋବିନ୍ଦପୁର ମହୋତ୍ସବ ପଡ଼ିଆ, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ରଜ ମହୋତ୍ସବ କମିଟି ତରଫରୁ ରକ୍ତଦାନ ଶିବିର, ସ୍ଥାନ: ସୁନ୍ଦରପୁର ହାଇସ୍କୁଲ ପରିସର, ଖଇରା, ସମୟ: ସକାଳ ୯ଟା।

## ଭଦ୍ରକ
- ଶିଶୁ ଶ୍ରମିକ ନିରାକରଣ ରଥ ପରିକ୍ରମା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିଶୁ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆନ୍ତର୍ଜାତିକ ଶିଶୁ ଶ୍ରମିକ ନିରାକରଣ କର୍ମଶାଳା, ସ୍ଥାନ: ଆସିଆନା ସଭାଗୃହ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ବାଇପାସ୍ ରାମ ନବମୀ କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସାଳନ୍ଦୀ ବାଇପାସ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ଅଷ୍ଟମ ପ୍ରହର ଅହୋରାତ୍ର ନାମଯଜ୍ଞ, ସ୍ଥାନ:ଜଳକଳଙ୍ଗ, ହାର୍ଟଡିହୀ, ସମୟ: ପ୍ରାତଃ ୫ଟା।

## ମୟୂରଭଞ୍ଜ
- ୬୭ତମ ବାର୍ଷିକୀ କ୍ରୀଡ଼ା ପ୍ରତିଯୋଗିତାର ଷଷ୍ଠ ଦିନ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ରାସଗୋବିନ୍ଦପୁର, ସମୟ: ସକାଳ ୯ଟା।
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱରତାଲ ମହୋତ୍ସବ-୨୦୨୪ର ଉଦ୍‌ଯାପନୀ ସମାରୋହ,ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ନିଚୁଆପଦା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ଶିଶୁ ଶ୍ରମିକ ନିରୋଧ ସଚେତନତା ରାଲି, ସ୍ଥାନ: ରେଳ ସୁରକ୍ଷା ବଳ କାର୍ଯ୍ୟାଳୟଠାରୁ ଆରମ୍ଭ, ସମୟ: ସକାଳ ୮ଟା।

## ଗଞ୍ଜାମ
- ଦିବ୍ୟଶକ୍ତି ସାଧନା ଶିବିର ଉଦ୍‌ଯାପିତ, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ରାତି ୯ଟା।

## କନ୍ଧମାଳ
- ରାମଚରିତ ମାନସ ପାରାୟଣ, ପ୍ରବଚନ ପଞ୍ଚମ ଦିନ, ସ୍ଥାନ: ନୂଆଗାଁ ମାନସ ପଡିଆ, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୭ଟା।

## ଗଜପତି
- ବିଶ୍ୱ ଶିଶୁ ଶ୍ରମିକ ନିରୋଧ ସଚେତନତା ରାଲି, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ, ସମୟ: ସକାଳ ୯ଟା।

## ରାୟଗଡ଼ା
- ବାଲୁଙ୍କେଶ୍ୱର ମନ୍ଦିରରେ ମାନସିକଧାରୀଙ୍କ ପୂଜାର୍ଚ୍ଚନା, ସ୍ଥାନ: ବ୍ରାହ୍ମଣ ସାହି, ରାୟଗଡା, ସମୟ: ସକାଳ ୮ ଟା।

## ନବରଙ୍ଗପୁର
- ସୀମାଦ୍ରୀ ସୂୟା ଚକ୍ଷୁ ହସ୍ପିଟାଲର ବାର୍ଷିକ ଉତ୍ସବ, ସ୍ଥାନ: ନବରଙ୍ଗପୁର, ସମୟ: ରାତି ୭ଟା।

## କୋରାପୁଟ
- ଜିଲାରେ ଶିଶୁ ଶ୍ରମିକ ରୋକିବା ନେଇ ସଚେତନତା ଶୋଭାଯାତ୍ରା, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କୋରାପୁଟ, ସମୟ: ସକାଳ ୮ ଟା।
- ରାଜ୍ୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: କୋରାପୁଟ ପ୍ରେସ କ୍ଲବ ନିକଟ ରାମ ମନ୍ଦିର ସଭା ଗୃହ ପରିସର, ସମୟ: ମଧ୍ୟାହ୍ନ ୧୨ ଟା।

## ମାଲକାନଗିରି
- ଶିଶୁ ଶ୍ରମିକ ଆଇନ ବିରୋଧୀ ସଚେତନତା ରାଲି, ସ୍ଥାନ: ମାଲକାନଗିରି ସୁବାସ ବୋଷ ଛକ, ସମୟ: ସକାଳ ୮ଟା।

## ସମ୍ବଲପୁର
- ଶ୍ରୀଶ୍ରୀ ଲୋକନାଥ ବାବା ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରବେଶ, ସ୍ଥାନ: ଝାଡୁଆପଡା, ସମୟ : ଅପରାହ୍ନ ୩ ଟା।
- ଶ୍ରୀଶ୍ରୀବମବରାଡ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରବେଶ, ସ୍ଥାନ : ନନ୍ଦପଡା, ସମୟ : ଅପରାହ୍ନ ୪ ଟା।
- ଶ୍ରୀଶ୍ରୀ ଶୀତଳେଶ୍ୱର ବାବା ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରବେଶ, ସ୍ଥାନ : ବଡବଜାର, ସମୟ : ଅପରାହ୍ନ ୪ ଟା।
- ଶ୍ରୀଶ୍ରୀ ଜାଗେଶ୍ୱର ବାବା ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରବେଶ, ସ୍ଥାନ : ମୁଦିପଡା, ସମୟ: ଅପରାହ୍ନ ୫ ଟା।
- ଶ୍ରୀଶ୍ରୀଗୁପ୍ତେଶ୍ୱର ବାବା ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରବେଶ, ସ୍ଥାନ: ଠାକୁରପଡା, ସମୟ : ଅପରାହ୍ନ ୫ ଟା।
- ବୁଢ଼ାରଜା ମହାଦେବ ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରବେଶ, ସ୍ଥାନ: ବୁଢ଼ାରାଜା, ସମୟ: ଅପରାହ୍ନ୫ ଟା।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ବଲାଙ୍ଗୀର,ସମୟ: ସକାଳ ୬ଟା।
- ସାଗରପଡା ଶୀତଳଷଷ୍ଠୀ ପୂଜା କମିଟିର ଦେବଦମ୍ପତି ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଓ ନଗର ପରିକ୍ରମା, ସ୍ଥାନ:ବଲାଙ୍ଗୀର ସହର,ସମୟ: ସକାଳ ୮ଟା।

## ସୁବର୍ଣ୍ଣପୁର
- ଶିବ ପାର୍ବତୀଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା, ସ୍ଥାନ: ସୋନପୁର ରାମକୃଷ୍ଣ ନଗର, ସମୟ: ଭୋର ୪ଟା।

## ବରଗଡ଼
- ସଚେତନତା ବାଇକ ରାଲି, ସ୍ଥାନ: ବରଗଡ଼, ସମୟ: ସକାଳ ୮ଟା।
- ଶୀତଳଷଷ୍ଠୀ ମହୋତ୍ସବ, ମା' ପାର୍ବତୀଙ୍କ ଶ୍ୱଶୁରାଳୟ ଆଗମନ ଶୋଭାଯାତ୍ରା, ସ୍ଥାନ: ବରପାଲି, ବରଗଡ଼, ସମୟ: ଅପରାହ୍ନ ୪ଟା ୩୦।
- ରାମେଶ୍ୱର ବାବାଙ୍କ ଶୀତଳଷଷ୍ଠୀ, ମହାଦେବ ଓ ମାତା ପାର୍ବତୀଙ୍କ ଯୁଗଳ ଦର୍ଶନ ସହିତ ନଗର ପରିକ୍ରମା, ସ୍ଥାନ: ପଦ୍ମପୁର ସହର, ସମୟ: ସନ୍ଧ୍ୟା ୬ଟା।
- ଦେବଦମ୍ପତିଙ୍କ ନଗର ପରିକ୍ରମା ସହିତ ମନ୍ଦିର ପ୍ରତ୍ୟାଗମନ, ସ୍ଥାନ: ସ୍ୱପ୍ନେଶ୍ୱର ମନ୍ଦିର, କଣ୍ଟାପଡା, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର,ସ୍ଥାନ: ଆମ୍ବେଡକର ବସ୍ତି, ସମୟ: ସକାଳ ୯ଟା।
- ବାବା ଆର୍ତ୍ତତ୍ରାଣଙ୍କ ରାଉରକେଲା ଆଗମନ, ସ୍ଥାନ: ପାନପୋଷ କାଳୀ ମନ୍ଦିର, ସମୟ: ସକାଳ ୯ଟା।
- ସାହିତ୍ୟ ଆଲୋଚନା ଚକ୍ର,ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତୀ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣ, ପୁରୁଣାବସ୍ତି, ଝାରସୁଗୁଡ଼ା, ସମୟ: ସକାଳ ୬ଟା।
- ଶ୍ରୀମଦ୍‌ଭାଗବତ କଥାମୃତ ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ତିବ୍ରିୱାଲ ଧର୍ମଶାଳା, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ଟିପିଡବ୍ଲୁଓଡ଼ିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଚାରବାହାଲ ଏସ୍‌ଡିଓ ଅଫିସ, ଜୁନାଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିର୍ସା ମୁଣ୍ଡା ପୁଣ୍ୟତିଥି ପାଳନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଆମାନାରା ଗାଁ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ସାନ୍ତାଳୀ ଭାଷା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା, ସ୍ଥାନ: ବାଉରିଆପାଳନ୍ଦା ମୁଣ୍ଡାପଡ଼ାସ୍ଥିତ ସରକାରୀ ବିଦ୍ୟାଳୟ, ପାରାଦୀପ, ସମୟ: ସକାଳ ୯ଟା।
- ରଜ ମହୋତ୍ସବ ଉଦଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପଗଡ, ପାରାଦୀପ, ସମୟ: ସନ୍ଧ୍ୟା୬ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀବିନୋଦବିହାରୀ ମନ୍ଦିର ପରିସର, ଆୟତପୁର, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ଜିଲା ଆଇନ ସେବା ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରାକରଣ ଦିବସ ପାଳନ, ସ୍ଥାନ: ସୁକିନ୍ଦା ବ୍ଲକ କପିଳେଶ୍ୱର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ନାଭାଲ ଟାଟା ହକି ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ(ବାଳିକା,ବାଳକ) ୧୬ବର୍ଷରୁ କମ୍ ହକି ପ୍ରତିଯୋଗିତା, ସ୍ଥାନ: ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ରଥଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା।
- ଶୀତଳଷଷ୍ଠୀ ଯାତ୍ରା ପାଇଁ ୧୬ ଶମ୍ଭୁଙ୍କ ପରିକ୍ରମା, ସ୍ଥାନ:ଶରଣକୁଳ ସହର, ସମୟ:ପୂର୍ବାହ୍ନ ୧୧ଟା।
- ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଶିବ ବିବାହ, ସ୍ଥାନ:ଚନ୍ଦ୍ରଶେଖରପୁର ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ରାତି ୧୦ଟା।

## ଢେଙ୍କାନାଳ
- ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶ, ସ୍ଥାନ: ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ପ୍ରକୃତ 'ସେବକ' ଅହଂକାରୀ ନୁହନ୍ତି: ଭାଗବତ

**ନାଗପୁର,୧୧।୬**

ପ୍ରକୃତ 'ସେବକ' ଅହଂକାର ନ କରି ମର୍ଯ୍ୟାଦାର ସହ ଲୋକଙ୍କ ସେବା କରନ୍ତି ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ କହିଛନ୍ତି। ନାଗପୁରରେ ଭାଗବତ ଆହୁରି କହିଛନ୍ତି, ଉଭୟ ଶାସକ ଓ ବିରୋଧୀଙ୍କ ତିକ୍ତତାପୂର୍ଣ୍ଣ ନିର୍ବାଚନୀ ପ୍ରଚାର ମର୍ଯ୍ୟାଦା ରକ୍ଷା କରାଯାଇ ନ ଥିବା ଦର୍ଶାଉଛି। ଏପରି କି ସଂଘକୁ ମଧ୍ୟ ପ୍ରଚାର ଭିତରକୁ ଟଣାଯାଇଥିଲା। ଲୋକେ ପରସ୍ପରକୁ କାଦୁଅ ଫିଙ୍ଗି, ଟେକ୍ନୋଲୋଜିର ଦୁରୁପଯୋଗ କରିବା ସହ ମିଥ୍ୟା ପ୍ରଚାର କରିବାକୁ ପଛାଇ ନାହାନ୍ତି। ନିର୍ବାଚନ ବେଳେ ଏହା ଏକ ଦୁର୍ଭାଗ୍ୟଜନକ ବିଷୟ ବୋଲି ଭାଗବତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ଜାତିଆଣ ହିଂସା ପ୍ରଭାବିତ ମଣିପୁରକୁ ଯେପରି ପ୍ରାଧାନ୍ୟ ଦିଆଯିବା କଥା, ସେପରି କରାଯାଇ ନାହିଁ ବୋଲି ସେ କହିଛନ୍ତି।

ଲୋକସଭା ନିର୍ବାଚନ ପରେ ଏହା ହେଉଛି ଭାଗବତଙ୍କ ପ୍ରଥମ ବକ୍ତବ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଗାତର ତୃତୀୟ ଥର ପାଇଁ ସରକାର ଗଢ଼ିଥିବାବେଳେ ଏଥର ପୂର୍ବଭଳି ଜନସମର୍ଥନ ମିଳିନାହିଁ। ମୋଦି '୪୦୦ ପାର୍' ନାରା ଦେଇ ନିର୍ବାଚନ ଲଢ଼ିଥିଲେ ହେଁ ଭାଜପାକୁ ୫୪୩ରୁ ୨୪୦ ଆସନ ମିଳିଛି, ଯାହାକି କୁହୁକ ସଂଖ୍ୟା ୨୭୨ଠାରୁ ୩୨ କମ୍। ତେଣୁ ଭାଗବତଙ୍କ ମନ୍ତବ୍ୟକୁ ଗୁରୁତ୍ୱ ଦିଆଯାଉଛି।



କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ମୋହନ ମାଝିଙ୍କ ଶୁଭେଚ୍ଛୁ ଓ ଭାଜପା କର୍ମୀମାନେ ଖୁସି ମନାଉଛନ୍ତି।

# ନୂଆ ମୁଖ୍ୟମନ୍ତ୍ରୀଙ୍କ ପାଇଁ ବାସଭବନ ଖୋଜା

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

ଓଡ଼ିଶାରେ ନୂଆ ମୁଖ୍ୟମନ୍ତ୍ରୀ ଚୟନ ଶେଷ ହୋଇଥିବାବେଳେ ତାଙ୍କ ପାଇଁ ସରକାରୀ ବାସଭବନ ଖୋଜା ଆରମ୍ଭ ହୋଇଛି। ବିଦାୟୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ୨୪ ବର୍ଷର ଶାସନ କାଳରେ କୌଣସି ସରକାରୀ ବଙ୍ଗଳାରେ ରହି ନ ଥିଲେ। ସେ 'ନବୀନ ନିବାସ'ରେ ଆରମ୍ଭରୁ ଅବସ୍ଥାନ କରିଆସିଛନ୍ତି। ଅଢ଼େଇ ଦଶନ୍ଧି ଧରି ସେ ବାପା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ 'ନବୀନ ନିବାସ'ରୁ ସମସ୍ତ ସରକାରୀ ଓ ପ୍ରଶାସନିକ କାର୍ଯ୍ୟ କରି ଆସିଥିଲେ। ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ହେବା ରେକର୍ଡରୁ ବଞ୍ଚିତ ହୋଇଥିବା ନବୀନଙ୍କ ଏହି ନିଷ୍ପତ୍ତି ରାଜ୍ୟର ରାଜନୈତିକ ଇତିହାସରେ ଏକ ବିରଳ ଦୃଷ୍ଟାନ୍ତ ସାଜିଛି।

ନବୀନଙ୍କ ପରେ ରାଜ୍ୟ ଶାସନ ଭାର ଭାଜପା ହାତକୁ ଯାଇଛି। ଭାଜପାର କେନ୍ଦୁଝର ବିଧାୟକ ମୋହନ ଚରଣ ମାଝି ନୂଆ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଉଛନ୍ତି। ଏଥିସହ ତାଙ୍କ ପାଇଁ ଏକ ଉପଯୁକ୍ତ ବାସଭବନ ଖୋଜିବା ଆରମ୍ଭ ହୋଇଛି। ଏନେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସେଲ୍ ସମେତ ଅନେକ ସରକାରୀ କ୍ୱାର୍ଟର୍ସ ଖାଲିପଡ଼ିଛି। ସେଗୁଡ଼ିକ ମଧ୍ୟରୁ ଗୋଟିଏକୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ କରାଯିବ। ତେବେ ଏହା ପୂର୍ବରୁ ସେଠାରେ ଆବଶ୍ୟକ ନବୀକରଣ କାର୍ଯ୍ୟ ଓ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ। ନୂଆ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପାଇଁ ପ୍ରଥମେ ରାଜ୍ୟ ଅତିଥି ଭବନରେ ଅସ୍ଥାୟୀ ଭାବେ ବ୍ୟବସ୍ଥା କରାଯିବ।

ଉଲ୍ଲେଖଯୋଗ୍ୟ, ନବୀନଙ୍କ ପୂର୍ବରୁ ହେମାନନ୍ଦ ବିଶ୍ୱାଳ ଓ ଜାନକୀବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ଭୁବନେଶ୍ୱର କ୍ଲବ୍ ନିକଟସ୍ଥ ଏକ ଏକମହଲା କୋଠାରେ ରହୁଥିଲେ। ୧୯୯୫ରେ ଜାନକୀ ପୁନଃ ନିର୍ବାଚିତ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌କୁ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସେଲ୍ ଥିବା ଦୁଇ ମହଲା କୋଠାକୁ ସ୍ଥାନାନ୍ତର କରାଯାଇଥିଲା। ଗିରିଧର ଗମାଙ୍ଗ ମୁଖ୍ୟମନ୍ତ୍ରୀ ହେବାବେଳେ ମଧ୍ୟ ଏହାକୁ ନିଜ ସରକାରୀ ଆବାସ ଭାବେ ବ୍ୟବହାର କରିଥିଲେ।

# ମୋହନ ମାଝି...

ପ୍ରଥମ ପୃଷ୍ଠାରୁ...

ସେ ବିରୋଧୀ ଦଳ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଜଣେ ପ୍ରମୁଖ ଆଦିବାସୀ ନେତା ଭାବେ ବେଶ୍ ପରିଚିତ ମୋହନ ଶିଶୁମନ୍ଦିର ଗୁରୁଜୀ ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ୧୯୯୭ରେ ସେ ରାଇକଳା ପଞ୍ଚାୟତର ସରପଞ୍ଚ ହୋଇ ରାଜନୈତିକ ଜୀବନରେ ଅଗ୍ରସର ହୋଇଥିଲେ। ମଙ୍ଗଳବାର ବିଧାୟକ ଦଳ ବୈଠକ ପରେ ସେ ରାଜଭବନ ଯାଇ ରାଜ୍ୟରେ ନୂଆ ସରକାର ଗଠନ ଲାଗି ରାଜ୍ୟପାଳ ରଘୁବର ଦାସଙ୍କୁ ଲିଖିତ ଭାବେ ଦାବି ଜଣାଇଛନ୍ତି। ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଭୂପେନ୍ଦ୍ର ଯାଦବ, ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବଙ୍କ ସମେତ ପ୍ରଭାତୀ ପରିଡା, କନକ ବର୍ଦ୍ଧନ ସିଂଦେଓ, ବୈଜୟନ୍ତ ପଣ୍ଡା, ସୁରମା ପାଢ଼ୀ ପ୍ରମୁଖ ମଧ୍ୟ ରାଜଭବନ ଯାଇଥିଲେ। ଭୁବନେଶ୍ୱର ଜନତା ମଇଦାନରେ ବୁଧବାର ଅପରାହ୍ନ ୪ଟା ୪୫ ମିନିଟ୍‌ରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ମୋହନ, କନକ ବର୍ଦ୍ଧନ ଏବଂ ପ୍ରଭାତୀଙ୍କ ସମେତ ନୂଆ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଶପଥ ନେବେ। ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, କେତେଜଣ କେନ୍ଦ୍ରମନ୍ତ୍ରୀ, ଅନ୍ୟ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ।

ପୂର୍ବରୁ ଜୁନ୍ ୧୦ ତାରିଖରେ ନୂଆ ସରକାର ଶପଥ ନେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହା ୧୨ ତାରିଖକୁ ଘୁଞ୍ଚାଯାଇଥିଲା। ଏହିକ୍ରମରେ ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ଦୁଇ ପର୍ଯ୍ୟବେକ୍ଷକ ରାଜନାଥ ସିଂ ଏବଂ ଭୂପେନ୍ଦ୍ର ଯାଦବ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚି ଏକ ଘରୋଇ ହୋଟେଲକୁ ଯାଇଥିଲେ। ସେଠାରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ ବିଧାୟକ ସୁରେଶ ପୂଜାରୀ, ଜୟନାରାୟଣ ମିଶ୍ର, କନକ ବର୍ଦ୍ଧନ ସିଂଦେଓ, ଏମ୍‌ପି ସଙ୍ଗୀତା ସିଂଦେଓ, ବିଧାୟକ ମାନସ କୁମାର ଦତ୍ତ, ବାବୁ ସିଂ ପ୍ରମୁଖ ଆଲୋଚନା କରିଥିଲେ। ମଙ୍ଗଳବାର ଅପରାହ୍ନ ସାଢ଼େ ୪ଟାରେ ଦୁଇ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜ୍ୟର ୩ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ପ୍ରମୁଖ ଉପସ୍ଥିତ ଥିଲେ।

ନୂଆ ସରକାରର ଶପଥ ଗ୍ରହଣ ଉତ୍ସବ କାର୍ଯ୍ୟକ୍ରମ ପାଇଁ ଜନତା ମଇଦାନରେ ସବୁ ପ୍ରକାର ପ୍ରସ୍ତୁତି ଏକ ପ୍ରକାର ଶେଷ ହୋଇସାରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଅନ୍ୟ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କ ସମେତ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଏହି ଶପଥ ଉତ୍ସବରେ ଯୋଗଦେବେ। ଅନ୍ୟପଟେ ମଙ୍ଗଳବାର ରାତିରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ, ଦଳର ବରିଷ୍ଠ ପଦାଧିକାରୀ ଓ ନବନିର୍ବାଚିତ ବିଧାୟକ ଦଳ ନେତାଙ୍କ ବୈଠକ ବସି ମନ୍ତ୍ରିମଣ୍ଡଳର ସଦସ୍ୟ ଚୟନ କରାଯିବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ସମୀକରଣ ଓ ସାମର୍ଥ୍ୟକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ମନ୍ତ୍ରୀ ଚୟନ କରାଯିବ ବୋଲି ସୂଚନା ମିଳିଛି।

ବିଜେଡି ସହ ମେଣ୍ଟ ଥିବା ସମୟରେ ଭାଜପାର ଓଡ଼ିଶା ଶାସନରେ ଅନୁଭୂତି ରହିଛି। ଏବେ ମୋହନ ମାଝିଙ୍କ ନେତୃତ୍ୱରେ ଭାଜପା ପ୍ରଥମ କରି ଏକୁଟିଆ ସରକାର ଗଠନ କରିବାକୁ ଯାଉଛି। ସେହିପରି ଜଣେ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ପ୍ରଭାତୀ ପରିଡ଼ାଙ୍କୁ ବିଧାୟକ ଦଳ ପକ୍ଷରୁ ଚୟନ କରାଯାଇଛି। ସେ ପ୍ରଥମ ଥର ଲାଗି ନିମାପଡା ବିଧାନସଭା ଆସନରୁ ବିଜୟୀ ହୋଇଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ଭାବେ କନକ ବର୍ଦ୍ଧନ ସିଂଦେଓଙ୍କୁ ଦଳ ବାଛିଥିବା ବେଳେ ସେ ପାଟଣାଗଡ଼ ବିଧାନସଭା ଆସନରୁ ୬ଥର ବିଜୟୀ ହୋଇଛନ୍ତି। ରାଜ୍ୟରେ ୨୦୦୦ ମସିହାରୁ ୨୦୦୯ ପର୍ଯ୍ୟନ୍ତ ଚାଲିଥିବା ମେଣ୍ଟ ସରକାର ସମୟରେ କନକ ବର୍ଦ୍ଧନ ସିଂଦେଓ ନଗର ଉନ୍ନୟନ ମନ୍ତ୍ରୀ ଭାବେ କ୍ୟାବିନେଟ୍ ପାହ୍ୟାରେ କାର୍ଯ୍ୟ ତୁଲାଇଥିଲେ। ଅନ୍ୟପକ୍ଷରେ ମୋହନ ମାଝି, ପ୍ରଭାତୀ ଏବଂ କନକବର୍ଦ୍ଧନଙ୍କୁ ଦଳମତ ନିର୍ବିଶେଷରେ ଶୁଭେଚ୍ଛାର ସୁଅ ଛୁଟିଛି।

# ଖଣି ଦୁର୍ନୀତି କଥା...

କରାଯାଇଥିଲା। ସେ ସବୁବେଳେ ଜିଲାର ଖଣି ଦୁର୍ନୀତିକୁ ନେଇ ସ୍ୱର ଉତ୍ତୋଳନ କରିଆସୁଥିଲେ। ସେହିପରି ଡିଏମ୍‌ଏଫ୍ ପାଣ୍ଠିର ଅସଦ୍ ବ୍ୟବହାର ଏବଂ ଦୁର୍ନୀତିକୁ ନେଇ ବାରମ୍ବାର ଆପତ୍ତି ଉଠାଇ ଆସୁଥିଲେ। ଖଣି ମହାଦୁର୍ନୀତିକୁ ନେଇ ତାଙ୍କ ଡାକରାରେ ଭାଜପାର ଏକ ଟିମ୍ ଯୋଡା, ବଡ଼ବିଲ୍ ଖଣି ଅଞ୍ଚଳ ଗସ୍ତ କରି ସରକାରଙ୍କୁ ଘେରିଥିଲେ। ସେହିପରି ବାଂଶପାଳ ବ୍ଲକ ଗନ୍ଧମାର୍ଦ୍ଦନ ଖଣିରେ ଦୁର୍ନୀତିକୁ ନେଇ ସେ ବିରୋଧ କରିବା ସମୟରେ ବିରୋଧୀଙ୍କ ଆକ୍ରୋଶର ଶିକାର ମଧ୍ୟ ହୋଇଥିଲେ। କେନ୍ଦୁଝର ଜିଲା ଦେଇ ନୂଆଦିଲ୍ଲୀକୁ ଯାତ୍ରୀବାହୀ ରେଳ ଚଳାଚଳ, ଜିଲାରେ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଆଦିକୁ ନେଇ ମଧ୍ୟ ସେ ଦାବି କରିଆସୁଥିଲେ। ସେହିପରି ଟ୍ରକ ମାଲିକଙ୍କ ସମସ୍ୟାକୁ ମଧ୍ୟ ପ୍ରାଧାନ୍ୟ ଦେଇ ସ୍ୱର ଉତ୍ତୋଳନ କରିଥିଲେ। ମୁଖ୍ୟମନ୍ତ୍ରୀ ହେବାପରେ ଜିଲାରେ ବୃହତ୍ ଇସ୍ପାତ ଶିଳ୍ପ ପ୍ରତିଷ୍ଠା, ଡିଏମ୍‌ଏଫ୍ ପାଣ୍ଠି ଦୁର୍ନୀତିର ପର୍ଦ୍ଦାଫାଶ୍, ମେଡିକାଲ କଲେଜରେ ଉତ୍ତମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ପୂରଣ ହେବା ନେଇ ଲୋକଙ୍କ ଆଶା ବଢ଼ିଛି। ଖଣି ଓ ଶିଳ୍ପ ସମୃଦ୍ଧ କେନ୍ଦୁଝର ଜିଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନେଇ ମଧ୍ୟ ଲୋକେ ଆଶାବାଦୀ ଅଛନ୍ତି। ତାଙ୍କର ମୁଖ୍ୟମନ୍ତ୍ରୀ ପଦବୀକୁ ନେଇ ବିରୋଧୀ ନିରବୀ ଯାଇଥିବାବେଳେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଗରିବ, ଆଦିବାସୀ ସମସ୍ତେ ଖୁସିବ୍ୟକ୍ତ କରି ଆଶାବାଦୀ ହୋଇପଡ଼ିଥିବା ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ କୁହାଯାଇଛି।



# ବିଧାୟକଙ୍କ ଗାଡ଼ି ଉପରେ ବୋମାମାଡ଼

ବୋମାମାଡ଼ ପରେ ଗାଡ଼ି ସମ୍ମୁଖରେ ବିଧାୟକ ମୋହନ ମାଝି।

**କେନ୍ଦୁଝର,୧୦।୧୦(ସ୍ୱ.ପ୍ର.)**

- ବିଜେଡି ନେତାଙ୍କ ସମ୍ପୃକ୍ତି ଅଭିଯୋଗ ଆଣିଲେ ମୋହନ ମାଝି
- ପ୍ରତିବାଦରେ ଭାଜପା କର୍ମୀଙ୍କ ରାସ୍ତାରୋକୋ

କେନ୍ଦୁଝର ସଦର ବିଧାୟକ ମୋହନ ମାଝିଙ୍କ ଗାଡ଼ି ଉପରକୁ ରବିବାର ପୂର୍ବାହ୍ନରେ ବୋମାମାଡ଼ କରାଯାଇଛି। ଟାଉନ ଥାନା ଅଧୀନ ମଣ୍ଡୁଆ ନିକଟରେ ୨ ଦୁର୍ବୃତ୍ତ ବାଇକ୍‌ରେ ଆସି ବୋମା ଫିଙ୍ଗି ଫେରାର ହୋଇ ଯାଇଛନ୍ତି। ଫଳରେ ଗାଡ଼ି ବନେଟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବିଧାୟକ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ଅଭିଯୋଗ ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ କିଏ କାହିଁକି ବୋମା ମାଡ଼ କଲା ଜଣା ପଡ଼ିବ ବୋଲି ଥାନା ଅଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି।

ବିଧାୟକ ମାଝି କହିଛନ୍ତି, ସେ ମଣ୍ଡୁଆ ସ୍ଥିତ ଶିକ୍ଷା ବିକାଶ ସମିତିରେ ଚାଲିଥିବା ଭାରତୀୟ ମଜଦୁର ସଂଘର ବୈଠକ ସାରି ଘରକୁ ଫେରୁଥିବା ବେଳେ ୨ ଦୁର୍ବୃତ୍ତ କଳା ସାର୍ଟ ପିନ୍ଧି ତାଙ୍କ ଗାଡ଼ି ଉପରକୁ ଦୁଇଟି ବୋମା ଫିଙ୍ଗିଥିଲେ। ଫଳରେ ତାଙ୍କ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଦୁର୍ବୃତ୍ତ ଦ୍ୱୟ ବନ୍ଧୁକ ଦେଖାଇ ଦ୍ରୁତ ଗତିରେ ପଳାଇଥିଲେ। ଏହା ପଛରେ ବିଜେଡି ନେତା ରାଜା ଚକ୍ରଙ୍କ ହାତ ଥିବା ବିଧାୟକ କହିଛନ୍ତି। କିଛି ଦିନ ତଳେ ସେ ଏକ ବୈଠକରେ ରାଜାଙ୍କ ବିରୋଧରେ କହିଥିବାରୁ ତାଙ୍କ ସମର୍ଥକମାନେ ଏଭଳି କାଣ୍ଡ ଘଟାଇଥିବା ବିଧାୟକ ମାଝି ଅଭିଯୋଗ କରିଛନ୍ତି। ସେହିପରି ଶୁଆକାଟି ସ୍ଥିତ ଲୋଡିଂ ଏଜେନ୍ସି ବିରୋଧରେ ଲାଗିରହିଥିବା ଆନ୍ଦୋଳନକୁ ସେ ସମର୍ଥନ କରିଥିବାରୁ ଏଭଳି ଆକ୍ରମଣ କରାଯାଇଥିବା ଆଶଙ୍କା କରୁଥିବା କହିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୩୯୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏସଂକ୍ରାନ୍ତରେ ବିଜେଡି ନେତା ରାଜା ଚକ୍ର କହିଛନ୍ତି, ଅଯଥାରେ ଘଟଣାକୁ ରାଜନୈତିକ ରୂପ ଦିଆଯାଉଛି। ଆକ୍ରମଣକାରୀଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ଗିରଫ କରିବା ଓ ବିଧାୟକଙ୍କ ସୁରକ୍ଷା ଦାବିରେ ଭାଜପା କର୍ମୀମାନେ ସହରର ଗାନ୍ଧୀ ଛକଠାରେ ୪୯ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଖୁବ୍ ଶୀଘ୍ର ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସାହୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

୨୦୨୧ ଅକ୍ଟୋବର ୧୧ରେ ପ୍ରକାଶିତ ଖବର

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଟକିଥିବା କାମ ଯୁଦ୍ଧକାଳୀନଭିତ୍ତିରେ କରିବାକୁ ବନ୍ଧୁଙ୍କ ନିକଟରେ ପ୍ରତିଶ୍ରୁତିବଦ୍ଧ ହେବେ। ବାଣିଜ୍ୟ, ପରିବହନରେ ଶିଥିଳତା ପରିଲକ୍ଷିତ ହେଲେ ମଧ୍ୟ ଆର୍ଥିକ ସ୍ଥିତି ଭଲ ରହିବ। ପରିବାରରେ ଅଶାନ୍ତି ଦୂର ହେବା ପାଇଁ ପଡୋଶୀଙ୍କ ସାହାଯ୍ୟ ନେଇପାରନ୍ତି। ସୁଖ ସମ୍ମାନ ପଇଲେ ସୁଦ୍ଧା ଏକାକୀତ୍ୱ ଅନୁଭବ କରି ଦୁଃଖିତ ହେବେ।

**ବୃଷ** ସ୍ୱାସ୍ଥ୍ୟ ହାନି ସାଙ୍ଗକୁ କେଉଁଥିରେ ନ ଥାଇ ମଧ୍ୟ ସବୁ ଝମେଲାର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରନ୍ତି। ଗମନାଗମନ ସମୟରେ ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ଆଜି ଅଫିସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ, ମାତ୍ର ବନ୍ଧୁ ଭଲ ପାଇବେ ନାହିଁ।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ବନ୍ଧୁଙ୍କ ସହ ତର୍କବିତର୍କଜନିତ ମନ ଉତ୍ତେଜିତ ରହିବ। ବିବାଦୀୟ ପରିସ୍ଥିତିରେ କିମ୍ବା ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବେ। ଆର୍ଥିକ ଦୃଷ୍ଟିକୋଣରୁ ଦୀର୍ଘଦିନର ଆଶା ଫଳବତୀ ହେବାର ସାଧାରଣ ସୂଚନା ରହିଛି। ଉପରିସ୍ଥ ଅଧିକାରୀଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରି କାମ ହାସଲରେ ସମର୍ଥ ହେବେ।

**କର୍କଟ** ଯେତେ ଚେଷ୍ଟା କଲେ ମଧ୍ୟ ସ୍ଥଗିତ କାମ ହାସଲ କଷ୍ଟକର ହୋଇପାରେ। କେତେକ କ୍ଷେତ୍ରରେ ମନ ଚାହୁଁ ନ ଥିଲେ ମଧ୍ୟ ସହକର୍ମୀଙ୍କ ସହ ଅପ୍ରିୟ ସତ୍ୟ କହି ବନ୍ଧୁ ବିରୋଧୀ ହେବେ। ଶିଳ୍ପ,ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟା ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ। ବନ୍ଧୁ ଗୃହକୁ ଗମନ କରିପାରନ୍ତି।

**ସିଂହ** ଅକୁହା କଥାକୁ ବନ୍ଧୁଙ୍କ ଆଗରେ ବଖାଣି ଓ ପରାମର୍ଶ ପୂର୍ବକ କାର୍ଯ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହେବେ। ପାରିବାରିକ ପରିସ୍ଥିତି ଓ ପିଲାମାନଙ୍କ ଚାଲିଚଳଣି ନିଜକୁ ଭଲ ଲାଗିବନାହିଁ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଲାଭ କରିବେ। ଘରୋଇ ବ୍ୟାପାରରେ ପ୍ରିୟଜନମାନଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**କନ୍ୟା** ଆଜି ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି କାମକୁ ଆଗକୁ ବଢାଇ ନେଇପାରନ୍ତି। ତରବରିଆ ଯାତ୍ରାରେ ଭୁଲବଶତଃ ଘରେ ଟଙ୍କା ଛାଡିଦେଇ ବାଟରେ ହଇରାଣ ହେବାକୁ ପଡିପାରେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

**ତୁଳା** ନୂତନ କର୍ମସଂସ୍ଥାନ, ଋଣସୂତ୍ରରେ ଅର୍ଥପ୍ରାପ୍ତି, ଧର୍ମକାର୍ଯ୍ୟରେ ଅନୁରାଗୀ ହୋଇପାରନ୍ତି। ଅତି ନିକଟରେ ରହି ସାହାଯ୍ୟ କରୁଥିବା ବ୍ୟକ୍ତି ପ୍ରତି ସନ୍ଦେହୀ ହୋଇପାରନ୍ତି। ଗୁରୁଜନଙ୍କୁ ପ୍ରତାରିତ କରି ଅନୁଶୋଚନା କରିପାରନ୍ତି। ସଂଘୀୟ ବ୍ୟବସ୍ଥାରେ ପରିଚାଳନା ଦାୟିତ୍ୱ କ୍ରମେ ବୃଦ୍ଧି ପାଇବାଜନିତ ଦୁଶ୍ଚିନ୍ତା ବଢ଼ିପାରେ।

**ବିଛା** ଗୋଟିଏ ସମସ୍ୟାର ସମାଧାନ ନ ହେଉଣୁ ଅନ୍ୟ ଏକ ସମସ୍ୟାକୁ ସାମ୍ନା କରିବାକୁ ପଡିପାରେ। ବ୍ୟବସାୟିକ କାରବାର, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ଆଇନ, ନିର୍ମାଣ ପାଇଁ ଦିନଟି ଭଲ। ପଡୋଶୀଙ୍କ ପକ୍ଷ ସମର୍ଥନ କାରଣରୁ ବିବାଦୀୟ ପରିସ୍ଥିତିରେ ପାଟି ଖୋଲିବାର ସାହସ ପାଇବେ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**ଧନୁ** ସମ୍ପର୍କୀୟମାନେ ପରିବାରର ଅସଜଡା ପରିସ୍ଥିତିକୁ ସଜାଡି ନେବାରେ ସାହାଯ୍ୟ କରିବେ। ଅଭାବ ଓ ଅସୁବିଧା ନ ଥିଲେ ମଧ୍ୟ ଦୁଶ୍ଚିନ୍ତା ମନକୁ ଆକ୍ରାନ୍ତ କରିପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ନିଷ୍ପତ୍ତି ନେବାରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି।

**ମକର** ଆଜି ଦୂରଯାତ୍ରା ସାଙ୍ଗକୁ ଆନୁଷ୍ଠାନିକ କିମ୍ବା ଧାର୍ମିକ କାର୍ଯ୍ୟରେ ଦାନ, ଧର୍ମ ସକାଶେ ଅନୁପ୍ରେରିତ କରାଇପାରନ୍ତି। ବନ୍ଧୁଙ୍କ ସହ ମିଳିମିଶି କାମ କରିବାକୁ ବାଧ୍ୟ ହେବେ। ଆର୍ଥିକ ସ୍ଥିତି ମନ୍ଦ ନ ହେହେଲ ମଧ୍ୟ ପକେଟ ପୂରିବ ନାହିଁ। ବ୍ୟବସାୟୀମାନେ ପ୍ରାଧାନ୍ୟ ବିସ୍ତାର କରି ବନ୍ଧୁଙ୍କ ସମସ୍ୟାକୁ ସୁଧାରି ନେବେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ପଛଧାଡିରେ ରହି କାମ କରିବାକୁ ପସନ୍ଦ କରିପାରନ୍ତି। ପରିବାରରେ କୌଣସି ପିଲାର ସ୍ୱାସ୍ଥ୍ୟ ଚିନ୍ତାର କାରଣ ହୋଇପାରେ। ସାହିତ୍ୟ, କଳା, କ୍ରୀଡ଼ା, ସଙ୍ଗୀତ ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହେବ। ବାଣିଜ୍ୟ, ପରିବହନ, ଯାତ୍ରା ଓ ଆଲୋଚନା କ୍ଷେତ୍ର ଭଲ ରହିବ।

**ମୀନ** ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ଭଲରେ ଅତିବାହିତ ହେବ। ଆର୍ଥିକ ଉନ୍ନତି, ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟି ଓ ସାମାଜିକ ସମ୍ମାନ ପାଇ ଖୁସି ରହିବେ। ଯାହା କିଛି ସାଧାରଣ ସମସ୍ୟା ରହିଛି ତାହା ହିଁ ଆଜି ଦିନର ମୁଖ୍ୟ ଚିନ୍ତାର କାରଣ ହୋଇପାରେ। ପରିବାରରେ ପିତୃ ଅର୍ଜିତ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ସୂଚନା ରହିଛି।

ଆଜି ଜୁନ ୧୨ ତାରିଖ, ଅନ୍ତଃରାଷ୍ଟ୍ରୀୟ ଶିଶୁଶ୍ରମ ନିଷେଧ ଦିବସ, ଜ୍ୟେଷ୍ଠ ଶୁକ୍ଳପକ୍ଷର ଶୀତଳ ଷଷ୍ଠୀ ବୁଧବାର, ଶ୍ରୀମନ୍ଦିରରେ ଶୀତଳଷଷ୍ଠୀ, ରାଶିନକ୍ଷତ୍ର-ମଘା/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୭।୪୯ ଗତେ, ଘ.୦୮।୨୮ ମଧ୍ୟେ, ଘ.୧୦।୦୭ ଗତେ, ଘ. ୧୧।୨୦ ମଧ୍ୟେ ଶୁଦ୍ଧ ଶୁଭ ବେଳା, ଦିବା ଘ.୧୧।୪୬ ଗତେ, ଘ.୦୧।୨୫ ମଧ୍ୟେ ରାହୁ କାଳ।

ନିଶ୍ଚିତ ଥାଅ– ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ–ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି– ବିଜୟ ସୁନିଶ୍ଚିତ। –ଶ୍ରୀଅରବିନ୍ଦ

-ସର୍ବତ୍ର ଶୀତଳ ଷଷ୍ଠୀ ଓ ଶ୍ରୀମନ୍ଦିରରେ ଜଳକ୍ରୀଡ଼ା



# ନୂଆଙ୍କୁ ସ୍ୱାଗତ

୨୪ ବର୍ଷର ବିଜୁ ଜନତା ଦଳ (ବିଜେଡି) ଶାସନର ପତନ ପରେ ଭାରତୀୟ ଜନତା ପାର୍ଟି (ଭାଜପା) ରାଜ୍ୟରେ ପ୍ରଥମ ଥର ସଂଖ୍ୟାଗରିଷ୍ଠତା ହାସଲ କରି କ୍ଷମତାକୁ ଆସିଛି। ହେଲେ ଏହା ଏକ ସାଧାରଣ ମନ୍ତ୍ରିମଣ୍ଡଳ ହେବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କହିବା ଅନୁଯାୟୀ ଓଡ଼ିଶାବାସୀ ସ୍ପଷ୍ଟ ଭାବରେ ଭୋଟ ଦେଇ ରାଜ୍ୟରେ 'ଡବଲ ଇଞ୍ଜିନ' ସରକାର ଗଠନ କରିଛନ୍ତି। ୧୪୭ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଭାଜପାର ୭୮ ଜଣ ବିଧାୟକ ନିର୍ବାଚିତ ହୋଇଥିଲେ ମଧ ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ବାଛୁବାଛୁ ସପ୍ତାହ ଉପରେ ଲାଗିଗଲା। ତେବେ ସମସ୍ତେ ଜାଣନ୍ତି ଯେ ଜାତୀୟ ଦଳଗୁଡ଼ିକରେ ଏହା ସ୍ୱାଭାବିକ ଭାବେ ଘଟିଥାଏ। ଯେଉଁ କେତେଜଣଙ୍କ ସମ୍ପର୍କରେ ବେଶି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା ସେମାନଙ୍କୁ ପଛରେ ପକାଇ କେନ୍ଦୁଝରର ବିଧାୟକ ମୋହନ ଚରଣ ମାଝି ଓଡ଼ିଶାର ୧୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ୧୧ ଜୁନ୍‌ରେ ଦଳୀୟ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଘୋଷଣା କରିଛନ୍ତି। ଭାଜପାର ସାଙ୍ଗଠନିକ ବ୍ୟବସ୍ଥାକୁ ଦେଖିଲେ କମ୍ ଚର୍ଚ୍ଚିତ ବ୍ୟକ୍ତିଙ୍କୁ ବିଭିନ୍ନ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଆସନରେ ବସାଇ ଦିଆଯିବାର ଦୃଷ୍ଟାନ୍ତ ରହିଛି। ଅତୀତରେ ଭାଜପାର ପରିଚିତ ପଦ୍ଧତିରେ ହରିୟାଣାରେ ଅଜଣା ଅଶୁଣା ଥିବା ମନୋହରଲାଲ ଖଟ୍ଟର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେହିପରି ମଧ୍ୟପ୍ରଦେଶର ମୋହନ ଯାଦବ, ଛତିଶଗଡ଼ର ବିଷ୍ଣୁଦେଓ ସାଇ ଓ ରାଜସ୍ଥାନର ଭଜନଲାଲ ଶର୍ମାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଅବସ୍ଥାପିତ କରାଯିବା ପରେ ସମ୍ଭବତଃ ସେହି ଫର୍ମୁଲା ଓଡ଼ିଶାରେ ପ୍ରୟୋଗ କରାଯାଇଛି।

## ତଥାଗତ ସତପଥୀ

୪ ଜୁନ୍‌ରେ ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ଚାରିଆଡ଼େ ଗୋଟେ 'ଘୋ' ସୃଷ୍ଟି ହୋଇଥିଲା ଯେ ଓଡ଼ିଶାରୁ ଲୋକସଭାକୁ ନିର୍ବାଚିତ ହୋଇଥିବା ଆଗଧାଡ଼ିର ନେତାଙ୍କ ମଧ୍ୟରୁ କାହାକୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇ ଦିଆଯାଇପାରେ। କିନ୍ତୁ କେନ୍ଦ୍ରରେ ଭାଜପା ଆକଳନ କରିଥିବା ସଂଖ୍ୟାଠାରୁ ବହୁ ପଛରେ ପଡ଼ିଯାଇଥିବାରୁ ଶୀର୍ଷ ନେତାମାନେ ଉପନିର୍ବାଚନର ସମ୍ମୁଖୀନ ହୋଇ ବିପଦରେ ପଡ଼ିବାକୁ ଚାହିଁବେ ନାହିଁ ବୋଲି 'ଧରିତ୍ରୀ' ଅନୁମାନ କରିଥିଲା। ତାହା ହିଁ ହେଲା। ସେହିପରି ରାଜ୍ୟ ରାଜନୀତିରେ ପ୍ରାଧାନ୍ୟ ବିସ୍ତାର କରିଥିବା କିଛି ନେତାଙ୍କ ନାମ ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ଉଠିଥିଲା। ହେଲେ କେନ୍ଦ୍ରୀୟ ନେତୃତ୍ୱ ବିଭିନ୍ନ ଗୋଷ୍ଠୀଙ୍କୁ ଅସନ୍ତୁଷ୍ଟ କରିବାକୁ ନ ଚାହିଁ ଜଣେ ନିର୍ବିବାଦୀୟ ବ୍ୟକ୍ତି ତଥା ଆଦିବାସୀ କାର୍ଡ ଖେଳିବାକୁ ପ୍ରୟାସ କରିଥିବା ମୋହନଙ୍କ ନାମ ଚୟନରୁ ବୁଝାପଡୁଛି। ଏଥିସହିତ ଭାଜପାର ଉଚ୍ଚ ପଦବୀଧାରୀଙ୍କ ମୂଳକୁ ଦେଖିଲେ ଏହାର ବୈଚାରିକ ଉପଦେଷ୍ଟା ଭାବେ ଜଣାଶୁଣା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଲିଙ୍କ୍ ଥିବା ବ୍ୟକ୍ତିଙ୍କୁ ଅବସ୍ଥାପିତ କରାଯାଇଥାଏ। ମୋହନ ସେହିଭଳି ବାଟ ଦେଇ ଆସିଥିବା ବେଳେ ବୃତ୍ତିଗତ ଜୀବନ ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷକତାରୁ ଆରମ୍ଭ କରିଥିଲେ। ରାଜନୀତି କ୍ଷେତ୍ରକୁ ପ୍ରବେଶ କରି ସରପଞ୍ଚ ହେବାଠାରୁ ପରବର୍ତ୍ତୀ ସମୟରେ ୨୦୦୦, ୨୦୦୪, ୨୦୧୯ ଓ ୨୦୨୪ରେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ୨୦୧୯ ନିର୍ବାଚନରେ ସେ ଜିତି ବିରୋଧୀ ଦଳର ମୁଖ୍ୟ ସଚେତକ ଥିବା ବେଳେ ଅଧିକାଂଶ ସମୟରେ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଅକଳରେ ପକାଇ ଚର୍ଚ୍ଚାକୁ ଆସିଥିଲେ। ଏବେ ସେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବାରୁ ସମସ୍ତଙ୍କୁ ନେଇ କିଭଳି ଶାସନ ଚଳାଇବେ ତାହାକୁ ରାଜ୍ୟବାସୀ ଅନେଇ ରହିବା ସ୍ୱାଭାବିକ।

> ଓଡ଼ିଶାରେ ଆଞ୍ଚଳିକ ଦଳ ଦୀର୍ଘ ଶାସନ କରି ରାଜ୍ୟବାସୀଙ୍କୁ ଯେଉଁ ସୁବିଧା ଦେଇଥିଲା, ତାହାକୁ ଜାତୀୟ ଦଳ ଭାଜପା ସରକାର କେତେଦୂର ବଜାୟ ରଖିବ କିମ୍ବା ପୂର୍ବାପେକ୍ଷା ଆହୁରି ଅଧିକ ଜନସାଧାରଣଙ୍କ ନିକଟତର ହେବ, ସେ ବିଷୟରେ ଏବେଠୁ କହିବା କଷ୍ଟକର। ତେବେ ନୂଆଙ୍କୁ ସର୍ବଦା ସ୍ୱାଗତ କରାଯିବା ଦରକାର। ପୁରୁଣା ହେଲେ ଯାଇ କରାମତି ଜଣାପଡ଼ିବ।

ପ୍ରଥମ ଥର ପାଇଁ ଭାଜପା କ୍ଷମତାକୁ ଆସିଥିବାରୁ ଯେଉଁ ବିଷୟଟି ଆଉ ଏକ ଘଟଣାକୁ ଜନ୍ମ ଦେଇଛି, ତାହା ହେଲା ରାଜ୍ୟରେ ପ୍ରଥମ ଥର ପାଇଁ ଦୁଇ ଉପମୁଖ୍ୟମନ୍ତ୍ରୀ ପଦବୀ ସୃଷ୍ଟି କରାଯିବା। ଅନ୍ୟତମ ବରିଷ୍ଠ ନେତା କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଥମ ଥର ପାଇଁ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ପ୍ରଭାତୀ ପରିଡ଼ାଙ୍କୁ ଚୟନ କରାଯାଇଛି। ଦୁଇ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବା ନେଇ ଦଳୀୟ ସମନ୍ୱୟ ରକ୍ଷା ସକାଶେ କସରତ କରାଯାଇଥିବା ବୁଝା ପଡ଼ିଯାଉଛି।

ଓଡ଼ିଶାରେ ଆଞ୍ଚଳିକ ଦଳ ଦୀର୍ଘ ଶାସନ କରି ରାଜ୍ୟବାସୀଙ୍କୁ ଯେଉଁ ସୁବିଧା ଦେଇଥିଲା, ତାହାକୁ ଜାତୀୟ ଦଳ ଭାଜପା ସରକାର କେତେଦୂର ବଜାୟ ରଖିବ କିମ୍ବା ପୂର୍ବାପେକ୍ଷା ଆହୁରି ଅଧିକ ଜନସାଧାରଣଙ୍କ ନିକଟତର ହେବ, ସେ ବିଷୟରେ ଏବେଠୁ କହିବା କଷ୍ଟକର। ତେବେ ନୂଆଙ୍କୁ ସର୍ବଦା ସ୍ୱାଗତ କରାଯିବା ଦରକାର। ପୁରୁଣା ହେଲେ ଯାଇ କରାମତି ଜଣାପଡ଼ିବ।

# ବିସ୍ଥାପିତ ଓ ଶରଣାର୍ଥୀ



ବୈକୁଣ୍ଠନାଥ ମିଶ୍ର

ବିସ୍ଥାପିତ ଓ ଶରଣାର୍ଥୀ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଗୋଟିଏ ସ୍ଥାନରେ ଜନ୍ମଗ୍ରହଣ କରି କୌଣସି କାରଣରୁ ସେଠାରୁ ସ୍ଥାନାନ୍ତରିତ ହୋଇ ଅନ୍ୟ ସ୍ଥାନରେ ଆଶ୍ରିତଭାବେ ବସବାସ କଲେ ନୂତନ ଭୂଖଣ୍ଡରେ ସେ ହୁଏ ଶରଣାର୍ଥୀ। ଅନ୍ୟ ଦେଶକୁ ସ୍ଥାନାନ୍ତରିତ ହୋଇ ସମୟକ୍ରମେ ସେ ଦେଶର ଧାର୍ମିକ ଓ ପାରମ୍ପରିକ ରୀତିନୀତିରେ ଅଂଶଗ୍ରହଣକରି ସେ ଦେଶର ନାଗରିକତ୍ୱ ଗ୍ରହଣକରେ ଓ ରାଜନୀତି ଏବଂ ସାମାଜିକ ଉତ୍ସବାନୁଷ୍ଠାନରେ ସକ୍ରିୟ ଭାଗୀଦାରି ହେବାର ଉଦାହରଣ ସୃଷ୍ଟିକରେ। ପ୍ରାଥମିକ ସ୍ତରରେ ସେମାନେ ଅତ୍ୟନ୍ତ ନିରୀହ ଓ ସରଳ ପ୍ରତୀତ ହୁଅନ୍ତି। ସେ ଦେଶର ସ୍ଥାୟୀ ବାସିନ୍ଦା ହେଲା ପରେ ମୂଳଭୂଖଣ୍ଡର ଅଧିବାସୀଙ୍କ ସହ ଆରମ୍ଭ ହୁଏ ତାଙ୍କର ବିବାଦ। ବିବାଦର ଅବସାନ ପରେ ସେମାନେ କ୍ରମେ ମୂଳ ଅଧିବାସୀଙ୍କର ବିଶ୍ୱାସଭାଜନ ହୁଅନ୍ତି ଓ ସୁବିଧା ଦେଖି ପଡ଼ୋଶୀଙ୍କର ଜମିବାଡ଼ି କ୍ରୟକରି ନିଜର ପ୍ରଭୁତ୍ୱ ବିସ୍ତାର କରନ୍ତି। ରାଜନେତା ଓ ରାଜନୈତିକ ଦଳଗୁଡ଼ିକ ସଂକୀର୍ଣ୍ଣ ସ୍ୱାର୍ଥର ବଶବର୍ତ୍ତୀ ହୋଇ ସେମାନଙ୍କୁ ଆପଣେଇ ନିଅନ୍ତି। ସେମାନଙ୍କର ଭୋଟ ହାତେଇବା ମୂଳଲକ୍ଷ୍ୟ। ନେତାଙ୍କ ଆଶୀର୍ବାଦର ହାତ ସେମାନଙ୍କ ଉପରକୁ ଲମ୍ବି ଆସିଲେ ବିଚାର ସ୍ଥାନୀୟ ସାଧାରଣ ଜନତା ଆଉ କ'ଣ କରିପାରିବ? ଏପରିକି ଶରଣାର୍ଥୀମାନେ ଅନୀତି ଉପାୟରେ ଧନ ଅର୍ଜନକରି ବେଶ୍ ଧନୀ ହୁଅନ୍ତି ଓ ଧନବଳରେ ସ୍ଥାନୀୟ ଅଧିବାସୀଙ୍କୁ ଶୋଷଣ କରନ୍ତି।

ବିସ୍ଥାପନର ଅନେକ କାରଣ ମଧ୍ୟରୁ ଯୁଦ୍ଧ, ଗୋଷ୍ଠୀ ସଂଘର୍ଷ, ସାମ୍ପ୍ରଦାୟିକ ହିଂସା ଓ ପ୍ରାକୃତିକ ବିପର୍ଯ୍ୟୟ ଆଦି ଉଲ୍ଲେଖନୀୟ। ପୂର୍ବେ ଦେଶଦ୍ରୋହ ଅପରାଧରେ କୌଣସି ବ୍ୟକ୍ତିଙ୍କୁ ରାଜଦଣ୍ଡ ସ୍ୱରୂପ ମହାସାଗରର ଅଜଣା ନିର୍ଜନ ଦ୍ୱୀପରେ ନିର୍ବାସନ ଦଣ୍ଡ ଦିଆଯାଉଥିଲା। ଭକ୍ତକବି ମଧୁସୂଦନଙ୍କର 'ନିର୍ବାସିତର ବିଳାପ'ର କରୁଣ କାହାଣୀ ଆମ ହୃଦୟକୁ ବିଗଳିତ କରିଛି। ଭାରତ ସ୍ୱାଧୀନତା ସମୟର ଏକ ଲୋମହର୍ଷଣକାରୀ କାହାଣୀ ପ୍ରାବନ୍ଧିକ 'ଏଡିଥ୍ ପାର୍‌ଜେଟର'ତାଙ୍କ ଲିଖିତ 'ଏ ଗ୍ରେନ୍ ଅଫ୍ ମଷ୍ଟାର୍ଡ ସିଡସ୍'ରେ ବର୍ଣ୍ଣନା କରିଛନ୍ତି। ପାକିସ୍ତାନର ନୂତନ ଭାବେ ପ୍ରତିଷ୍ଠିତ ସରକାର ଘୋଷଣାକଲେ ଯେ ମାତ୍ର ୨୪ ଘଣ୍ଟା ମଧ୍ୟରେ ଭାରତୀୟ ହିନ୍ଦୁମାନଙ୍କୁ ପାକିସ୍ତାନ ଛାଡ଼ିବାକୁ ହେବ। ଭାରତ ଅଭିମୁଖେ କେତୋଟି ସ୍ୱତନ୍ତ୍ର ଟ୍ରେନ୍‌ର ମଧ୍ୟ ବ୍ୟବସ୍ଥା କରାଗଲା। ଏଡିଥ୍ କହନ୍ତି, ପରିସ୍ଥିତି ଏତେ ଭୟଙ୍କର ଥିଲା ଯେ, ତାଙ୍କ ପିତା ନିଜର ପ୍ରତିଷ୍ଠିତ ବ୍ୟବସାୟ ଓ ସମସ୍ତ ଧନସମ୍ପତ୍ତି ଛାଡ଼ି ସପରିବାର କେବଳ ପିନ୍ଧାବସ୍ତ୍ର ନେଇ ରେଳଷ୍ଟେଶନକୁ ବାହାରିଲେ। ପିତାଙ୍କର ପରମମିତ୍ର ମହଦର ଇକ୍‌ବାଲ ଅନ୍ତରରେ ଗଭୀର ଦୁଃଖକୁ ଚାପିରଖି ମୁହଁରେ କଠୋରତାର ନିର୍ମମ ରୂପ ବହନକରି ପିତାଙ୍କ



ପାଖକୁ ମାଡ଼ିଆସିଲେ ଓ ସମସ୍ତଙ୍କ ଗୋଚରରେ ବାପାଙ୍କୁ ମାଡ଼ମାରି କାଳେ କିଛି ନେଇଥିବେ ଭାବି ତାଙ୍କ ପକେଟରେ ହାତ ପୂରାଇଲେ। ପ୍ରାବନ୍ଧିକ କହନ୍ତି, ଟ୍ରେନ୍‌ରେ ଉଠିବା ପରେ ବାପା ତାଙ୍କ କୁର୍ତ୍ତା ପକେଟରୁ ଆବିଷ୍କାର କଲେ ଏକ ରୁମାଲ ଯେଉଁଥିରେ ଥିଲା ୧୫ଶହରୁ ଊର୍ଦ୍ଧ୍ୱ ଟଙ୍କା ଓ ଏକ କ୍ଷୁଦ୍ରଚିଠି। ଚିଠିରେ ଲେଖାଥିଲା – ବନ୍ଧୁ ଭୁଲ୍ ବୁଝିବନି। ମୋର ଏପରି ବ୍ୟବହାର ଅନିଚ୍ଛାକୃତ ଓ ଲୋକଦେଖାଣିଆ। ମୋ ଅପେକ୍ଷା ବର୍ତ୍ତମାନ ପରିସ୍ଥିତିରେ ଯାହା ତୁମର ଏକାନ୍ତ ଆବଶ୍ୟକ ତାହା ହେଉଛି ଟଙ୍କା। ଭଗବାନ କରନ୍ତୁ ଆମ ସମ୍ପର୍କ ହାର୍ଦ୍ଦିକ ଭାବେ ଦୃଢ଼ତର ହେଉ।

ସେହିପରି ବାଂଲାଦେଶ ୧୯୭୧ରୁ ପାକିସ୍ତାନଠାରୁ ଅଲଗାହୋଇ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଲାଭ କରିବା ସମୟରେ ସେ ଦେଶରୁ ଶରଣାର୍ଥୀଙ୍କ ସୁଅ ଛୁଟିଲା। ପଶ୍ଚିମବଙ୍ଗ ଓ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବାଂଲା ଶରଣାର୍ଥୀଙ୍କ ଭିଡ଼ ଜମିଲା। କାଳକ୍ରମେ ରାଜନୀତିର ଘନଘଟା ମଧ୍ୟରେ ସେମାନେ ଏ ଦେଶର ଅଧିବାସୀ ହୋଇଗଲେ।

ସବୁ ସମୟରେ ବିଶ୍ୱରେ ବିସ୍ଥାପିତ ଓ ଶରଣାର୍ଥୀ ସମସ୍ୟା ପ୍ରାୟତଃ ଲାଗିରହିଛି। କେନ୍ଦ୍ର ଓ ରାଜ୍ୟ ସରକାର ଓ ଏପରିକି ସ୍ଥାନୀୟ ଜିଲା ପ୍ରଶାସନ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ ନ କଲେ ବିସ୍ଥାପିତଙ୍କ ଦୁର୍ଦ୍ଦଶା ବୃଦ୍ଧିପାଏ। ଅନନ୍ୟୋପାୟ ହୋଇ ବିସ୍ଥାପିତମାନେ ପଡ଼ୋଶୀ ଦେଶର ଶରଣାର୍ଥୀ ଭାବେ ଜିଇବାକୁ ଶ୍ରେୟ ମଣନ୍ତି। ଜେନେଭାସ୍ଥିତ ଅନ୍ତରୀଣ ବିସ୍ଥାପନ ଅନୁଧ୍ୟାନ କେନ୍ଦ୍ର (ଆଇଡିଏମ୍‌ସି) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ୨୦୨୩ ମସିହା କାଳଖଣ୍ଡ ମଧ୍ୟରେ ଦକ୍ଷିଣ ଏସିଆରେ ବିସ୍ଥାପିତଙ୍କ ସଂଖ୍ୟା ଉଦ୍‌ବେଗଜନକ। ଏହି ଅଞ୍ଚଳରୁ ପ୍ରାୟ ୭୦ ହଜାର ଲୋକଙ୍କୁ ବିସ୍ଥାପିତ ହେବାକୁ ପଡ଼ିଛି। ଏଥିରେ ଭାରତର ମଣିପୁରରୁ କେବଳ ବିସ୍ଥାପିତ ହୋଇଛନ୍ତି ୬୭ ହଜାର। ୨୦୧୮ରୁ ୨୦୨୩ ମଧ୍ୟରେ ଏହା ଭାରତରେ ସବୁଠାରୁ ବଡ଼ ବିସ୍ଥାପନ। ଏହାବାଦ୍ ବନ୍ୟା, ବାତ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବାସହରା ଲୋକ ଜୀବିକାର୍ଜନର ପନ୍ଥା ଅନୁସରଣକରି ଅନ୍ୟତ୍ର ଆଶ୍ରୟ ନେଉଛନ୍ତି। ୨୦୨୩ରେ ମଣିପୁର ଉଚ୍ଚନ୍ୟାୟାଳୟ ସେଠାକାର ମୋଇତି ସମ୍ପ୍ରଦାୟର ଲୋକମାନଙ୍କୁ ଅନୁସୂଚିତ ଜନଜାତି ତାଲିକାଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲାପରେ ସେଠାରେ ହିଂସାତ୍ମକ ବିରୋଧର ଅୟମାରମ୍ଭ ହୋଇଥିଲା। ମଣିପୁର ହିଂସାକାଣ୍ଡରେ ୨ଶହରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବା ବେଳେ ହଜାର ହଜାର ଲୋକ ଶରଣାର୍ଥୀ ଶିବିରରେ ଆଶ୍ରୟ ନେଇଛନ୍ତି।

ଉଲ୍ଲେଖ କରାଯାଇପାରେ ଯେ ଆମ ପଡ଼ୋଶୀ ଦେଶ ମ୍ୟାନ୍‌ମାରର ପ୍ରଚଳିତ ଶାସନ ବ୍ୟବସ୍ଥା ସେ ଦେଶର ସେନା ନିୟନ୍ତ୍ରଣକୁ ଆସିବା ପରେ ସାମରିକ ସରକାର ନିରପରାଧ ଜନସାଧାରଣଙ୍କ ଉପରେ ଅକଥନୀୟ ଅତ୍ୟାଚାର ଓ ଦମନଲୀଳା ଚଳାଇବାରୁ ସେହି ଅଧିବାସୀମାନେ ଜୀବନ ବିକଳରେ ସୀମାପାର ହୋଇ ଭାରତର ମିଜୋରାମ ଓ ମଣିପୁରକୁ ପଳାଇ ଆସିଲେ। ସେମାନେ ଏହି ୨ ରାଜ୍ୟରେ ଶରଣାର୍ଥୀ ଜୀବନ ବିତାଇବାକୁ ବାଧ୍ୟ ହୋଇଛନ୍ତି। ମଜୋରାମରେ ସେମାନଙ୍କୁ ମାନବୋଚିତ ବ୍ୟବହାର ପ୍ରଦର୍ଶନ କରାଯାଉଥିବା ବେଳେ ମଣିପୁରରେ ସେମାନଙ୍କୁ ଠିକ୍ ଭାବେ ଗ୍ରହଣ କରାଯାଇନାହିଁ। ମଣିପୁରରେ ୨ ସମ୍ପ୍ରଦାୟ ଯଥା ମୋଇତି ଓ କୁକି–ଜୋ ମଧ୍ୟରେ ଏ ଯାବତ୍ ହିଂସା ଲାଗିରହିଥିବା ବେଳେ ମ୍ୟାନ୍‌ମାର ଶରଣାର୍ଥୀ ଏଠାରେ ଭଲ ବ୍ୟବହାର ଆଶା କରିବା ବୃଥା। ଭାରତ–ମ୍ୟାନ୍‌ମାର ସୀମାରେ ୧୬୪୩ କି.ମି. ତାରବାଡ଼ ନିର୍ମାଣ ଘୋଷଣା ଓ ମଣିପୁରର ଉପାନ୍ତ ଜିଲା କାମ୍‌ଜୋଙ୍ଗ୍‌ରେ ଅବାଧ ପ୍ରବେଶ ଲାଗି ରହିଥିବା ବେଳେ ମଣିପୁର ମୁଖ୍ୟମନ୍ତ୍ରୀ ମ୍ୟାନ୍‌ମାର ଅନୁପ୍ରବେଶକାରୀଙ୍କୁ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି।

ପ୍ରଥମେ ମୂଳଭୂଖଣ୍ଡରୁ ବିସ୍ଥାପିତ ଓ ପରେ ସଂଲଗ୍ନ ଦେଶରେ ଶରଣାର୍ଥୀ ସାଜିବା ସବୁ ସମୟରେ ଏକ ବଡ଼ ସମସ୍ୟା ରୂପେ ଦଣ୍ଡାୟମାନ। କୌଣସି ଦେଶକୁ ବିସ୍ଥାପିତମାନେ ଶରଣାର୍ଥୀ ଭାବେ ଆସିଲେ ସେ ଦେଶର ମୂଳ ଅଧିବାସୀ ତାଙ୍କୁ ଗ୍ରହଣ ନ କରିବା ସ୍ୱାଭାବିକ। ମାତ୍ର ପ୍ରାଥମିକ ଅବସ୍ଥାରେ କିଛି ପ୍ରତିକୂଳତାକୁ ସହ୍ୟକରି ସେହି ଦେଶରେ ରହିଲେ ପରେ ସେ ଦେଶର ରାଜନୈତିକ ଅନୁକମ୍ପାରୁ ସ୍ଥିତି ମଜଭୁତ କଲାପରେ ମୂଳ ଅଧିବାସୀଙ୍କ ଉପରେ ଆକ୍ରମଣ କରିବାକୁ ପଛାଉନାହାନ୍ତି। ଏତେ ସବୁ ସତ୍ତ୍ୱେ ଉଭୟ ଶରଣାର୍ଥୀ ଓ ମୂଳ ଅଧିବାସୀ ମାନବିକ ମୂଲ୍ୟବୋଧକୁ ଅଗ୍ରାଧିକାର ଦେଲେ ସବୁ ସମସ୍ୟାର ସମାଧାନ ହୋଇପାରିବ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ରାଷ୍ଟ୍ରସେବା ଭାବ



ଉପେନ୍ଦ୍ର ବିଶ୍ୱାଳ

ମାନେକରାଯାଉ ବିଶ୍ୱର କୌଣସି ଏକ ସର୍ବମାନ୍ୟ ସଂସ୍ଥା (ଜାତିସଂଘ) ଦ୍ୱାରା ସମଗ୍ର ୟୁରୋପ, ଅଷ୍ଟ୍ରେଲିଆ ମହାଦେଶ ସମେତ ଅଧା ଆଫ୍ରିକାରେ ଏକକାଳୀନ ନିର୍ବାଚନ ଆୟୋଜନ କରିବାକୁ ଯୋଜନା କରାଯାଏ, ତେବେ ତାହା ସମ୍ଭବ ହେବ କି? ବୋଧହୁଏ ଏହାର ଉତ୍ତର ହେବ–ନା। କାରଣ ସେହି ଅଢ଼େଇଟି ମହାଦେଶ ଅର୍ଥାତ୍ ଶତାଧିକ ଦେଶର ପ୍ରାୟ ଶହେ କୋଟି ଭୋଟରଙ୍କୁ ନେଇ ଏକକାଳୀନ ନିର୍ବାଚନ କରିବା ବିଶ୍ୱ ସମୁଦାୟଙ୍କ ପାଇଁ ଗୋଟେ ନିହାତି ଅବାସ୍ତବ କଥା। କିନ୍ତୁ ଏଭଳି ଅସମ୍ଭବ କାମକୁ ସମ୍ଭବ କରି ଦେଖାଇଛନ୍ତି ଭାରତୀୟ ନିର୍ବାଚନ କମିଶନ। ଭାରତର ଏହି ସାମ୍ବିଧାନିକ ସଂସ୍ଥାଟି କାଁ ଭାଁ ପରିଲକ୍ଷିତ ହୋଇଥିବା କେତୋଟି ତ୍ରୁଟି/ଅବ୍ୟବସ୍ଥାକୁ ବାଦ୍ ଦେଲେ, ଅବାସ୍ତବ ମନେହେଉଥିବା କାର୍ଯ୍ୟଟିକୁ ଯେଭଳି ସୁଚାରୁ ରୂପେ, ଅତ୍ୟନ୍ତ ନିଷ୍ଠାର ସହିତ ସମ୍ପାଦନ କରୁଛନ୍ତି, ତାହା ଅବଶ୍ୟ ଅତ୍ୟନ୍ତ ପ୍ରଶଂସନୀୟ ଓ ଅଭିନନ୍ଦନୀୟ। ଏଇମାତ୍ର ସମାପିତ ହୋଇଯାଇଛି ଅଷ୍ଟାଦଶ ଲୋକ ସଭା ନିର୍ବାଚନ ସମେତ କେତେକ ରାଜ୍ୟର ବିଧାନସଭା ନିର୍ବାଚନ। ସଫଳତାର ସହିତ ପୂର୍ଣ୍ଣାହୁତି ଦିଆସରିଛି ଗଣତନ୍ତ୍ରର ମହାପର୍ବକୁ, ନିର୍ବାଚନ ପ୍ରକ୍ରିୟା ଘୋଷଣାଠାରୁ ସରକାର ଗଠନ ପ୍ରକ୍ରିୟା ପର୍ଯ୍ୟନ୍ତ। ବିଶାଳ ଏହି ଉପମହାଦେଶ (ଅର୍ଥାତ୍ ଅଢ଼େଇଟି ମହାଦେଶ)ର ଅତ୍ୟନ୍ତ ଅସାଧ, କଠିନ ମନେହେଉଥିବା ରୋଚକପୂର୍ଣ୍ଣ ମହାପର୍ବର ବାସ୍ତବତାକୁ ପରୀକ୍ଷଣ/ନିରୀକ୍ଷଣ/ଅନୁଧ୍ୟାନ କରିବାକୁ ତଥା ଉପଭୋଗ କରିବାକୁ ଏବଂ କିଛି ଅନୁଭୂତି ସାଉଁଟିବାକୁ ୨୩ଟି ଦେଶର ୭୫ଜଣ ପ୍ରତିନିଧି ଭାରତ ଆସିଥିଲେ। ବିପୁଳ ବ୍ୟବସ୍ଥାସମ୍ପନ୍ନ ଭାରତର ଏହି ବିଶାଳକାୟ ନିର୍ବାଚନ ପ୍ରକ୍ରିୟାକୁ ଅବଲୋକନ କରି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେବା ସହିତ ଗଭୀର ଭାବେ ଅନୁପ୍ରାଣିତ ହୋଇଥିଲେ। ଏହାକୁ ପରିଚାଳନା କରୁଥିବା ସଂସ୍ଥା ସମେତ ଏଥିରେ ନିୟୋଜିତ କର୍ମଚାରୀ, ସେନା, ପୋଲିସ ବାହିନୀଙ୍କୁ ଯେଉଁ ଶବ୍ଦ ଓ ଭାବରେ ଉଚ୍ଚ ପ୍ରଶଂସା କଲେ, ତାହା ଆମ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ତାଙ୍କ ପାଇଁ ସବୁଠୁ ଚକିତଜନକ ବିଷୟ ହେଲା, ଭାରତରେ ଏପରି ବିଶାଳ ବ୍ୟସ୍ତବହୁଳ ବ୍ୟବସ୍ଥା ଚାଲୁଥିବା ବେଳେ ସମଗ୍ର ଦେଶର କୌଣସି ଗୋଟିଏ ହେଲେ ବି ସଂସ୍ଥା ସ୍ଥାଣୁ ପାଲଟିନଥିଲା ବରଂ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା/କାର୍ଯ୍ୟସବୁ ସୁରୁଖୁରୁରେ ଚାଲୁଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଆଜି କାର୍ଯ୍ୟରତ ଥିବା ୪ କୋଟି ୬୦ ଲକ୍ଷ କର୍ମଚାରୀଙ୍କ ମଧ୍ୟରୁ ନିର୍ବାଚନ ପ୍ରକ୍ରିୟାରେ ନିୟୋଜିତ ହୋଇଥିଲେ ପ୍ରାୟ ଦେଢ଼କୋଟିରୁ ଅଧିକ କର୍ମଚାରୀ। ଯେଉଁମାନଙ୍କ ସକ୍ରିୟ ସହଯୋଗ ବିନା ଏଠାରେ ନିର୍ବାଚନ କରିବା ସମ୍ପୂର୍ଣ୍ଣ ଅସମ୍ଭବ ଏବଂ ଅକଳ୍ପନୀୟ।

ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭାରତର ୨୦ ଲକ୍ଷ ପୋଲିସଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଅସୀମ ତ୍ୟାଗ। ପ୍ରାୟ ୧୦୦ କୋଟି ମତଦାତାଙ୍କ ପାଇଁ ତିଆରି ହୋଇଥିଲା ସାଢ଼େ ଦଶଲକ୍ଷ ଭୋଟଦାନ କେନ୍ଦ୍ର ଏବଂ ପ୍ରସ୍ତୁତ ହୋଇ ରହିଥିଲା ୫୫ ଲକ୍ଷ ଇଭିଏମ୍। ନିର୍ବାଚନକୁ ଯଥାସମ୍ଭବ ଅବାଧ, ନିରପେକ୍ଷ ଓ ଶୃଙ୍ଖଳିତ କରି ରଖିବାକୁ ସାଧ୍ୟମତେ ପ୍ରୟାସ କରିଥିଲେ ନିର୍ବାଚନ କମିଶନ। ସେଥିପାଇଁ ଏହାକୁ ତଦାରଖ କରିବାକୁ ନିୟୋଜିତ ହୋଇଥିଲେ ୬୮ ହଜାର ମନିଟରିଂ ଟିମ୍। ଏସବୁକୁ ସହଜ, ସହଳ ଓ ସୁଗମ କରିବାକୁ ନିର୍ବାଚନରେ ବ୍ୟବହୃତ ହୋଇଥିଲା ୪ଲକ୍ଷ ମୋଟର ଯାନ। ଆହୁରି ସ୍ୱତନ୍ତ୍ର ଭାବେ ବ୍ୟବହୃତ ହୋଇଥିଲା ୧୩୫



ରେଳଗାଡ଼ି ଓ ୧୬୯୨ ହେଲିକପ୍ଟର। ବୁଥମାନଙ୍କରେ ଭୋଟଗ୍ରହଣ ପାଇଁ ସଫଳ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଦେଢ଼କୋଟି ପୋଲିଂ କର୍ମଚାରୀ ଓ ସୁରକ୍ଷା କର୍ମଚାରୀ। ନିର୍ବାଚନ ପରିଚାଳନାରେ ଆମର ଏଠି ଯେତିକି ଲୋକ ନିୟୋଜିତ ହୁଅନ୍ତି, ଫିନ୍‌ଲାଣ୍ଡ ପରି ୟୁରୋପର ୩/୪ଟି ଦେଶର ସମୁଦାୟ ଲୋକସଂଖ୍ୟା ବି ସେତିକି ହେବେ ନାହିଁ। ଅଷ୍ଟାଦଶ ଲୋକ ସଭା ନିର୍ବାଚନ ଏଥର ଏଭଳି ସମୟରେ ଅନୁଷ୍ଠିତ ହୋଇଥିଲା, ଯେତେବେଳେ ସାରା ଭାରତ ତତଲା ତାୱାରେ ସିଝୁଥିଲା। ଅସହ୍ୟ ଗରମ ଓ ଗୁଳୁଗୁଳିରେ ଏଥିରେ ନିୟୋଜିତ କର୍ମଚାରୀମାନେ ସମର୍ପିତ ମନୋଭାବ ନେଇ ଆଗେଇ ଆସିଥିଲେ ରାଷ୍ଟ୍ରୀୟ କାର୍ଯ୍ୟରେ। ରାଷ୍ଟ୍ରର ଏଭଳି ଏକ ଜରୁରୀ ଆବଶ୍ୟକତା ବେଳେ ଦେଶ ପ୍ରତି ପବିତ୍ର ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇଥିବା ପ୍ରତିଟି କର୍ମଚାରୀ ଜଣେ ଜଣେ ସୈନିକ ନୁହନ୍ତି କି?

ମହିଳାମାନଙ୍କ ପାଇଁ ବିଶେଷ ସୁବିଧା ନ ଥାଇ, ଭୋଟ ଗ୍ରହଣ କେନ୍ଦ୍ରରେ ସ୍ନାନ, ଶୌଚ, ଖାଇବା, ରହିବା ଆଦି ସମସ୍ୟା ଥିବା ସତ୍ତ୍ୱେ ସେମାନେ ବିନା ଦ୍ୱିଧାରେ ଆଗେଇ ଆସିଥିଲେ ରାଷ୍ଟ୍ରସେବାରେ। ମହିଳା କର୍ମଚାରୀ କିଏ ନିଜର କଅଁଳା ଶିଶୁକୁ ଛାଡ଼ ଦାୟିତ୍ୱ ନିର୍ବାହ କରୁଥିଲେ ତ ଆଉ କିଏ ରୋଗଶଯ୍ୟାରେ ଶାୟିତ ସ୍ୱାମୀଙ୍କୁ ଛାଡ଼ି ରାଷ୍ଟ୍ରସେବାକୁ ପ୍ରାଧାନ୍ୟ ଦେଇଥିଲେ। ପୋଲିସ କର୍ମଚାରୀମାନେ ତ ମାସ ମାସ ଧରି ଛୁଟି ନ ନେଇ ଦିନରାତି ଏକ କରି ଖରାତାତିକୁ ତିଳେ ବି ଖାତିର ନ କରି ନିରବଚ୍ଛିନ୍ନ ଭାବେ ୪୮/୭୨ ଘଣ୍ଟା କର୍ତ୍ତବ୍ୟ କରୁଥିବାର ଦେଖାଯାଇଛି। ପରିବାର, ମାତାପିତା, ପିଲାଛୁଆଙ୍କୁ ପଛ କରି ନିଦ ଓ ଭୋକ ଭୁଲି ରାଜ୍ୟଠୁଁ ଜିଲା ପର୍ଯ୍ୟନ୍ତ, ବିଶେଷକରି ଜିଲା ନିର୍ବାଚନ ଅଧିକାରୀ (ଜିଲାପାଳ), ଜିଲା ସୁରକ୍ଷା ଅଧିକାରୀ (ଏସ୍‌ପି) ଏବଂ ତାଙ୍କ ଅଧସ୍ତନ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ, ଅକ୍ଳାନ୍ତ ପରିଶ୍ରମ ଅତୀବ ପ୍ରଶଂସନୀୟ। ନିୟୋଜିତ ମହିଳା କର୍ମଚାରୀମାନେ ଯେତେବେଳେ ହାତରେ ଇଭିଏମ୍ ବାକ୍ସ ଧରି ଭୋଟଗ୍ରହଣ କେନ୍ଦ୍ର ଅଭିମୁଖେ ସାହସ ଓ ସଂକଳ୍ପର ସହିତ ବୀରତ୍ୱଭଙ୍ଗୀରେ ଯାତ୍ରା କରୁଥା'ନ୍ତି, ସେତେବେଳେ ତାଙ୍କୁ ଦେଖିଲେ ମନେହୁଏ ସତେଯେମିତି ବୀରାଙ୍ଗନା ଦୁର୍ଗାବତୀ ଅବା ଲକ୍ଷ୍ମୀବାଈ, ଅବନ୍ତି ବାଈ ଅବା ରାଣୀ ଚେନ୍ନାମା, ଗାଇଦିନ୍‌ଲୁ ପ୍ରମୁଖ।

ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମର ଭୂମିକାକୁ ଅଣଦେଖା କରାଯାଇ ପାରିବ ନାହିଁ। ଘରଦ୍ୱାର ଭୁଲି ଗଣମାଧ୍ୟମ ପ୍ରତିନିଧି/କର୍ମଚାରୀମାନେ ଅହରହ ସଜାଗ ରହି ଅତ୍ୟନ୍ତ ନିଷ୍ଠାର ସହିତ ନିଜ ନିଜର ଗୁରୁଦାୟିତ୍ୱକୁ ନିର୍ବାହ କରିଥିଲେ। ଦେଶସେବାର ଭାବ ଓ ସୈନିକର ମନ ନେଇ କାର୍ଯ୍ୟରେ ନିଜକୁ ସମର୍ପି ଦେଇଥିବା କର୍ମଚାରୀଙ୍କ ମଧ୍ୟରୁ ୩୩ ଜଣ ବି ଶହୀଦ ହୋଇଗଲେ। ବିଶ୍ୱମାରୀ କରୋନା କାଳରେ ଲୋକସେବା/ଦେଶସେବା କରି ବଳିଦାନ ଦେଇଥିବା ବ୍ୟକ୍ତିଙ୍କୁ ଶହୀଦର ସମ୍ମାନ ମିଳିଲା ପରି ଗଣତନ୍ତ୍ରର ଅତି ଗୁରୁତ୍ୱପୂର୍ଣ୍ଣ ଏହି ମହାପର୍ବରେ ଜୀବନ ହାରୁଥିବା କର୍ମଚାରୀମାନଙ୍କୁ ଶହୀଦର ସମ୍ମାନ ଦେଲେ ଖୁବ୍ ଭଲହୁଅନ୍ତା। ଯାହା ବି ହେଉ, ସଭିଙ୍କ ଭିତରେ ଭରି ରହିଥିବା ଏପରି ଦେଶସେବା ଭାବ ଅକ୍ଷୁଣ୍ଣ ରହୁ। ଭାରତର ଗୌରବ, ଗରିମା ଗଗନଚୁମ୍ବୀ ହେଉ। ଭାରତର ଗଣତନ୍ତ୍ର ଆହୁରି ଗରୀୟାନ୍ ହେଉ।

ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର
ମୋ: ୯୪୩୭୪୩୬୦୭୩

## ଏଇ ଭାରତରେ

ଗଛର ମହତ୍ତ୍ୱ ବୁଝାଇବାକୁ ମହାରାଷ୍ଟ୍ରର ଜଣେ ଯୁବକ ଏକ ବିହନ ବ୍ୟାଙ୍କ ଖୋଲିଛନ୍ତି। ଲାତୁର ଜିଲାର ରେନାପୁର ତହସିଲର ବାସିନ୍ଦା ଶିବଶଙ୍କର ଚୋପାଲେ ଏହି ବିହନ ବ୍ୟାଙ୍କରୁ ଲୋକଙ୍କୁ ମାଗଣାରେ ବିହନ ଯୋଗାଉଛନ୍ତି। ୩୬ ବର୍ଷ ବୟସ୍କ ଶିବଶଙ୍କରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଅନେକ ଛାତ୍ର ଓ ନାଗରିକ ଗଛ ଲଗାଉଛନ୍ତି। ତିନି ବର୍ଷ ପୂର୍ବେ ସେ ଏହି ପଦକ୍ଷେପ ଆରମ୍ଭ କରିଥିଲେ। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୫,୦୦୦ ଲୋକ ଏବଂ ବହୁ ଏନ୍‌ଜିଓକୁ ମଞ୍ଜି ବଣ୍ଟନ କରିଛନ୍ତି। ଏହି ବିହନ ବ୍ୟାଙ୍କ ତାଙ୍କ ଘରେ ଖୋଲିଛନ୍ତି। ଏଥିରେ ୧୫୦ ପ୍ରକାରର ବିହନ ଅଛି। ଏକ ଘରୋଇ ଗ୍ୟାସ ଏଜେନ୍ସିରେ କାର୍ଯ୍ୟ କରୁଥିବା ଚୋପାଲେ କହିଛନ୍ତି, ସେ ଗଛ ଲଗାଇବା ପାଇଁ ଲୋକଙ୍କୁ ମାଗଣା ବିହନ ସହ ପରିବେଶ ସୁରକ୍ଷା ପାଇଁ ପ୍ରୟାସ କରୁଛନ୍ତି। ସେ ବିହନ ବ୍ୟାଙ୍କ ମାଧ୍ୟମରେ ବୃକ୍ଷରୋପଣ ବୃଦ୍ଧି ସହ ପରିବେଶ ପ୍ରତି ଲୋକଙ୍କୁ ସଚେତନ କରୁଛନ୍ତି। ଶିବ ଶଙ୍କର କେବଳ ଦ୍ୱାଦଶ ପର୍ଯ୍ୟନ୍ତ ପଢ଼ିଛନ୍ତି। ପିଲାଦିନରୁ ସେ ପ୍ରକୃତିକୁ ଭଲ ପାଉଥିଲେ। ସେ ମଧ ପ୍ଲାଷ୍ଟିକ ବୋତଲଗୁଡ଼ିକର ପୁନଃବ୍ୟବହାର ବିଷୟରେ ଲୋକଙ୍କୁ ସଚେତନ କରୁଛନ୍ତି। ଲୋକମାନେ ଏହି ଅଭିଯାନରେ ତାଙ୍କୁ ସମର୍ଥନ କରୁଛନ୍ତି। ଲାତୁର ଜିଲା ପରିଷଦର କୃଷି ବିଭାଗର ଅଭିଯାନ ଅଧିକାରୀ ଗୋପାଳ ଶେରଖାନେ ଚୋପାଲେଙ୍କୁ ପ୍ରଶଂସା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଜୁନ୍ ୧୯୭୫

- ବିଶିଷ୍ଟ ପ୍ରାଣୀ ତତ୍ତ୍ୱବିତ ଅଧ୍ୟାପକ ଦୁର୍ଗାଦାସ ମୁଖାର୍ଜୀଙ୍କ ୭୯ ବର୍ଷ ବୟସରେ ପରଲୋକ।
- ଯୌତୁକ ଦେବା ଓ ନେବା କାର୍ଯ୍ୟକୁ ଧର୍ତ୍ତବ୍ୟ ଓ ଜାମିନ ଅଯୋଗ୍ୟ ଅପରାଧରେ ପରିଗଣିତ କରିବା ଲାଗି ଯୌତୁକ ନିରୋଧ ଆଇନର ସଂଶୋଧନ କରିବା ନିମନ୍ତେ ହବିାର ମନ୍ତ୍ରିମଣ୍ଡଳ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ପଶ୍ଚିମ ଜର୍ମାନୀରେ ଦୁଇଟି ଟ୍ରେନ୍ ମଧ୍ୟରେ ଦୁର୍ଘଟଣା ଘଟି ୩୫ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ତୁ ଯେବେ ଆଗ ଯିବୁ କେସନ ମୁଁ ବଞ୍ଚିବଇଁ
ମରଣ୍ଣୁ ବଳି ପର
ଜୀବନର ଭାର ବହି।
ମରିବି ଯେବେ ଆଗ କେସନ ମୁଁ ମରିବି ଗୋ
ମରଣ୍ଣୁଁ ବଳି ତା'ର
ଅନ୍ଧକାର ଦଶଦିଗ।

–(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 2 | 7 | | | | 6 |
| 6 | | | | 1 | | | | |
| | 9 | | | | | 7 | | |
| 1 | 5 | | | | | | 4 | 2 |
| | 8 | | | | 7 | | | 1 |
| | | | | 3 | | | | |
| | 2 | | | 4 | | 9 | | 8 |
| | 1 | 6 | 8 | 2 | 3 | | | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 8 | 4 | 2 | 1 | 7 | 6 | 3 |
| 2 | 6 | 1 | 7 | 8 | 3 | 9 | 5 | 4 |
| 4 | 3 | 7 | 5 | 9 | 6 | 2 | 1 | 8 |
| 7 | 9 | 6 | 3 | 1 | 5 | 8 | 4 | 2 |
| 8 | 4 | 5 | 2 | 6 | 9 | 3 | 7 | 1 |
| 1 | 2 | 3 | 8 | 4 | 7 | 5 | 9 | 6 |
| 3 | 1 | 2 | 9 | 5 | 4 | 6 | 8 | 7 |
| 5 | 8 | 4 | 6 | 7 | 2 | 1 | 3 | 9 |
| 6 | 7 | 9 | 1 | 3 | 8 | 4 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦେଶକୁ ବିପଦ ଘେରିଛି

ମହାଶୟ,

ଶତ୍ରୁଙ୍କ ରାଡାରରେ ସବୁବେଳେ ଭାରତ ରହିଆସିଛି। ପାକିସ୍ତାନ, ଚାଇନା ପରେ ଏବେ ମାଳଦ୍ୱୀପ ବିପଦର ଅନ୍ୟତମ ନାମ। ଭାରତ ଶାନ୍ତିପ୍ରିୟ ରାଷ୍ଟ୍ର। ଏହା ଅଯଥାରେ କାହାର ସାର୍ବଭୌମତ୍ୱ କିମ୍ବା ରାଜନୈତିକ ପୃଷ୍ଠାକୁ ଓଲଟାଇବାକୁ ଭଲ ପାଏ ନାହିଁ। ଭାରତକୁ କିନ୍ତୁ ଅନେକ ଶତ୍ରୁ ରାଷ୍ଟ୍ର ଘେରି ରହିଛନ୍ତି। ସୁବିଧା ପାଇବାମାତ୍ରେ ଦେଶରେ ଗୋଳାବାରୁଦର ଗର୍ଜନ ସୃଷ୍ଟି କରିବେ। ମାତ୍ର ଆମ ଭାରତୀୟ ସେନା ପଛକୁ ହଟିବ ନାହିଁ। ଶତ୍ରୁର ସମସ୍ତ ଗତିବିଧି ଉପରେ ନଜର ରଖି ବୀରତ୍ୱର ସହିତ ସବୁ ସମୟରେ ମୁକାବିଲା କରିଆସିଛି। ଦେଶର ବୀର ସନ୍ତାନ ସବୁବେଳେ ଭାରତ ମାତାର ରକ୍ଷା ଦାୟିତ୍ୱରେ ରହିଛନ୍ତି।

–ସତ୍ୟସିଂହ ଶତପଥୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଟାସ୍କଫୋର୍ସ ସ୍ଥାଣୁ, ବଢୁଛି ଶିଶୁ ଶ୍ରମିକଙ୍କ ସଂଖ୍ୟା

**ଆଜି ବିଶ୍ୱ ଶିଶୁ ଶ୍ରମିକ ନିରାକରଣ ଦିବସ**

**ଯାଜପୁର,୧୧।୬(ହର୍ଷବର୍ଦ୍ଧନ ବେହେରା):**

ଜିଲା ଶ୍ରମ ନିରୋଧ ଟାସ୍କଫୋର୍ସ କମିଟି ଏବଂ ଜିଲା ଶିଶୁ ସୁରକ୍ଷା ବିଭାଗର ଅବହେଳା ଯୋଗୁ ଶିଶୁ ଶ୍ରମିକ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ପ୍ରାୟ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଟାସ୍କଫୋର୍ସ କମିଟି ପକ୍ଷରୁ ଆବଶ୍ୟକ ଚଢାଉ କରାଯାଉ ନାହିଁ । ଫଳରେ ଶିଶୁ ଶ୍ରମିକ ସଂଖ୍ୟା ହ୍ରାସ ପାଇବା ପରିବର୍ତ୍ତେ ବଢିବାରେ ଲାଗିଛି ବୋଲି ମତପ୍ରକାଶ ପାଇଛି। ଗତ ୧୦ ବର୍ଷରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ମୁଖ୍ୟସ୍ରୋତରେ ସାମିଲ କରାଯାଇଥିବା ବିଭାଗ ପକ୍ଷରୁ ଦାବି କରାଯାଉଛି। ହେଲେ ବାସ୍ତବରେ ଏବେ ବି ଚାଷ ଜମିରେ ଖଟିବା, ଅଇଁଠା ବାସନ ଧୋଇବା, ଜରି ଗୋଟାଇବା, ରେଳ ଲାଇନରୁ କୋଇଲା ସଂଗ୍ରହ କରିବା, ଜୋତା ପଲିସ ଆଦିରେ ଅନେକ ଶୈଶବଙ୍କ ଜୀବନ ବନ୍ଧା ପଡିଥିବା ଦେଖିବାକୁ ମିଳିଛି ।

ଯାଜପୁର ଜିଲାର ଯାଜପୁରରୋଡ, ସୁକିନ୍ଦା, ଚଣ୍ଡୀଖୋଲ, ପାଣିକୋଇଲି, ଯାଜପୁର, କାଳିଆପାଣି ଆଦି ସହରର ପ୍ରମୁଖ ଛକଗୁଡିକରେ ବିଭିନ୍ନ କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ ହେଉଛନ୍ତି । ଏପରି କି ବାହାର ରାଜ୍ୟରୁ ଆସି ଏଠାରେ ଶିଶୁମାନଙ୍କୁ ମାଧ୍ୟମ କରି ଭିକ୍ଷାବୃତ୍ତି କରାଇବାର ଦୃଶ୍ୟ ଜିଲାର ମର୍ଯ୍ୟାଦା ହାନୀ ହେଉଥିବା ମତପ୍ରକାଶ ପାଉଛି । ତେବେ ବୁଧବାର ବିଶ୍ୱ ଶିଶୁ ଶ୍ରମିକ ନିରାକରଣ ଦିବସ ପାଳନ ହେଉଥିବାବେଳେ ଆବଶ୍ୟକ ପ୍ରଚାର ପ୍ରସାର ଅଭାବରୁ ଜିଲାରେ ଏହା ନାମକୁ ମାତ୍ର ହେଉଥିବା ଅଭିଯୋଗ ହେଉଛି।

ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ । ବିଶ୍ୱ ଶିଶୁ ଶ୍ରମିକ ନିରାକରଣ ଦିବସ ଅବସରରେ ବିଭିନ୍ନ ସଭା ସମିତିରେ ମନ୍ତ୍ରୀ, ନେତା, ଅଫିସରଙ୍କ ମୁହଁରୁ ଏହି ଉକ୍ତି ଶୁଣିବାକୁ ମିଳିବ । ହେଲେ ବାସ୍ତବରେ ଆସନ୍ତାକାଲିର ଭବିଷ୍ୟତଙ୍କ ପାଇଁ କାହାରି ହୃଦୟରେ ଆନ୍ତରିକତା ନ ଥିବା ଭଳି ମନେ ହେଉଛି । ଜିଲା ସୁରକ୍ଷା ୟୁନିଟ ପକ୍ଷରୁ ସୁକିନ୍ଦା ବ୍ଲକ କପିଳେଶ୍ୱର ହାଇସ୍କୁଲରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ହେଲେ ଜିଲା ଶ୍ରମ ବିଭାଗ ପକ୍ଷରୁ ସେଭଳି କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମର ଆୟୋଜନ ହେଉ ନ ଥିବା ସୂଚନା ମିଳିଛି। ଏଭଳି ବିଶ୍ୱ ଶିଶୁ ଶ୍ରମିକ ନିରାକରଣ ଦିବସକୁ ହେୟ ମନେ କରିବା ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିକ୍ରମରେ ଶିଶୁ ଶ୍ରମିକମାନେ ପରିବାରର ସାହାରା ନ ପାଇ ହୋଟେଲ, ଢାବାରେ ଅଇଁଠା ବାସନ ମାଜୁଛନ୍ତି ତ କିଏ ପରିସ୍ଥିତି ଚାପରେ ପଡି ଅଳିଆ ଗଦାରୁ ଜରି ଓ ମଦ ବୋତଲ ଗୋଟାଉଛନ୍ତି । କିଏ ପୁଣି ବିପଦପୂର୍ଣ୍ଣ ସ୍ଥାନରେ କାମ କରି ପରିବାର ମୁହଁରେ ଆହାର ଦେଉଛନ୍ତି । ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସଚେତନତା କାର୍ଯ୍ୟକ୍ରମ କରୁଥିଲେ ହେଁ ବାସ୍ତବ ପକ୍ଷେ ଶିଶୁଶ୍ରମିକମାନେ ଉପକୃତ ହେଉ ନାହାନ୍ତି। ଜିଲାର ରତ୍ନଗର୍ଭା ସୁକିନ୍ଦା ବ୍ଲକରେ ଏବେ ଶିଶୁ ଶ୍ରମିକମାନଙ୍କ ସଂଖ୍ୟା ଅହେତୁକ ଭାବେ ବଢି ଚାଲିଥିବା ଦେଖିବାକୁ ମିଳୁଛି। ଏଠାରେ ବିଭିନ୍ନ ଖଣିଖାଦାନ ସମେତ କେତେଗୁଡିଏ ଶିଳ୍ପାନୁଷ୍ଠାନ ମଧ୍ୟ ରହିଛି । ତେଣୁ ଏଠାରେ ଅନେକ ଛୋଟ ବ୍ୟବସାୟ କେନ୍ଦ୍ର ଗଢିଉଠିଛି । ଏହି ସବୁ ଅନୁଷ୍ଠାନରେ କାର୍ଯ୍ୟ କରିବା ନିମନ୍ତେ ବୟସ୍କ ଶ୍ରମିକମାନେ ସରକାର ନିର୍ଦ୍ଧାରିତ ଦର ଦାବି କରୁଥିବାରୁ ମାଲିକମାନେ ଛୋଟ ପିଲାମାନଙ୍କୁ ନିଯୁକ୍ତି ଦେଇ କମ ଦରରେ କାର୍ଯ୍ୟ ହାସଲ କରୁଥିବା ଦେଖିବାକୁ ମିଳିଛି । ସେହିପରି କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ଯାଜପୁରରୋଡ ସହର ସମେତ ଦାନଗଦି, ଢୁବୁରୀ ଆଦି ଅଞ୍ଚଳରେ ଶିଶୁ ଶ୍ରମିକ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେବା ସାଧାରଣ କଥା ହୋଇଛି । ଏହାବାଦ୍ ଚଣ୍ଡିଖୋଲ ଛକରେ କେତେକ ଅଣଓଡିଆ ମହିଳା ଶିଶୁମାନଙ୍କୁ ମାଧ୍ୟମ କରି ଭିକ୍ଷାବୃତ୍ତି କରାଉଛନ୍ତି । ସେହିପରି ଯାଜପୁର ରୋଡ ରେଳଷ୍ଟେଶନର ଉଭୟ ଫାଟକ ନିକଟରେ ପିଲାମାନେ ଭିକ୍ଷାବୃତ୍ତି କରୁଥିବା ଦେଖିବାକୁ ମିଳିଛି। ବିଗତ ଦିନରେ ଏନେଇ ସ୍ଥାନୀୟ ପୋଲିସ ପ୍ରଶାସନ ପଦକ୍ଷେପ ନେଇଥିଲେ ହେଁ ଏବେ ପୁଣି ଏହି ଦୃଶ୍ୟ ସଚେତନ ନାଗରିକଙ୍କୁ ବ୍ୟଥିତ କରିଛି । ତେବେ ଏହି ଶିଶୁଶ୍ରମିକ ପ୍ରଥାକୁ ବନ୍ଦ କରିବା ନିମନ୍ତେ ୫ ବର୍ଷ ପୂର୍ବରୁ ପୋଲିସ ଦ୍ୱାରା ଅପରେଶନ ମୁସ୍କାନ ଭଳି ପଦକ୍ଷେପ ନିଆଯାଇଥିଲା । ଏହି ଯୋଜନା ପ୍ରାରମ୍ଭରେ ବେଶ ସଫଳତା ଅର୍ଜନ କରିଥିଲା । ଅପରେଶନ ମୁସ୍କାନ ଜରିଆରେ ବିଭିନ୍ନ ଢାବା, ୱେଲଡିଂ ଦୋକାନ ଆଦି ସ୍ଥାନରୁ ଆରମ୍ଭ କରି ଟ୍ରକ୍ ଓ ଗ୍ୟାରେଜ୍ ଗୁଡିକରୁ ଶତାଧିକ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ଯାଜପୁର ଜିଲାପାଳଙ୍କ ନିକଟରେ ହାଜର କରିବା ସହିତ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । କିନ୍ତୁ ସେହି ମୁସ୍କାନ ଯୋଜନା ଏବେ ନୀରବି ଯାଇଛି । ଯଦି ଶିଶୁ ଶ୍ରମିକ ନିବାରଣ ଆଇନ ୧୯୮୬ ଓ ଏହାର ପରବର୍ତ୍ତି ସଂସ୍କରଣ ୨୦୧୬ କୁ କଡାକଡି ପାଳନ କରାଯାଇଥାନ୍ତା, ତେବେ କେହି ବି ଶିଶୁ ଶ୍ରମିକ ରଖିବାକୁ ସାହସ କରନ୍ତେ ନାହିଁ । କାରଣ ଏହି ଆଇନ ଅନୁଯାୟୀ ଶିଶୁ ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଉଥିବା ବ୍ୟକ୍ତି ୫୦ ହଜାର ଜୋରିମାନା ଦେବା ସହିତ ୨ବର୍ଷ ଜେଲ ଦଣ୍ଡ ଭୋଗିବ ବୋଲି ଆଇନରେ ଉଲ୍ଲେଖ ରହିଛି । ଶିଶୁ ଶ୍ରମିକମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ହେଲେ ଜିଲାରେ ଆବାସିକ ଶିଶୁ ଶ୍ରମିକ ବିଦ୍ୟାଳୟର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ସେହିପରି ରାଜ୍ୟସ୍ତରରେ ଏକ ଚାଇଲ୍ଡ ଲେବର ମିଶନ ଗଠନ କରାଯାଇ ପାରିଲେ ଏହା ଶିଶୁ ଶ୍ରମିକମାନଙ୍କ ଥଇଥାନ ଉପରେ ବେଶ ଉପଯୋଗୀ ହୋଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ବିଭାଗ ପକ୍ଷରୁ ଶିଶୁ ଶ୍ରମିକଙ୍କ ଉଦ୍ଧାର କାର୍ଯ୍ୟ ଉପଯୁକ୍ତ ଭାବେ ଚାଲିଛି। ଏଥିପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି ।

## ଶିକ୍ଷାବିତ୍ ଫକୀର ଚରଣ ସାହୁଙ୍କ ପରଲୋକ

**ବଡ଼ଚଣା,୧୧।୬(ଦିଲୀପ କୁମାର ମହାନ୍ତି):**

ଚଣ୍ଡିଖୋଲ ସନିକଟ ନେଉଳପୁର ଗ୍ରାମର ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଫକୀର ଚରଣ ସାହୁଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ନେଉଳପୁର ମଧ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ପରେ ନୀଳସୁନ୍ଦର ହାଇସ୍କୁଲରେ ପ୍ରଧାନଶିକ୍ଷକ ପଦ ଗ୍ରହଣ କରିଥିଲେ। ସେଠାରୁ ତାଙ୍କୁ କଳକଳା ଉଚ୍ଚ ବିଦ୍ୟାଳୟ ଶାଳପଡାକୁ ବଦଳି କରାଯାଇଥିଲା। ସେଠାରେ ସେ ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରି ଲୋକପ୍ରିୟତା ଅର୍ଜନ କରିଥିଲେ। ଅବସର ପରେ ନିଜ ଗ୍ରାମରେ ବନଦୁର୍ଗା ଗ୍ରାମ୍ୟ କମିଟି, ନେଉଳପୁର ମିଳନ କମିଟି, ମୁସଲମାନ ଓ ହିନ୍ଦୁମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ପାଇଁ ଶାନ୍ତି କମିଟିରେ ଦାୟିତ୍ୱ ବହନ କରି ଆସୁଥିଲେ। ଗ୍ରାମରେ କୌଣସି ଗଣ୍ଡଗୋଳ ହେଲେ ତାର ଆଶୁ ସମାଧାନ କରୁଥିଲେ। ତାଙ୍କ ମରଶରୀର ନିକଟରେ ପରିବାର ଲୋକେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ନେଉଳପୁର ଗ୍ରାମ ପରିକ୍ରମା କରାଯିବା ପରେ ଶେଷକୃତ୍ୟ ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ବଡ଼ପୁଅ ବିନୟ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।




## ରାଜ୍ୟସ୍ତରୀୟ ୧୬ବର୍ଷରୁ କମ୍ ହକି ପ୍ରତିଯୋଗିତା ଆରମ୍ଭ



ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ରରେ ୧୬ବର୍ଷରୁ କମ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ଓ ଅନ୍ୟମାନେ ।

**ଯାଜପୁରସଦର,୧୧।୬(ସମର ବିଜୟ ଶରଣ)**

ଓଡ଼ିଶା ନାଭାଲ ଟାଟା ହକି ଏବଂ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ରଠାରେ ୧୬ବର୍ଷରୁ କମ ରାଜ୍ୟସ୍ତରୀୟ(ବାଳିକାବାଳକ) ହକି ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ୧୬ ଜିଲାରୁ ଉଭୟ ବାଳିକାବାଳକ ହକି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରୁ ଓଡ଼ିଶା ହକି ଦଳ ପାଇଁ ଖେଳାଳି ଚୟନ କରାଯିବ। ଏହି ରାଜ୍ୟସ୍ତରୀୟ ହକି ଖେଳାଳି ଚୟନ ପ୍ରତିଯୋଗିତା ଜିଲାରେ ପ୍ରଥମ ଥର ଅନୁଷ୍ଠିତ ହେଉଛି। ପ୍ରତ୍ୟେକ ଦିନ ୮ଟି ଲେଖାଏ ମ୍ୟାଚ୍ ଲିଗ ପର୍ଯ୍ୟାୟରେ ଖେଳାଯାଉଛି। ମ୍ୟାଚ୍‌ରେ ମ୍ୟାନ ଅଫ ଦି ମ୍ୟାଚ(ଶ୍ରେଷ୍ଠ ଖେଳାଳି) ବଛା ଯାଇ ଟ୍ରଫି ପ୍ରଦାନ କରାଯାଉଛି। ଏହିପରି ପ୍ରତିଯୋଗିତା କରି ତୃଣମୂଳସ୍ତରରେ ହକିର ପ୍ରଚାର ପ୍ରସାର କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ଖେଳ ଦେଖିବା ପାଇଁ ହକି ପ୍ରେମୀ, କ୍ରୀଡ଼ାବିତଙ୍କ ମଧ୍ୟରେ ବେଶ ଭିଡ଼ ଜମୁଛି।

## ସାପକାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଡେରାବିଶ, ୧୧।୬(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ଥାନା ରଘୁଦେଇପୁର ପଞ୍ଚାୟତ କଂସାରୀପାଟଣା ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କ ସୋମବାର ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଗୋପୀନାଥ ମହାପାତ୍ରଙ୍କ ସ୍ତ୍ରୀ କନକଲତା (୪୫)। କନକଲତା ସୋମବାର ଘର ନିକଟରେ ଏକ ବାଛୁରୀ ବାନ୍ଧୁଥିବା ବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ନେଇଯାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମଙ୍ଗଳବାର କନକଲତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମରେ ପହଞ୍ଚି ଥିଲା। ହେଲେ ତାଙ୍କର ବଡ଼ପୁଅ ସବ୍ୟସାଚୀ ଯେ କି ଜଣେ ଅଗ୍ନିବୀର ଭାବେ କାର୍ଯ୍ୟରତ, ସେ ଆସନ୍ତାକାଲି ଗ୍ରାମରେ ପହଞ୍ଚିବା ପରେ ମୃତଦେହ ସଂସ୍କାର ହେବ ବୋଲି ଜଣାପଡିଛି।

**ST. XAVIER INTERNATIONAL SCHOOL**
(AFFILIATED TO CENTRAL BOARD OF SECONDARY EDUCATION)
BHUBANESWAR
E-mail:xavierinternationalschool@gmail.com, website:stxavierinternationalschool.com

**WALK-IN-INTERVIEW**

• Vice Principal • Administrator • PGT/TGT - (Physics, Chemistry, English, Science, Mathematics, SST & Computer) • Language: (Odia/Hindi/Sanskrit) • Primary Teacher (40 Nos.) • Special Educator • Art & Craft Teacher • PET/Sports Coach • Front Desk Executive • Academic Counselors • Manager-IT • PRO • Sr. Manager (Marketing & PR) • Manager (Marketing- 30 Nos. District wise) • Manager (Admin.) • Manager (F&B) • Asst. Manager (F&B) • Digital Team • Graphics Designer • DTP Operator • Transport Incharge (Male) • Accounts Officer/Asst. • House Keeping Supervisor • Driver (LMV/HMV).

Interested candidates can attend the WALK-IN- INTERVIEW
On 15th, 16th, 17th, 18th, 22nd & 23rd June 2024
between 9:00 AM to 4:00 PM
at ST. XAVIER INTERNATIONAL SCHOOL
Nandankanan Main Road, Patia, Adjacent to Aryabhumi Complex, Chandrasekharpur, Bhubaneswar.
Candidates can also send their CV by post to:
12 Janpath, Satyanagar, Bhubaneswar-751007, Odisha
or E-mail to: hrsxis@gmail.com

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Female Nurses and Receptionists with Computer Knowledge in Rasulgarh, Bhubaneswar. Freshers can also apply
Contact 8339966999

**WANTED TEACHERS**
Required TEACHERS immediately for a reputed English Medium School at Delang, Puri.
Salary negotiable.
Mob.: 9337331411
9776948016

# ୧୬ ନମ୍ବର ରାଜପଥରୁ ହଟିଲା ଅବରୋଧ

## ଗାଡ଼ି ଚଳାଚଳ ସ୍ୱାଭାବିକ ହେଲା



ରାଜପଥରୁ ଅବରୋଧ ହଟାଯାଉଛି ।

**ପାଣିକୋଇଲି,୧୧।୬(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରୁ ମଙ୍ଗଳବାର ଅବରୋଧ ହଟାଯାଇଛି। ଦୀର୍ଘ ୧ ବର୍ଷ ହେବ ଦୁଇଟି ପୋଲ ମରାମତି ପାଇଁ ୧୬ ନମ୍ବର ଜାତୀୟ ରାଜପଥକୁ ପାଣିକୋଇଲି ଟ୍ରମା କେୟାର ନିକଟରୁ ପଥରପଦା ମଧ୍ୟରେ ଅବରୋଧ କରାଯାଇଥିଲା। ଗୋଟିଏ ପଟ ରାସ୍ତାରେ ଉଭୟ ପଟର ଗାଡି ଯାତାୟାତ ହେଉଥିଲା। ଏହି ରାସ୍ତା ଅବରୋଧ ଫଳରେ ବାରମ୍ବାର ଦୁର୍ଘଟଣା ଘଟି ୧୦ରୁ ଅଧିକ ଜୀବନ ଯାଇଛି। ଏନେଇ ଜନଅସନ୍ତୋଷ ଓ ଆନ୍ଦୋଳନର ଚେତାବନୀ ପରେ ବିଭାଗର ନିଦ ଭାଙ୍ଗିଛି। ମାଟି କାଣ୍ଡି କରି ରାଜପଥକୁ ଅଟକାଯାଇଥିବା ବେଳେ ଜେସିବି ସାହାଯ୍ୟରେ ଉକ୍ତ ଦୁଇଟି ପୋଲରୁ ମାଟି ଉଠାଯାଇ ଗାଡି ଚଳାଚଳ ସ୍ୱାଭାବିକ କରାଯାଇଛି। ଫଳରେ କେବଳ ଦୁର୍ଘଟଣାକୁ ଏଡାଯାଇନାହିଁ ବରଂ ଟ୍ରାଫିକ ସମସ୍ୟାରୁ ଓ ବାରମ୍ବାର ଗାଡି ଜାମରୁରୁ ପୋଲିସକୁ ରକ୍ଷା ମିଳିଛି।

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS
असेसमेंट में, हम पर भरोसा रखता है भारत
In assessment, India trusts us
Scan to visit Website

**ସିଆର୍‌ପି ଆର୍‌ଆର୍‌ବିଏସ୍ XIII**
**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବିଏସ୍)ରେ ଅଫିସର୍ସ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟସ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା**

ୱେବ୍‌ସାଇଟ୍: www.ibps.in

କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in ରେ ଲଗ୍ ଇନ୍ କରନ୍ତୁ
ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟସ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ଆସନ୍ତା ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବିଏସ୍ XIII) ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ନିମ୍ନପ୍ରଦତ୍ତ ସମ୍ଭାବ୍ୟ ଅନୁସୂଚୀ ଅନୁଯାୟୀ ସଞ୍ଚାଳନ କରାଯିବ। ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍‌କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର, ୨୦୨୪ରେ ସଂଯୋଜିତ ହେବ।
ସିଆର୍‌ପି ଆର୍‌ଆର୍‌ବିଏସ୍ - XIII ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ଏବଂ ଆଇବିପିଏସ୍‌ର ପ୍ରାଧିକୃତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯାଇଥିବା ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ ଇଣ୍ଟିମେଶନ ଦେୟ ପୈଠ | ୦୭।୦୬।୨୦୨୪ରୁ ୨୭।୦୬।୨୦୨୪ |
| ପ୍ରାକ୍-ପରୀକ୍ଷା ତାଲିମ (ପିଇଟି) ସଞ୍ଚାଳନ ● | ୨୨।୦୭।୨୦୨୪ରୁ ୨୭।୦୭।୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ଅଗଷ୍ଟ/ସେପ୍ଟେମ୍ବର, ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ସେପ୍ଟେମ୍ବର/ଅକ୍ଟୋବର, ୨୦୨୪ |

● ପିଇଟି ଅନ୍‌ଲାଇନ୍ ପଦ୍ଧତି କିମ୍ବା ଶାରୀରିକ ପଦ୍ଧତିରେ ସଞ୍ଚାଳିତ କରାଯାଇପାରେ।
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୭।୦୬।୨୦୨୪ ନିର୍ଦ୍ଦେଶକ

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପୋଷ୍ଟ ନାମ | ଖାଲି ପଦବୀ | ସମାନ / ତୁଳନାତ୍ମକ ଗ୍ରେଡ୍ | ପ୍ରକାର |
|---|---|---|---|---|
| ବିଜ୍ଞାପନ ସଂ. CRPD/SCO/2024-25/01 | | | | |
| 1 | ଡିଫେନ୍ସ ବ୍ୟାଙ୍କିଙ୍ଗ୍ ଆଡଭାଇଜର (ଡିବିଏ) - ଏୟାର ଫୋର୍ସ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| 2 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ସିଡିବିଏ) - ବେଙ୍ଗାଲୁରୁ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| 3 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ସିଡିବିଏ) - ଚଣ୍ଡିଗଡ଼ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| ବିଜ୍ଞାପନ ସଂ. CRPD/SCO/2024-25/02 | | | | |
| 4 | ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ବିଶେଷଜ୍ଞ) | 9 | ଏମଏମଜିଏସ୍ II | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/03 | | | | |
| 5 | ରିସର୍ଚ୍ଚ ଆନାଲିଷ୍ଟ - ଫୋରେକ୍ସ | 1 | ଏମଏମଜିଏସ୍ III | ଚୁକ୍ତିନାମା |
| 6 | ରିସର୍ଚ୍ଚ ଆନାଲିଷ୍ଟ - ଇକ୍ୱିଟି | 2 | ଏମଏମଜିଏସ୍ III | ଚୁକ୍ତିନାମା |
| 7 | ରିସର୍ଚ୍ଚ ଆନାଲିଷ୍ଟ - ପ୍ରାଇଭେଟ ଇକ୍ୱିଟି | 2 | ଏମଏମଜିଏସ୍ III | ଚୁକ୍ତିନାମା |
| ବିଜ୍ଞାପନ ସଂ. CRPD/SCO/2024-25/04 | | | | |
| 8 | କ୍ଲାଇମେଟ୍ ରିସ୍କ ବିଶେଷଜ୍ଞ | 2 | ଏମଏମଜିଏସ୍ III | ନିୟମିତ |
| 9 | ମାର୍କେଟ୍ ରିସ୍କ ବିଶେଷଜ୍ଞ | 3 | ଏମଏମଜିଏସ୍ III | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/05 | | | | |
| 10 | ଟ୍ରେଡ୍ ଫାଇନାନ୍ସ ଅଧିକାରୀ (ଏମଏମଜିଏସ୍ II) | 150 | ଏମଏମଜିଏସ୍ II | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/06 | | | | |
| 11 | ବରିଷ୍ଠ ଉପାଧ୍ୟକ୍ଷ (ଇନଫ୍ରାଷ୍ଟ୍ରକଚର୍ ସୁରକ୍ଷା ଏବଂ ସ୍ୱତନ୍ତ୍ର ପ୍ରକଳ୍ପ) | 1 | ଟିଇଜିଏସ୍–VI | ଚୁକ୍ତିନାମା |
| 12 | ବରିଷ୍ଠ ଉପାଧ୍ୟକ୍ଷ (ସୂଚନା ସୁରକ୍ଷା କାର୍ଯ୍ୟ) | 1 | ଟିଇଜିଏସ୍–VI | ଚୁକ୍ତିନାମା |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 07.06.2024 ରୁ 27.06.2024 ପର୍ଯ୍ୟନ୍ତ ।**

ସ୍ଥାନ: ମୁମ୍ବାଇ
ତାରିଖ: 07.06.2024
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ବିଞ୍ଝାରପୁରରେ ଶୀତଳଷଷ୍ଠୀ ଉତ୍ସବ

**ବିଞ୍ଝାରପୁର,୧୧।୬(ରାମକୃଷ୍ଣ ଦାସ):**



ମହାଦେବଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।

ବିଞ୍ଝାରପୁର ବ୍ଲକ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଶୀତଳଷଷ୍ଠୀ ଅବସରରେ ମହାଦେବଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅରେଇସ୍ଥିତ ବାବା ବରୁଣେଶ୍ୱର କ୍ଷେତ୍ରରେ ପ୍ରାତଃ କାଳରୁ ସୂର୍ଯ୍ୟପୂଜା, ପାର୍ଶ୍ୱଦେବତା ପୂଜା, ମହାଦେବୀଙ୍କର ମଙ୍ଗନ କାର୍ଯ୍ୟ, ପରେ ମହାଦେବଙ୍କର ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମହାଦେବଙ୍କ ଶୋଭାଯାତ୍ରା ବାହାରିଥିଲା। ଏଥିରେ ହଜାର ହଜାର ଶିବଭକ୍ତ ଯୋଗଦେବା ସହିତ ଆତସବାଜୀରେ ସ୍ଥାନୀୟ ଅଞ୍ଚଳ କମ୍ପି ଉଠିଥିଲା। କାର୍ଯ୍ୟକ୍ରମରେ ଶୈଳପୁତ୍ରୀ ଦେବୀ ପାର୍ବତୀଙ୍କ ପିତା ଭାବରେ ବଟକୃଷ୍ଣ ନାୟକ ଓ ମହାଦେବଙ୍କର ପିତା ଗୋବିନ୍ଦ ଚନ୍ଦ୍ର ପରିଡା ଦାୟିତ୍ୱ ନିଭାଇଥିଲେ। ଉତ୍ସବକୁ ଜିତେନ୍ଦ୍ର ପ୍ରଧାନ, ରୋମିଓ ରୋପନ ରାଉତ, ଦୀପକ ସାହୁ, ତାରାକାନ୍ତ ମଲ୍ଲିକ, ପ୍ରାଣକୃଷ୍ଣ ନାୟକ, ବାବୁନି ରାଉତ, ଜଗନ୍ନାଥ ବରାଳ, ରବୀନ୍ଦ୍ର ପରିଡ଼ା, ଅରେଇ ସରପଞ୍ଚଙ୍କ ପ୍ରତିନିଧି ରାଧାଶ୍ୟାମ ନାୟକ, ଗୁହାଳି ସରପଞ୍ଚ କାର୍ତ୍ତିକ ଧଳ, ସଞ୍ଜିବ ଧଳ ଓ ଗୋବିନ୍ଦ ଯେନା ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ମାଁସଡାର ଖରିଆଶ୍ୱର ପୀଠ, କଲ୍ୟାଣେଶ୍ୱର ପୀଠ, କଲ୍ୟାଣପୁରରେ ବରୁଣେଶ୍ୱର ପୀଠରେ ମହାଦେବଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି।

Your classified advertisement published in Dharitri will be listed free in Dharitri online edition :
www.dharitri.com

# ଅଳକା ଖନନରେ ବଡ଼ ଦୁର୍ନୀତି

ଜଗତ୍‌ସିଂହପୁର, ୧୧।୬
(ପ୍ରମୋଦ କୁମାର ନାୟକ)



- ୧୭ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ ହୋଇଥିଲା
- ବର୍ଷାରେ କୃତ୍ରିମ ବନ୍ଧର ଅଧିକାଂଶ ଧୋଇଯିବା ଆଶଙ୍କା
- ବାର୍ଷିକ ୬୦୦ ଟନ୍ ମାଛ ଉତ୍ପାଦନ ଲକ୍ଷ୍ୟ ଆଶା ମଉଳିଲା

ମୃତ ଅଳକା (ନଦୀ)ର ଖନନ ପାଇଁ ୧୭ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ଅଳକା ଖନନ ସଫଳ ହେଲେ ଦୀର୍ଘ ବର୍ଷ ଧରି ଜଗତ୍‌ସିଂହପୁର ଜିଲାରେ ଲାଗି ରହିଥିବା ଜଳ ନିଷ୍କାସନ ସମସ୍ୟା ଦୂର ହୋଇପାରିବ। ଅନ୍ୟପଟେ ଅଳକା ପୁନରୁଦ୍ଧାର ହୋଇପାରିଲେ ୬ ବର୍ଷ ପୂର୍ବରୁ ରାଜ୍ୟ ସରକାର ଚିନ୍ତା କରିଥିବା ଯୋଜନା ସଫଳ ରୂପ ନେବା ଆଶା କରାଯାଉଥିଲା। ଅର୍ଥାତ୍ ଏଥିରେ ମତ୍ସ୍ୟ ଚାଷ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ସୃଷ୍ଟି ହେବ। କିନ୍ତୁ ବାସ୍ତବ କ୍ଷେତ୍ରରେ ଅଳକା ଖନନରେ ଦୁର୍ନୀତିର ଗନ୍ଧ ବାରି ହୋଇପଡ଼ିଛି। ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବ ଚିତ୍ର ପଦାକୁ ଆସିବ ବୋଲି ଦାବି ହେଉଛି।

ଦିନ ଥିଲା ଅଳକା ସୁନାବ୍ୟା, ସୁଗଭୀର ଥିଲା। ଏଥିରେ ଜାହାଜ ଯାତାୟାତ କରିପାରୁଥିଲା। ସମୟ ଚକ୍ରରେ ଅଳକା ତାର ସ୍ଥିତି ହଜାଇ ବସିଲା। ମୃତପ୍ରାୟ ଏହି ନଦୀ ଖନନ ପାଇଁ ସରକାରୀସ୍ତରରେ ଆନ୍ତରିକତା ପ୍ରକାଶ ପାଇଥିଲା। ୧୭ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ ହୋଇଥିଲା। ବୋରିକିନା ନିକଟ ଅଶିଲୋଠାରୁ ବୀରବରପାଟଣା ପର୍ଯ୍ୟନ୍ତ ୫୨.୩୯ କିଲୋମିଟର ଦୈର୍ଘ୍ୟବିଶିଷ୍ଟ ଏହି ମୃତ ନଦୀକୁ ୩ଟି ପର୍ଯ୍ୟାୟରେ ଭାଗ ଭାଗ କରି କାମ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପର୍ଯ୍ୟାୟକ୍ରମେ ଟିଏସି (ଟେକ୍‌ନିକାଲ ଆଡଭାଇଜରି କମିଟି), ପ୍ରଶାସନିକ ଅନୁମୋଦନ ପରେ ଟେଣ୍ଡର ହୋଇଥିଲା।

କିନ୍ତୁ ବାସ୍ତବ କ୍ଷେତ୍ରରେ ଅଳକା ଖନନ ଦିଗହରା ହୋଇଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଛନ୍ତି, ନାଁକୁ ମାତ୍ର ଅଳକା ଖନନ କରାଯାଇଛି। ଅନେକ ସ୍ଥାନରେ ଜମି ମାପ ଠିକ ଭାବେ କରାଯାଇ ପାରିନାହିଁ। ଯେଉଁଠି ପ୍ରଭାବଶାଳୀ ଲୋକଙ୍କ ଜମି ଅଛି ସେଠାରେ ନଦୀର ଦିଗ ବଦଳାଯିବା ସହ ସଙ୍କୁଚିତ କରାଯାଇଛି। ଅଳକା ଖନନ ସଂକ୍ରାନ୍ତରେ ଯୋଜନା ପ୍ରସ୍ତୁତ ହୋଇଥିବାବେଳେ ନଦୀ ବନ୍ଧ ନିର୍ମାଣ ପ୍ରସଙ୍ଗକୁ ବାଦ୍ ଦିଆଯାଇଥିଲା। ଏହାଦ୍ୱାରା ଠିକାଦାର ମେଶିନ ଦ୍ୱାରା ନଦୀ ଗର୍ଭରୁ ଖୋଳାଯାଉଥିବା ମାଟି, ବାଲି ଆଦି ଏହା ପାର୍ଶ୍ୱରେ ମନଇଚ୍ଛା ପକାଇ ଦେଉଥିଲେ। ଯଦିଓ ଅଧିକାଂଶ ସ୍ଥାନରେ ଏହା ଏକପ୍ରକାର ବନ୍ଧ ସୃଷ୍ଟି କରିଛି, କିନ୍ତୁ ତାହା ନୀଚା ଏବଂ ବାଲି, ପଙ୍କରେ ଭରା ଥିବାରୁ ଦୁର୍ବଳ ସ୍ଥିତିରେ ରହିଥିଲା। ଫଳରେ ଗତ ବର୍ଷାରେ କୃତ୍ରିମ ବନ୍ଧର ଅଧିକାଂଶ ସ୍ଥାନରେ ଘାଇ ସୃଷ୍ଟି ହେବା ସହ ମାଟି, ବାଲି ଆଦି ଧୋଇ ପୁଣି ଅଳକା ଗର୍ଭକୁ ଚାଲିଯାଇଥିଲା। ଆଗକୁ ବର୍ଷା ଆସୁଛି। ଏନେଇ ପୂର୍ବରୁ ଏହାର ସ୍ଥାୟୀ ପ୍ରତିକାର କରା ନ ଗଲେ କୃତ୍ରିମ ବନ୍ଧ ଲୋପ ପାଇ ଅଳକା ଯଥା ପୂର୍ବଂ ତଥା ପରଂ ସ୍ଥିତିକୁ ଚାଲିଆସିବ।

ଏ ସମ୍ପର୍କରେ ଆଉ କିଛି ଲୋକଙ୍କ କହିବା କଥା ହେଲା, ଅଳକା ଉପରେ ଜମି ମାଫିଆଙ୍କ ଲୋଲୁପଦୃଷ୍ଟି କାରଣରୁ ତାର ସ୍ୱରୂପ ବଦଳିଯାଇଥିଲା। ଏହାର ସମାଧାନ ପାଇଁ ରାଜ୍ୟ ସରକାର ୨୦୧୬ରେ ଚିନ୍ତା କରିଥିଲେ। ଜଳ ନିଷ୍କାସନ ସହ ବିଶେଷକରି ମୃତ ନଦୀ ଗର୍ଭରେ ମତ୍ସ୍ୟ ଚାଷ ପାଇଁ ଉକ୍ତ ବର୍ଷ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଡିପିଆର୍ (ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ କରାଯାଇଥିଲା। ୨୦୧୮ ଫେବୃଆରୀରେ କେନ୍ଦ୍ରୀୟ ଅନ୍ତଃସ୍ଥଳୀୟ ମତ୍ସ୍ୟ ଗବେଷଣା ସଂସ୍ଥା (ସିଆଇଏଫ୍‌ଆର୍‌ଆଇ) ପକ୍ଷରୁ ଏକ ଟିମ୍ ୪ ଦିନିଆ ଜଗତ୍‌ସିଂହପୁର ଗସ୍ତ କରି ଅନୁଧ୍ୟାନ କରିବା ସହ ଅନୁକୂଳ ମତ ଦେଇଥିଲେ। ସେତେବେଳେ ମୃତ ଅଳକାର ବିରିଡ଼ି, ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳରେ ସର୍ବେକ୍ଷଣ କରାଯାଇଥିଲା। ଯୋଜନା କାର୍ଯ୍ୟକାରୀ ହେଲେ ଜିଲାର ପାଖାପାଖି ୧୫୦ ହେକ୍ଟର ନଦୀ ଶଯ୍ୟାରେ ମୀନ ଖେଳିବ। ବାର୍ଷିକ ୬୦୦ ଟନ୍ ମାଛ ଉତ୍ପାଦନ ହୋଇପାରିବ, ଯାହାର ଆନୁମାନିକ ମୂଲ୍ୟ ୭ କୋଟିରୁ ଅଧିକ ଟଙ୍କା ହେବ ବୋଲି ଆଶା କରାଯାଉଥିଲା। ଏହାଦ୍ୱାରା ଶତାଧିକ ବେକାର ଯୁବକ ଏହାଦ୍ୱାରା ଆତ୍ମ ନିର୍ଭରଶୀଳ ହୋଇପାରିବେ। ସ୍ୱୟଂ ସହାୟକ ଗୋଷ୍ଠୀ ପିଏସ୍‌ସିଏସ୍ ଓ ଉଦ୍ୟୋଗୀମାନେ ଉପକୃତ ହୋଇପାରିବେ। ଜିଲା ପାଇଁ ଆବଶ୍ୟକ ମାଛ ପରିମାଣ କମିଯିବ। ଆଗକୁ ସରକାର ଅଧିକ ପରିମାଣ ଜମି ହାତକୁ ନେଇ ଜିଲା ବିକାଶରେ ସହାୟକ ହେବେ ବୋଲି କୁହାଯାଇଥିଲା। କିନ୍ତୁ ଏହି ଯୋଜନା ଅଧାରେ ଅଟକିଛି। ଦେଖାଯାଉ ସରକାର ଆଗାମୀ ଦିନରେ ଏହା ଉପରେ କି ପଦକ୍ଷେପ ନେଉଛନ୍ତି।

## ପାରେଶ୍ୱର ମନ୍ଦିର: ଦେବ ଦମ୍ପତିଙ୍କ ବିବାହ

ପାରାଦୀପ, ୧୧।୬
(ଶରତ ରାଉତ)



ପାରାଦୀପ ବଡ଼ପଡ଼ିଆସ୍ଥିତ ଶାରଳା ମନ୍ଦିର ପରିସରରେ ଥିବା ପାରେଶ୍ୱର ମନ୍ଦିରରେ ମଙ୍ଗଳବାର ସନ୍ଧ୍ୟାରେ ଦେବ ଦମ୍ପତି ଶିବପାର୍ବତୀଙ୍କ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୀତଳଷଷ୍ଠୀ ଉପଲକ୍ଷେ ଆୟୋଜିତ ଏହି ବିବାହରେ ବରପକ୍ଷ ଭାବେ ଶରତ କୁମାର ବରାଳ ଓ କନ୍ୟାପକ୍ଷ ଭାବେ ମନୋଜ କୁମାର ମହାନ୍ତି ଦାୟିତ୍ୱ ନିର୍ବାହ କରିଥିଲେ। ସାଧାରଣ ବିବାହ ଭଳି ବରଯାତ୍ରୀ ଯାଇ ପହଞ୍ଚି ଥିଲେ। ପରେ ରୀତିନୀତି ଅନୁଯାୟୀ ବିବାହ ସମ୍ପନ୍ନ ହୋଇଥିଲା। ସେହି ସ୍ଥାନରେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।




## ସଂଯୋଗୀକରଣ ରାସ୍ତା ଉଦ୍‌ଘାଟନ



ନବନିର୍ମିତ ରାସ୍ତା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଓ ଅନ୍ୟମାନେ।

ପାରାଦୀପ, ୧୧।୬(ଶରତ ରାଉତ)

**ପୋର୍ଟ ଟାଉନଶିପ୍‌ରୁ ରାଜ୍ୟ ଓ ଜାତୀୟ ରାଜପଥ ସହ ସଂଯୋଗ କରୁଛି**

ପାରାଦୀପ ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ନବ ନିର୍ମିତ ୪ ଲେନ ରାସ୍ତାକୁ ମଙ୍ଗଳବାର ଉଦ୍‌ଘାଟନ କରାଯାଇଛି। ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ରାସ୍ତା ପୋର୍ଟ ଟାଉନଶିପରୁ ରାଜ୍ୟ ଓ ଜାତୀୟ ରାଜପଥ ସହ ସଂଯୋଗ କରୁଛି। ପୂର୍ବରୁ ପାରାଦୀପ ସହରକୁ ପ୍ରବେଶ ପ୍ରସ୍ଥାନ ପାଇଁ ମାତ୍ର ଗୋଟିଏ ରାସ୍ତା ଥିଲା। ଏହାଦ୍ୱାରା ଅସୁବିଧା ସମୟରେ ବିପଦ ସୃଷ୍ଟି ହେବ ବୋଲି ପ୍ରାୟତଃ ଆଲୋଚନା ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପ୍ରଶାସନ ଅଠରବାଙ୍କିଠାରେ ଦ୍ୱିତୀୟ ଓଭରବ୍ରିଜ ଓ ସଂଯୋଗ ରାସ୍ତା କରିଛନ୍ତି। ଏହା କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖ ଦେଇ ଅଠରବାଙ୍କି ପର୍ଯ୍ୟନ୍ତ ଯାଇଛି। ଏହି ରାସ୍ତା ସମସ୍ତଙ୍କ ପାଇଁ ସହଜ ହେବ ବୋଲି ହାରାନ୍ଧ କହିଥିଲେ।

## ଦେବଦମ୍ପତିଙ୍କ ବିବାହ ଉତ୍ସବ

କୁଜଙ୍ଗ, ୧୧।୬(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ସୋମବାର ମଧ୍ୟରାତ୍ରିରେ ଦେବଦମ୍ପତି ମହାଦେବ କଣ୍ଟକେଶ୍ୱର ଓ ଜଗତଜନନୀ ମା'ଭବନୀଙ୍କ ବିବାହ ଉତ୍ସବ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ବରପକ୍ଷ ଭାବେ ପାଟପୁର ପଞ୍ଚାୟତ ତେନ୍ତୁଳିଆ ଗ୍ରାମର ପ୍ରମୋଦ ମିଶ୍ରଙ୍କ ପୁଅ ସୌମ୍ୟ ସନ୍ଦୀପ ମିଶ୍ର ଓ କନ୍ୟା ପକ୍ଷ ଭାବେ ଆରଖିଆ(ତେଣ୍ଟେଇକୁଦ) ଗ୍ରାମର କେଶବ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ପରମ୍ପରା ଅନୁଯାୟୀ ତେନ୍ତୁଳିଆ କଣ୍ଟେକେଶ୍ୱର ମହାଦେବ ରୋଶଣି କରି ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହ ଅରଖିଆଠାରେ କନ୍ୟା ପକ୍ଷଙ୍କ ଘରେ ପହଞ୍ଚିଥିଲେ। ସେଠାରେ ମହାଦେବଙ୍କ ପୂଜାର୍ଚ୍ଚନା କରାଯାଇ କଣ୍ଟକେଶର ମହାଦେବ ଓ ମା'ଭବନୀଙ୍କୁ ରୋଶଣିରେ ଭକ୍ତମାନେ ଆଣି ମନ୍ଦିର ପରିସରରେ ପହଞ୍ଚିଥିଲେ। ମାହେନ୍ଦ୍ର ମୁହୂର୍ତ୍ତରେ ପଣ୍ଡିତଙ୍କ ମନ୍ତ୍ର ପାଠ ସହ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଲକ୍ଷ୍ମୀନାରାୟଣ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ବିବାହ ଉତ୍ସବକୁ ଟ୍ରଷ୍ଟର ସଭାପତି ଭରତ ଚରଣ ସ୍ୱାଇଁ, ସମ୍ପାଦକ ଇନ୍ଦ୍ରମଣି ସ୍ୱାଇଁ, ଗ୍ରାମ ମୁରବି ଅଜୟ ମହାପାତ୍ର, ବୈକୁଣ୍ଠ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି କୁଜଙ୍ଗ ଜଗନ୍ନାଥପୁର ନାଥସାହିସ୍ଥିତ ବାବା ଚମ୍ପକେଶ୍ୱର ମହାଦେବ ପୀଠରେ ଶୀତଳଷଷ୍ଠୀ ଅବସରରେ ଶିବ ପାର୍ବତୀ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିଲା। କର୍ତ୍ତାକର୍ତ୍ତ୍ରୀ ଭାବେ ଅରୁଣ କୁମାର ନାଥ ଓ ସୁପ୍ରଭା ନାଥ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅକ୍ଷୟ ନାଥ, ଅଶୋକ ନାଥ ଓ ରବୀନ୍ଦ୍ର ନାଥ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

**ST. XAVIER INTERNATIONAL SCHOOL**
(AFFILIATED TO CENTRAL BOARD OF SECONDARY EDUCATION)
BHUBANESWAR
E-mail:xavierinternationalschool@gmail.com, website:stxavierinternationalschool.com

**WALK-IN-INTERVIEW**

• Vice Principal • Administrator • PGT/TGT - (Physics, Chemistry, English, Science, Mathematics, SST & Computer) • Language: (Odia/Hindi/Sanskrit) • Primary Teacher (40 Nos.) • Special Educator • Art & Craft Teacher • PET/Sports Coach • Front Desk Executive • Academic Counselors • Manager-IT • PRO • Sr. Manager (Marketing & PR) • Manager (Marketing- 30 Nos. District wise) • Manager (Admin.) • Manager (F&B) • Asst. Manager (F&B) • Digital Team • Graphics Designer • DTP Operator • Transport Incharge (Male) • Accounts Officer/Asst. • House Keeping Supervisor • Driver (LMV/HMV).

Interested candidates can attend the WALK-IN- INTERVIEW
On 15th, 16th, 17th, 18th, 22nd & 23rd June 2024
between 9:00 AM to 4:00 PM
at ST. XAVIER INTERNATIONAL SCHOOL
Nandankanan Main Road, Patia, Adjacent to Aryabhumi Complex, Chandrasekharpur, Bhubaneswar.

Candidates can also send their CV by post to:
12 Janpath, Satyanagar, Bhubaneswar-751007, Odisha
or E-mail to: hrsxis@gmail.com

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Female Nurses and Receptionists with Computer Knowledge in Rasulgarh, Bhubaneswar. Freshers can also apply
Contact 8339966999

**WANTED TEACHERS**
Required TEACHERS immediately for a reputed English Medium School at Delang, Puri.
Salary negotiable.
Mob.: 9337331411
9776948016

## ଗ୍ରାମେଶ୍ୱର ମହାଦେବ: ଦେବ ଦମ୍ପତିଙ୍କ ନଗର ପରିକ୍ରମା

ଏରସମା, ୧୧।୬(ଦୀପ୍ତି ଖଣ୍ଡୁଆଳ)



ଜଗତ୍‌ସିଂହପୁର ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଏରସମା ବ୍ଲକ ଅନ୍ତର୍ଗତ ନାରଦିଆ ପଞ୍ଚାୟତସ୍ଥିତ ପଞ୍ଚପଲ୍ଲୀ ଗ୍ରାମେଶ୍ୱର ମହାଦେବଙ୍କର ବିବାହ ସମାପନ ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ, ମଙ୍ଗଳବାର ଦେବଦମ୍ପତି ନଗର ପରିକ୍ରମା କରିଥିଲେ। ପୂଜାର୍ଚ୍ଚନା ପରେ ପ୍ରଭୁ ଗ୍ରାମେଶ୍ୱର ଓ ମା'ପାର୍ବତୀଙ୍କ ବିଗ୍ରହକୁ ଏକ ସୁସଜ୍ଜିତ ପାଲିଙ୍କିରେ ମନ୍ଦିରରୁ ଗୋବିନ୍ଦପୁର ଗରମସ୍ଥିତ ନାରାୟଣୀ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା। ଦେବଦମ୍ପତିଙ୍କ ନଗର ଶୋଭାଯାତ୍ରାରେ ଅଘୋରୀ ନୃତ୍ୟ, ଝୁମୁରୀ ନୃତ୍ୟ, ଆଦିବାସୀ ନୃତ୍ୟ, ପଞ୍ଜାବୀ ବାଦ୍ୟ ନୃତ୍ୟ ଓ ବାଘ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ପଞ୍ଚପଲ୍ଲୀ ସମେତ ସ୍ଥାନୀୟ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଦେବଦମ୍ପତିଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଶୀତଳ ଷଷ୍ଠୀ ପରିଚାଳନା କମିଟି ପକ୍ଷରୁ ସଭାପତି ନାରାୟଣ ମହାନ୍ତି, ସମ୍ପାଦକ ଯୁଗଜ୍ୟୋତି ମହାନ୍ତି, କୋଷାଧ୍ୟକ୍ଷ ସୁଜିତ ମହାନ୍ତି, ଶିବାନନ୍ଦ ମିଶ୍ର, ସିମାଇ ଭୋଳ, ଜନ୍ମେଜୟ ନାୟକ, ପ୍ରକାଶ ମୁଦୁଲି, ବାବୁନୀ ବାରିକ, ରମ୍ୟ ରଞ୍ଜନ ରାମ, ଅମିୟ ମହାନ୍ତି, ପ୍ରଶାନ୍ତ ରାମ ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଭ୍ୟ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏରସମା ଥାନା ଏସ୍‌ଆଇ ବିଭୂତି ଭୂଷଣ ବିଶ୍ୱାଳ ସଦଳବଳ ଉପସ୍ଥିତ ଥିଲେ।

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिजर्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to visit Website

**ସିଆର୍‌ପି ଆର୍‌ଆର୍‌ବିଏସ୍ XIII**
**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବିଏସ୍)ରେ ଅଫିସର୍ସ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟସ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା**

ୱେବ୍‌ସାଇଟ୍: www.ibps.in

କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in ରେ ଲଗ୍ ଇନ୍ କରନ୍ତୁ
ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟସ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ଆସନ୍ତା ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବିଏସ୍ XIII) ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ନିମ୍ନପ୍ରଦତ୍ତ ସମ୍ଭାବ୍ୟ ଅନୁସୂଚୀ ଅନୁଯାୟୀ ସଞ୍ଚାଳନ କରାଯିବ। ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍‌କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର, ୨୦୨୪ରେ ସଂଯୋଜିତ ହେବ।
ସିଆର୍‌ପି ଆର୍‌ଆର୍‌ବିଏସ୍ - XIII ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ଏବଂ ଆଇବିପିଏସ୍‌ର ପ୍ରାଧିକୃତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯାଇଥିବା ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ ଇଣ୍ଟିମେଶନ ଦେୟ ପୈଠ | ୦୭।୦୬।୨୦୨୪ରୁ ୨୭।୦୬।୨୦୨୪ |
| ପ୍ରାକ୍-ପରୀକ୍ଷା ତାଲିମ (ପିଇଟି) ସଞ୍ଚାଳନ ● | ୨୨।୦୭।୨୦୨୪ରୁ ୨୭।୦୭।୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ଅଗଷ୍ଟ/ସେପ୍ଟେମ୍ବର, ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ସେପ୍ଟେମ୍ବର/ଅକ୍ଟୋବର, ୨୦୨୪ |

● ପିଇଟି ଅନ୍‌ଲାଇନ୍ ପଦ୍ଧତି କିମ୍ବା ଶାରୀରିକ ପଦ୍ଧତିରେ ସଞ୍ଚାଳିତ କରାଯାଇପାରେ।
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୦୭।୦୬।୨୦୨୪ — ନିର୍ଦ୍ଦେଶକ

## ରଜ ପର୍ବର ମଜା କେବଳ ଗାଁ ଗହଳିରେ ମିଳେ

କୁଜଙ୍ଗ, ୧୧।୬( ମନୋଜ ପ୍ରଧାନ)

**ପାରାଦୀପଗଡ଼ ରଜ ମହୋତ୍ସବ**

ଓଡ଼ିଶାର ଗଣପର୍ବ ରଜ ପର୍ବର ପରମ୍ପରା, ସଂସ୍କୃତି ଓ ତାତ୍ପର୍ଯ୍ୟକୁ ଗାଁ ଗହଳରେ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପଗଡ ପଞ୍ଚାୟତ ପକ୍ଷରୁ ପ୍ରତିବର୍ଷ ଭଳି ରଜ ମହୋତ୍ସବ ପାଳିତ ହେଉଛି। ସାତଦିନ ଧରି ଆୟୋଜିତ ଏହି ଉତ୍ସବକୁ ସୋମବାର କୁଜଙ୍ଗ ବିଡିଓ ଦୀପକପ୍ରସାଦ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ରଜ ମହୋତ୍ସବ କମିଟି ସଭାପତି ଆଇନଜୀବୀ ସଞ୍ଜୟ ବେହେରା ଏଥିରେ ଅଧ୍ୟକ୍ଷତା କରି କହିଥିଲେ, ରଜ ପର୍ବର ମଜା କେବଳ ଗାଁ ଗହଳିରେ ମିଳେ। ଏହି ପର୍ବ ତା'ର ଝଲକ ହରାଇବାକୁ ବସିଥିବା ବେଳେ ପାରାଦୀପଗଡ଼ ପଞ୍ଚାୟତ ଏଭଳି ମହୋତ୍ସବ ଆୟୋଜନ କରି ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିଛି। ସରପଞ୍ଚ ସସ୍ମିତା ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଆର୍ସେଲର ମିତ୍ତଲ ନିପନ ଷ୍ଟିଲର ମାନବ ସମ୍ବଳ ଅଧିକାରୀ ସୁନିଲ ଦାସ ଓ ନାଟ୍ୟ କଳାକାର ଦେବୀ ପ୍ରସାଦ ରଥ ଯୋଗଦେଇ ଅନୁଷ୍ଠାନର ଶୁଭ କାମନା କରିଥିଲେ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ଯୋଗଦେଇ ପାରମ୍ପରିକ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଛଅ ପଞ୍ଚାୟତର ମହିଳା ଓ ଝିଅଙ୍କ ମଧ୍ୟରେ ପୁଚି, ଝୋଟି, କାନ୍ଦଣା, ଗୀତ, ନାଚ, ରଜ ରାଣୀ, ରଜ ଭାଉଜ, କବିତା ପାଠୋତ୍ସବ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଦ୍ୱିତୀୟ ଦିନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ରଜ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**SBI**
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପୋଷ୍ଟ ନାମ | ଖାଲି ପଦବୀ | ସମାନ / ତୁଳନାତ୍ମକ ଗ୍ରେଡ୍ | ପ୍ରକାର |
|---|---|---|---|---|
| | ବିଜ୍ଞାପନ ସଂ. CRPD/SCO/2024-25/01 | | | |
| 1 | ଡିଫେନ୍ସ ବ୍ୟାଙ୍କିଙ୍ଗ୍ ଆଡଭାଇଜର (ଡିବିଏ) - ଏୟାର ଫୋର୍ସ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| 2 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ସିଡିବିଏ) - ବେଙ୍ଗାଲୁରୁ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| 3 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ସିଡିବିଏ) - ଚଣ୍ଡିଗଡ଼ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| | ବିଜ୍ଞାପନ ସଂ. CRPD/SCO/2024-25/02 | | | |
| 4 | ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ବିଶେଷଜ୍ଞ) | 9 | ଏମଏମଜିଏସ୍ II | ନିୟମିତ |
| | ବିଜ୍ଞାପନ ସଂ. CRPD/SCO/2024-25/03 | | | |
| 5 | ରିସର୍ଚ ଆନାଲିଷ୍ଟ - ଫୋରେକ୍ସ | 1 | ଏମଏମଜିଏସ୍ III | ଚୁକ୍ତିନାମା |
| 6 | ରିସର୍ଚ ଆନାଲିଷ୍ଟ - ଇକ୍ୱିଟି | 2 | ଏମଏମଜିଏସ୍ III | ଚୁକ୍ତିନାମା |
| 7 | ରିସର୍ଚ ଆନାଲିଷ୍ଟ - ପ୍ରାଇଭେଟ ଇକ୍ୱିଟି | 2 | ଏମଏମଜିଏସ୍ III | ଚୁକ୍ତିନାମା |
| | ବିଜ୍ଞାପନ ସଂ. CRPD/SCO/2024-25/04 | | | |
| 8 | କ୍ଲାଇମେଟ୍ ରିସ୍କ ବିଶେଷଜ୍ଞ | 2 | ଏମଏମଜିଏସ୍ III | ନିୟମିତ |
| 9 | ମାର୍କେଟ୍ ରିସ୍କ ବିଶେଷଜ୍ଞ | 3 | ଏମଏମଜିଏସ୍ III | ନିୟମିତ |
| | ବିଜ୍ଞାପନ ସଂ. CRPD/SCO/2024-25/05 | | | |
| 10 | ଟ୍ରେଡ୍ ଫାଇନାନ୍ସ ଅଧିକାରୀ (ଏମଏମଜିଏସ୍ II) | 150 | ଏମଏମଜିଏସ୍ II | ନିୟମିତ |
| | ବିଜ୍ଞାପନ ସଂ. CRPD/SCO/2024-25/06 | | | |
| 11 | ବରିଷ୍ଠ ଉପାଧ୍ୟକ୍ଷ (ଇନଫ୍ରାଷ୍ଟ୍ରକଚର୍ ସୁରକ୍ଷା ଏବଂ ସ୍ୱତନ୍ତ୍ର ପ୍ରକଳ୍ପ) | 1 | ଟିଇଜିଏସ୍–VI | ଚୁକ୍ତିନାମା |
| 12 | ବରିଷ୍ଠ ଉପାଧ୍ୟକ୍ଷ (ସୂଚନା ସୁରକ୍ଷା କାର୍ଯ୍ୟ) | 1 | ଟିଇଜିଏସ୍–VI | ଚୁକ୍ତିନାମା |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 07.06.2024 ରୁ 27.06.2024 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 07.06.2024
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

Your classified advertisement published in Dharitri will be listed free in Dharitri online edition :
www.dharitri.com

**ଆଜି ଦଶପଲ୍ଲାକୁ ସ୍ୱତନ୍ତ୍ର ଟ୍ରେନ**

ନୟାଗଡ଼,(ଲୋକନାଥ ମିଶ୍ର):ଜୁନ୍ ୧୨ ଅର୍ଥାତ୍ ବୁଧବାର କେବଳ ଦଶପଲ୍ଲାରୁ ଭୁବନେଶ୍ୱର ମଧରେ ଆଉ ଏକ ନୂତନ ମେମୁ ଟ୍ରେନ ଗଡ଼ିବ। ଏନେଇ ରେଳବାଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୨ରେ ନୂତନ ମୁଖ୍ୟମନ୍ତ୍ରୀ ଶପଥ ନେଉଥିବାରୁ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବାକୁ ଲୋକଙ୍କ ସୁବିଧା ପାଇଁ ଏହି ଟ୍ରେନ ଚଳାଚଳର ବ୍ୟବସ୍ଥା ହୋଇଥିବା ଆଲୋଚନା ହେଉଛି। ତେବେ କେବଳ ଗୋଟିଏ ଦିନ ପାଇଁ କାହିଁକି ଟ୍ରେନ ଚଳାଚଳ କରିବ ସେନେଇ କୌଣସି ସୂଚନା ସରକାରୀ ଭାବେ ନାହିଁ।

# ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି

ନୟାଗଡ,୧୧।୬(ଲୋକନାଥ ମିଶ୍ର):

ବିପର୍ଯ୍ୟୟକୁ ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟ ସମୟରେ ପ୍ରସ୍ତୁତି ଏବଂ ପରେ ବିଭିନ୍ନ ବିଭାଗ ଦ୍ୱାରା କିପରି ଉଦ୍ଧାର କାର୍ଯ୍ୟ କରାଯିବ ସେ ସମ୍ପର୍କରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଟେବୁଲ ଟପ୍ ଅଭ୍ୟାସ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଅତିରିକ୍ତ ଜିଲାପାଳ(ରାଜସ୍ୱ) ଦିଲୀପ କୁମାର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲା ଜରୁରୀକାଳୀନ ଅଧିକାରୀ ତାପତୀ ରାଜ୍, ଜିଲା ପ୍ରକଳ୍ପ ଅଧିକାରୀ(ଓସ୍‌ଡମା) ଅଶୋକ ରଥ, ଜିଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ନୌସଦ୍ ଅଲ୍ଲୀ ଖାଁ ଯୋଗ ଦେଇ ଟେବୁଲ ଟପ୍ ବୈଠକ ଉପରେ ଟିପ୍ପଣୀ ଦେଇଥିଲେ। ବିପର୍ଯ୍ୟୟ ସମୟରେ ସମସ୍ତ ବିଭାଗ ମଧ୍ୟରେ ଆନ୍ତଃବିଭାଗୀୟ ସମନ୍ୱୟ ରକ୍ଷା କରି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲାରେ ଆପଦ ମିତ୍ର, ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କମିଟି ସଭ୍ୟ, ପି.ଆର.ଆଇ ମେମ୍ବର, ମିଶନ ଶକ୍ତିର ସଭ୍ୟାମାନଙ୍କୁ ନେଇ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ରଖାଯାଇଛି । ସେହିପରି ବିଦ୍ୟାଳୟର ଶିକ୍ଷକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ,ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ ଅଧିକାରୀ, ଆଶାକର୍ମୀମାନେ ମଧ୍ୟ ବିପର୍ଯ୍ୟୟ ସମୟରେ ଉପସ୍ଥିତ ରହି ସହଯୋଗ କରିବେ । ଏନେଇ ଚଳିତ ମାସ ୧୭ରେ ଆମ ଜିଲାର ସମସ୍ତ ବ୍ଲକରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ । ୧୮ରେ ଜିଲାସ୍ତରରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଘଟିକା ମଧ୍ୟରେ ଏବଂ ବ୍ଲକସ୍ତରରେ ଅପରାହ୍ନ ୩ଟାଠାରୁ ୫ଟା ମଧ୍ୟରେ ଟେବୁଲ ଟପ୍ ପ୍ରୟୋଗାତ୍ମକ ଅଭ୍ୟାସ କରାଯିବ । ୧୯ରେ ଜିଲାର ୧୭ଟି ବାତ୍ୟା ଆଶ୍ରୟ ସ୍ଥଳୀରେ ଉଦ୍ଧାର କାର୍ଯ୍ୟର ମକ୍‌ଡ୍ରିଲ ଅଗ୍ନିଶମ ବିଭାଗ ଦ୍ୱାରା କରାଯିବା ପାଇଁ ସ୍ଥିର କରାଗଲା । ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟ ସମୟରେ ପ୍ରସ୍ତୁତି ଏବଂ ବିପର୍ଯ୍ୟୟ ପରେ ବିଭିନ୍ନ ବିଭାଗ ଦ୍ୱାରା କିପରି ଉଦ୍ଧାର କାର୍ଯ୍ୟ କରିବେ ସେ ସମ୍ପର୍କରେ ପିପିଟି ମାଧ୍ୟମରେ ସୂଚନା ଦେବା ପାଇଁ ପରାମର୍ଶ ଦେଇଥିଲେ । ଉପଜିଲାପାଳ କହିଥିଲେ ବିପର୍ଯ୍ୟୟରେ ସମସ୍ତଙ୍କ ମିଳିତ ସହଯୋଗ ରହିଲେ ଆମେ ଏହାର ମୁକାବିଲାରେ ସଫଳ ହୋଇପାରିବା । ଉପଜିଲାପାଳଙ୍କ ସୂଚନା ଅନୁସାରେ ବିପର୍ଯ୍ୟୟର ସୂଚନା ପାଇଲା ପରେ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ବୃଦ୍ଧ,ଗର୍ଭବତୀ ମହିଳା ଏବଂ ଶିଶୁମାନଙ୍କ ଏକ ତାଲିକା ଆଶା ଓ ଅଙ୍ଗନବାଡ଼ି କର୍ମୀମାନେ ପ୍ରସ୍ତୁତ କରି ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଇବେ । ଏହା ପରେ ଜଳସେଚନ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ଜନସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ, କୃଷି, ପ୍ରାଣୀ ଚିକିତ୍ସା, ଅଗ୍ନିଶମ, ଉଦ୍ୟାନକୃଷି, ମତ୍ସ୍ୟ, ଖାଦ୍ୟ ଯୋଗାଣ, ପରିବହନ , ଜଙ୍ଗଲ ଆଦି ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା । ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ମଧ୍ୟରେ ହାମ୍‌ସର ସମ୍ପାଦକ ବିଜୟ ମହାପାତ୍ର, ଦହିଖାଇ ଯୁବକସଂଘ, ଲୋଧାଚୁଆ, ରଣପୁରର ସମ୍ପାଦକ ହୃଷିକେଶ ନାୟକ ଉପସ୍ଥିତ ରହି ନିଜର ମତାମତ ଗୃହରେ ଉପସ୍ଥାପନ କରିଥିଲେ। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ନିମନ୍ତେ ଆୟ ଉପରେ ଅତିରିକ୍ତ ଜିଲାପାଳ ଗୁରୁତ୍ୱ ଆରୋପ କରିଥିଲେ ।



ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ।

## ଶ୍ରୀ ଜଗନ୍ନାଥଙ୍କ ଦାରୁ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

ଖଣ୍ଡପଡ଼ା,୧୧।୬(ଅଜୟ କୁମାର ମହାରଣା)

ସୋମବାର ନୀଳମାଧବଜୀଉଙ୍କ ପାର୍ଶ୍ୱ ଠାକୁର ଶ୍ରୀ ଜଗନ୍ନାଥଙ୍କ ଦାରୁପୀଠ ବଳରାମ ପ୍ରସାଦଠାରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବଳରାମପ୍ରସାଦ ସଡ଼କ ନୂଆସାହି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ଦ୍ୱାରା ନଗରକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ, ନୀଳମାଧବଙ୍କ କ୍ଷେତ୍ରରେ ବିରାଜିତ ସୁଦର୍ଶନ, ବଳଭଦ୍ର, ମା' ସୁଭଦ୍ରା ଓ କାଳିଆ ଠାକୁରଙ୍କ ବିଗ୍ରହ ପରିବର୍ତ୍ତନ ପାଇଁ ବନଯାଗ ଓ ଦାରୁ ଛେଦନ ପ୍ରକ୍ରିୟା ୨୦୧୫ ମେ ୨୦ରୁ ଆରମ୍ଭ ହୋଇଥିଲା । ଏଥିପାଇଁ ବନଯାଗୀ ଦଳ ମହାପ୍ରଭୁଙ୍କ ଆଜ୍ଞା ମାଳ ଧରି ୨୦୧୫ ମେ ୨୨ ଆଜିର ତିଥିରେ ବଳରାମପ୍ରସାଦ ଗ୍ରାମରେ ପହଁଞ୍ଚି ଚିହ୍ନଟ ହୋଇଥିବା ଦାରୁ ସ୍ଥଳରେ ପୂଜାର୍ଚ୍ଚନା ସହିତ ଭୂମି ଶୋଧନ, ଯଜ୍ଞକର୍ମ କରିଥିଲେ । ବନଯାଗ ଦଳର ଦଳପତି ବାଇଧର ମିଶ୍ରଙ୍କ ସମେତ ସମସ୍ତ ବନଯାଗି ଦଳର ସଦସ୍ୟ ଓ ବେଦଜ୍ଞ ପଣ୍ଡିତ ପ୍ରମୁଖ ଦାରୁ ସ୍ଥଳରେ ଗୁପ୍ତ ନୀତି ସମ୍ପନ୍ନ କରିଥିଲେ । ପରେ ଦାରୁ ଛେଦନ କାର୍ଯ୍ୟ ସଂପନ୍ନ ହୋଇଥିଲା । ଏଣୁ ଆଜିର ଏହି ପବିତ୍ର ଦିନକୁ ସଂପୃକ୍ତ ଗ୍ରାମବାସୀ ପାରମ୍ପରିକ ରୀତିରେ ପାଳନ କରୁଛନ୍ତି ।




# ଓଡ଼ଗାଁ କ୍ରିକେଟ୍ ଲିଗ୍ ଉଦ୍‌ଘାଟିତ



ଓଡ଼ଗାଁ କ୍ରିକେଟ ଲିଗ୍ ଉଦ୍‌ଘାଟନ ଅବସରରେ ଆୟୋଜିତ ମଶାଲ ଶୋଭାଯାତ୍ରା ।

ଓଡ଼ଗାଁ,୧୧।୬(ଆଦର୍ଶ କୁମାର ପଟ୍ଟନାୟକ ): ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ଆୟୋଜିତ ୧୫ତମ ଓଡ଼ଗାଁ କ୍ରିକେଟ ଲିଗ୍(ଓସିଏଲ)ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ସୁଧାଂଶୁ ବେହେରା ଯୋଗଦେଇ ଯୁବ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିବା ବେଳେ ଲିଗ୍ ମ୍ୟାଚରେ ଭାଗନେଇଥିବା ଓଡ଼ଗାଁର ୨୩ଟି ଦଳର ଦଳପତି ଏବଂ ଖେଳାଳିମାନେ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚରେ ସ୍ୱାଇଲ ଇଲେଭେନ ଏବଂ ଇଲେଭେନ ପାନ୍ଥର ମଧ୍ୟରେ ମୁକାବିଲା ହୋଇଥିଲା । ସ୍ୱାଇଲ ଇଲେଭେନ ଟସ୍ ଜିତି ୧୦ ଓଭରରେ ୧୦୩ ରନ କରିଥିବା ବେଳେ ଇଲେଭେନ ପାନ୍ଥର ୧୦ ଓଭରରେ ୭୫ ରନ କରି ୨୯ରନ୍‌ରେ ପରାଜୟ ବରଣ କରିଥିଲା । ସେହିପରି ଦ୍ୱିତୀୟ ମ୍ୟାଚ ରୟାଲ କିଙ୍ଗ୍ ଓ ଗ୍ରୀନ୍ ହଣ୍ଟର ମଧ୍ୟରେ ଖେଳାଯାଇଥିଲା । ଗ୍ରୀନ୍ ହଣ୍ଟର ଟସ୍ ଜିତି ବୋଲିଂ କରିଥିବା ବେଳେ ରୟାଲ କିଙ୍ଗ୍ ୧୦ ଓଭରରେ ୮୭ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ । ଜବାବ୍‌ରେ ଗ୍ରୀନ୍ ହଣ୍ଟର ୭ ଓଭରରେ ମାତ୍ର ୪୫ ରନ ସଂଗ୍ରହ କରି ଅଲ୍ ଆଉଟ୍ ହୋଇଥିଲା । ଫଳରେ ରୟାଲ କିଙ୍ଗ୍ ୪୨ ରନରେ ବିଜୟ ହାସଲ କରିଥିଲେ । ଚଳିତବର୍ଷ ୨୩ ଦଳ ୨୨ ମ୍ୟାଚ ଖେଳିବାକୁ ସ୍ଥିର ହୋଇଥିବା ଆଜିର ମ୍ୟାଚକୁ ମିଥୁନ, ସୌରଭ, ଉମାକାନ୍ତ, ରାମେଶ୍ୱର, ଶିବାନୀ, ଶୁଭ, ଦିଗବିଜୟୀ, ଦେବାଶିଷ, ବାଦଲ ପ୍ରମୁଖ ପରିଚାଳନା କରିଥିଲେ । ଆଜିର ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରଠାରୁ ଆସୋସିଏଶନ ସଦସ୍ୟ ଓ ୨୫୦ରୁ ଊର୍ଦ୍ଧ୍ୱ ଖେଳାଳି ଓ ଖେଳ ପ୍ରେମୀମାନେ ମଶାଲ ଶୋଭାଯାତ୍ରାରେ ବାହାରି ମିନି ଷ୍ଟାଡିୟମରେ ପହଞ୍ଚିବା ପରେ ସମ୍ପାଦକ ଦିବାକର ନାୟକ ଖେଳାଳୀଙ୍କଠାରୁ ମଶାଲ ଗ୍ରହଣ କରି ପଡ଼ିଆରେ ସ୍ଥାପନ କରିଥିଲେ ।

## ସୁନ୍ଦରକାଣ୍ଡ ପାଠ, ପ୍ରବଚନ ଜ୍ଞାନଯଜ୍ଞ ଉଦଯାପିତ

ଓଡ଼ଗାଁ,୧୧।୬(ଆଦର୍ଶ କୁମାର ପଟ୍ଟନାୟକ):ଓଡ଼ଗାଁ ଏନ୍‌ଏସିର ଦଳକଠାରେ ମା' ଗୟଳ ସିଂହ ମନ୍ଦିର ପରିସରରେ ପଞ୍ଚ ଦିବସୀୟ ଶ୍ରୀହନୁମାନ ଚାଳିଶା ଓ ସୁନ୍ଦରକାଣ୍ଡ ପାଠ, ପ୍ରବଚନ ଜ୍ଞାନଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବ୍ୟାସ ଭାବେ ପୁରୀରୁ ଆସିଥିବା ସନ୍ଥ ଶିବରାମ ଦାସ ମହାରାଜ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସନ୍ଥ ପୁରୁଷୋତ୍ତମ ଦାସ ମହାରାଜ ଜଗତ କଲ୍ୟାଣ ନିମନ୍ତେ ପ୍ରଭୁ ଶ୍ରୀରାମ ଓ ଭକ୍ତ ହନୁମାନଙ୍କ ଲୀଳା ସମ୍ପର୍କରେ ପ୍ରବଚନ ରଖିଥିଲେ। ପଣ୍ଡିତ ଫକୀର ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ ମଧ୍ୟମରେ ଜ୍ଞାନ ବିତରଣ କରାଯାଇଥିଲା । ମା' ଗୟଳସିଂ ମନ୍ଦିର କମିଟି ସମ୍ପାଦକ ପ୍ରମୋଦ କୁମାର ପାତ୍ର ଓ ସଭ୍ୟମାନଙ୍କ ସହିତ ଦଳକ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା ।

**ST. XAVIER INTERNATIONAL SCHOOL**
(AFFILIATED TO CENTRAL BOARD OF SECONDARY EDUCATION)
BHUBANESWAR
E-mail:xavierinternationalschool@gmail.com, website:stxavierinternationalschool.com

**WALK-IN-INTERVIEW**

• Vice Principal • Administrator • PGT/TGT - (Physics, Chemistry, English, Science, Mathematics, SST & Computer) • Language: (Odia/Hindi/Sanskrit) • Primary Teacher (40 Nos.) • Special Educator • Art & Craft Teacher • PET/Sports Coach • Front Desk Executive • Academic Counselors • Manager-IT • PRO • Sr. Manager (Marketing & PR) • Manager (Marketing- 30 Nos. District wise) • Manager (Admin.) • Manager (F&B) • Asst. Manager (F&B) • Digital Team • Graphics Designer • DTP Operator • Transport Incharge (Male) • Accounts Officer/Asst. • House Keeping Supervisor • Driver (LMV/HMV).

Interested candidates can attend the WALK-IN- INTERVIEW
On 15th, 16th, 17th, 18th, 22nd & 23rd June 2024
between 9:00 AM to 4:00 PM
at ST. XAVIER INTERNATIONAL SCHOOL
Nandankanan Main Road, Patia, Adjacent to Aryabhumi Complex, Chandrasekharpur, Bhubaneswar.
Candidates can also send their CV by post to:
12 Janpath, Satyanagar, Bhubaneswar-751007, Odisha
or E-mail to: hrsxis@gmail.com

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Female Nurses and Receptionists with Computer Knowledge in Rasulgarh, Bhubaneswar. Freshers can also apply
Contact 8339966999

**WANTED TEACHERS**
Required TEACHERS immediately for a reputed English Medium School at Delang, Puri.
Salary negotiable.
Mob.: 9337331411
9776948016

# ଲଡୁବାବାଙ୍କ ଶୀତଳଷଷ୍ଠୀ ଯାତ୍ରା

## ଦେବଦମ୍ପତିଙ୍କୁ ଆଶୀର୍ବାଦ ପାଇଁ ୧୬ ଶମ୍ଭୁ ମେଳଣ

ନୟାଗଡ଼,୧୧।୬(ଲୋକନାଥ ମିଶ୍ର):

ଓଡିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳସ୍ଥିତ ଲଡୁବାବାଙ୍କ ପୀଠରେ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ଗୌରୀଙ୍କ ବିବାହ ଉତ୍ସବ ପରେ ମଙ୍ଗଳବାର ସାମାଜିକ ଗଣପର୍ବ ଅଥବା ଐତିହ୍ୟର ମହାପର୍ବ ଶୀତଳଷଷ୍ଠୀ ଅବସରରେ ଦେବଦମ୍ପତିଙ୍କୁ ଆଶୀର୍ବାଦ ଦେବା ଓ ଗ୍ରାମ୍ୟ ପରିକ୍ରମା କରି ଭୋଗ ଖାଇବା ଉଦ୍ଦେଶ୍ୟରେ ସୁଆରସାହିର ବିରଜାଇ, ହରିହରପୁରର ଦଧିବାମନ, ଭିକାରୀପଡାର ରାମେଶ୍ୱର ଦେବ ମହାଦେବ, ଗୁଡିଆସାହିର ଶ୍ରରଘୁନାଥଙ୍କ ସମେତ ୧୬ ଶମ୍ଭୁଙ୍କ ମେଳଣ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଶମ୍ଭୁମାନେ ପୃଥକ୍ ପୃଥକ୍ ଭାବେ ବିରାଟ ପଟୁଆରରେ ଆସି ଶରଣକୁଳ ଲଡୁବାବାଙ୍କ ବେଢ଼ା ପରିସରରେ ମିଳିତ ହୋଇଥିଲେ । ବିଳମ୍ବିତ ରାତିରେ ବେଢ଼ାରେ ପୂଜାନୀତି ଓ ଭୋଗ କରାଯାଇଥିଲା । ପରେ ଚନ୍ଦ୍ରଶେଖର, ମା'ପାର୍ବତୀଙ୍କ ସମେତ ୧୬ଶମ୍ଭ ମନ୍ଦିର ମୁଖଶାଳା ଗରୁଡ଼ସ୍ତମ୍ଭ ପାଖରେ ମିଳିତ ହୋଇଥିଲେ । ମନ୍ଦିର ପ୍ରଶାସନ ପକ୍ଷରୁ ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ ଏଠାରେ ସମସ୍ତ ଦେବତାଙ୍କୁ ଷୋଡଶ ଉପଚାରରେ ପୂଜାର୍ଚ୍ଚନା ସହିତ ସମୂହ ଆଳତି କରାଇବାର ବନ୍ଦୋବସ୍ତ କରାଇଥିଲେ । ସମସ୍ତ ଠାକୁର ଦେବଦମ୍ପତି ହର –ଗୌରୀଙ୍କୁ ଆଶୀର୍ବାଦ ଦେଇଥିଲେ । ପରେ ହର–ଗୌରୀଙ୍କ ସମେତ ଶମ୍ଭୁମାନେ ଚାଲି ମଣ୍ଡପସ୍ଥିତ ଶୀତଳଷଷ୍ଠୀ ଯାତ୍ରା ପଡିଆରେ ପହଞ୍ଚି ଆସନ ଗ୍ରହଣ କରିଥିଲେ । ଯାତ୍ରା ପଡ଼ିଆରେ ଦେବୋତ୍ତର ବିଭାଗ ପକ୍ଷର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ସେହିଭଳି ନୟାଗଡ଼ ଜିଲାର ୧୨ ଶମ୍ଭୁ ବଡପଣ୍ଡୁସରର ଉଗ୍ରେଶ୍ୱର, ନଛିପୁରର ଧବଳେଶ୍ୱର, ଚନ୍ଦ୍ରଶେଖରପୁରର ନୀଳକଣ୍ଠେଶ୍ୱର, ଗୁଞ୍ଜୁବାରଣର କପିଳେଶ୍ୱର, ବାହାଡାଝୋଲାର ଫୁଲେଶ୍ୱର, ଯଦୁପୁରର ସିଦ୍ଧେଶ୍ୱର, ରାବେରାର ମଧୁକେଶ୍ୱର, କଲ୍ୟାଣପୁରର ମୁକ୍ତେଶ୍ୱର, ଯାମୁପାଟଣାର ଦୂତୀକେଶ୍ୱର, ମାଳିସାହିର ଗଟେଶ୍ୱର, ଗୋବିନ୍ଦପୁରର ସୋମନାଥଦେବ ଓ ଶରଣକୂଳର ଲଡୁବାବାଙ୍କ ପୀଠ ସମେତ ୩୫୬ ଶୈବ ପୀଠରେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି ।



# ନୟାଗଡ଼ରେ ସାଇବର ଠକେଇ

## ୧୫ ଲକ୍ଷ ଠକେଇରୁ ରକ୍ଷା ପାଇଲେ ସଫ୍ଟୱେର ପ୍ରଫେଶନାଲ

ନୟାଗଡ଼,୧୧।୬(ଲୋକନାଥ ମିଶ୍ର):

ନୟାଗଡ଼ ଟାଉନ ଥାନା ଛାୟାପଥ ଲେନ୍‌ର ସଫ୍ଟୱେର ପ୍ରଫେଶନାଲ ଅଶୋକ ଆଚାର୍ଯ୍ୟ ସାଇବର ଠକେଇର ଶିକାର ହୋଇ ୧୫ ଲକ୍ଷ ଟଙ୍କା ହରାଇଥିଲେ । ଏନେଇ ଅଭିଯୋଗ ପରେ ନୟାଗଡ଼ ଟାଉନ ଥାନା ପୋଲିସ ୨୦୪/୨୩ରେ ମାମଲା ରୁଜୁ କରି ସାଇବର ଠକଙ୍କ ଆକାଉଣ୍ଟକୁ ଫ୍ରିଜ କରି ୧୫ ଲକ୍ଷ ଟଙ୍କା ଜବତ କରିବାରେ ସଫଳ ହୋଇଛି ।

ଅଭିଯୋଗ ଅନୁଯାୟୀ, ଗତ ୬ ତାରିଖରେ ଛାୟାପଥ ଲେନର ସଫ୍ଟୱେର ପ୍ରଫେଶନାଲ ଅଶୋକ ଆଚାର୍ଯ୍ୟ ସାଇବର ଠକେଇର ଶିକାର ହୋଇଥିଲେ । ମୁମ୍ବାଇର ଜଣେ ଠକ ନିଜକୁ କଷ୍ଟମ ଅଫିସର ଭାବେ ପରିଚୟ ଦେଇ ମିଥ୍ୟା ମାମଲାରେ ଗିରଫ କରିବାର ଧମକ ଦେଇଥିଲେ । ଏପରିକି ବ୍ୟାଙ୍କ ବିବରଣୀ ତୁରନ୍ତ ଦେବା ଓ ଯାଞ୍ଚ ପାଇଁ ୧୫ ଲକ୍ଷ ଟଙ୍କା ଟ୍ରାନ୍ସଫର କରିବାକୁ କହିଥିଲେ । ଅଶୋକ ଭୟଭୀତ ହୋଇ ୧୫ ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ। ତେବେ ଟଙ୍କା ଟାନ୍ସଫର ପରେ ଠକ ଉତ୍ତର ଦେବା ବନ୍ଦ କରି ମୋବାଇଲ ସୁଇଚ୍ ଅଫ୍ କରିଦେବା ପରେ ସାଇବର ଠକେଇର ଶିକାର ହୋଇଥିବା ଅଶୋକ ଜାଣି ପାରିଥିଲେ । ପରେ ତୁରନ୍ତ ନୟାଗଡ଼ ଟାଉନ ଥାନା ପୋଲିସ ସହ ଯୋଗାଯୋଗ କରି ସହଯୋଗ ଲୋଡିଥିଲେ। ଏନେଇ ଟାଉନ ଥାନା ଆଇଆଇସି କୁହନ୍ତି, ସାଇବର ଠକେଇ ବଢ଼ି ଚାଲିଛି । ମୋବାଇଲ କଲକୁ ଅନ୍ଧ ଭାବେ ଗ୍ରହଣ କରନ୍ତୁ ନାହିଁ । ମୋବାଇଲରେ କୌଣସି ତଥ୍ୟ ନ ଦେବାକୁ ପରାମର୍ଶ ଦେଇଛନ୍ତି । ସାଇବର ଠକେଇର ଶିକାର ହୋଇଥିଲେ ତୁରନ୍ତ ୧୯୩୦ରେ ଡାଏଲ କରିବାକୁ ସୂଚନା ଦେଇଛନ୍ତି ।

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS
असेसमेंट में, हम पर भरोसा रखता है भारत — In assessment, India trusts us
Scan to visit Website

**ସିଆରପି ଆରଆରବିଏସ୍ XIII**
**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆରଆରବିଏସ୍)ରେ ଅଫିସର୍ସ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟସ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା**

ୱେବ୍‌ସାଇଟ୍: www.ibps.in

କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in ରେ ଲଗ୍ ଇନ୍ କରନ୍ତୁ
ଆରଆରବିଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟସ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ଆସନ୍ତା ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆରପି ଆରଆରବିଏସ୍ XIII) ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ନିମ୍ନପ୍ରଦତ୍ତ ସମ୍ଭାବ୍ୟ ଅନୁସୂଚୀ ଅନୁଯାୟୀ ସଞ୍ଚାଳନ କରାଯିବ। ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍‌କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର, ୨୦୨୪ରେ ସଂଯୋଜିତ ହେବ।
ସିଆରପି ଆରଆରବିଏସ୍ - XIII ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ଏବଂ ଆଇବିପିଏସ୍‌ର ପ୍ରାଧିକୃତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯାଇଥିବା ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ ଇଣ୍ଟିମେଶନ ଦେୟ ପୈଠ | ୦୭।୦୬।୨୦୨୪ରୁ ୨୭।୦୬।୨୦୨୪ |
| ପ୍ରାକ୍–ପରୀକ୍ଷା ତାଲିମ (ପିଇଟି) ସଞ୍ଚାଳନ ● | ୨୨।୦୭।୨୦୨୪ରୁ ୨୭।୦୭।୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ଅଗଷ୍ଟ/ସେପ୍ଟେମ୍ବର, ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ସେପ୍ଟେମ୍ବର/ଅକ୍ଟୋବର, ୨୦୨୪ |

● ପିଇଟି ଅନ୍‌ଲାଇନ୍ ପଦ୍ଧତି କିମ୍ବା ଶାରୀରିକ ପଦ୍ଧତିରେ ସଞ୍ଚାଳିତ କରାଯାଇପାରେ।
ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୭।୦୬।୨୦୨୪ — ନିର୍ଦ୍ଦେଶକ

**SBI**
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପୋଷ୍ଟ ନାମ | ଖାଲି ପଦବୀ | ସମାନ / ତୁଳନାତ୍ମକ ଗ୍ରେଡ୍ | ପ୍ରକାର |
|---|---|---|---|---|
| ବିଜ୍ଞାପନ ସଂ. CRPD/SCO/2024-25/01 | | | | |
| 1 | ଡିଫେନ୍‌ସ ବ୍ୟାଙ୍କିଙ୍ଗ୍ ଆଡଭାଇଜର (ଡିବିଏ) - ଏୟାର ଫୋର୍ସ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| 2 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ସିଡିବିଏ) - ବେଙ୍ଗାଲୁରୁ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| 3 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ସିଡିବିଏ) - ଚଣ୍ଡିଗଡ଼ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| ବିଜ୍ଞାପନ ସଂ. CRPD/SCO/2024-25/02 | | | | |
| 4 | ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ବିଶେଷଜ୍ଞ) | 9 | ଏମଏମଜିଏସ୍ II | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/03 | | | | |
| 5 | ରିସର୍ଚ ଆନାଲିଷ୍ଟ - ଫୋରେକ୍ସ | 1 | ଏମଏମଜିଏସ୍ III | ଚୁକ୍ତିନାମା |
| 6 | ରିସର୍ଚ ଆନାଲିଷ୍ଟ - ଇକ୍ୱିଟି | 2 | ଏମଏମଜିଏସ୍ III | ଚୁକ୍ତିନାମା |
| 7 | ରିସର୍ଚ ଆନାଲିଷ୍ଟ - ପ୍ରାଇଭେଟ ଇକ୍ୱିଟି | 2 | ଏମଏମଜିଏସ୍ III | ଚୁକ୍ତିନାମା |
| ବିଜ୍ଞାପନ ସଂ. CRPD/SCO/2024-25/04 | | | | |
| 8 | କ୍ଲାଇମେଟ୍ ରିସ୍କ ବିଶେଷଜ୍ଞ | 2 | ଏମଏମଜିଏସ୍ III | ନିୟମିତ |
| 9 | ମାର୍କେଟ୍ ରିସ୍କ ବିଶେଷଜ୍ଞ | 3 | ଏମଏମଜିଏସ୍ III | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/05 | | | | |
| 10 | ଟ୍ରେଡ୍ ଫାଇନାନ୍ସ ଅଧିକାରୀ (ଏମଏମଜିଏସ୍ II) | 150 | ଏମଏମଜିଏସ୍ II | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/06 | | | | |
| 11 | ବରିଷ୍ଠ ଉପାଧ୍ୟକ୍ଷ (ଇନଫ୍ରାଷ୍ଟ୍ରକଚର୍ ସୁରକ୍ଷା ଏବଂ ସ୍ୱତନ୍ତ୍ର ପ୍ରକଳ୍ପ) | 1 | ଟିଇଜିଏସ୍–VI | ଚୁକ୍ତିନାମା |
| 12 | ବରିଷ୍ଠ ଉପାଧ୍ୟକ୍ଷ (ସୂଚନା ସୁରକ୍ଷା କାର୍ଯ୍ୟ) | 1 | ଟିଇଜିଏସ୍–VI | ଚୁକ୍ତିନାମା |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ ।

• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 07.06.2024 ରୁ 27.06.2024 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 07.06.2024
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

Your classified advertisement published in Dharitri will be listed free in Dharitri online edition :
www.dharitri.com

# ସରପଞ୍ଚରୁ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର/ କେନ୍ଦୁଝର, ୧୧।୬(ସୁନିତ୍ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ,ଦୀପକ ମିଶ୍ର)**



ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ମୋହନ ମାଝି ( ଡାହାଣରୁ ଦ୍ୱିତୀୟ)।

କେନ୍ଦୁଝର ବିଧାନସଭା ଆସନରୁ ୪ର୍ଥ ଥର ଲାଗି ବିଧାୟକ ଭାବେ ନିର୍ବାଚିତ ହୋଇଥିବା ମୋହନ ଚରଣ ମାଝି (୫୨ ବର୍ଷ) ଓଡ଼ିଶାର ୧୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ମୋହନ ଭାଜପାର ଜଣେ ବରିଷ୍ଠ ନେତା। ସରପଞ୍ଚ ଭାବେ ସେ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ତେଣୁ ସରପଞ୍ଚରୁ ସେ ଏବେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ୧୯୭୨ ଜାନୁଆରୀ ୬ ରେ କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ରାଇକଳା ଗାଁରେ ସେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ଗୁନାରାମ ମାଝି ରାଇକଳା ବିଦ୍ୟାଳୟରେ ଜଣେ ପିଅନ ଭାବେ କାର୍ଯ୍ୟରତ ଥିଲେ। ପିଲା ବୟସରୁ ସେ ତାଙ୍କ ମା' ବାଲେଶ୍ୱରୀ ମାଝିଙ୍କୁ ହରାଇଥିଲେ। ଏହାପରେ ତାଙ୍କ ପିତା ନାଥମଣି ମାଝିଙ୍କୁ ଦ୍ୱିତୀୟ ବିବାହ କରିଥିଲେ। କିଛିବର୍ଷ ତଳେ ତାଙ୍କ ପିତା ଗୁନାରାମଙ୍କ ଦେହାନ୍ତ ହୋଇଯାଇଛି। ମୋହନଙ୍କ ସ୍ତ୍ରୀ ପ୍ରିୟଙ୍କା ମାରାଣ୍ଡି ଜଣେ ଆୟୁର୍ବେଦିକ ଚିକିତ୍ସକ । ତାଙ୍କ ସାନ ଭାଇ ପୂର୍ଣ୍ଣଚନ୍ଦ୍ର ମାଝିଙ୍କର କିଛିବର୍ଷ ପୂର୍ବେ ଦେହାନ୍ତ ହୋଇଯାଇଥିବାବେଳେ ଭଉଣୀ ରାସମଣୀ ମାଝି ଶିକ୍ଷୟତ୍ରୀ ଅଛନ୍ତି। ମୋହନ ତାଙ୍କ ଗାଁ ବିଦ୍ୟାଳୟରେ ୭ମ ପର୍ଯ୍ୟନ୍ତ ପାଠ ପଢ଼ିବା ପରେ ଝୁମ୍ପୁରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ୧୯୮୭ ମସିହାରେ ମାଟ୍ରିକ୍ ପାସ୍ କରିଥିଲେ। ଏହାପରେ ଆନନ୍ଦପୁର ମହାବିଦ୍ୟାଳୟରୁ ୧୯୯୦ ମସିହାରେ ଯୁକ୍ତ ୨ କଳା ଓ ୧୯୯୩ରେ ଚମ୍ପୁଆ ସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ଯୁକ୍ତ ୩ କଳା ପାସ୍ କରିଥିଲେ। ୨୦୧୧ ମସିହାରେ ସେ ଢେଙ୍କାନାଳ ଆଇନ ମହାବିଦ୍ୟାଳୟରୁ ଏଲ୍ଏଲ୍ବି ଡିଗ୍ରୀ ହାସଲ କରିଥିଲେ। କିଛିଦିନ ଲାଗି ସେ ଟିଉଶନ କରିବା ସହ ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଚାର୍ଯ୍ୟ ଭାବେ କାର୍ଯ୍ୟରତ ଥିଲେ। ଏହାପରେ ୧୯୯୭ରେ ସେ ରାଜନୀତିରେ ପାଦ ଦେଇ ରାଇକଳା ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଏହି ସମୟରେ ସେ ଭାଜପାର ଆଦିବାସୀ ମୋର୍ଚ୍ଚା ସଦସ୍ୟ ମଧ୍ୟ ରହିଥିଲେ।

ମୋହନ ୨୦୦୦ ମସିହାରେ ପ୍ରଥମ ଥର ଲାଗି କେନ୍ଦୁଝର ବିଧାନସଭା ଆସନରେ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ସେତେବେଳେ ବିଜେଡି-ଭାଜପା ମେଣ୍ଟ ସରକାର ରାଜ୍ୟରେ ହୋଇଥିଲା। ଏହାପରେ ୨୦୦୪ ମସିହାରେ ଦ୍ୱିତୀୟ ଥର ଲାଗି ବିଧାୟକ ପ୍ରାର୍ଥୀ ଭାବେ ଲଢ଼ି ନିର୍ବାଚିତ ହୋଇଥିଲେ। ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟରେ ଚାଲିଥିବା ମେଣ୍ଟ ସରକାରରେ ସରକାରୀ ଉପମୁଖ୍ୟ ସଚେତକ ଭାବେ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପାଇଥିଲେ। ୨୦୦୯ ଏବଂ ୨୦୧୪ରେ ସେ ଦୁଇଥର ଲଗାତର ପରାଜିତ ହୋଇଥିଲେ। ତେବେ ୨୦୦୯ରେ ବହୁ ଭାଜପା ନେତା ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ହେଲେ ମୋହନ ଭାଜପାରେ ରହି କାର୍ଯ୍ୟ କରିଥିଲେ। ୨୦୧୯ରେ ସେ ପୁଣି ଥରେ ବିଧାନସଭାକୁ ନିର୍ବାଚିତ ହୋଇ ବିରୋଧୀ ଦଳ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୪ରେ ସେ ଚତୁର୍ଥ ଥର ଲାଗି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ମୋହନଙ୍କ ସ୍ତ୍ରୀ ଡା. ପ୍ରିୟଙ୍କା କହିଛନ୍ତି, ଏହି ଖବର ଶୁଣିବା ପରେ ବହୁ ଖୁସି ଲାଗୁଛି। ଜିତିଥିଲା ବେଳେ ଏବଂ ହାରିଥିବା ବେଳେ ସବୁବେଳେ ଲୋକଙ୍କ କାମ କରୁଥିଲେ। ଏବେ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ଦାୟିତ୍ୱ ସମ୍ଭାଳିବାକୁ ପଡ଼ିବ। ତାଙ୍କ ଦାୟିତ୍ୱ ମଧ୍ୟ ବଢ଼ିଯିବ। ମୁଖ୍ୟମନ୍ତ୍ରୀ ହେବେ ବୋଲି ଶୁଣାଯାଉଥିଲା ହେଲେ ସ୍ପଷ୍ଟ ନ ଥିଲା। ସେ ସବୁବେଳେ ଆଗଧାଡିରେ ରହି କାମ କରିଆସୁଥିଲେ ବୋଲି ପ୍ରିୟଙ୍କା କହିଛନ୍ତି। ମୋହନଙ୍କ ମା' ନାଥମଣି କହିଛନ୍ତି, ପୁଅ ମୁଖ୍ୟମନ୍ତ୍ରୀ ହେବା ଖବର ପାଇବା ପରେ ବହୁ ଖୁସି ଲାଗୁଛି। ଏବେ ସେ ରାଜ୍ୟର ଲୋକମାନଙ୍କ ସେବା କରିବେ ଏବଂ ଭଲ ଶାସନ ଦେବେ ବୋଲି କହିଛନ୍ତି।

କେନ୍ଦୁଝର ଜିଲାରୁ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଗୌରବ ଅର୍ଜନ କରିବେ। ବିରୋଧୀ ଦଳରେ ଥିବାବେଳେ ଗୃହ ଭିତରେ ଏବଂ ବାହାରେ ବଡ଼ ବଡ଼ ପ୍ରସଙ୍ଗକୁ ପ୍ରଭାବୀ ଢଙ୍ଗରେ ଉଠାଉଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ଥିବାବେଳେ ଶାସକ ଦଳକୁ କଡ଼ା ମୁକାବିଲା କରିଆସୁଥିଲେ। ସେହିପରି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ ବିଭିନ୍ନ ଜିଲା ଗସ୍ତକରି ଲୋକଙ୍କ ସମସ୍ୟା ବୁଝୁଥିଲେ। ବିଶେଷ ଭାବେ ଖଣି ଏବଂ ଡାଲି ଦୁର୍ନୀତି ନେଇ ରାଜ୍ୟ ସରକାରଙ୍କୁ ଘେରି ଚର୍ଚ୍ଚାକୁ ଆସିଥିଲେ। ସେହିପରି ଜିଲାର ସ୍ୱାର୍ଥ ସହ ଜଡ଼ିତ ଓଏମ୍ବାଡ୍ସି, ଡିଏମ୍ଏଫ୍ ଅର୍ଥକୁ ନେଇ ମଧ୍ୟ ସବୁବେଳେ ଲଢ଼ି ଆସୁଥିଲେ। ମୋହନ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଜାଣି ସ୍ଥାନୀୟ ଅଞ୍ଚଳରେ ଖୁସିର ବାତାବରଣ ଦେଖିବାକୁ ମିଳିଛି। ଲୋକମାନେ ବାଣ ଫୁଟାଇ, ବାଜା ବଜାଇ ଖୁସି ପାଳିଛନ୍ତି। ସେ ଏହି ନୂଆ ସରକାରରେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବେ ବୋଲି ଆଶା କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ହେବା କଥା ଭାବୁ ନ ଥିଲେ ବୋଲି କେନ୍ଦୁଝର ଅଞ୍ଚଳର ବହୁ ଦଳୀୟ କର୍ମୀ କହିଛନ୍ତି।

## ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ଛାତ୍ର ଥିଲେ ମୋହନ

**ଢେଙ୍କାନାଳ,୧୧।୬(ରତନ ନାୟାର)**

ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ଭାଜପାର ବରିଷ୍ଠ ନେତା ତଥା କେନ୍ଦୁଝର ବିଧାୟକ ମୋହନ ମାଝି ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ଛାତ୍ର ରହି ଆଇନରେ ଡିଗ୍ରୀ ହାସଲ କରିଥିଲେ। ସେ ୨୦୧୧ ମସିହାରେ ଢେଙ୍କାନାଳ ଆଇନ ମହାବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରିଥିବା ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପରୁଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ୨୦୧୧ ମସିହାରେ ଢେଙ୍କାନାଳ ଆଇନ ମହାବିଦ୍ୟାଳୟରେ ପଢୁଥିବା ବେଳେ ସେ ବିଧାୟକ ନ ଥିଲେ ବୋଲି ଅଧ୍ୟକ୍ଷ କହିଛନ୍ତି। ମୋହନ ମାଝି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ଖବର ଜଣାପଡିବା ପରେ ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀଙ୍କ ମହଲରେ ଖୁସିର ଲହରି ଖେଳିଯାଇଥିବା ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। ନାମାଙ୍କନପତ୍ର ଦାଖଲ ସମୟରେ ମୋହନ ମାଝି ଦେଇଥିବା ସତ୍ୟପାଠରେ ସେ ଢେଙ୍କାନାଳ ଆଇନ ମହାବିଦ୍ୟାଳୟରୁ ୨୦୧୧ ମସିହାରେ ଏଲ୍ଏଲ୍ବି ପାସ୍ କରିଥିବା ଦର୍ଶାଇଛନ୍ତି।

## ବାଣ ଫୁଟାଇ ସ୍ୱାଗତ

**ଢେଙ୍କିକୋଟ(ନୀଳମଣି ମଣ୍ଡଳ)/ ପାଟଣା(ବୀର କିଶୋର ଦାଶ)/ ଚମ୍ପୁଆ(ମହେଶ୍ୱର ଦାସ)/ ବଡ଼ବିଲ(ଦେବପ୍ରିୟ ରଣା),୧୧।୬**

ଚଳିତ ସାଧାରଣ ନିର୍ବାଚନରେ ରାଜ୍ୟରେ ଭାଜପା ଦଳ ବହୁମତ ପାଇ ପ୍ରଥମଥର ସରକାର ଗଠନ କରିବାକୁ ଯାଉଛି। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ସମେତ ନୂତନ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କାର୍ଯ୍ୟକ୍ରମ ରହିଛି। ତେବେ ଭାଜପା ପକ୍ଷରୁ କେନ୍ଦୁଝର ବିଧାୟକ ମୋହନ ମାଝୀଙ୍କ ନାମକୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ଘୋଷଣା କରାଯାଇଥିବାରୁ କେନ୍ଦୁଝର ଜିଲାରେ ଆନନ୍ଦର ଲହରୀ ଖେଳିଯାଇଛି।

ଏହି ଖବର ଜଣାପଡ଼ିବା ପରେ ଢେଙ୍କିକୋଟ ଭାଜପା କର୍ମୀମାନେ ସ୍ଥାନୀୟ ବଜାରରେ ବାଣ ଫୁଟାଇ ମିଠା ବାଣ୍ଟି ଆନନ୍ଦ ମନାଉଛନ୍ତି। ସେହିପରି ପାଟଣା ବ୍ଲକ୍ ଛକରେ ଭାଜପା କର୍ମୀମାନେ ଏକାଠି ହୋଇ ବାଣ ଫୁଟାଇ ଏହାକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା କର୍ମୀ ପ୍ରକାଶ ସେଠୀ, ମୁନା ରଣା, ବିକାଶ ସେଠୀ, ମଧୁ ମହାନ୍ତ, ଧୃତ୍ତୀ ସୁନ୍ଦର ସେଠୀ, ଯୁଧିଷ୍ଠିର ମହାନ୍ତ, ବ୍ରଜମହାନ୍ତ, ମନସୁର ଆଲାମ ପ୍ରମୁଖ ସାମିଲ ଥିଲେ।

ମୋହନଙ୍କ ନାମ ମୁଖ୍ୟମନ୍ତ୍ରୀ ପଦ ଲାଗି ଘୋଷଣା ହେବା ପରେ ଚମ୍ପୁଆ ସଦର ମହକୁମାରେ ଭାଜପା କର୍ମୀମାନେ ବାଣ ଫୁଟାଇ ମିଠା ବାଣ୍ଟି ଉତ୍ସବ ପାଳନ କରିଛନ୍ତି। ମଣ୍ଡଳ ସଭାପତି ରାଜେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ମହାବୀର ଛକଠାରେ ପ୍ରାୟ ୨ ଘଣ୍ଟା ଧରି ଉତ୍ସବ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ମଣ୍ଡଳ ସାଧାରଣ ସମ୍ପାଦକ ସଞ୍ଜୟ ଗିରି, ଉପ ସଭାପତି ରମେଶ ଚନ୍ଦ୍ର ଗିରି, ଯୁବ ମୋର୍ଚ୍ଚା ସଭାପତି ଅଭିନୟ ସାହୁ, ପ୍ରଦୀପ ରାଜ, ମହତାବ ଆଲାମ, ରମେଶ ପ୍ରଧାନ, ହବି ଦାସ, ସଚିନ ଦାସ, ସନ୍ତୋଷ ସାହୁ, ସୁଧିର ସର୍ଦାର, ସିଦ୍ଧାର୍ଥ ସିଂହ, ଅବିନାଶ ମିଶ୍ର ସମେତ ପ୍ରାୟ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।



କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ଶୁଭେଚ୍ଛୁ ଓ ଦଳୀୟ କର୍ମୀମାନେ ବାଣ ଫୁଟାଇ ଖୁସି ମନାଉଛନ୍ତି।

# ଶପଥ ଗ୍ରହଣ ଉତ୍ସବକୁ ମହାପ୍ରଭୁଙ୍କୁ ନିମନ୍ତ୍ରଣ



ଭାଜପା ନେତୃବୃନ୍ଦ ମଙ୍ଗଳବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ କରି ଶ୍ରୀମନ୍ଦିରରୁ ଫେରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

**ପୁରୀ,୧୧।୬(ଅଜିତ୍ ମହାନ୍ତି)**

ରାଜ୍ୟରେ ପ୍ରଥମ ଥର ପାଇଁ ସରକାର ଗଠନ କରିବାକୁ ଯାଉଛି ଭାଜପା। ବୁଧବାର ଅପରାହ୍ନରେ ଭୁବନେଶ୍ୱରର ଜନତା ମଇଦାନରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ନୂତନ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟୀ ଏବଂ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ଶପଥ ଗ୍ରହଣ କରିବେ। ଶପଥ ଗ୍ରହଣ ଉତ୍ସବ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ଭାଜପାର ଏକ ପ୍ରତିନିଧି ଦଳ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ନିମନ୍ତ୍ରଣ କରିଛନ୍ତି। ପ୍ରତ୍ୟେକ ଶୁଭ କାର୍ଯ୍ୟରେ ମହାପ୍ରଭୁଙ୍କ ଆଶୀର୍ବାଦ ଓ କରୁଣା ଜରୁରୀ। ତେଣୁ ଭାଜପା ପକ୍ଷରୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୁଆ, ଅରୁଆ ଚାଉଳ, ନଡ଼ିଆ ଏବଂ ନିମନ୍ତ୍ରଣପତ୍ର ଆଦି ପ୍ରଦାନ କରାଯାଇ ନିମନ୍ତ୍ରଣ କରାଯାଇଛି।

ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ା ଏବଂ ଚିଲିକା ବିଧାୟକ ପୃଥ୍ୱୀରାଜ ହରିଚନ୍ଦନଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ପୁରୀ ଆସି ମହାପ୍ରଭୁଙ୍କୁ ନିମନ୍ତ୍ରଣ କରିଛନ୍ତି। ଶପଥ ଗ୍ରହଣ ଉତ୍ସବ ନିମନ୍ତେ ଛପାଯାଇଥିବା ନିମନ୍ତ୍ରଣପତ୍ର ସହ ଗୁଆ, ନଡ଼ିଆ, ଅରୁଆ ଚାଉଳ ଆଦି ମହାପ୍ରଭୁଙ୍କୁ ପ୍ରଦାନ କରି ନିମନ୍ତ୍ରଣ କରାଯାଇଛି। ଏହି ଅବସରରେ ହରିଚନ୍ଦନ କହିଛନ୍ତି ଯେ, ରାଜ୍ୟରେ ନୂତନ ଭାଜପା ସରକାର ଗଠନ ହେବାକୁ ଯାଉଛି। ଓଡ଼ିଶାରେ ବିକାଶର ଏକ ନୂତନ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି। ତେଣୁ ଓଡ଼ିଆ ଜାତିର ଆରାଧ୍ୟ ଦେବତା ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ଶପଥ ଗ୍ରହଣ ଉତ୍ସବରେ ଯୋଗଦାନ କରିବା ପାଇଁ ନିମନ୍ତ୍ରଣ କରିବାକୁ ଆସିଥିଲୁ। ଓଡ଼ିଶାବାସୀଙ୍କ ଉପରେ ମହାପ୍ରଭୁ ତାଙ୍କ ଆଶୀର୍ବାଦ ରଖିଥାନ୍ତୁ। ଦୀର୍ଘବର୍ଷ ହେବ ରାଜ୍ୟବାସୀ ପ୍ରପୀଡ଼ିତ ଅବସ୍ଥାରେ ରହିଥିଲେ। ରାଜ୍ୟବାସୀ ବିକାଶର ରାସ୍ତା ଦେଖିନାହାନ୍ତି। ରାଜ୍ୟକୁ ବିକାଶ ପଥରେ ଆଗେଇ ନେବା ଏବଂ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଲୋକଙ୍କ ସେବା କରିବା ପାଇଁ ମହାପ୍ରଭୁ ଭାଜପାକୁ ସୁଯୋଗ ଦେଇଛନ୍ତି। ମହାପ୍ରଭୁ ଆଶୀର୍ବାଦ କଲେ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ହେବ। ସେହିପରି ଖୁବ୍ଶୀଘ୍ର ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ହରିଚନ୍ଦନ କହିଛନ୍ତି। ପ୍ରଭାତୀ କହିଛନ୍ତି, ଶପଥ ସମାରୋହରେ ଯୋଗଦାନ ନିମନ୍ତେ ମହାପ୍ରଭୁଙ୍କୁ ନିମନ୍ତ୍ରଣ ଦେବା ପାଇଁ ଆସିଥିଲୁ। ଓଡ଼ିଶାକୁ ୧ ନମ୍ବର ରାଜ୍ୟ କରାଯିବା ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ ଜରୁରୀ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ଐତିହ୍ୟ ଅନୁଯାୟୀ ରାଜ୍ୟରେ ଶାସନ ହେବ। ଓଡ଼ିଆ ଲୋକଙ୍କ ସ୍ୱାର୍ଥ ରକ୍ଷା, ଅଧିକାର ଏବଂ ସଂସ୍କୃତିକୁ ବଜାୟ ରଖିବାକୁ ମହାପ୍ରଭୁ ଆଶୀର୍ବାଦ ଦେବା ପାଇଁ ପ୍ରାର୍ଥନା କରିଛୁ। ମହାପ୍ରଭୁଙ୍କର ଆଦେଶ ଓ ଆଶୀର୍ବାଦ ନେଇ ରାଜ୍ୟବାସୀଙ୍କ ସେବା କରିବୁ ବୋଲି ପରିଡ଼ା ପ୍ରକାଶ କରିଛନ୍ତି। ଏହି ଅବସରରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଭାତୀଙ୍କ ପାଇଁ ନିମାପଡ଼ାବାସୀ ଖୁସି

**ନିମାପଡ଼ା(ବିଚିତ୍ରାନନ୍ଦ ସାହୁ)/ଗୋପ, ୧୧।୬ (ଭାରତୀ ଭୂଷଣ ଉପାଧ୍ୟାୟ)**

ନିମାପଡ଼ା ମାଟିର ବୋହୂ ତଥା ନିମାପଡ଼ା ନିର୍ବାଚନମଣ୍ଡଳୀର ପ୍ରଥମ ମହିଳା ବିଧାୟିକା ପ୍ରଭାତୀ ପରିଡ଼ା ରାଜ୍ୟର ନୂତନ ଭାଜପା ସରକାରରେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ଏଥିସହ ସେ ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିବେ। ଏହାକୁ ନେଇ ତାଙ୍କ ପରିବାର ସମେତ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଖୁସିର ଲହରି ଖେଳିଯାଇଛି। ଦଳୀୟ କର୍ମୀ ଓ ତେରୁଣ୍ଡିଆ ଗ୍ରାମବାସୀ ବାଜା ବଜାଇ, ବାଣ ଫୁଟାଇ ଓ ମିଠା ବାଣ୍ଟି ଖୁସି ମନାଇଛନ୍ତି।

କଟକ ଜିଲା ନିଆଳି ଅଞ୍ଚଳର ପ୍ରଭାତୀ ପୁରୀ ଜିଲା ନିମାପଡ଼ା ବ୍ଲକ ତେରୁଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ତେରୁଣ୍ଡିଆ ଗ୍ରାମର ଶ୍ୟାମସୁନ୍ଦର ନାୟକଙ୍କୁ ବିବାହ କରିଥିଲେ। ସେ ଦୀର୍ଘବର୍ଷ ହେଲା ରାଜନୀତିରେ ସକ୍ରିୟ ରହିଛନ୍ତି। ଛାତ୍ରୀ ଜୀବନରୁ ତାଙ୍କର ରାଜନୀତି ପ୍ରତି ରୁଚି ରହିଥିଲା। ସେ ନିମାପଡ଼ା କଲେଜରେ ଅଧ୍ୟୟନ କରିଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏଲ୍ଏଲ୍ବି ପାସ୍ କରିଥିଲେ। ପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜଣେ ଆଇନଜୀବୀ ଭାବେ କିଛିଦିନ ଧରି କାର୍ଯ୍ୟ କରିଥିଲେ। ବୃତ୍ତିରେ ଜଣେ ଓକିଲ ହୋଇଥିଲେ ମଧ୍ୟ ରାଜନୀତି ପ୍ରତି ତାଙ୍କର ପ୍ରବଳ ଆଗ୍ରହ ରହିଥିଲା। ତେଣୁ ପରବର୍ତ୍ତୀ ସମୟରେ ସେ ଭାରତୀୟ ଜନତା ପାର୍ଟି (ଭାଜପା)ରେ ଯୋଗଦେଇଥିଲେ। ସେ ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ଚେୟାରମ୍ୟାନ, ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ, ଭାଜପାର ରାଜ୍ୟ ଉପସଭାପତି ସମେତ ବିଭିନ୍ନ ପଦବୀରେ ରହିଥିଲେ। ୩ ଥର ପରାଜୟ ବରଣ କରିବା ପରେ ସେ ଚଳିତ ନିର୍ବାଚନରେ ବିଜେଡିର ଦିଲୀପ ନାୟକଙ୍କୁ ହରାଇ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ପ୍ରଥମ ବିଧାୟିକା ହେବା ସହ ତାଙ୍କୁ ନୂତନ ସରକାରରେ ଉପମୁଖ୍ୟମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିଛି। ଅନ୍ୟପଟେ ଆମ ବୋହୂ ସାଧାରଣ ଲୋକଙ୍କ ସେବା ଅକ୍ଷୁର୍ଣ୍ଣ ରଖନ୍ତୁ ବୋଲି ପ୍ରଭାତୀଙ୍କ ଦାଦା ଶ୍ୱଶୁର ସୁକାନ୍ତ ନାୟକ ଏବଂ ୨ ଖୁଡ଼ୀଶାଶୁ ବାସନ୍ତୀ ନାୟକ ଓ ମନୋରମା ନାୟକ କହିଛନ୍ତି। ପ୍ରଭାତୀଙ୍କ ଶଶୁର ଘର ଗାଁ ତେରୁଣ୍ଡିଆରେ ବିଜୟ ଉତ୍ସବ ପାଳନ କରାଯାଇଥିଲା।



ପ୍ରଭାତୀ ପରିଡ଼ାଙ୍କ ନାମ ଉପମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରାଯିବା ପରେ ନିମାପଡ଼ା ଭାଜପା କାର୍ଯ୍ୟାଳୟରେ ଦଳୀୟ କର୍ମୀମାନେ ଖୁସି ମନାଉଛନ୍ତି।

# ଶପଥ ଗ୍ରହଣ ସମାରୋହରେ ଯୋଗ ଦେବାକୁ ନବୀନଙ୍କୁ ନିମନ୍ତ୍ରଣ କଲା ଭାଜପା

**ଭୁବନେଶ୍ୱର,୧୧।୬(ଅନିଲ ଦାସ)**

ରାଜ୍ୟରେ ପ୍ରଥମ ଥର ଲାଗି ଭାଜପା ସରକାର ଗଠନ ହେବାକୁ ଯାଉଛି । ବୁଧବାର ଭାଜପାର ନୂଆ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବେ। ଏଥିପାଇଁ ଭୁବନେଶ୍ୱରର ଜନତା ମଇଦାନ ପ୍ରସ୍ତୁତ ହୋଇ ରହିଛି। ଏହି ଶପଥ ଗ୍ରହଣ ସମାରୋହରେ ଯୋଗଦେବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରାଯାଇଛି। ମଙ୍ଗଳବାର ଭାଜପାର ବରିଷ୍ଠ ନେତା ମନମୋହନ ସାମଲ, ସୁରେଶ ପୂଜାରୀ, ବସନ୍ତ ପଣ୍ଡା, ନିତ୍ୟାନନ୍ଦ ଗଣ୍ଡ, ସମୀର ମହାନ୍ତି ପ୍ରମୁଖ ନବୀନ ନିବାସ ଯାଇ ନବୀନଙ୍କୁ ନିମନ୍ତ୍ରଣ କରିଥିବା ସୂଚନା ମିଳିଛି । ନିମନ୍ତ୍ରଣ ପରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ନବୀନ ବାବୁ ନିଶ୍ଚୟ ପହଞ୍ଚିବେ ବୋଲି କହିଥିବା ସୂଚନା ଦେଇଛନ୍ତି ।

ଚଳିତ ନିର୍ବାଚନରେ ବିଜେଡିକୁ ହରାଇ ଭାଜପା ରାଜ୍ୟରେ ପ୍ରଥମଥର ପାଇଁ ଏକାକୀ ସରକାର ଗଢ଼ିବାକୁ ଯାଉଛି । ସେଥିପାଇଁ ଜନତା ମଇଦାନରେ ଭବ୍ୟ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ ହୋଇଛି । ରାଜ୍ୟର ବିଭିନ୍ନ ପ୍ରାନ୍ତ ତଥା ଦେଶର ବିଭିନ୍ନ ଅଞ୍ଚଳରୁ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅତିଥି ଆସୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଶପଥ ଗ୍ରହଣ ଉତ୍ସବରେ ସାମିଲ ହେବେ । ଏଥିପାଇଁ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଦିନ ୨ଟାରୁ ସନ୍ଧ୍ୟା ୭ କିମ୍ବା ଶପଥ ଗ୍ରହଣ ସମାରୋହ ସରିବା ଯାଏ କଟକଣା ବଳବତ୍ତର ରହିବ।

# ପାଟଣାଗଡ଼ରେ ଉତ୍ସାହ

**ବଲାଙ୍ଗୀର,୧୧।୬ (ବୀରେନ୍ଦ୍ର କୁମାର ଝାଙ୍କର)**

୨୦୨୪ ସାଧାରଣ ନିର୍ବାଚନରେ ଭାଜପାର ବିପୁଳ ସଫଳତା ପରେ ଦଳ ସରକାର ଗଢ଼ିବାକୁ ଯାଉଛି। ବୁଧବାର ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବ। ଏଥିସକାଶେ ମଙ୍ଗଳବାର ଭୁବନେଶ୍ୱରଠାରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବଲାଙ୍ଗୀର ଜିଲା ପାଟଣାଗଡ ଆସନରୁ ନିର୍ବାଚିତ ବିଧାୟକ ତଥା ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓଙ୍କୁ ଉପ ମୁଖ୍ୟମନ୍ତ୍ରୀ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିବା ଖବର ପରିବେଷଣ ପରେ ପାଟଣାଗଡ଼ ବିଧାନସଭା ଆସନ, ବଲାଙ୍ଗୀର ଜିଲା ଏବଂ ସମଗ୍ର ପଶ୍ଚିମ ଓଡ଼ିଶାରେ ଖୁସିର ଲହରି ଖେଳିଯାଇଛି। ପାଟଣାଗଡ଼ରେ ଭାଜପା ସମର୍ଥକମାନେ ବାଣ ଫୁଟାଇ ଖୁସି ଜାହିର କରିଛନ୍ତି।

## କନକ ବର୍ଦ୍ଧନ ସିଂଦେଓ ହେବେ ଉପ ମୁଖ୍ୟମନ୍ତ୍ରୀ

- ପାଟଣାଗଡ଼ରୁ ଷଷ୍ଠ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି
- ମେଣ୍ଟ ସରକାରରେ ୨୦୦୦ରୁ ୨୦୦୪ ଶିଳ୍ପମନ୍ତ୍ରୀ
- ୨୦୦୪ରୁ ୨୦୦୯ ନଗର ଉନ୍ନୟନ ମନ୍ତ୍ରୀ
- ୨୦୧୩ରେ ଭାଜପା ରାଜ୍ୟ ସଭାପତି ଦାୟିତ୍ୱ ନିର୍ବାହ କରିଛନ୍ତି



କନକ ବର୍ଦ୍ଧନ ସିଂଦେଓ

ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ୨୦୨୪ ନିର୍ବାଚନରେ ପାଟଣାଗଡ଼ ଆସନରୁ ଷଷ୍ଠ ଥର ପାଇଁ ଭାଜପା ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। କନକ ବର୍ଦ୍ଧନ ୧୯୯୦ରେ ରାଜନୀତିକୁ ପ୍ରବେଶ କରିଥିଲେ। ପ୍ରଥମ ଥର ପାଇଁ ସେ ପାଟଣାଗଡ଼ ଆସନରୁ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ତତ୍କାଳୀନ ଜନତା ଦଳ ପ୍ରାର୍ଥୀ ବିବେକାନନ୍ଦ ମେହେରଙ୍କଠାରୁ ୧୯୨୫ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ। ଏହାପରେ ୧୯୯୫ ମସିହା ନିର୍ବାଚନରେ ସେ ଦ୍ୱିତୀୟ ଥର ପାଟଣାଗଡରୁ ଭାଜପା ବିଧାୟକ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିଥିଲେ। ଏହି ନିର୍ବାଚନରେ ସେ ରେକର୍ଡ ୪୩,୯୨୬ ଖଣ୍ଡ ଭୋଟ ବ୍ୟବଧାନରେ ଜନତା ଦଳ ପ୍ରାର୍ଥୀ ବିବେକାନନ୍ଦ ମେହେରଙ୍କୁ ପରାସ୍ତ କରି ପ୍ରଥମ ଥର ବିଧାୟକ ହୋଇଥିଲେ। ଏହାପରେ ସେ ୨୦୦୦, ୨୦୦୯, ୨୦୧୪ରେ କ୍ରମାଗତ ବିଧାୟକ ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନରେ ସେ ବିଜେଡି ପ୍ରାର୍ଥୀ ସରୋଜ ମେହେରଙ୍କଠାରୁ ପରାଜିତ ହୋଇଥିଲେ। ୨୦୨୪ରେ ସେ ଷଷ୍ଠ ଥର ଭାଜପା ବିଧାୟକ ଭାବେ ପାଟଣାଗଡ଼ରୁ ନିର୍ବାଚତ ହୋଇ ବୁଧବାର ଉପମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏହାପୂର୍ବରୁ ୨୦୦୦ରୁ ୨୦୦୪ ମସିହାରେ ସେ ବିଜେଡି-ଭାଜପା ମେଣ୍ଟ ସରକାର ସମୟରେ ଶିଳ୍ପମନ୍ତ୍ରୀ ଓ ୨୦୦୪ରୁ ୨୦୦୯ ମେଣ୍ଟ ସରକାରରେ ନଗର ଉନ୍ନୟନ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୧୩ରୁ ୨୦୧୬ ଯାଏ ସେ ଭାଜପା ରାଜ୍ୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରି ଦଳୀୟ ସଙ୍ଗଠନକୁ ସଶକ୍ତ କରିଥିଲେ। କନକ ବର୍ଦ୍ଧନଙ୍କ ସ୍କୁଲ ଓ କଲେଜ ଶିକ୍ଷା ନୂଆଦିଲ୍ଲୀରେ ସମ୍ପନ୍ନ ହୋଇଛି। ସେ ୧୯୭୫ ମସିହାରେ ନୂଆଦିଲ୍ଲୀ ଏୟାରଫୋର୍ସ ସେଣ୍ଟ୍ରାଲ ସ୍କୁଲରୁ ମାଟ୍ରିକ୍ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ (ବିଏ ପାର୍ଟ-୧) ପାଠ ପଢ଼ିଛନ୍ତି। ତାଙ୍କ ସ୍ତ୍ରୀ ତଥା ବଲାଙ୍ଗୀର ଲୋକ ସଭା ଏମ୍ପି ସଙ୍ଗୀତା କୁମାରୀ ସିଂଦେଓ ଚଳିତ ନିର୍ବାଚନକୁ ମିଶି ୫ ଥର ବଲାଙ୍ଗୀର ଲୋକ ସଭା ଆସନରୁ ଏମ୍ପି ନିର୍ବାଚିତ ହୋଇଛନ୍ତି। କନକ ବର୍ଦ୍ଧନ ସିଂଦେଓଙ୍କ ଏକମାତ୍ର ଝିଅ ନିଭୃତି କୁମାରୀ ସିଂଦେଓ ଅଛନ୍ତି। ଉପମୁଖ୍ୟମନ୍ତ୍ରୀ ଭାବେ କନକ ବର୍ଦ୍ଧନ ବୁଧବାର ଶପଥ ପାଠ କରିବେ ବୋଲି ଜଣାପଡିବା ପରେ ବଲାଙ୍ଗୀରର ବିଭିନ୍ନ ମହଲରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।


ଝାଡୁଆପଡ଼ା ଲୋକନାଥ ବାବା ଓ ମାତା ପାର୍ବତୀ ରୌପ୍ୟ ବିମାନରେ ଉପବିଷ୍ଟ ହୋଇ ନଗର ପରିକ୍ରମାରେ ବାହାରିଛନ୍ତି।

# ଦେବଦମ୍ପତିଙ୍କ ନଗର ପରିକ୍ରମା


ଶିବ ବିବାହ ପରେ କନ୍ୟା ମାତାପିତାଙ୍କ ପକ୍ଷରୁ ଦିଆଯାଇଥିବା ଉପହାର।

**ସମ୍ବଲପୁର, ୧୧।୬(ବି. ଶଙ୍କର)**

ସମ୍ପୂର୍ଣ୍ଣ ଲୋକାଚାରରେ ଶିବ ପାର୍ବତୀଙ୍କ ବିବାହ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାର ନିଆରା ଓ ଅନନ୍ୟ ପରମ୍ପରା। ରୀତିନୀତି ଓ ନିର୍ଦ୍ଧାରିତ ଲଗ୍ନାନୁସାରେ ମଙ୍ଗଳବାର ବ୍ରାହ୍ମ ମୁହୂର୍ତ୍ତରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଛି। ମଧ୍ୟରାତ୍ରିରେ ଦେବଦେବ ମହାଦେବ ଓ ମାତା ପାର୍ବତୀ ଗଣ୍ଡାଳ ହୋଇ ନଗର ପରିକ୍ରମାରେ ବାହାରିଥିଲେ। ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଆଭୂଷିତ ହୋଇ ସୁସଜ୍ଜିତ ବିମାନରେ ଆରୂଢ଼ ହୋଇଥିବା ଦେବଦମ୍ପତିଙ୍କ ଯୁଗଳ ମୂର୍ତ୍ତି ଭକ୍ତଙ୍କୁ ବିମୋହିତ କରିଛି। ପଞ୍ଚ ଉପଚାର ଏବଂ ୧୦୮ ମହାଆଳତି କରି ପଣ୍ଡିତମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଘଣ୍ଟ, ଘଣ୍ଟା, ଶଙ୍ଖ, ହରିବୋଲ, ହୁଳହୁଳିରେ ମୁଖରିତ ହୋଇଥିଲା ସମସ୍ତ ଶିବାଳୟ। ବାଜା, ରୋଶଣି, ପାରମ୍ପରିକ ଲୋକବାଦ୍ୟ, ଲୋକଗୀତ, ଭକ୍ତିଗୀତରେ ବିଭୋର ହୋଇଥିଲେ ଭକ୍ତ। ରଙ୍ଗିନ ଆତସବାଜି ମୁକ୍ତାକାଶକୁ ରଙ୍ଗୀନ କରି ଚମକ ସୃଷ୍ଟି କରିଥିଲା।

ନନ୍ଦପଡ଼ା ଯାତ୍ରା ଓ ଝାଡୁଆପଡ଼ା ଆରଣ୍ୟ ଶୀତଳଷଷ୍ଠୀ ଯାତ୍ରା କମିଟିର ଚାନ୍ଦିମେଢ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଚାନ୍ଦିମେଢ଼ର ଚମକରେ ଯାତ୍ରାପଥ ଚମକୁଥିଲା। ବାଲିବନ୍ଧାର ଶ୍ରୀଶ୍ରୀ ସୋମନାଥ ବାବା, ବମବରଡ଼ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଲୋକନାଥ ବାବା, ମୁଦିପଡ଼ା ଜାଗେଶ୍ୱର ବାବା, ବୁଢ଼ାରଜା ମହାଦେବ, ବଡ଼ବଜାରର ଶୀତଳେଶ୍ୱର ବାବା, ଠାକୁରପଡ଼ା ଗୁପ୍ତେଶ୍ୱର ବାବା, ଦଲେଇପଡ଼ା ଗୁପ୍ତେଶ୍ୱର ବାବା, କୁଲୁତକାନୀ କଳ୍ପେଶ୍ୱର ବାବା, ଦୁର୍ଗାପାଲି ଗୁଡ଼େଶ୍ୱର ବାବା, ସାଲିହାବଗିଚା, ସାକ୍ଷୀପଡ଼ା, ଫାଟକ, ସହର ଉପକଣ୍ଠସ୍ଥ ମାନେଶ୍ୱର ମାନ୍ଧାତା ବାବା, ସିନ୍ଦୂରପଙ୍କ ତାରକେଶ୍ୱର ବାବା, ଶଙ୍କରମଠ ବାବା ଓ ମାତା ପାର୍ବତୀଙ୍କଠାରେ ମହାଆଳତି ପରେ ନଗର ପରିକ୍ରମା ନୀତି ହୋଇଥିଲା। ମହିଳାମାନେ ଘର ସମ୍ମୁଖରେ ପୂର୍ଣ୍ଣକଳସ ସ୍ଥାପନ କରିବା ସହ ଦୀପ ଜାଳି ଦେବଦମ୍ପତିଙ୍କୁ ବନ୍ଦାଣ କରିଥିଲେ। ଲୋକକଥା ଅନୁସାରେ ଶିବ-ପାର୍ବତୀଙ୍କ ଅପୂର୍ବ ଯୁଗଳ ବେଶ ଦର୍ଶନ କଲେ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୁଏ, କିନ୍ନରମାନେ ଅଭିଶପ୍ତ ଜୀବନରୁ ମୁକ୍ତି ପାଇଥାନ୍ତି। ଦେବଦମ୍ପତିଙ୍କ ନଗର ପରିକ୍ରମା ସମୟରେ ଦେବଗଣ ଆକାଶମାର୍ଗରୁ ବର୍ଷା ରୂପୀ ପୁଷ୍ପବୃଷ୍ଟି କରିଥାନ୍ତି। ଏଥିରେ ଉତ୍ତପ୍ତ ଧରାପୃଷ୍ଠରେ ଶୀତଳତା ଅନୁଭବ ହୋଇଥାଏ। ଏଭଳି ଆଧାତ୍ମିକ ବିଶ୍ୱାସକୁ ହୃଦ୍‌ବୋଧ କରି ରାଜ୍ୟ ଓ ରାଜ୍ୟ ବାହାରୁ ଶତାଧିକ କିନ୍ନର ଶିବ ପାର୍ବତୀଙ୍କ ସୁସଜ୍ଜିତ ବିମାନ ସମ୍ମୁଖରେ ନୃତ୍ୟ କରିଥାନ୍ତି।

ସୂଚନାଯୋଗ୍ୟ, ମଙ୍ଗଳବାର ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବିବାହ ମଣ୍ଡପଗୁଡ଼ିକରେ ଭକ୍ତମାନେ ଦେବଦମ୍ପତିଙ୍କୁ ପୂଜାର୍ଚ୍ଚନା କରିଥିଲେ। ମଧ୍ୟାହ୍ନ ୧୨ଟାରେ ସାମୂହିକ ପ୍ରସାଦସେବନ ପରେ ଗୋଧୂଳି ଲଗ୍ନରେ କନ୍ୟା ବିଦାୟ ନୀତି କରାଯାଇଥିଲା। ସମ୍ବଲପୁର ଶୀତଳଷଷ୍ଠୀ ମିଳିତ ସମନ୍ୱୟ କମିଟି, ବଡ଼ବଜାର, ଠାକୁରପଡ଼ା, ବୁଢ଼ାରଜା କମିଟି ପକ୍ଷରୁ ଶୋଭାଯାତ୍ରାରେ ଲୋକନୃତ୍ୟ ଓ ଲୋକବାଦ୍ୟ ଏବଂ ସଙ୍ଗୀତ ପରିବେଶିତ ହୋଇଥିଲା। ବୁଧବାର ଦେବ ଦମ୍ପତି ସ୍ୱମନ୍ଦିର ପ୍ରବେଶ କରିବା ରୀତି ରହିଥିବା ଯାତ୍ରା କମିଟି ପକ୍ଷରୁ ସୂଚିତ କରାଯାଇଛି।


ନଗର ପରିକ୍ରମା ଶୋଭାଯାତ୍ରରେ ଭକ୍ତି ସଙ୍ଗୀତରେ କଳାକାରଙ୍କ ନୃତ୍ୟ।
















# ୧୩ରୁ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା

■ ଆକର୍ଷିତ ହେଉଛନ୍ତି ବାହାର ରାଜ୍ୟର ଖେଳାଳି

■ ନୂତନ ଭାବରେ ଯୋଗଦେବେ ୪ ପୁରୁଷ ଓ ୧ ମହିଳା ଦଳ



ଖବରଦାତା ସମ୍ମିଳନୀରେ ଯାଜପୁର କବାଡି ଆସୋସିଏଶନର କର୍ମକର୍ତ୍ତା।

**ରସୁଲପୁର,୧୧।୬(ରଞ୍ଜିତ ରାଉତ):**

ରଜ ଅବସରରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳର ଖଣ୍ଡିତର ଗ୍ରାମସ୍ଥିତ ମା'ମଙ୍ଗଳା କବାଡ଼ି ଷ୍ଟାଡିୟମଠାରେ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଜୁନ ୧୩ରୁ ଆରମ୍ଭ ହୋଇ ୧୬ ତାରିଖରେ ଶେଷ ହେବ ବୋଲି ଆୟୋଜକ ଯାଜପୁର କବାଡି ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଯୋଗିତାରେ ମୋଟ୍ ୩୨ ଦଳ ଅଂଶଗ୍ରହଣ କରିବେ। ସେଥିମଧ୍ୟରୁ ବାହାର ରାଜ୍ୟରୁ ୧୭ ଦଳ ମଧ୍ୟରୁ ୧୩ ପୁରୁଷ ଓ ୪ ମହିଳା ଦଳ ରହିବେ। ନୂତନଭାବେ ରାଜ୍ୟ ବାହାରୁ ୪ ପୁରୁଷ ଦଳ ମହାରାଷ୍ଟ୍ର ଅର୍ଡିନାନ୍ସ, ମଧ୍ୟପ୍ରଦେଶରୁ ଭୋପାଳ ଆର୍‌ସିସି, ଜବଲପୁର ଷ୍ଟାର ଏକାଡେମୀ, ଛତିଶଗଡ଼ ରାଜ୍ୟର ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଜରିଆରେ ଏହି ସୂଚନା ଦିଆଯାଇଛି।

କବାଡ଼ି ଆସୋସିଏଶନ ସଭାପତି ପ୍ରଦୀପ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ସହସମ୍ପାଦକ ସମରେନ୍ଦ୍ର ଦାଶ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସମ୍ପାଦକ ରବୀନ୍ଦ୍ର ପୃଷ୍ଟି, ଉପସଭାପତି କୃଷ୍ଣକାନ୍ତ ପଣ୍ଡା, ଅଭୟ ମହାନ୍ତି ଓ ଅନାଦି ଚରଣ ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅଲ ଇଣ୍ଡିଆ କବାଡି ଫେଡେରେଶନ(ଏଆଇଏକେଏଫ୍) ଦ୍ୱାରା ଅଧିସ୍ୱୀକୃତ ଏହି ପ୍ରତିଯୋଗିତାରେ ସର୍ବଭାରତୀୟ କବାଡି ସଂସ୍ଥା ଦ୍ୱାରା ସ୍ୱୀକୃତିପ୍ରାପ୍ତ ଖେଳ ପରିଚାଳିକା, ପରିଚାଳକ ଖେଳକୁ ପରିଚାଳନା କରିବେ। ଏଆଇଏକେଏଫ୍ ନିୟମାବଳୀ ଦ୍ୱାରା ମ୍ୟାଚଗୁଡିକ ପରିଚାଳନା କରାଯିବ।

ଏଠାରେ ଆୟୋଜନ ହେବାକୁ ଥିବା ସମସ୍ତ ଦିବାରାତ୍ର ମହିଳା ଓ ପୁରୁଷ ବର୍ଗର ମ୍ୟାଚ୍‌ଗୁଡିକ ମ୍ୟାଟ୍ ଉପରେ ଖେଳାଯାଉଛି। ରାତ୍ରକାଳୀନ ମ୍ୟାଚ୍ ପାଇଁ ପଡିଆରେ ଫ୍ଲଡ ଲାଇଟ୍ ବ୍ୟବସ୍ଥା କରାଯାଇଛି। ଦର୍ଶକଙ୍କ ପାଇଁ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଜାରି ରହିଛି। ମହିଳା ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ଗ୍ୟାଲେରି କାର୍ଯ୍ୟ ଶେଷ ହୋଇଛି।

ପ୍ରତିଯୋଗିତାରେ ବାହାର ରାଜ୍ୟରୁ ବିଳାସପୁରର ବୀର ଶିବାଜୀ, ଉତ୍ତରପ୍ରଦେଶ ନାଗପୁର ଗାଜିଆବାଦ୍ ଓ ବୁଲନ୍ଦସର, ହରିୟାଣା, ଦକ୍ଷିଣପୂର୍ବ ରେଳବାଇ, ପୂର୍ବତଟ ରେଳବାଇ, କୋଲକତା ପୋଲିସ, ଆୟକର ବିଭାଗ-ଗୁଜରାଟ ପୁରୁଷ ଦଳ ସମେତ ଛତିଶଗଡ଼ ରାଜ୍ୟ ମହିଳା ଦଳ ଓ ସାଇ ରାଜନନ୍ଦଗାଓଁ, ଦକ୍ଷିଣପୂର୍ବ ରେଳବାଇ, ପଶ୍ଚିମବଙ୍ଗର ଚନ୍ଦନନଗର ମହିଳା କବାଡି ଦଳ ପୂର୍ବ ବର୍ଷଭଳି ଚଳିତ ବର୍ଷ ଯୋଗ ଦେବେ ବୋଲି ସ୍ୱୀକୃତ ପ୍ରଦାନ କରିଛନ୍ତି। ରାଜ୍ୟରୁ କିଟ୍-ଭୁବନେଶ୍ୱର, କଟକ କିଶୋର କ୍ଲବ, କଳିଙ୍ଗ ଏକାଡେମୀ ଆସ୍କା ଓ ଯାଜପୁର ଦଳ ପ୍ରମୁଖ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

ପ୍ରତିଯୋଗିତାର ପୁରୁଷ ବିଭାଗ ଚାମ୍ପିୟନ ଦଳକୁ ୧ଲକ୍ଷ ଟଙ୍କା, ରନର୍ସ ଅପ୍ ଦଳକୁ ୬୦ ହଜାର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୩୦ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ। ଶ୍ରେଷ୍ଠ ଖେଳାଳିଙ୍କୁ ସନ୍ତୋଷଜନକ ପୁରସ୍କାର ରାଶି ପ୍ରଦାନ କରାଯିବ। ମହିଳା ଦଳର ଚାମ୍ପିୟନ ଓ ରନର୍ସଅପ ଦଳର ପୁରସ୍କାର ରାଶିକୁ ବୃଦ୍ଧି କରାଇବା ପାଇଁ ଆୟୋଜକଙ୍କ ପକ୍ଷରୁ ବିଚାର କରାଯାଉଛି। ଏଠାରେ ଆୟୋଜିତ ଖେଳରେ ୫୦ଜଣରୁ ଊର୍ଦ୍ଧ୍ୱ ଅଫିସିଆଲ ଯୋଗଦେବେ ବୋଲି କୁହାଯାଉଛି। କବାଡ଼ି ପ୍ରିମିୟର ଲିଗ୍ ପ୍ରତିଯୋଗିତା ନ ଥିବାରୁ ଏଥର ପ୍ରତିଯୋଗିତାରେ ବହୁ ପ୍ରତିଭାବାନ ଖେଳାଳି ବିଭିନ୍ନ ଦଳ ସହ ସାମିଲ ହୋଇ ଖେଳ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ପ୍ରତିଯୋଗିତାକୁ ଶୃଙ୍ଖଳିତ କରିବା ପାଇଁ ଯାଜପୁର କବାଡି ଆସୋସିଏଶନ ପକ୍ଷରୁ ଜିଲା ପ୍ରଶାସନ, ରାଜ୍ୟ କବାଡି ଆସୋସିଏଶନ, ଯାଜପୁର ଜିଲା ଆଥ୍‌ଲେଟିକ ଆସୋସିଏଶନ ସମେତ ଖେଳ ଆୟୋଜନରେ ସହାୟତା ପ୍ରଦାନ କରିଆସୁଥିବା ବିଭିନ୍ନ ସଂସ୍ଥାର ସହଯୋଗ କାମନା କରାଯାଇଛି।

# ଇଶାନେଶ୍ୱରଙ୍କ ବିବାହ ଉତ୍ସବ

**ପାଣିକୋଇଲି,୧୧।୬ (ବିକାଶ ମଲ୍ଲିକ):**



ଶୀତଳ ଷଷ୍ଠୀ ଅବସରରେ ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମର ଆରାଧ୍ୟ ଦେବତା ବାବା ଇଶାନେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ବୈଦିକ ରୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ନୀଳମଣି ପଣ୍ଡା, ସହଯୋଗୀ ଗଦାଧର ଦାଶ, ନାରାୟଣ ପଣ୍ଡା, ବିଶ୍ୱନାଥ ପଣ୍ଡା ଓ ତ୍ରିନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ କନ୍ୟାପିତାଭାବେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଅଦୈତ୍ୟ ଚରଣ ଦାଶ ଓ ସହଧର୍ମିଣୀ ପଦ୍ମାବତୀ ଦାଶ ଯୋଗ ଦେଇଥିଲେ। ବରପିତାଭାବେ ଗ୍ରାମର ମଧୁସୂଦନ ଦାଶ ଓ ସହଧର୍ମିଣୀ ମିତାଞ୍ଜଳି ଦାଶ ଯୋଗଦେଇ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତ୍ୟୁଷରେ ସୂର୍ଯ୍ୟପୂଜା, ଗୋମାତା ପୂଜାପରେ ହୋମଯଜ୍ଞ ଅନୁଷ୍ଠିତ ହୋଇ ବିବାହ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପ୍ରଫୁଲ୍ଲ କୁମାର ପାଳ, କୃତ୍ତିବାସ ଖଣ୍ଡାଇ, ଗୋପାଳ ଚନ୍ଦ୍ର ଦାଶ, ବିନୋଦ ଦଳାଇ, ଅଲେଖ ଦାଶ, ଶିବ ବାରିକ, ଚିନ୍ତାମଣି ଦାଶ, କୃଷ୍ଣଚନ୍ଦ୍ର ଦାଶ, ସୂର୍ଯ୍ୟମଣି ସାହୁ, ରବି ନାୟକ, ସୁଲୋଚନା ପଣ୍ଡା, ବୀଣାପାଣି ମଲ୍ଲିକ, ଅଭୟ କୁମାର ସ୍ୱାଇଁ, ନବକିଶୋର ଦାଶ ଓ ମହେନ୍ଦ୍ର କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏଟିଏମ୍ କାର୍ଡ ବ୍ୟବହାର କରି ଟଙ୍କା ହଡ଼ପ: ଅଭିଯୁକ୍ତ ଗିରଫ

**ରସୁଲପୁର,୧୧।୬(ରଞ୍ଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ରାହାମ୍ବା ଗ୍ରାମର ଶିବାନନ୍ଦ ନାଥଙ୍କ ଏଟିଏମ୍ କାର୍ଡକୁ ବ୍ୟବହାର କରି ୨୩ହଜାର ଟଙ୍କା ହଡ଼ପ କରିଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଭଦ୍ରକ ଜିଲାର ଅମ୍ରିତ କୁମାର ବେହେରା। ଚଳିତ ମାସ ୮ତାରିଖରେ ଶିବାନନ୍ଦ କୁଆଖିଆ ବଜାର ଅଞ୍ଚଳରେ ଥିବା ଏକ ଏଟିଏମ୍‌ରୁ ଟଙ୍କା ଉଠାଣ କରି ଭୁଲDବଶତଃ ଏଟିଏମ୍ ନିକଟରେ କାର୍ଡକୁ ଛାଡି ଚାଲି ଯାଇଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ଗ୍ରାହକ ଆସି ଏଟିଏମ୍‌ରୁ ଟଙ୍କା ଉଠାଣ କରିଥିଲେ। ହେଲେ ମେଶିନ ପାଖରେ ଥୁଆ ହୋଇଥିବା କାର୍ଡଟି ପ୍ରତି ଧ୍ୟାନ ଦେଇ ନ ଥିଲେ। ମାତ୍ର ଅଭିଯୁକ୍ତ ଅମ୍ରିତ ଟଙ୍କା ଉଠାଇବାକୁ ଆସି ମେଶିନ ପାଖରେ ଥୁଆ ହୋଇଥିବା କାର୍ଡକୁ ବ୍ୟବହାର କରିଥିଲେ। ସେ ଅନୁମାନ ଲଗାଇ ପିନ୍ ବ୍ୟବହାରକରି ଏଟିଏମ୍‌ରୁ ଟଙ୍କା ଉଠାଇବାରେ ସଫଳ ହୋଇଥିଲେ। ଏ ନେଇ ଶିବାନନ୍ଦ ୯ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏଟିଏମ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିବା ସହ ଅଭିଯୁକ୍ତଙ୍କ ଆକାଉଣ୍ଟ ଓ ମୋବାଇଲ ନମ୍ବର ଟ୍ରାକିଂ କରି ତାଙ୍କ ପାଖରେ ପହଞ୍ଚିବାକୁ ସକ୍ଷମ ହୋଇଥିଲା। ଅଭିଯୁକ୍ତ କୁଆଖିଆ ଥାନା ଅଞ୍ଚଳରେ ଶଶୁର ଘରେ ରହୁଥିବା ଜାଣି ପୋଲିସ ସୋମବାର ତାଙ୍କୁ ଗିରଫ କରିଥିଲା। ଏନେଇ ପୋଲିସ ନମ୍ବର ୨୭୩/୨୪ରେ ଏକ ମାମଲା ରୁଜୁ କରିଛି। ଏସ୍‌ଆଇ ହେମଲତା ଦାସ ମାମଲାର ତଦନ୍ତ କରୁଛନ୍ତି।

# ଲୁହାପଥର ବୋଝେଇ ଟ୍ରକ୍ ଜଳିଗଲା

**ଢେଙ୍କିକୋଟ,୧୧।୬(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୦ ନଂ. ଗଦାଧରପୁର ପଞ୍ଚାୟତ ଗଦାଧରପୁର କୁକୁରକଟା ନାଳ ପୋଲ ନିକଟରେ ମଙ୍ଗଳବାର ଏକ ଲୁହାପଥର ବୋଝେଇ ଟ୍ରକ୍ ଜଳିଯାଇଛି। ସର୍ଟସର୍କିଟରୁ ନିଆଁ ଲାଗିଥିବା ଜଣାପଡ଼ିଛି। ଡ୍ରାଇଭର ଧୂଆଁ ବାହାରିବା ଦେଖି ଗାଡି ରଖି ଓହ୍ଲାଇ ପଡ଼ି ପାଟି କରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଘଟଗାଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଟ୍ରକ୍‌ର କ୍ୟାବିନ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଦ୍ରି ତପସ୍ୱିନୀ


@ ଚିନ୍ମୟ


@ ସୌମ୍ୟରଞ୍ଜନ


@ ସୁଦୀପ୍ତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫେକର ଖଣିରେ ୩ ଟ୍ରାନ୍ସଜେଣ୍ଡରଙ୍କୁ ନିଯୁକ୍ତି

**ଯାଜପୁର ଅଫିସ,୧୧।୬ (ହର୍ଷବର୍ଦ୍ଧନ ବେହେରା) :**

ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଫେରୋ ଆଲୋଏସ୍ କର୍ପୋରେଶନ ଲିମିଟେଡ(ଫ୍ୟାକର୍) ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଫେକର ଏକ ଅଗ୍ରଣୀ କମ୍ପାନୀ ଭାବେ ଟ୍ରାନ୍ସଜେଣ୍ଡର ବ୍ୟକ୍ତି ତଥା ସଦସ୍ୟଙ୍କ ପାଇଁ ଜାତୀୟ ପରିଷଦକୁ ସକ୍ରିୟ କରିବାକୁ ପ୍ରତିଶ୍ରୁତି ଘୋଷଣା କରିଛି । କମ୍ପାନୀର ପରିଚାଳନା ମଣ୍ଡଳୀ ସହଯୋଗରେ ପ୍ରତିଭାବାନ ଟ୍ରାନ୍ସଜେଣ୍ଡର ବ୍ୟକ୍ତିଙ୍କୁ ୩ ଜଣ କର୍ମଚାରୀଙ୍କୁ ବୋର୍ଡରେ ରଖାଯାଇଛି।

କମ୍ପାନୀ ପକ୍ଷରୁ ଆହୁରି ସୂଚନା ଦିଆଯାଇଛି, ପୁରୁଷ ପ୍ରାଧାନ୍ୟ ଖଣି ପରି ଶିଳ୍ପରେ ବିବିଧତା ପ୍ରତି ଏହି କମ୍ପାନୀ ଗୁରୁତ୍ୱ ଦେଇଛି। ଟ୍ରାନ୍ସଜେଣ୍ଡରମାନଙ୍କୁ ନିଯୁକ୍ତି ପାଇଁ କମ୍ପାନୀ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ସାମ୍ନା କରିଛି। ତଥାପି ଫେକର ଏହି ଆଦର୍ଶକୁ ଚ୍ୟାଲେଞ୍ଜ କରିବାକୁ ଏକ ଉଦାହରଣ ସୃଷ୍ଟି କରି ପାରିଛି। ଫେକର କମ୍ପାନୀର ସିଇଓ ପଙ୍କଜ ଶର୍ମା କହିଛନ୍ତି, ଟ୍ରାନ୍ସଜେଣ୍ଡର ବ୍ୟକ୍ତିବିଶେଷଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ଆଲିଙ୍ଗନ କରି, ଆମେ ଆମର କର୍ମକ୍ଷେତ୍ରକୁ ବିଭିନ୍ନ ଦୃଷ୍ଟିକୋଣ ଏବଂ ପ୍ରତିଭା ସହିତ ସମୃଦ୍ଧ କରିଥାଉ। ଶେଷରେ ନବସୃଜନ ଏବଂ ସଫଳତାକୁ ଚଲାଇଥାଉ। ସେହିପରି ସିଏଚଆରଓ ସୁନୀତି ଧଳ କହିଛନ୍ତି, ଟ୍ରାନ୍ସଜେଣ୍ଡର ପ୍ରତିଭାକୁ ସକ୍ରିୟ ଭାବରେ ଖୋଜିବା ଏବଂ ସ୍ୱାଗତ କରିବା ଦ୍ୱାରା କେବଳ କର୍ମଜୀବୀଙ୍କୁ ବିବିଧ ଦୃଷ୍ଟିକୋଣ ଏବଂ ଅଭିଜ୍ଞତା ସହିତ ସମୃଦ୍ଧ କରୁନାହୁଁ ବରଂ ସମସ୍ତ ବ୍ୟକ୍ତିଙ୍କ ପ୍ରତି ସମାନତା ଏବଂ ସମ୍ମାନ ଅଧିକାରକୁ ପ୍ରମାଣିତ କରୁଛୁ।


ଫ୍ୟାକରରେ ନିଯୁକ୍ତି ପାଇଥିବା ୩ ଟ୍ରାନ୍ସଜେଣ୍ଡର ଏବଂ କମ୍ପାନୀର ଅଧିକାରୀମାନେ।

# ଗ୍ରୀଷ୍ମରେ ଜଳୁଛି ଇଟାଭାଟି, ପ୍ରଶାସନ ନିରବ

**ଚଣ୍ଡିଖୋଲ,୧୧।୬ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବର୍ଷା ନାହିଁ, ଅସହ୍ୟ ଗରମ ଓ ଗୁଳୁଗୁଳିରେ ସାରା ଓଡ଼ିଶା ଜଳୁଛି। ଏହା ମଧ୍ୟରେ ଜନବସତି ନିକଟରେ ଜଳୁଛି ଇଟାଭାଟି। ଯାହା ତାତିକୁ ଦ୍ୱିଗୁଣିତ କରୁଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବଡ଼ଚଣା ବ୍ଲକ ଦର୍ପଣ ତହସିଲର ମୃଷାଟିକିରି ରାଜସ୍ୱ ସର୍କଲ ଅଧୀନ ବଡ଼ବାଲିକୁଦା, ବରପଦା, ସାଉଡ଼ିଆ, ରଇପୁର ଓ କୋଲଣଗିରି ପଞ୍ଚାୟତରେ। ଏହି ପଞ୍ଚାୟତ ଅନ୍ତର୍ଗତ ବିରୂପା ଓ କେଲୁଅ ନଦୀପଠା ଏବେ ଇଟା ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ସେହିଭଳି ନାନପୁର ଓ ପତରାଜପୁରଠାରେ ମଧ୍ୟ ଇଟା ପକା କାର୍ଯ୍ୟ ଚାଲିଛି। ଜୁନ ମାସ ହୋଇଥିଲେ ବି ମାଫିଆ ସବୁ ସରକାରୀ ନିୟମକୁ 'ଫୁ' କରି ଇଟା ପକା ଜାରି ରଖିଛନ୍ତି। କେଉଁଠି ଭାଟି ଜଳୁଛି ତ କେଉଁଠି ଭାଟି ଲଦା ଚାଲିଛି ଓ ଅନ୍ୟ କେଉଁଠି ଇଟା ଗଢ଼ା ଚାଲିଛି। ନଦୀବନ୍ଧ କଡ଼ରେ ଜନବସତି ଥିବାବେଳେ ଅପର ପାର୍ଶ୍ୱରେ ମାତ୍ର କେଇ ମିଟର ଦୂରରେ ଇଟାଭାଟି ଜଳୁଛି। ଖରାଦିନିଆ ଦକ୍ଷିଣୀ ପବନରେ ତାତି ବଢୁଥିବାବେଳେ ଧୂଆଁ ମଧ୍ୟ ଘର ମଧ୍ୟକୁ ପ୍ରବେଶ କରି ଲୋକଙ୍କୁ ଅତିଷ୍ଠ କରୁଛି। ଏସବୁ କଥା ପ୍ରଶାସନ ଜାଣିଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଛି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଖୁବ୍‌ଶୀଘ୍ର ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ତଦନ୍ତ କରିବେ। ଏବେ ଦେଖିବାକୁ ଅପେକ୍ଷା ଏଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି।


ପ୍ରଚଣ୍ଡ ଖରାରେ ଜନବସତି ନିକଟରେ ଜଳୁଛି ଇଟାଭାଟି।

# ମୌସୁମୀ ପ୍ରବେଶ ସତ୍ତ୍ୱେ ବର୍ଷା ଅଭାବ

ପଟ୍ଟାମୁଣ୍ଡାଇ,୧୧।୬ (କଳ୍ପତରୁ ନାୟକ)


ପଟ୍ଟାମୁଣ୍ଡାଇ ଗୋବରୀ ସମ୍ପ୍ରସାରିତ କେନାଲରେ ପାଣି ନାହିଁ।


ତଳି ପଡ଼ିଥିବା ଚାଷଜମି ଶୁଖିଲା ପଡିଛି।

■ ପଟ୍ଟାମୁଣ୍ଡାଇରେ ଚାଷ କାର୍ଯ୍ୟ ପ୍ରଭାବିତ
■ କେନାଲରେ ପାଣି ନାହିଁ, ଚିନ୍ତାରେ ଚାଷୀ

ଓଡ଼ିଶାରେ ମୌସୁମୀ ପ୍ରବେଶ ସତ୍ତ୍ୱେ ରାଜ୍ୟରେ ବର୍ଷା ନାହିଁ। ଅସହ୍ୟ ତାତି ସହ ଗୁଳୁଗୁଳି ଲାଗି ରହିଛି। ଶୁକ୍ରବାର ରଜପର୍ବ ଆରମ୍ଭ ହେବ। ମୌସୁମୀ ଆଗମନ ବିଳମ୍ବ ଯୋଗୁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଓ ମ୍ୟୁନିସିପାଲଟି ଅଞ୍ଚଳରେ ଖରିଫ ଚାଷ ପାଇଁ ଆଶାନୁରୂପକ ବର୍ଷା ହୋଇନାହିଁ। ଫଳରେ ମୁଖ୍ୟତଃ ଖରିଫ ଧାନ ଚାଷ ଉପରେ ନିର୍ଭର କରୁଥିବା ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଅକ୍ଷୟ ତୃତୀୟାଠାରୁ ଅଖିମୁଠି ଅନୁକୂଳ ଓ ରଜପର୍ବ ବେଳକୁ ଧାନ ବୁଣା ଶେଷ ହେବା କଥା। ମାତ୍ର ଅଣ ଜଳସେଚିତ ଜମିରେ ଏବେ ସୁଦ୍ଧା ଧାନ ବୁଣା କି ତଳି ପକା କାମ ହୋଇନାହିଁ। ଆଗାମୀ ଦିନରେ ଲଗାତର ଭାବେ ବର୍ଷା ନ ହେଲେ ଖରିଫ ଚାଷ ପ୍ରଭାବିତ ହେବ। ଏହାଛଡା ସମବାୟ ସମିତି ପକ୍ଷରୁ ଉତ୍ପାଦନକ୍ଷମ ଧାନ ବିହନ ଯୋଗାଣ ହୋଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

କୃଷକ ନେତା ବିଜୟ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୧୦,୪୦୦ ହେକ୍ଟର କ୍ଷେତରେ ଖରିଫ ଚାଷ ହେବ ବୋଲି କୃଷି ବିଭାଗ ପକ୍ଷରୁ ସ୍ଥିର ହୋଇଛି। ପାରମ୍ପରିକ ବିହନ ବାଦ୍ ପ୍ରାୟ ୨ ହଜାର କୁଇଣ୍ଟାଲ ବିହନ ଆବଶ୍ୟକତା ଥିବାବେଳେ ମାତ୍ର ୮୦ କୁଇଣ୍ଟାଲ ବିଭିନ୍ନ ଡିଲର ମାଧ୍ୟମରେ ବିକ୍ରୟ ହେଉଛି। ସମବାୟ ସମିତି ଏପର୍ଯ୍ୟନ୍ତ ବିହନ ଉଠାଇ ନ ଥିବାରୁ ଚାଷୀ ଅଧିକ ଅମଳକ୍ଷମ କନକ ପ୍ଲସ, ଧଳା ସ୍ୱର୍ଣ୍ଣ, ଶାରଳା, ସାଧନା ଖୁସିଆନି ଆଦି ବିହନ ଚାଷୀଙ୍କ ନିକଟରେ ପହଞ୍ଚି ପାରିନାହିଁ। ସେହିପରି ଅକ୍ଷୟ ତୃତୀୟା ପରେ ଚାଷୀ ବିଲରେ ହଳ ଆରମ୍ଭ କରି ରଜ ପୂର୍ବରୁ ତଳିଆ ପାଟ କ୍ଷେତରେ ପାରମ୍ପରିକ ବିହନ ବୁଣିଥିଲେ। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଚାଷୀ କ୍ଷେତରେ ଧାନ ବୁଣିଥିଲେ ମଧ୍ୟ ପ୍ରବଳ ଖରା ଯୋଗୁ ଏହି ବିହନ ଗଜା ହେବା ସମ୍ଭାବନା କମିଛି। କୃଷକ ସୁରେନ୍ଦ୍ର ପରିଡା କହିଛନ୍ତି, ଚଳିତବର୍ଷ ରାଜ୍ୟକୁ ଠିକ୍ ସମୟରେ ମୌସୁମୀ ଆସିବା ଜାଣି ଚାଷୀକୁଳରେ ଆନନ୍ଦ ପ୍ରକାଶ ପାଇବା ସହ ଧାନ ତଳି ପକାଇବାକୁ ପ୍ରସ୍ତୁତି ଆରମ୍ଭ କରିଥିଲେ। ମାତ୍ର ଏବେ ବର୍ଷାର ଲୁଚକାଳି ଖେଳ ଯୋଗୁ ଚାଷୀ ମହଲରେ ଚିନ୍ତା ପ୍ରକାଶ ପାଇଛି। ପୋଖରୀ, ଗଡ଼ିଆ ପାଖରେ ଥିବା ଜମିରେ ମଟର ଲଗାଇ ପାଣି ମଡ଼ାଇ ଚାଷୀ ତଳି ପକାଉଛନ୍ତି। ପ୍ରତ୍ୟେକ ବର୍ଷ ରଜ ପୂର୍ବରୁ ତଳିଗୁଡ଼ିକ ୫ ଇଞ୍ଚ ବଢ଼ି ଯାଇଥାଏ। ବୁଣାଧାନରେ ଏତେ ବେଳକୁ ଲଙ୍ଗଳମରା ଓ ପ୍ରଥମ ପିଡ଼ିଆ ମରାଯିବା କଥା। କିନ୍ତୁ ପାଣି ନ ଥିବାରୁ ତଳି ଅନେକ ସ୍ଥାନରେ ପାଚି ଯାଇଥିବା ଦେଖିବାକୁ ମିଳିଛି। ଶୁଖିଲା ଚାଷ ହୋଇଥିବା ଜମିରେ ପାଣି ଅଭାବରୁ ଘାସ ମାଡ଼ି ଯାଇଛି। ଆଗକୁ ଯଦି ଠିକ୍ ଭାବେ ବର୍ଷା ନ ହୁଏ କିମ୍ବା କେନାଲରେ ପାଣି ନ ଆସେ ତେବେ ଫସଲହାନି ହେବା ଏକ ପ୍ରକାର ସୁନିଶ୍ଚିତ। ଚାଷୀ ସୁଶାନ୍ତ ସାମଲ, ପ୍ରଭାକର ସେଠୀ, ରଞ୍ଜିତ ପ୍ରଧାନ, ପ୍ରଦୀପ ନାୟକ, ସନ୍ତୋଷ ଭଳ, ପାରେଶ୍ୱର ସେଠୀ, ଅଭୟ ବଳ, ସୁଧୀର ଦାସ, ଭିକାରୀ ବାଇ ପ୍ରମୁଖ ଦାବି ପୂର୍ବକ କୁହନ୍ତି, ପଟ୍ଟାମୁଣ୍ଡାଇ କେନାଲ ଓ ଏହାର ଶାଖା କେନାଲରେ ପାଣି ଆସିବା ବିଳମ୍ବ ହେଉଛି। କେନାଲର ଅନେକ ସ୍ଥାନରେ ସେତୁ ଓ ଉନ୍ନତିମୂଳକ କାର୍ଯ୍ୟ ହେଉଥିବାରୁ ପାଣି ଛଡାଯିବା ସ୍ୱପ୍ନ ପାଲଟିଛି। ଅନେକ ଶାଖା କେନାଲ ଗଛ, ଘାସ, ଲତା ଓ ଦଳରେ ପୋତି ହୋଇ ପଡ଼ିଛି। ଏହି ଅଞ୍ଚଳର କେତେକ ସ୍ଥାନରେ ଉଠା ଜଳସେଚନ ପ୍ରକଳ୍ପ ରହିଛି। ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ ଅନେକ ସ୍ଥାନରେ ଅଚଳ ଅବସ୍ଥାରେ ପଡ଼ି ରହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ସେଗୁଡ଼ିକୁ ସଚଳ କରିବା ପାଇଁ ତତ୍ପରତା ପ୍ରକାଶ କରୁନାହାନ୍ତି। ପର୍ଯ୍ୟାପ୍ତ ଜଳସେଚନର ସୁବିଧା ନ ଥିବାରୁ ଚାଷୀମାନେ ଅନେକ ସ୍ଥାନରେ ପାରମ୍ପରିକ ଧାନଚାଷ କରିବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି। କୃଷି ବିଭାଗ ଓ କୃଷକମାନଙ୍କ ମଧ୍ୟରେ ଅନେକ ସମୟରେ ସମନ୍ୱୟର ଅଭାବ ପରିଲକ୍ଷିତ ହେଉଥିବାରୁ ଚାଷୀମାନେ ଠିକ୍ ସମୟରେ ଆବଶ୍ୟକ କରୁଥିବା ବିହନ ଓ ରାସାୟନିକ ସାର ପାଇ ପାରୁନାହାନ୍ତି। କୃଷିର ବିକାଶ ଲାଗି ସରକାର ପଦକ୍ଷେପ ନେବା ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ କୃଷି ବିଭାଗ ଅତିରିକ୍ତ କୃଷି ଅଧିକାରୀ ଶରତ ନାୟକଙ୍କୁ ପଚାରିବାରେ ଚଳିତ ଋତୁରେ ୧୦,୪୦୦ ହେକ୍ଟର ଜମିରେ ଖରିଫ ଫସଲ ହେବାକୁ ଲକ୍ଷ୍ୟ ରଖାଯାଇଛି। ୨୦୦ ହେକ୍ଟର ଜମିରେ ଧାନ ବୁଣା ହେବ। ୭୦୦ହେକ୍ଟର ଜମିରେ ତଳି ପଡ଼ିବାକୁ ଥିବାବେଳେ ପାଣି ଯୋଗୁ ଚାଷ କାମରେ ବାଧା ଉପୁଜିଛି ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅତ୍ରି ତପସ୍ୱିନୀ


@ ଚିନ୍ମୟ


@ ସୌମ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚାଷୀଙ୍କ ଦୁଃଖ: ଆଖଡ଼ାଶାଳୀ ଅଧାପନ୍ତରିଆ ସ୍ଲୁଇସ୍ କ୍ରିକ୍


ଆଖଡ଼ାଶାଳୀଠାରେ ନବନିର୍ମିତ ଅଧାପନ୍ତରିଆ ସ୍ଲୁଇସ୍ କ୍ରିକ୍

■ ଜଳ ନିଷ୍କାସନ ପଥ ଜମି ଅଧିଗ୍ରହଣରେ ବାଧକ ସାଜିଛି
■ ଲୁଣିପାଣି ଶତାଧିକ ଏକର ଜମିରେ ମାଡୁଛି
■ ଚିନ୍ତାରେ ଅଞ୍ଚଳ ଚାଷୀ

ମହାକାଳପଡ଼ା,୧୧।୬(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ମହାନଦୀ ଶାଖା ଗୁପ୍ତଗିରି ନଦୀ ଆଖଡ଼ାଶାଳୀ ଦେଇ ଅଞ୍ଚଳର ଶତାଧିକ ଏକର ଜମିରେ ଲୁଣିପାଣି ପ୍ରବେଶ କରୁଛି। ଫଳରେ ଏହି ଅଞ୍ଚଳର ୬ ପଞ୍ଚାୟତର ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି। ଚାଷୀଙ୍କ ଦୁଃଖକୁ ହୃଦୟଙ୍ଗମ କରି ୧୯୯୫-୯୬ରେ ରାଜ୍ୟ ସରକାର ଆଖଡ଼ାଶାଳୀଠାରେ ୫୫ ଲକ୍ଷ ଟଙ୍କା ବ୍ୟୟରେ ଏକ ସ୍ଲୁଇସ୍ କ୍ରିକ୍ ନିର୍ମାଣ କାର୍ଯ୍ୟ ହୋଇଥିଲା। ପ୍ରକଳ୍ପ ନିର୍ମାଣରେ ବୈଷୟିକ ଜ୍ଞାନକୌଶଳରେ ତ୍ରୁଟି ଓ ଅଧିକ ଗଭୀର ପଙ୍କୁଆ ସ୍ଥାନ ଯୋଗୁ ୨୦୦୨ ମସିହାରେ ପ୍ରକଳ୍ପଟି ଭୁଶୁଡ଼ି ପଡ଼ିଥିଲା। ଫଳରେ ଏହି କ୍ରିକ୍‌ଟି ଅଧାପନ୍ତରିଆ ହୋଇ ରହିଛି।

ରାଜ୍ୟ ସରକାର ପରବର୍ତ୍ତୀ ସମୟରେ ୨୦୧୩ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୩ ଶହ ମିଟର ଦୂରରେ ୭ କୋଟି ଟଙ୍କା ବ୍ୟୟ ଅଟକଳରେ ସ୍ଲୁଇସ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ୨୦୧୯ରେ ପ୍ରକଳ୍ପ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ମହାନଦୀର ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ଉଭୟ ପାର୍ଶ୍ୱରେ ଘରୋଇ ଜମି ଅଧିଗ୍ରହଣ ବାଧକ ସାଜିଛି। ଏ ନେଇ ଘରୋଇ ଜମି ମାଲିକମାନେ ଅଦାଲତରେ ଆଶ୍ରୟ ନେଇଥିଲେ। ପରବର୍ତ୍ତୀ ସମୟରେ ମାଲିକମାନେ ଜମିର ମୂଲ୍ୟ ଅଧିକ ପ୍ରଦାନ ପାଇଁ ଦାବି କରିଥିଲେ। ଜଳସମ୍ପଦ ବିଭାଗ (ନଦୀ ତଟବନ୍ଧ ବିଭାଗ) ଜିଲା ପ୍ରଶାସନ ଓ ଜମି ମାଲିକମାନଙ୍କ ମଧ୍ୟରେ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରୀ ନିୟମ ଅନୁସାରେ ଜମିର ମୂଲ୍ୟ ପ୍ରଦାନ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ। ଅପରପକ୍ଷରେ ୫ବର୍ଷ ହେବ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇଥିଲେ ମଧ୍ୟ ଲୁହା ପ୍ଲେଟ୍‌ଗୁଡ଼ିକରେ କଳଙ୍କି ଲାଗି ନଷ୍ଟ ହେବାର ଆଶଙ୍କା ରହିଛି। ଅଦ୍ୟାବଧି ମହାନଦୀ ଶାଖା ଗୁପ୍ତଗିରି ନଦୀ ଆଖଡ଼ାଶାଳୀ ଦେଇ ସାମୁଦ୍ରିକ ଲୁଣିପାଣି ଅଞ୍ଚଳ ଜମିରେ ମାଡୁଛି। ଫଳରେ ଖରିଫ ଓ ରବି ଫସଲ ପ୍ରଭାବିତ ହେଉଥିବା ସ୍ଥାନୀୟ ଚାଷୀ ଶରତ ସାମଲ, ନାଥ କୁମାର ଭୋଳ, ପ୍ରସନ୍ନ ଗୋଛାୟତଙ୍କ ସମେତ ବହୁ ଚାଷୀ କହିଛନ୍ତି। ଏହି ଗୁପ୍ତଗିରି ଶାଖା ନଦୀ ଦେଇ ମଙ୍ଗଳପୁର, ବରକନ୍ଧା, ପେଟଛେଲା, ରାମନଗର, ବଉଳକଣି ଓ ବାରଡ଼ାଙ୍ଗ ପଞ୍ଚାୟତର ଶତାଧିକ ଏକର ଜମିରେ ଖରାଦିନେ ଲୁଣିପାଣି ମାଡୁଛି। ମହୁଲିଆ, ଗୁପ୍ତଗିରି, ବାରାଖିଆ, ଚଢ଼କ ମରା, ପଲ୍ଲୀଗଡ଼, ରାଜେନ୍ଦ୍ରନଗର, କୋଟିଳା, କେନ୍ତିଆ, ସରୁମୁହି, ଆଡେଇ, ବରକନ୍ଧା, ବାଛୁରିଆ, ମହୁଲା, କିଆବାରିଆ, ପେଟ ଛେଲା, ଅଳାପାହି, ସାବିନୀ, ମନ୍ତ୍ରୀଭେଡା ଆଦି ଅଞ୍ଚଳରେ ଖରିଫ୍ ଋତୁ ପୂର୍ବରୁ ଲୁଣିପାଣି ମାଡୁଛି ବୋଲି ଦେଖାଇବାକୁ ମିଳୁଛି। ଲୁଣିପାଣି ପଶିବା ଯୋଗୁ କ୍ଷେତରେ ସ୍ଥାନୀୟ ଚାଷୀମାନେ ମୁଠେ ବିହନ ବୁଣି ପାରୁନାହାନ୍ତି ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ଆଳି ସ୍ଥିତ ନଦୀ ତଟବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ କୁମାର ଦାସଙ୍କୁ ପଚାରିବାରେ ଜମି ଅଧିଗ୍ରହଣ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟ ଅର୍ଥ ବିଭାଗ ଅନୁମୋଦନ ପରେ ସମସ୍ୟା ହଟିବ ବୋଲି ସେ କହିଛନ୍ତି।

# ଶେଷ ହେଲା ଦେବଦମ୍ପତିଙ୍କ ବିବାହ

ଡେରାବିଶ, ୧୧।୬(ବେବର୍ତ୍ତା ଅଜୟ ଦାସ)

### ଉତ୍ସବମୁଖର ଆର୍ତ୍ତେଶ୍ୱରଙ୍କ ପୀଠ

ଶୀତଳ ଷଷ୍ଠୀ ଅବସରରେ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ଜଗନ୍ନାଥପୁରସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ ମଙ୍ଗଳବାର ଦେବଦମ୍ପତିଙ୍କ ବିବାହ ଶେଷ ହୋଇଛି। ଏହି ଅବସରରେ ପୂର୍ବାହ୍ନରେ ବୀର ନୀଳକଣ୍ଠପୁରଠାରୁ ଏକ ସୁସଜ୍ଜିତ ବିମାନରେ ମହାଦେବ ବାଣ, ବାଜା ଓ ଘଣ୍ଟ ସଂକୀର୍ତ୍ତନ ପଟୁଆର ମଧ୍ୟରେ ଆର୍ତ୍ତେଶ୍ୱରଙ୍କ ପୀଠକୁ ଗମନ କରିଥିଲେ। ପଟୁଆର ମଧ୍ୟରେ ବରଯାତ୍ରୀ ଦଳ ଥିଲେ। ବର ବେଶରେ ଆସିଥିବା ମହାଦେବ ପୀଠରେ ପହଞ୍ଚିବା ପରେ ବୈଦିକ ରୀତି ଅନୁସାରେ କନ୍ୟା ଘର ପକ୍ଷରୁ ଶ୍ରୀଜୀଉଙ୍କୁ ବରଣୀ କରାଯାଇଥିଲା। ପରେ ଆର୍ତ୍ତେଶ୍ୱରଙ୍କର ବେଢା ମଧ୍ୟରେ ନିର୍ମିତ ହୋଇଥିବା ସୁସଜ୍ଜିତ ବେଦିରେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର ପକ୍ଷରୁ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ କନ୍ୟା ପକ୍ଷରୁ ପଣ୍ଡିତ ରଘୁନାଥ ମିଶ୍ର ପୁରୋଧା ଭାବେ କାର୍ଯ୍ୟନିର୍ବାହ କରି ସେମାନଙ୍କର ବେଦ ଧ୍ୱନି ମନ୍ଦିର ପରିସରକୁ ଭକ୍ତିମୟ କରିଥିଲା। ଏହି ବିବାହ କାର୍ଯ୍ୟରେ ବର ପିତା ଭାବେ ଭାଗବତ ସାହୁ ଓ ମାତା ଜୟନ୍ତୀ ସାହୁ ତୁଲାଇଥିଲେ। କନ୍ୟା ପିତା ଭାବେ ଦିବାକର ସ୍ୱାଇଁ ଓ ମାତା ଭାବେ ସୁପ୍ରଭା ପରିଡ଼ା ଦାୟିତ୍ୱ ନିର୍ବାହ କରିଥିଲେ। ବିବାହ ସମ୍ପନ୍ନ ପରେ କନ୍ୟାଘର ପକ୍ଷରୁ ଆସିଥିବା ମହିଳାମାନେ ଉଭୟ ବର କନ୍ୟାଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ସହ ଅର୍ଥ ପ୍ରଦାନ କରି ବନ୍ଦାପନା କରିଥିଲେ। ଶେଷରେ ଉଭୟ କନ୍ୟା ଓ ବର ପକ୍ଷର ଉପସ୍ଥିତ ଥିବା ଶ୍ରଦ୍ଧାଳୁ, ବର ଓ କନ୍ୟା ଯାତ୍ରୀ ଭୋଜି ଭାତରେ ଆପ୍ୟାୟିତ ହୋଇଥିଲେ। ଦୀର୍ଘବର୍ଷ ଧରି ଚାଲି ଆସୁଥିବା ଏହି ଦେବଦମ୍ପତିଙ୍କ ବିବାହ ଉତ୍ସବ ପାଇଁ ମନ୍ଦିର ବେଢ଼ା ଉତ୍ସବ ମୁଖର ହୋଇଥିଲା। ପାଗ ଅନୁକୂଳ ଥିବାରୁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ନାରାୟଣ ଲେଙ୍କା, ସଭାପତି ସନ୍ତୋଷ କୁମାର ରାଉତ, ସମ୍ପାଦକ ତାରାକିଙ୍କର ଚାଟାର୍ଜୀ, ପ୍ରଦୀପ ନାୟକ, ଈଶ୍ୱର ଚନ୍ଦ୍ର ପୃଷ୍ଟି, ହୃଷୀକେଶ ଦାସ, କୈଳାସ ଚନ୍ଦ୍ର ଲେଙ୍କା, ଅଜୟ କୁମାର ମହାଭୋଇ, ରାଜକିଶୋର ମଲିକ, ଶରତ ଚନ୍ଦ୍ର ମଲିକ, ବୀରବର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ବିବାହ ଉତ୍ସବରେ ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼ ଅଧିକ ଦେଖିବାକୁ ମିଳିଥିଲା।



# ସାପକାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଡେରାବିଶ, ୧୧।୬
(ବେବର୍ତ୍ତା ଅଜୟ ଦାସ)


ମୃତା କନକଲତା

ଡେରାବିଶ ଥାନା ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରୀପାଟଣା ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କ ସୋମବାର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ କଂସାରୀପାଟଣା ଗ୍ରାମର ଗୋପୀନାଥ ମହାପାତ୍ରଙ୍କ ସ୍ତ୍ରୀ କନକଲତା (୪୫)। କନକ ସୋମବାର ଘର ନିକଟରେ ଏକ ବାଛୁରୀ ବାନ୍ଧୁଥିବା ବେଳେ ତାଙ୍କୁ ବିଷାକ୍ତ ସାପ କାମୁଡ଼ି ଦେଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ନେଇଯାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆଜି କନକଲତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମରେ ପହଞ୍ଚି ଥିଲା। ହେଲେ ତାଙ୍କର ବଡ଼ପୁଅ ସବ୍ୟସାଚୀ ଯେ କି ଜଣେ ଅଗ୍ନିବୀର ଭାବେ କାର୍ଯ୍ୟରତ, ସେ ଆସନ୍ତାକାଲି ଗ୍ରାମରେ ପହଞ୍ଚିବା ପରେ ମୃତଦେହ ସଂସ୍କାର ହେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, କନକଲତାଙ୍କ ଆଉ ଏକ ପୁଅ ଯୁକ୍ତ ୨ରେ ପଢ଼ୁଛନ୍ତି। ତେବେ କନକଲତାଙ୍କ ଅକାଳ ବିୟୋଗରେ ତାଙ୍କ ପରିବାର ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଶ୍ରୀଗର୍ତ୍ତେଶ୍ୱର ଶୈବପୀଠରେ ଶିବ ବିବାହ

ରାଜନଗର, ୧୧।୬ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଗୋସିଗାଁସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀଗର୍ତ୍ତେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର ଶୀତଳ ଷଷ୍ଠୀ ଉତ୍ସବ ସୋମବାର ବିଳମ୍ବିତ ରାତ୍ରିରେ ଶେଷ ହୋଇଛି। ୫ଦିନ ଧରି ଚାଲିଥିବା ଏହି ପବିତ୍ର ଉତ୍ସବରେ କଳସ ଯାତ୍ରା, ସହସ୍ର କୁମ୍ଭାଭିଷେକ, ଗୀତା ଯଜ୍ଞ, ସୂର୍ଯ୍ୟପୂଜା ପରେ ବେଦମନ୍ତ୍ରରେ ଶୈବପୀଠ ଚଳଚଞ୍ଚଳ ହୋଇ ଉଠିଥିଲା। ଉପକୂଳର ଅନ୍ୟତମ ଆରାଧ୍ୟ ଦେବତା ଶ୍ରୀଗର୍ତ୍ତେଶ୍ୱର ମହାଦେବଙ୍କର ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ପୁଷ୍ପକ ବିମାନରେ ଶ୍ରଦ୍ଧାଳୁ ଭକ୍ତମାନେ ଶଙ୍ଖଧ୍ୱନି, ହରିନାମ ସଂକୀର୍ତ୍ତନ ମଧ୍ୟରେ ପାଛୋଟି ନେଇଥିଲେ। ନୁରୁଗାଁର ବରପିତା ସମୀର କୁମାର ସାହୁଙ୍କ ଘରେ ସକାଳେ ହରିନାମ ଓ ସଂକୀର୍ତ୍ତନ ମଧ୍ୟରେ ମହାଦେବଙ୍କ ଚଳନ୍ତି ପ୍ରତିମା ସେଠାରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଗୋସିଗାଁର କନ୍ୟାପିତା ଶ୍ୟାମ ସୁନ୍ଦର ରାଉତଙ୍କ ଘରକୁ ମା' ଆଦିଶକ୍ତିଙ୍କ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନରେ ଶୈବ ପୀଠରୁ ନିଆଯାଇ ସ୍ଥାପନ କରାଯାଇଥିଲା। ଶୈବ ପରମ୍ପରା ଅନୁଯାୟୀ, କନ୍ୟାପିତାଙ୍କ ଘରୁ ବର ନିମନ୍ତ୍ରଣ ଯିବା ପରେ ବରପିତା ସମୀରଙ୍କ ଘରୁ ପୂର୍ବରୁ ସ୍ଥାପିତ ହୋଇଥିବା ଶ୍ରୀଗର୍ତ୍ତେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମାକୁ ପାଲିଙ୍କିରେ ବସାଯାଇ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଘଣ୍ଟ ପାଟୁଆର ଓ ପାରମ୍ପରିକ ବାଦ୍ୟ ଏବଂ ଲୋକନୃତ୍ୟ ସହ ସାନବଡଗୋପାଳପୁର, ବୀଣାପାଣି ବଜାର, ତ୍ରିନାଥ ବଜାର, ଗର୍ଜନ, ଜଗନ୍ନାଥପୁର, ବାଲିଖାରି, କୁଦୁପୁର, ସୁଆଁଲୋ ପ୍ରଭୃତି ଗ୍ରାମ ପରିକ୍ରମା କରି କନ୍ୟା ପିତା ଶ୍ୟାମସୁନ୍ଦରଙ୍କ ଘରକୁ ନିଆଯାଇଥିଲା। ସେଠାରୁ ମା' ପାର୍ବତୀଙ୍କୁ ଧରି ମନ୍ଦିରରେ ପହଞ୍ଚି ଥିଲେ। ଠାକୁରଙ୍କ ପରିକ୍ରମା ସମୟରେ ଶ୍ରଦ୍ଧାଳୁ ଭକ୍ତଙ୍କ ଦ୍ୱାରା ଶିବ ଜଣାଣ, ଆତସବାଜି ଶବ୍ଦରେ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ବିବାହ ଉତ୍ସବରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତ ସାମିଲ ହୋଇଥିଲେ। ଗ୍ରାମ ପରିକ୍ରମା ସମୟରେ ଗୃହିଣୀମାନେ ଦେବ ଦମ୍ପତିଙ୍କୁ ପୂଜାର୍ଚ୍ଚନା କରିଥିଲେ। ବରବେଶରେ ମହାଦେବଙ୍କ ସୁସଜ୍ଜିତ ପାଲିଙ୍କିକୁ ଶ୍ରଦ୍ଧାଳୁଙ୍କ ସହ ବିଧାୟକ ଧ୍ରୁବ ସାହୁ କାନ୍ଧେଇ ନେବା ସହ ଏହି ଦେବ ବିବାହ କାର୍ଯ୍ୟରେ ସାମିଲ ହୋଇଥିଲେ। ବିଳମ୍ବିତ ରାତ୍ରିରେ ବର ଓ କନ୍ୟା ବେଶରେ ପାର୍ବତୀ ମନ୍ଦିର ବେଢାରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା ପଣ୍ଡିତ ଶଙ୍କର୍ଷଣ ମିଶ୍ର, ପୂଜକ ଅକ୍ଷୟ ମିଶ୍ର, ଅଭୟ କୁମାର ମିଶ୍ର, ହର କୁମାର ମିଶ୍ର, ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ଦେବ ଦମ୍ପତିଙ୍କ ବିବାହ ବୈଦିକ ରୀତିନୀତି ଅନୁସାରେ ସମାପନ କରିଥିଲେ। ଏହାକୁ ଦେଖିବା ପାଇଁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଶୀତଳ ଷଷ୍ଠୀ ପୂଜା କମିଟି ଓ ଗୋସିଗାଁ ଗ୍ରାମବାସୀ ପରିଚାଳନା କରିଥିଲେ। ମଙ୍ଗଳବାର ଦେବଦମ୍ପତିଙ୍କୁ ସୁସଜ୍ଜିତ ଯାନରେ ପଟ୍ଟାମୁଣ୍ଡାଇ, ମଦନପୁର, ଗୋପାଳପୁର, ଚମ୍ପାଦିଆ ପ୍ରଭୃତି ଅଞ୍ଚଳ ପରିକ୍ରମା କରାଯାଇଥିଲା।


ଶୈବ ପୀଠରେ ଦେବ ଦମ୍ପତିଙ୍କ ବିବାହ ହୋମ କରାଯାଉଛି।

# ପାଣି ପାଇପ ମିସ୍ତ୍ରିଙ୍କ ଚିହ୍ନଟ ଜରୁରୀ

କେନ୍ଦ୍ରାପଡ଼ା, ୧୧।୬(ଜଗନ୍ନାଥ ଧଳ)

■ ଲକ୍ଷେରୁ ଊର୍ଦ୍ଧ୍ୱ ମିସ୍ତ୍ରି ଦେଶ ବିଦେଶରେ ଅଛନ୍ତି
■ ତଥ୍ୟ ଅଭାବରୁ ହୋଇପାରୁନି ଯୋଗାଯୋଗ
■ ଡାଟାବେସ୍ ସହ ଆବଶ୍ୟକ ଟୋଲ୍ ଫ୍ରି ନମ୍ବର ଦରକାର




ପାଣି ପାଇପ ମିସ୍ତ୍ରି ପ୍ରସଙ୍ଗରେ କେନ୍ଦ୍ରାପଡ଼ା ଜିଲା ଆଗୁଆ। ଜିଲାର ଲକ୍ଷେରୁ ଊର୍ଦ୍ଧ୍ୱ କୁଶଳୀ କାରିଗର ଦେଶ ବିଦେଶରେ ଅଛନ୍ତି। ଦି ଇଣ୍ଡିଆନ ପ୍ଲମ୍ବିଂ ସ୍କିଲ୍ କାଉନସିଲର ସର୍ଭେ ଅନୁଯାୟୀ, ଦେଶରେ କାର୍ଯ୍ୟରତ ପାଣି ପାଇପ ମିସ୍ତ୍ରିଙ୍କ ମଧ୍ୟରୁ ଓଡ଼ିଆ ଭାଷାଭାଷୀ ୭୦ ଭାଗ। ଏଥିମଧ୍ୟରୁ ପଟ୍ଟାମୁଣ୍ଡାଇ ଅଞ୍ଚଳରୁ ସର୍ବାଧିକ ଅଛନ୍ତି। ଏହି କୁଶଳୀ କାରିଗରଙ୍କ ତଥ୍ୟ ଜିଲା ପ୍ରଶାସନ ନିକଟରେ ନାହିଁ। ଦେଶ ବିଦେଶରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଉଦ୍ଧାର ଅଥବା ସହଯୋଗ ପାଇଁ ଜିଲା ପ୍ରଶାସନ ନାଚାର ଅବସ୍ଥା ଦେଖାଉଛି। ଏମାନଙ୍କ ଡାଟାବେସ୍ ପ୍ରସ୍ତୁତି ସହ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ଟୋଲ୍ ଫ୍ରି ନମ୍ବର ଦିଆଗଲେ ଜିଲାବାସୀ ଉପକୃତ ହୋଇପାରିବେ। ଏଥିପାଇଁ ଏମାନଙ୍କ ଚିହ୍ନଟ ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ୧୯୪୭ ମସିହାରେ କୋଲକାତା ହାଇକୋର୍ଟରେ ଦିନେଶ ଚନ୍ଦ୍ର ଗୁହା ନାମକ ଜଣେ ବ୍ୟକ୍ତି ଏକ ମକଦ୍ଦମା ଦାଏର କରିଥିଲେ। ଏଥିରେ କୋଲକାତା ମ୍ୟୁନିସିପାଲିଟିରେ ଲାଇସେନ୍ସପ୍ରାପ୍ତ ପାଣି ପାଇପ ମିସ୍ତ୍ରି ନିଯୁକ୍ତ ହୋଇ ନ ଥିବା ଦର୍ଶାଇ ଓଡ଼ିଶାର ପାଣି ପାଇପ ମିସ୍ତ୍ରିଙ୍କୁ ବିରୋଧ କରିଥିଲେ। ତତ୍କାଳୀନ ସମୟରେ ପଟ୍ଟାମୁଣ୍ଡାଇର ଏହି କର୍ମକୁଶଳୀ ମିସ୍ତ୍ରିଙ୍କ ଅନୁଭବ ଆଗରେ ପାଠପଢ଼ା ଡିଗ୍ରୀ ହାର ମାନିଥିଲା। ବାସ୍ତବରେ ୧୯୩୦ ମସିହାରେ କେତେଜଣ ଯୁବକ ବ୍ରିଟିଶ କମ୍ପାନୀରେ ରହି କାର୍ଯ୍ୟ କରୁଥିଲେ। ଦେଶ ବିଭାଜନ ପରେ ଏହି କମ୍ପାନୀରେ ଥିବା ମୁସଲମାନ ସମ୍ପ୍ରଦାୟ ଲୋକ ପୂର୍ବ ପାକିସ୍ତାନକୁ ପଳାଇ ଯିବା ପରେ କୋଲକାତାରେ ଓଡ଼ିଆ ମିସ୍ତ୍ରିଙ୍କ ଆଧିପତ୍ୟ ବଢ଼ିଥିଲା। ଏପରି କି ୧୯୭୦ ମସିହାରୁ ଅଦ୍ୟାବଧି ଜିଲାର ଏହି କୁଶଳୀ କାରିଗର ଆରବ, କୁଏଟ ଆଦି ଦେଶରେ ସର୍ବାଧିକ ଗ୍ରହଣୀୟ ହୋଇଛନ୍ତି। ଗତ ୨୦୧୦ ମସିହାରୁ ପଟ୍ଟାମୁଣ୍ଡାଇଠାରେ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ ପ୍ଲମ୍ବିଂ ଟେକ୍ନୋଲୋଜ(ଏସ୍‌ଆଇପିଟି) ଆରମ୍ଭ ପରେ କୁଶଳୀଙ୍କ ସଂଖ୍ୟା ଅଧିକ ହେଉଛି ବୋଲି ସେ ପ୍ରକାଶ କରିଛନ୍ତି। ଜିଲାର ଏକ ବେସରକାରୀ ସଂସ୍ଥାର ଆକଳନ ଅନୁସାରେ, ୨୦୧୧ ଜନଗଣନା ଅନୁଯାୟୀ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ସହିତ ଆଳି, ରାଜନଗର, ରାଜକନିକା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୫,୩୬,୦୨୬ ଜଣଙ୍କ ମଧ୍ୟରୁ ୫୧ ପ୍ରତିଶତ ଜିଲା ବାହାରେ କାର୍ଯ୍ୟରତ ଅଛନ୍ତି। ଏମାନଙ୍କ ମଧ୍ୟରୁ ୬୭ ଭାଗ ପାଣିପାଇପ ମିସ୍ତ୍ରି ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଏହି କୁଶଳୀ ଶ୍ରମିକଙ୍କ ଡାଟାବେସ୍ ନ ଥିବାରୁ ସରକାରୀ ପ୍ରୋତ୍ସାହନ ମିଳି ପାରୁନାହିଁ। ପଟ୍ଟାମୁଣ୍ଡାଇର ନରେନ୍ଦ୍ର ରାଉତ କହିଛନ୍ତି, ଏଠାକାର କୁଶଳୀ କାରିଗରମାନେ ଦେଶ ବିଦେଶରେ ମଧ୍ୟସ୍ଥ, ଠିକାଦାର, ବିଲ୍‌ଡରଙ୍କ ଜରିଆରେ ପାଣି ପାଇପ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ବହୁ ସମୟରେ ଏହି ଶ୍ରମିକଙ୍କ ନିର୍ଯାତନା ଖବର ଆସିଥାଏ। ସେହିପରି ଭିଜା, ପାସ୍‌ପୋର୍ଟ ଆଦି ସମସ୍ୟା ରହିଛି। ଏହି ସମୟରେ ପ୍ରଶାସନ ପକ୍ଷରୁ ସାହାଯ୍ୟର ଆବଶ୍ୟକତା ଥିବାବେଳେ ପରିଚୟ ଓ କାର୍ଯ୍ୟସ୍ଥଳୀର ତଥ୍ୟ ଅଭାବରୁ ଯୋଗାଯୋଗ ସମ୍ଭବ ହେଉନାହିଁ। ଏଥିସହିତ ଶ୍ରମ ବିଭାଗ ପକ୍ଷରୁ ଡାଟାବେସ୍ ପ୍ରସ୍ତୁତ କରାଯାଇ ଏକ ଟୋଲ୍ ଫ୍ରି ନମ୍ବର ଦେଲେ ଜିଲା ବାହାରେ ରହୁଥିବା ଶ୍ରମିକଙ୍କ ସମସ୍ୟା କିଛିମାତ୍ରାରେ ଲାଘବ ହୋଇପାରିବ। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ୨୦୧୯ ମସିହାରେ ଡାଟାବେସ୍ ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯାଇଛି। ପାଣି ପାଇପ ମିସ୍ତ୍ରି ଅଥବା ଶ୍ରମିକ ଜିଲା ବାହାରକୁ ଯାଉଥିବା ସମୟରେ ଶ୍ରମ ବିଭାଗ କାର୍ଯ୍ୟାଳୟରେ ନିଜର ନାମ ପଞ୍ଜୀକୃତ କରାଇବା ବ୍ୟବସ୍ଥା ହୋଇଛି। ଏଥିସହ ପଟ୍ଟାମୁଣ୍ଡାଇ ବ୍ଲକ ଚାହାପଡ଼ାସ୍ଥିତ ଏସ୍‌ଆଇପିଟିରୁ ପୁରାତନ ଓ ନୂତନ ଶିକ୍ଷାର୍ଥୀଙ୍କ ପରିଚୟ ମଗା ଯାଇଥିବା ସେ କହିଛନ୍ତି।

# ରଥ ନିର୍ମାଣ ପାଇଁ କାଠ ନାହିଁ

ନୟାଗଡ଼,୧୧।୬(ଲୋକନାଥ ମିଶ୍ର): ନୟାଗଡ଼ ପୁରୁଣା ସହରରେ ପୂଜା ପାଉଥିବା ଶ୍ରୀଜୀଉଙ୍କ ରଥ ନିର୍ମାଣ ପାଇଁ କାଠର ଅଭାବ ଦେଖା ଦେଇଛି । କାଠ ଚୋରି ରୋକିବା ଓ ଗଚ୍ଛିତ କାଠ ନଷ୍ଟ ହେବା ପୂର୍ବରୁ ତାକୁ ସାଇତି ରଖିବା ପାଇଁ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ଚଳିତ ବର୍ଷ ରଥ ନିର୍ମାଣ ପାଇଁ କାଠ ମିଳୁ ନ ଥିବାରୁ ଭକ୍ତମାନେ କାଠ ଯୋଗାଉଛନ୍ତି । ଅନ୍ୟପକ୍ଷେ ସର୍କୁଲାର ନାହିଁ କହି ବନବିଭାଗ ଚୁପ୍ ବସିଛି ।

ପ୍ରତିବର୍ଷ ରଥ ନିର୍ମାଣ ପାଇଁ ବିଭିନ୍ନ ସୂତ୍ରରୁ କାଠ ଆସିଥାଏ । ରଥ ନିର୍ମାଣ ପରେ ବଳକା କାଠ ସାଇତି ରଖିବା ପାଇଁ ପ୍ରାୟ ୩ ବର୍ଷ ତଳେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ହେଲେ କାଠ ରଖିବା ଘର ନିର୍ମାଣ କଚ୍ଛପ ଗତିରେ ଚାଲିବା ଯୋଗୁ ବଳକା କାଠକୁ ସୁରକ୍ଷା ଦିଆଯାଇ ପାରିଲା ନାହିଁ । ପୁଣି ପୁରୁଣା ରଥକାଠ ଜଣେ ସୁପରଭାଇଜରଙ୍କ ସହଯୋଗରେ ଚୋରି ହୋଇଗଲା । ବନବିଭାଗ କାଠ ଦେବାକୁ ମନା କରିବା ପରେ ଭକ୍ତଙ୍କ ଦାନ କାଠରେ ରଥ ନିର୍ମାଣ ହୋଇ ଆସୁଥିଲା । ରଥକାଠ ଚୋରି ଓ ଖତରା ହେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଥିଲା । ଏପରି କି ରଥ କାଠ ଚୋରି, ଅବଢ଼ା ଓ ପୂଜାନୀତି ସମେତ ମନ୍ଦିରରେ ଦେଖା ଦେଇଥିବା ଅବ୍ୟବସ୍ଥା ନେଇ କିଛି ଦିନ ତଳେ ପୁରୁଣା ଜଗନ୍ନାଥ ମନ୍ଦିର ସମ୍ମୁଖରେ ବାରମ୍ବାର ବିକ୍ଷୋଭ ହୋଇଥିଲା । ବିକ୍ଷୋଭ ପରେ ମନ୍ଦିର ସୁପରଭାଇଜର ବଦଳିଥିଲେ ମଧ ରଥ କାଠ ଅଭାବକୁ ଦୂର କରାଯାଇ ପାରି ନାହିଁ ।

ପ୍ରକାଶ ଯେ, ନୟାଗଡ଼ ପୁରୁଣା ସହର, ରଣପୁର ଓ ଶରଣକୁଳରେ ହେଉଥିବା ରଥଯାତ୍ରାରେ ରଥ ପାଇଁ କାଠ ନାହିଁ।



ନୟାଗଡ ଜଗନ୍ନାଥ ମନ୍ଦିର ।

- କାଠ ଚୋରିକୁ ରୋକିପାରିଲାନି ପ୍ରଶାସନ
- ବିଳମ୍ବରେ ତିଆରି ହେଲା କାଠ ରଖିବା ଘର
- ବନବିଭାଗ ମନା କରିବା ପରେ ଭକ୍ତ ଯୋଗାଉଛନ୍ତି କାଠ

ପ୍ରତିବର୍ଷ ରଥ କାଠ ପାଇଁ ବଢୁଛି ଟେନଶନ। ନୟାଗଡ଼ ପୁରୁଣା ସହରରେ ୨୦୨୩ ରଥଯାତ୍ରା ପାଇଁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗତ ଜୁନ ୧ରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରଥର କାଠ ଅଭାବକୁ ନେଇ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା । ରଥଯାତ୍ରା ପାଇଁ ନୟାଗଡ଼ ବନବିଭାଗ କାଠ ଦେଉ ନ ଥିବାବେଳେ ଭକ୍ତଙ୍କ କାଠର ସୁବିନିଯୋଗ ହେଉନି ବୋଲି ଅଭିଯୋଗ ଉଠିଥିଲା। ରଥ ନିର୍ମାଣ ପରେ ବଳକା କାଠକୁ ଦେବୋତ୍ତର ବିଭାଗ ଖରା ବର୍ଷାରେ ପକାଇ ରଖୁଥିବାରୁ ତାହା ନଷ୍ଟ ହେବା ସ୍ୱାଭାବିକ ବୋଲି କୁହାଯାଇଥିଲା। ରଥଯାତ୍ରାର ପ୍ରସ୍ତୁତି ବୈଠକରେ ସବୁ ବର୍ଷ ଡିଏଫ୍‌ଓ ଅନୁପସ୍ଥିତ ରହୁଥିବାବେଳେ ଏସିଏଫ୍‌ଙ୍କୁ ପଠାଇ ଦାୟିତ୍ୱ ଶେଷ କରି ଦେଉଥିବାର ଅଭିଯୋଗ ଉଠିଥିଲା । କାଠ ଅଭାବ ଯୋଗୁ ଯୋଡାଯୋଡି କରି ଅଖ ପ୍ରସ୍ତୁତ କରାଯାଉଥିବା ମହାରଣା କହିବା ପରେ ଏପରି ନ କରିବାକୁ କୁହାଯାଇଥିଲା। ଅଖକୁ ନୂଆ କାଠରେ ନିର୍ମାଣ କରିବାକୁ ଦାବି ଉଠିଥିଲା । ପ୍ରସ୍ତୁତି ବୈଠକ ପରେ ନିଆଯାଇଥିବା ନିଷ୍ପତ୍ତି ଶୀତଳ ଭଣ୍ଡାରରେ ରହିଯିବାରୁ ୨୦୨୪ରେ ପୁଣି କାଠ ଅଭାବ ପରି ପରିସ୍ଥିତି ସୃଷ୍ଟି ହୋଇଛି । ଆସନ୍ତା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଜୁନ୍ ୧୨ରେ ହେଉଥିବାରୁ ରଥ ପାଇଁ କାଠର ଅଭାବ ଓ ଅନ୍ୟ ସୁବିଧା ଅସୁବିଧା ନିଶ୍ଚିତ ସ୍ଥାନ ପାଇବ ବୋଲି ଏଠାରେ ଆଲୋଚନା ହେଉଛି ।

**ଅଧ୍ୟକ୍ଷଙ୍କ ପରାମର୍ଶ ଉପରେ ପ୍ରଶ୍ନ:** ନୟାଗଡ଼ ଓ ରଣପୁରର ଶ୍ରୀଜୀଉଙ୍କ ରଥ ପାଇଁ କାଠ ଯୋଗାଇ ଦେବାକୁ ବନବିଭାଗକୁ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ୨୦୨୩ ରଥଯାତ୍ରାର ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷଙ୍କ ପରାମର୍ଶକୁ ୨୦୨୪ ରଥଯାତ୍ରା ପାଇଁ କେତେଦୂର ବନବିଭାଗ କାର୍ଯ୍ୟକାରୀ କରୁଛି ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି । ଅଧ୍ୟକ୍ଷ ସେ ସମୟରେ କହିଥିଲେ ନୟାଗଡ଼ ବନଖଣ୍ଡ ପୁରୀ ରଥଯାତ୍ରା ପାଇଁ କାଠ ଯୋଗାଇ ଆସୁଛି । ହେଲେ ସର୍କୁଲାର ନାହିଁ କହି ବନବିଭାଗ ନୟାଗଡ଼, ରଣପୁର ଜଗନ୍ନାଥ ମହାପ୍ରଭୁଙ୍କୁ କାଠ ଯୋଗାଉ ନାହିଁ । ଭାବର ଠାକୁରଙ୍କ ପାଇଁ ଏହା କ୍ଷୋଭର ବିଷୟ । ୨୦୨୩ ବାହୁଡ଼ା ପରେ ଯଦି ବନବିଭାଗ ଠାକୁରଙ୍କ ପାଇଁ ଟିକିଏ ଚିନ୍ତା କରନ୍ତେ ତେବେ କାଠର ଅଭାବ ରହନ୍ତା ନାହିଁ । ଆଗକୁ ଯେପରି ରଥ ପାଇଁ କାଠ ଅଭାବ ଦେଖା ଦେବନାହିଁ ସେନେଇ ବନବିଭାଗ ପ୍ରସ୍ତୁତ ହେଉ । ଏସିଏଫ୍ କିଛି କହିବା ପୂର୍ବରୁ ମଝିରେ କିଛି ନ କହି ରଥ ପାଇଁ କାଠ ଯୋଗାଡରେ ଲାଗିପଡ ବୋଲି ପରାମର୍ଶ ଦେଇଥିଲେ ।

**ଠାକୁରଙ୍କ ଅଳଙ୍କାର ଉପରେ ସ୍ୱତନ୍ତ୍ର ବୈଠକ ହେଲାନି**

ରଥଯାତ୍ରା ପରେ ସୁନାବେଶରେ ନୟାଗଡ଼ ପୁରୁଣା ସହରର ଶ୍ରୀଜୀଉ ସ୍ୱର୍ଣ୍ଣ ଅଳଙ୍କାର ବଦଳରେ ରୁପା ଅଳଙ୍କାର ପରିଧାନ କରୁଛନ୍ତି । ଏନେଇ ୨୦୨୩ ପ୍ରସ୍ତୁତି ବୈଠକରେ ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ବାହୁଡା ଯାତ୍ରା ପରେ ସ୍ୱତନ୍ତ୍ର ବୈଠକ କରାଯାଇ ୨୦୨୪ରେ ଶ୍ରୀଜୀଉ କିପରି ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧିବେ ସେ ନେଇ ନିଷ୍ପତ୍ତି ହୋଇଥିଲା । ପୁଣି ମନ୍ଦିର ନୀତି ଠିକରେ କରିବା ଓ ମନ୍ଦିରକୁ ସହାୟତା ଦେବା ଉଦ୍ଦେଶ୍ୟରେ ସଂପୃକ୍ତ ବୈଠକରେ ଆଲୋଚନା କରାଯିବ ବୋଲି ତତ୍କାଳୀନ ଜିଲାପାଳ ଓ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ତେବେ ୨୦୨୩ ଶେଷ ହୋଇ ୨୦୨୪ ଜୁନ ମାସ ଚାଲିଥିବାବେଳେ ସ୍ୱତନ୍ତ୍ର ବୈଠକ ଆଦୌ ହେଲା ନାହିଁ । ଇତି ମଧ୍ୟରେ ପୁଣି ଜିଲାପାଳ ଅବସର ନେଇ ସାରିଥିବାବେଳେ ଉପଜିଲାପାଳ ବଦଳି ହୋଇ ସାରିଛନ୍ତି । ଦେବୋତ୍ତର ମ୍ୟାନେଜର କାର୍ଯ୍ୟ କରୁଥିବାବେଳେ ପ୍ରଶାସନ ସ୍ୱତନ୍ତ୍ର ବୈଠକ କରିବାକୁ ଭୁଲିଯାଇଛି । ପ୍ରକାଶ ଯୋଗ୍ୟ,ଶ୍ରୀଜୀଉଙ୍କ ରୁପା ଅଳଙ୍କାର ଉପରେ ସୁନା କଲେଇ କରାଯାଇଥିଲା । ତାହା ନଷ୍ଟ ହୋଇଯିବାରୁ ୩ ବର୍ଷ ତଳେ ଏନେଇ ଆଲୋଚନା ହୋଇଥିଲା। କଟକର କାରିଗର ୫ ଲକ୍ଷ ନେଇ ରୁପା ଉପରେ ସୁନା କଲେଇ କରିବାକୁ ରାଜି ହୋଇଥିଲେ । ହେଲେ ପ୍ରଶାସନ ଏଦିଗରେ ପଦକ୍ଷେପ ନ ନେବାରୁ ଶ୍ରୀଜୀଉ ସୁନା ଅଳଙ୍କାର ସ୍ଥାନରେ ରୁପା ଅଳଙ୍କାର ପରିଧାନ କରୁଛନ୍ତି ।

# ଜେଲ ଗଲେ ସାନ ସ୍ୱାଇଁ

## କୋଟଣୀଶିଳାରେ ଶାଶୁଙ୍କୁ ଗଳାକାଟି ହତ୍ୟା ଘଟଣା

ନୟାଗଡ଼/ରଣପୁର,୧୧।୬ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ):ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି କାସନ୍ଦା ପଞ୍ଚାୟତର କୋଟଣୀଶିଳା ଗାଁରେ ଶାଶୁ ହତ୍ୟା ଘଟଣାରେ ଗିରଫ ହୋଇଥିବା ସାନ ସ୍ୱାଇଁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ସାନ ସ୍ୱାଇଁ ଶରତ ସ୍ୱାଇଁ(୩୩)ଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଥିବା ମଙ୍ଗଳବାର ରଣପୁର ଥାନାରେ ନୟାଗଡ଼ ଏସ୍‌ପି ରାହୁଲ ଜୈନ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି । ଏସ୍‌ପିଙ୍କ ସୂଚନା ଅନୁଯାୟୀ, ନମିତା ଦେଉରା(୫୨)ଙ୍କୁ ରବିବାର ରାତିରେ ଗଳାକାଟି ହତ୍ୟା କରାଯାଇଛି । ପୁଅ ଶାଶ୍ୱତଙ୍କ ଅଭିଯୋଗ ପରେ ରଣପୁର ଥାନା ପୋଲିସ ଓ ଶରଣକୁଳ ଏସ୍‌ଡିପିଓ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ୩ଟି ଟିମ ତଦନ୍ତ କରିଥିଲା । ଅନ୍ୟପକ୍ଷେ ୨୧୩/୨୪ରେ ହତ୍ୟା ମାମଲା ରୁଜୁ କରାଯାଇଛି । ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଜବତ ହୋଇଛି । ଏହି ଘଟଣାରେ ଆଉ କିଏ ସଂପୃକ୍ତି ଅଛନ୍ତି କି ନାହିଁ ତାର ତଦନ୍ତ ଚାଲିଛି । ସ୍ୱଳ୍ପ ଦିନ ଭିତରେ ହତ୍ୟାକାଣ୍ଡର ରହସ୍ୟ ଓ ଅପରାଧିଙ୍କ ସମ୍ପର୍କରେ ସାର୍ବଜନୀନ କରାଯିବ ବୋଲି ଏସ୍‌ପି ସୂଚନା ଦେଇଥିଲେ। ୩୦ ଦିନ ମଧ୍ୟରେ ହତ୍ୟାକାଣ୍ଡର ଚାର୍ଜସିଟ୍ କୋର୍ଟରେ ଦାଖଲ କରାଯିବ ବୋଲି ଏସ୍‌ପି କହିଛନ୍ତି ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ



ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତ ।

ରଣପୁର,୧୧।୬(ସୁକାନ୍ତ କିଶୋର ଡାକୁଆ) ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ଦର୍ପନାରାୟଣପୁର ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଗୋଡ଼ିମଡ଼ା ଗ୍ରାମର ରବିନ୍ଦ୍ର ନାୟକ(୩୨)ଙ୍କୁ ପୋଲିସ ଗିରଫ କରି ଅଧିକ ତଦନ୍ତ ଚଳାଇଛି । ଅଭିଯୋଗ ଅନୁଯାୟୀ, ଗତ ୯ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ରବିନ୍ଦ୍ର ଉକ୍ତ ଗ୍ରାମରେ ହାଡ଼ ଭଙ୍ଗା ପାଇଁ ଦେଶି ଚିକିତ୍ସା କରୁଥିବା ଜଣେ ବ୍ୟକ୍ତିଙ୍କ ଘରକୁ ଯାଇଥିଲେ । ତାଙ୍କ ଘରେ କେହି ନ ଥିବା ସୁଯୋଗରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାବାଳିକା ଝିଅଙ୍କୁ ବଳାତ୍କାର କରିଥିଲେ । ଏହି ଘଟଣାକୁ ନେଇ ନାବାଳିକାଙ୍କ ମା'ରଣପୁର ଥାନାର ଦ୍ୱାରସ୍ଥ ହୋଇଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୨୧୪/୨୪) ରୁଜୁ କରି ତଦନ୍ତ ଚଳାଇଛି । ନୟାଗଡ଼ ଏସ୍‌ପି ରାହୁଲ ଜୈନ ଉକ୍ତ ଘଟଣା ଉପରେ ନଜର ରଖିଛନ୍ତି । ଏଥିପାଇଁ ୨ଟି ଟିମ୍ ଗଠନ କରାଯାଇଛି । ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ହେମନ୍ତ ରାଓ ଉକ୍ତ ଘଟଣାର ତଦନ୍ତ କରୁଛନ୍ତି। ତଦନ୍ତ ଓ ଡାକ୍ତରୀ ମାଇନା ରିପୋର୍ଟକୁ ଆଧାର କରି ପୋଲିସ ରବିନ୍ଦ୍ରଙ୍କୁ ସୋମବାର ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ୧୫ ଦିନ ମଧ୍ୟରେ ଚାର୍ଜସିଟ୍ ପ୍ରଦାନ କରାଯିବ ବୋଲି ଏସ୍‌ପି ରଣପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ ଉପସ୍ଥିତ ଥିଲେ।

# ସରକାରୀ ଜମିରେ ଗୃହ ନିର୍ମାଣ

ନୟାଗଡ଼,୧୧।୬(ଲୋକନାଥ ମିଶ୍ର): ନୟାଗଡ଼ ସହର ଖଣ୍ଡପଡ଼ା ରୋଡ ୩ନଂ.ୱାର୍ଡରେ ଥିବା କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ସରକାରୀ ଜମି ଜବରଦଖଲ କରାଯାଇ ଗୃହ ନିର୍ମାଣ ଚାଲିଛି । ନୟାଗଡ଼ ବଜାର ଉପରେ ଥିବା ୩ ଏକର ସରକାରୀ ଜମି ଥିବାବେଳେ ପ୍ରାୟ ୧୦ ଡେସିମିଲ ଜମି ଜବରଦଖଲ ହୋଇ ସାରିଲାଣି । ଏନେଇ ଯଦୁପୁରର ବାସନ୍ତୀ ସାହୁ ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ଭେଟି ଜବରଦଖଲ ଓ ଘର କରାଯାଉଥିବା ନେଇ ଫେରାଦ୍ ହୋଇଛନ୍ତି । ପ୍ରଶାସନ ଜବରଦଖଲ ଉଚ୍ଛେଦ ନ କଲେ ମ୍ୟୁନିସିପାଲିଟି ସମ୍ମୁଖରେ ଧାରଣା ଦେବେ ବୋଲି ସେ କହିଛନ୍ତି । ବାସନ୍ତୀଙ୍କ ଅଭିଯୋଗ ଅନୁଯାୟୀ, ଖଣ୍ଡପଡ଼ା ରୋଡରେ ମୋର ୨୧ ଡେସିମିଲ ଅଧେ ଜମି ରହିଛି । ମୋ ଜମିକୁ ଲାଗି ସରକାରୀ ଜମି ରହିଥିଲେହେଁ ମୁଁ ସେହି ଜମିକୁ ଜବରଦଖଲ କରିନାହିଁ । ତେବେ ମୋର ପଡ଼ୋଶୀ ସରକାରୀ ଜମିକୁ ଜବରଦଖଲ କରି ଗୃହ ନିର୍ମାଣ କରୁଛି । ପୁଣି ବିନା ପ୍ଲାନ ଆପ୍ରୁଭାଲରେ ଘର କାର୍ଯ୍ୟ କରିବା ବେଆଇନ ହୋଇଥିଲେ ହେଁ ଚଢ଼ାଉ କି ଧରପଗଡ଼ କରାଯାଉ ନାହିଁ କହି କ୍ଷୋଭ ପ୍ରକାଶ କରିଛନ୍ତି ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com




@ ଅତ୍ରି ତପସ୍ୱିନୀ



@ ଚିନ୍ମୟ



@ ସୌମ୍ୟରଞ୍ଜନ



@ ସୁଦୀପ୍ତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶରଣକୁଳରୁ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ



ଜବତ ଗଞ୍ଜେଇ ।

ଶରଣକୁଳ,୧୧।୬(ଦୀପକ କର): ସୋମବାର ସନ୍ଧ୍ୟାରେ ଶରଣକୁଳ ଥାନା ପୋଲିସ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଏକ କାରରୁ ଜବତ କରିଛି । ଗଞ୍ଜେଇ ବସ୍ତା ନେଇ ଏକ କାର(ନଂ– ଓଡ଼ି୦୨ସିଡ଼ି୨୪୫୦) ଦ୍ରୁତଗତିରେ ଯାଉଥିଲା । ହେଲେ କିଛି ବାଟ ଯିବା ପରେ ରାସ୍ତା ନ ପାଇ ଶରଣକୁଳ ଭିକାରିପଡ଼ା ଶିଶୁ ମନ୍ଦିର ନିକଟରେ ଥିବା ନୂଆ ସାହିରେ ପଶି ଯାଇଥିଲା। ଆଗକୁ କୌଣସି ରାସ୍ତା ନ ଥିବାରୁ ଡ୍ରାଇଭର ଏବଂ କାରରେ ଥିବା ଅନ୍ୟ ଜଣେ ବ୍ୟକ୍ତି ଗାଡ଼ିରୁ ଓହ୍ଲାଇ ଗହୀର ଭିତରକୁ ଦୌଡ଼ି ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ଶରଣକୁଳ ଥାନାକୁ ଏହି ଖବର ଦେବାପରେ ଆଇଆଇସି ପୁଷ୍ପଲତା ବେହେରା ସଦଳବଳେ ଆସି ଗାଡ଼ିଟିକୁ ଜବତ କରି ସେଥିରେ ଥିବା ୩ବସ୍ତା ଗଞ୍ଜେଇ କରିଥିଲେ । ପୋଲିସ କାର ଭିତରୁ ଏକ ମନିପର୍ସ ଏବଂ ଆଧାରକାର୍ଡ଼ ପାଇଛି । ଉକ୍ତ କାରର ମାଲିକ ହେଉଛନ୍ତି କନ୍ଧମାଳ ଜିଲାର ଫିରିଙ୍ଗିଆର ଜିତୁ ମୁଖି। ରାତିରେ ଓଡ଼ଗାଁ ଅତିରିକ୍ତ ତହସିଲଦାର ଜି.ସିନୁଙ୍କ ଉପସ୍ଥିତିରେ ପୋଲିସ ଗଞ୍ଜେଇ ଓଜନ କରିଥିଲା । ଜବତ ଗଞ୍ଜେଇର ପରିମାଣ ୭୧ କେଜି ଓ ଅନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପୋଲିସ କହିଛି ।

ନୟାଗଡ଼ ଜିଲା ଶରଣକୁଳ ଅଞ୍ଚଳରେ ଚୋରା ଗଞ୍ଜେଇ, ବ୍ରାଉନ ସୁଗାର, ମଦ ଆଦିର କାରବାର ଦିନକୁ ଦିନ ବଢ଼ି ଚାଲିଛି । ଅବକାରୀ ବିଭାଗ ଅପାରଗତା ଯୋଗୁ ମାଦକ ଦ୍ରବ୍ୟ ଚୋରା କାରବାର ବଢୁଛି । ଶରଣକୁଳ ଥାନା ଅଧୀନରେ ଥିବା ବିଭିନ୍ନ ଗ୍ରାମାଞ୍ଚଳ ସମେତ ପାନଦୋକାନରେ ବି ବିଭିନ୍ନ ମାଦକ ଦ୍ରବ୍ୟ ବିକ୍ରି ଚାଲିଛି। ଅବକାରୀ ବିଭାଗ ଏହା ଜାଣି ସୁଦ୍ଧା ନୀରବ ରହୁଥିବା ଅଭିଯୋଗ ହୋଇଛି । ପ୍ରତିଦିନ ଶରଣକୁଳ ଦେଇ ଭୁବନେଶର କଟକ ଓ ପୁରୀକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି।

# ପୋଖରୀ ହୁଡା ବାନ୍ଧିବାରେ ପ୍ରଶାସନ ବିଫଳ

- ମୌସୁମୀ ଆସିବା ପୂର୍ବରୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି
- ଗତ ୨ ବର୍ଷ ହେବ ମୁକୁଳା ପଡ଼ିଛି ଏହି ପୋଖରୀ

ଓଡ଼ଗାଁ,୧୧।୬ (ଆଦର୍ଶ କୁମାର ପଟ୍ଟନାୟକ): ସମ୍ପ୍ରତି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ବିଭିନ୍ନ ପଞ୍ଚାୟତ ଲୋକେ ପାଣି ଗରାଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପାଇଁ ସେମାନଙ୍କୁ ସବୁଦିନ ସଂଘର୍ଷ କରିବାକୁ ପଡୁଛି । ଏପରିସ୍ଥଳେ ସରକାରଙ୍କ ପ୍ରତିଘରକୁ ପାନୀୟ ଜଳ ଯୋଗାଣ ସ୍ଲୋଗାନ ଅନେକାଂଶରେ ବିଫଳ ହୋଇଛି । ଅନ୍ୟପକ୍ଷେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଏପରି ପରିସ୍ଥିତିକୁ ପ୍ରାକୃତିକ ବିପର୍ଯ୍ୟୟ କୁହାଯାଉଥିଲେ ମଧ୍ୟ ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ପଞ୍ଚାୟତ ଜାମୁସାହି ଗ୍ରାମରେ ତାହା ମଣିଷକୃତ୍ୟ ବୋଲି ଅଭିଯୋଗ ହୋଇଛି।

ଗତ ୨ ବର୍ଷ ତଳେ ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ପଞ୍ଚାୟତ ଜାମୁସାହି ଗ୍ରାମରେ ଥିବା ଏକ ବିରାଟ ପୋଖରୀ ହୁଡା ହାଣିଦେବାରୁ ଜଳ ସମସ୍ୟା ଜଟିଳ ରୂପ ନେଇଛି । ପ୍ରାୟ ୫ ଏକର ପରିମିତ ଏହି ପୋଖରୀକୁ ପାଣି ସମସ୍ୟାର ସମାଧାନ ଆଶାରେ ଖୋଳାଯାଇଥିଲା । ସେହିପୋଖରୀ ସ୍ଥାନୀୟ ଲୋକଙ୍କ ଦୈନନ୍ଦିନ ପାଣିର ଆବଶ୍ୟକତା ପୂରଣ ତଥା ନାନାଦି ସାମାଜିକ କାର୍ଯ୍ୟ ନିମନ୍ତେ ବ୍ୟବହାର କରାଯାଉଥିଲା । ହେଲେ ଏହାକୁ ଅମୃତ ସରୋବରରେ ପରିଣତ କରିବାକୁ ଯୋଜନା ପ୍ରସ୍ତୁତ କରିବା ସହିତ ଏଥି ନିମନ୍ତେ ୨୦ ଲକ୍ଷ ଟଙ୍କା ସରକାରୀ ଅନୁଦାନ ମଞ୍ଜୁର ହୋଇଥିବା ଆଲୋଚନା ହେବା ପରେ କାର୍ଯ୍ୟାଦେଶ ପାଇବା ଲୋଭରେ କେହି ବ୍ୟକ୍ତି କିମ୍ବା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂପୃକ୍ତ ପୋଖରୀ ହୁଡାକୁ କାଟିଦେଇଥିଲେ । ଫଳରେ ୨ ବର୍ଷାଋତୁ ଚାଲିଯାଇଥିଲେ ସୁଦ୍ଧା ଏହି ପୋଖରୀରେ କେବଳ ଆଣ୍ଠୁଏ ପାଣି ରହିବାକୁ ସକ୍ଷମ ହୋଇଛି। ଇତିମଧ୍ୟରେ ସଂପୃକ୍ତ ଅମୃତ ସରୋବର କାର୍ଯ୍ୟାଦେଶ ବାତିଲ ହୋଇଛି । ଅନ୍ୟପକ୍ଷେ ଅମୃତ ସରୋବର ବନାମ ବଡ ପୋଖରୀ ବନାମ କଟା ପୋଖରୀ ଶୀର୍ଷକ ରିପୋର୍ଟ ଧରିତ୍ରୀରେ ଗତ ମାସରେ ପ୍ରକାଶ ପାଇଥିଲା । ହେଲେ ରିପୋର୍ଟ ପ୍ରକାଶ ପାଇବାର ୧ ମାସ ବିତିଯାଇଥିବା ସୁଦ୍ଧା ପ୍ରଶାସନିକସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ରାଜ୍ୟ ତଥା ଜିଲାରେ ମୌସୁମୀ ପ୍ରବେଶ କରୁଥିବା ବେଳେ ଏନେଇ ପ୍ରଶାସନିକସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ କଟା ଯାଇଥିବା ବଡ଼ ପୋଖରୀ ହୁଡା ବାନ୍ଧିବା ଜରୁରୀ ହୋଇ ପଡିଛି । ଏନେଇ ସ୍ଥାନୀୟ ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲା । ହେଲେ କ'ଣ କରାଯାଇ ପାରିବ ବୋଲି ସେ ଓଲଟା ପ୍ରଶ୍ନ କରିଥିଲେ । ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡାଙ୍କୁ ତାଙ୍କ ଫୋନ୍ ୯୪୩୭୮୭୭୮୦କୁ ଏକାଧିକ ଥର ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଆଦୌ ଫୋନ ରିସିଭ କରି ନ ଥିଲେ । ଶେଷରେ ଜିଲାପାଳ ସ୍ୱାଧାଦେବ ସିଂହଙ୍କୁ ପଚାରିବାରେ ସେ ସମସ୍ତ ତଥ୍ୟ ଆମ ପ୍ରତିନିଧିଙ୍କଠାରୁ ସଂଗ୍ରହ କରିବା ସହିତ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।



ହୁଡା ନ ଥିବା ରଙ୍ଗଣୀପାଟଣା ପଞ୍ଚାୟତ ଜାମୁସାହି ଗ୍ରାମରେ ପୋଖରୀ ।

# ଶିଶୁ ଶ୍ରମିକରୁ ମୁଖ୍ୟ ସ୍ରୋତକୁ ଫେରିବାର ଯାତ୍ରା

ଭୁବନେଶ୍ୱର, ୧୧।୬
(ବନ୍ଦନା ସେଠୀ)

ଆଜିର ଶିଶୁ କାଲିର ଭବିଷ୍ୟତ। ସେମାନେ ସମ୍ଭାଳିବେ ଦେଶ ଓ ବିଶ୍ୱ ଦାୟିତ୍ୱ। ଏଥିପାଇଁ ସେମାନଙ୍କୁ ସେହିପରି ଗଢ଼ିବାକୁ ହେବ, ଦକ୍ଷ କରିବାକୁ ପଡିବ। ହେଲେ ଆଜି ବି ବହୁ ଶିଶୁ ହସିବା, ଖେଳିବା, ପଢ଼ିବା ବଦଳରେ ଶ୍ରମିକ ଭାବେ କାମ କରୁଛନ୍ତି। ଆର୍ଥିକ ଦୁର୍ସ୍ଥିତିରୁ ପରିବାର ପ୍ରତିପୋଷଣର ବୋଝ ଏବେ ସେମାନଙ୍କ କାନ୍ଧରେ। ବହିଖାତା ଧରିବା ହାତରେ କେତେବେଳେ ଜରି ଗୋଟାଉଛନ୍ତି ତ ଆଉ କେତେବେଳେ ଗ୍ୟାରେଜ, ହୋଟେଲ, ପରଘରେ କାମ କରି ପରିବାର ଚଳାଉଛନ୍ତି। ଏମିତି ପରିଚୟ ଭିତରେ ହଜିଯାଉଛି ସେମାନଙ୍କ ସ୍ୱପ୍ନ ଓ ଭବିଷ୍ୟତ। ଯଦିଓ ଓଡ଼ିଶାରେ ଶିଶୁ ଶ୍ରମିକ ହାର ପୂର୍ବାପେକ୍ଷା କମ୍ ରହିଛି, ତଥାପି ଏହା ସମ୍ପୂର୍ଣ୍ଣ ଭାବେ ମୂଳପୋଛ ହୋଇପାରି ନାହିଁ। ତେଣୁ ଶିଶୁ ଶ୍ରମିକ ହଟାଇବା ଆହ୍ୱାନ ନେଇ ପ୍ରତି ବର୍ଷ ଜୁନ୍ ୧୨ରେ ଅନ୍ତର୍ଜାତୀୟ ଶିଶୁ ଶ୍ରମ ନିରୋଧ ଦିବସ ପାଳନ କରାଯାଉଛି। ଏ ଦିଗରେ ଅନେକ ସରକାରୀ ଏବଂ ବେସରକାରୀ ସଂସ୍ଥା କାମ କରୁଛନ୍ତି। ସେମାନଙ୍କ ପ୍ରଚେଷ୍ଟା ପାଇଁ ଦିନେ ଶିଶୁ ଶ୍ରମିକ ଭାବେ ଏଠିସେଠି କାମ କରୁଥିବା ପିଲା ଏବେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି। ନିଜକୁ ଅନ୍ୟମାନଙ୍କଠାରୁ ଅଧିକ ଦକ୍ଷ ବୋଲି ପ୍ରମାଣିତ କରିପାରିଛନ୍ତି। ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ମୁଖ୍ୟ ସ୍ରୋତକୁ ଫେରିଥିବା ଏଭଳି କେତେଜଣ ପିଲାଙ୍କୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।

### ପରିବା ବିକାଳିରୁ ଫୁଟ୍‌ବଲ ଖେଳାଳି

ମୟୂରଭଞ୍ଜ ଜିଲାର ସନ୍ଦୀପ ସାହୁ। ମା, ବାପା ଓ ୩ ଭାଇଙ୍କ ସହ ଏବେ ଭୁବନେଶ୍ୱର ନୀଳପଡିଆ ବସ୍ତିରେ ରହୁଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବାରୁ ନିଜର ସୀମିତ ରୋଜଗାରରେ ପରିବାର ଚଳାଇବା ବାପାଙ୍କ ପାଇଁ କଷ୍ଟକର ହୋଇପଡିଥିଲା। ତେଣୁ ପରିବାରକୁ ସହାୟତା କରିବା ସହ ନିଜର ଦୈନନ୍ଦିନ ଖର୍ଚ୍ଚ ମେଣ୍ଟାଇବା ଲାଗି ଖୁବ୍ କମ୍ ବୟସରୁ ଶିଶୁ ଶ୍ରମିକ ଭାବେ କାମ ଆରମ୍ଭ କରିଥିଲେ ସନ୍ଦୀପ। ପାଠପଢ଼ିବା ଓ ଖେଳିବା ବୟସରେ ସେ ଏକ ପରିବା ଦୋକାନରେ କାମ କରି ଦିନକୁ ୧୦୦-୧୫୦ ଟଙ୍କା ରୋଜଗାର କରୁଥିଲେ। ସ୍କୁଲ ନ ଯାଇ ତମାଖୁ, ଗଞ୍ଜେଇ ଆଦି ଡ୍ରଗ୍ସ ଖାଉଥିଲେ। ଏଭଳି ସ୍ଥିତିରେ ୨୦୨୧ରେ ରାସ୍ତାକଡ଼ ଶିଶୁଙ୍କ ପାଇଁ କାମ କରୁଥିବା ଆଶାୟେଁ ଅନୁଷ୍ଠାନ ସନ୍ଦୀପଙ୍କୁ ଡମଣା ମାର୍କେଟରୁ ଉଦ୍ଧାର କରିଥିଲା। ସେତେବେଳକୁ ତାଙ୍କୁ ମାତ୍ର ୯ବର୍ଷ ବୟସ ହୋଇଥିଲା। ସନ୍ଦୀପଙ୍କ ପାଖରେ ଦକ୍ଷତା ଓ ପ୍ରତିଭା ଥିଲେ ମଧ୍ୟ ସେ ବାଟବଣା ହୋଇ ଯାଇଥିବା ଅନୁଷ୍ଠାନର କର୍ମକର୍ତ୍ତା ହୃଦୟଙ୍ଗମ କରିଥିଲେ। ତେଣୁ ତାଙ୍କୁ ପ୍ରଥମେ ନିଶା ସେବନରୁ ଦୂରେଇବାକୁ ଚେଷ୍ଟା କରିଥିଲେ। ଏହାପରେ ତାଙ୍କ ମନରେ ପାଠ ପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରାଯାଇଥିଲା। ଏବେ ସନ୍ଦୀପଙ୍କୁ ୧୧ବର୍ଷ ବୟସ। ସେ ଚନ୍ଦ୍ରଶେଖରପୁର ସରକାରୀ ୟୁଜିୟୁପି ସ୍କୁଲରେ ପାଠ ପଢୁଛନ୍ତି। ଏଥିସହ ସ୍ଥାନୀୟ ଓ ଜିଲାସ୍ତରୀୟ କନିଷ୍ଠ ବର୍ଗର ଫୁଟ୍‌ବଲ ପ୍ରତିଯୋଗିତାରେ ନିଜର କମାଲ୍ ଦେଖାଇଛନ୍ତି। ଭବିଷ୍ୟତରେ ଜଣେ ଭଲ ଫୁଟ୍‌ବଲ୍ ଖେଳାଳି ହେବାକୁ ଲକ୍ଷ୍ୟ ରଖିଥିବା ସନ୍ଦୀପ କହିଛନ୍ତି।

### ୱେଲ୍ଡିଂ କାମ ନୁହେଁ, ଆଇଟିଆଇ କରିବି

୮/୯ବର୍ଷ ବୟସରେ ଏକ ୱେଲ୍ଡିଂ ଦୋକାନରେ କାମ କରୁଥିଲେ। ହାତରେ ୱେଲଡିଂ ମେଶିନ ଧରି ପୁରୁଣା ଭଙ୍ଗାରୁଜା ଜିନିଷ ୱେଲ୍ଡିଂ କରୁଥିଲେ। ଏବେ ଭଲ ନମ୍ବରରେ ମାଟ୍ରିକ ପାସ୍ କରିବା ସହ ଜଣେ ଭଲ ତବଲା ବାଦକ ଭାବେ ପରିଚୟ ପାଇଛନ୍ତି। ସେ ହେଲେ ଶ୍ୟାମସୁନ୍ଦର ବେହେରା। ମା', ବାପା, ଭାଇ ଓ ଦୁଇ ଭଉଣୀଙ୍କ ସହ ଭୁବନେଶ୍ୱର ବୁଦ୍ଧନଗର ଅଞ୍ଚଳରେ ରୁହନ୍ତି। ବାପା ଜଣେ ଅଟୋ ଡ୍ରାଇଭର ହୋଇଥିବାରୁ ସ୍ୱଳ୍ପ ରୋଜଗାରରେ ଏତେ ବଡ ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟକର ହେଉଥିଲା। ତେଣୁ ଆର୍ଥିକ ସଂକଟକୁ ଲାଘବ କରିବା ପାଇଁ ଶ୍ୟାମସୁନ୍ଦର ମଜୁରି ଲାଗୁଥିଲେ। ଦୈନିକ ମାତ୍ର ୧୫୦ଟଙ୍କାରେ ସେ ପାଲଟିଯାଇଥିଲେ ଜଣେ ଶିଶୁ ଶ୍ରମିକ। ଚତୁର୍ଥ ଶ୍ରେଣୀ ପରେ ତାଙ୍କ ପାଠପଢାରେ ମଧ୍ୟ ଡୋରୀ ବନ୍ଧା ହୋଇଯାଇଥିଲା। କାମ କରିବା ସମୟରେ ମାଲିକଙ୍କ ଦ୍ୱାରା ସେ ଅନେକ ସମୟରେ ନିର୍ଯାତନାର ଶିକାର ହେଉଥିଲେ। ଏଭଳି ସ୍ଥିତିରେ ୨୦୧୬ରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ପାଠ ପଢିବା ପାଇଁ ତାଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ଏଥିସହ ତାଙ୍କ ଘରଲୋକଙ୍କୁ ମଧ୍ୟ ବୁଝାଯାଇଥିଲା। ଶେଷରେ ଶ୍ୟାମସୁନ୍ଦର ଶ୍ରମିକ କାମ ଛାଡି ଏବେ ପାଠ ପଢୁଛନ୍ତି। ଚଳିତ ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ପାସ୍ କରିଛନ୍ତି। ଭବିଷ୍ୟତରେ ସେ ଆଇଟିଆଇ ପଢିବା ପାଇଁ ଲକ୍ଷ୍ୟ ରଖିଛନ୍ତି।


ଶ୍ୟାମ ସୁନ୍ଦର ବେହେରା


ସନ୍ଦୀପ ସାହୁ

### ସାଢ଼େ ୩ବର୍ଷରେ ୨୬ ଶିଶୁ ଶ୍ରମିକ ଉଦ୍ଧାର

ଗତ ସାଢ଼େ ୩ବର୍ଷରେ ୨୬ଟି ଶିଶୁ ଉଦ୍ଧାର ହୋଇଥିବା ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୦ରେ ୬, ୨୦୨୧ରେ ୯, ୨୦୨୨ରେ ୩, ୨୦୨୩ରେ ୪ ଏବଂ ୨୦୨୪ ଜୁନ୍ ସୁଦ୍ଧା ୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ମୁଖ୍ୟସ୍ରୋତକୁ ଆଣିବାକୁ ଚେଷ୍ଟା କରାଯାଇଛି। ଏଥିମଧ୍ୟରେ ଖୋର୍ଦ୍ଧା, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, କେନ୍ଦୁଝର, ସମ୍ବଲପୁର ଓ ସୋନପୁରର ଶିଶୁ ଶ୍ରମିକ ରହିଥିବା ଆୟୋଗ ଅଧକ୍ଷା ମନ୍ଦାକିନୀ କର କହିଛନ୍ତି। ତେବେ ଓଡ଼ିଶାରେ ଦେଖାଯାଉଥିବା ଶିଶୁ ଶ୍ରମିକମାନେ ଅଧିକାଂଶ ବାହାର ରାଜ୍ୟର କିମ୍ବା ବାହାର ରାଜ୍ୟରୁ ଆସି ଏଠାରେ ରହୁଥିବା ବଞ୍ଜାରା ପରିବାରର। ଗତ ଡିସେମ୍ବରରେ ବଲାଙ୍ଗୀର, କଳାହାଣ୍ଡି, ବରଗଡ଼, ସୋନପୁର, ସମ୍ବଲପୁର ସମେତ ୭ଟି ଜିଲାରେ ଶିଶୁ ଶ୍ରମିକ ସ୍ଥିତିକୁ ନେଇ ସମୀକ୍ଷା ହୋଇଥିଲା। ଏହାବାଦ୍ ଶିଶୁ ଶ୍ରମିକଙ୍କୁ କିପରି ସମ୍ପୂର୍ଣ୍ଣ ବନ୍ଦ କରାଯିବ ସେ ନେଇ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଉଦ୍ଧାର ସହ ଶିଶୁ ଶ୍ରମିକଙ୍କୁ କିଭଳି ଥଇଥାନ କରାଯିବ ସେ ନେଇ ମଧ୍ୟ ଆୟୋଗ କାର୍ଯ୍ୟ କରୁଛି। ଏଥିସହ ଚାଇଲ୍ଡ ଲେବର ଫ୍ରି ଅଞ୍ଚଳ ଭାବେ ପରିଗଣିତ କରି ଘୋଷଣା କରିବାକୁ ସମସ୍ତ ଜିଲାପାଳ, ମ୍ୟୁନିସିପାଲ କମିଶନର, ଏନ୍‌ଏସି କାଉନ୍‌ସିଲରଙ୍କୁ ଚିଠି କରାଯାଇଛି। ସେହିପରି ସମସ୍ତ ଶପିଂମଲ୍ ମାଲିକ, ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ, ଦୋକାନ, ହୋଟେଲ ମାଲିକମାନେ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ଆଗରେ ଶିଶୁ ଶ୍ରମିକ ନିୟୋଜିତ କରୁ ନ ଥିବା ବୋର୍ଡ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି।

**ଆଜି ଅନ୍ତର୍ଜାତୀୟ ଶିଶୁ ଶ୍ରମ ନିରୋଧ ଦିବସ**


## ଚେଲା ରଦ୍ଦକରଣ ପତ୍ର

ଆମ୍ଭେ ମହନ୍ତ ଶ୍ରୀ କୃଷ୍ଣ ଚୈତନ୍ୟ ଦାସ, ଇଟାମାଟି ଗୋବିନ୍ଦ ମନ୍ଦିର, ପୁରୁଣା ହାଟସାହି ମଦନ ମୋହନ ଦାସଙ୍କୁ ସମ୍ପାଦନ କରିଦେଇଥିବା ତା୧୧।୧।୨୦୧୬ରିଖର ଦଲିଲ ନମ୍ବର ୪୧୩୭୧୬୦୦୧୫୧ ନମ୍ବର ଯାହାର ବହି ନମ୍ବର ୪, ଭଲ୍ୟୁମ୍ ନମ୍ବର ୩ଟିକୁ ତା୨୧।୧୨।୨୦୨୧ ରଦ୍ଦକରଣ କଲୁ। ତେଣୁ ଅତ୍ର ତାରିଖଠାରୁ ଆମ୍ଭେ ମହନ୍ତ ଶ୍ରୀ କୃଷ୍ଣ ଚୈତନ୍ୟ ଦାସ ମଦନ ମୋହନ ଦାସଙ୍କୁ ଏହି ଦଲିଲ ବଳରେ ଚେଲା ପଦରୁ ବହିଷ୍କାର କଲୁ। ଏହା ଆମ୍ଭର ପ୍ରମାଣପତ୍ର।

## ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୦୬ ତାରିଖ: ୧୧।୦୬।୨୦୨୪**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୦୨୪-୦୬ | ୨୬।୦୬।୨୪ | ୧୩.୦୦ ଘ. | ୧୪.୦୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-242) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.-CHEP/TW-41 (Vol.-VI)/2371 Date: 10.06.2024

**TENDER CALL NOTICE NO.-CHEP-01/2024-25**

No. CAD-183

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Reputed General Order Suppliers for supply of the materials as mentioned below.

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of Cleaning Agents (Non-Ferric Alum & Bleaching Powder) for Water Supply System of CHEP, Chiplima | Rs.2,360.00 (Rs.2,000.00 + GST @18%) | Rs.3,550.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.18.06.2024 up to 12:30 PM of dtd.28.06.2024.

OIPR-04006/11/0001/2425 Sd/- C & P Head, CHEP, Chiplima

## PARADIP PORT AUTHORITY
**e-TENDER CALL NOTICE**

No.CE/R&B/ACCTS-46/23/156, Dtd.06.06.2024

Name of the work: "Annual maintenance & Development of garden in and around Port Township (Smruti Udyan, Nursery, JC Colony, GC and GD colony, Administrative building, Pump house premises (JC & Madhuban), and Balijhara Water Works for the year 2024-25. Estimated Cost: Rs.1,27,28,962.76/-, Last date & time of Submission of bid: 28.06.2024 up to 18:00 Hrs., Refer our website for details https://eprocure.gov.in/eprocure/app

Sd/- Executive Engineer, Roads & Building Division, Paradip Port Authority

PPA/PR/11/2024-25 Dtd.10.06.2024

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. MSM-ROH-RSP-SLRA-6-24

**କାର୍ଯ୍ୟର ନାମ :** ଏକ ବର୍ଷ ଅବଧି ନିମନ୍ତେ ସରଳା (SLRA) ROH ଡିପୋ ଠାରେ ୱାଗନ୍‌ଗୁଡ଼ିକର ROH।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 3,63,43,199.66, EMD (ଟଙ୍କାରେ): 3,31,700/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.26.06.2024 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ସମ୍ବଲପୁର

PR-197/P/24-25

## ଦ.ପୂ. ରେଳପଥ - ଟେଣ୍ଡର

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୪୯୪-ଜିଆର୍‌ସି-ସିଇ-ସି-ଏସ୍‌ଓ-୪୦-୨୦୨୪, ତାରିଖ: ୧୦।୦୬।୨୦୨୪।**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ)/ଦକ୍ଷିଣ/ଗାର୍ଡେନ ରିଚ୍, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ ହୋଇଛି। ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ। **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଡୁମେତ୍ରା-ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ସଂଯୋଗ: ଫର୍ମେଶନରେ ମାଟିକାମ, ଛୋଟ ଛୋଟ ପୋଲର ନିର୍ମାଣ, ଡ୍ରେନ୍ କାର୍ଯ୍ୟ, ପି.ୱେ ଲିଙ୍କିଙ୍ଗ୍ କାର୍ଯ୍ୟ, ପି.ୱେ ଫିଟିଙ୍ଗସ୍‌ର ଯୋଗାଣ, ପି.ୱେ ସାମଗ୍ରୀଗୁଡ଼ିକର ପରିବହନ, ବାଲାଷ୍ଟ ଯୋଗାଣ, ଗୁମ୍‌ଟି, ଆପ୍ରୋଚ୍ ରୋଡ୍ ନିର୍ମାଣ ଏବଂ ଅନ୍ୟାନ୍ୟ ତତ୍-ସମ୍ପର୍କିତ କାର୍ଯ୍ୟ। **ଆନୁମାନିକ ମୂଲ୍ୟ:** ₹୫୫.୫୪ କୋଟି। **ବିଡ୍ ଅମାନତ:** ₹୨୯,୨୭,୦୦୦/-। **ସମାପ୍ତି ଅବଧି:** ୧୨ ମାସ। **ବନ୍ଦ ହେବା ତାରିଖ:** ତା୦୩।୦୭।୨୦୨୪ରିଖ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-235)

## कार्यपालक अभियंता का कार्यालय
## ग्रामीण विकास विशेष प्रमंडल, साहेबगंज

अति अल्पकालिन ई–निविदा आमंत्रण सूचना

ई– पुनर्निविदा सूचना संख्या – **RDD/SD/SAHIBGANJ /21RE/2023-24**

1. कार्य की विस्तृत विवरणी:

| क्र० सं०/ग्रुप सं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | साहेबगंज जिला के बरहरवा प्रखण्ड अंतर्गत पथरिया पंचायत के ग्राम निश्चितपुर के कुम्हारपाड़ा टोला में करनी नदी पर उच्चस्तरीय पुल निर्माण। | **376.03200** लाख रूपये | 7,53,000.00 रूपये | 10,000.00 रूपये | 15 माह |

2. वेबसाइट में निविदा प्रकाशन की तिथि – 12.06.2024
3. ई–निविदा प्राप्ति की तिथि एवं समय – दिनांक 12.06.2024 से दिनांक 22.06.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, साहेबगंज।
5. ई–निविदा खोलने की तिथि एवं समय – 24.06.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, साहेबगंज।
7. ई–निविदा प्रकोष्ठ का दूरभाष सं० – 9431347401 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, साहेबगंज।

PR.NO.325913 Rural Development(24-25):D

## OFFICE OF THE PRINCIPAL
## GOVT. WOMEN'S COLLEGE, BHAWANIPATNA- 766001

Email: gwc.bpt@gmail.com, Website: gwcbhawanipatna.ac.in
Letter No.755// GWC Dt.08.06.2024

**CORRIGENDUM NOTICE**

**A Walk in Interview for Guest Faculties (Academic Session 2024-25)**

No.N-15:- In partial modificatin to the earliest letter No.-738//GWC Dtd.06.06.2024 of Govt. Women's College, Bhawanipatna a Walk-in interview for Guest faculties in the followng UG Honors subjects will be held in the Govt. Women's College, Bhawanipatna as per the rescheduled dates and time mentioned in the table. The candidates are required to come with necessary documents (Original and Xeorx). The engagement is purely temporary and can be terminated at any time without assigning any reason thereof. The candidates having Master Degree with 55% marks in concerned subject may appear the said interview. The remuneration will be paid as per the Govt. approved rate.
No TA/DA will be paid for attending the interview.

| Date | Time | Subjects |
|---|---|---|
| 20.06.2024 | 10.00 A.M. | EDUCATION, HOME SCIENCE, POL. SCIENCE, GEOGRAPHY, ODIA, ENGLISH |
| 21.06.2024 | 10.00 A.M. | ECONOMICS, HISTORY, SOCIOLOGY, SANSKRIT, ANTHROPOLOGY, PSYCHOLOGY, ENVIRONMENTAL STUDIES |

Sd./- Principal
Govt. Women's College, Bhawanipatna
OIPR-11035/11/0003/2425

## PM SHRI JAWAHAR NAVODAYA VIDYALAYA
## PALJHAR, DIST.: BOUDH(O)
## TENDER NOTICE No. 01/2024-2025

Sealed tenders are invited from the registered and reputed firms for the supply of **(1) Grocery Items, (2) Vegetable Items, (3) Non-Veg Items, (4) Bakery, Milk & Milk Products, (5) Toiletry & Daily use Items, (6) M&R and Electl. Items, (7) Student & Office Stationery Items, (8) Sports Items, (9) CCTV Repair & Installation, (10) Students Uniform** to PH Shri Jawahar Navodaya Vidyalaya, Paljhar, Dist.: Boudh (O). The tender forms with other particulars can be obtained from the Office of the Principal, PM Shri JNV, Paljhar, Boudh (O) during office hours **on all working days from 12.06.2024 to 24.06.2024** upto 01.00 P.M. on payment of Rs.200/- for each item. The details of tender documents can also be downloaded from the Vidyalaya Website: **https://navodaya.gov.in/nvs/nvs-school/Boudh/en/home and the cost of the tender paper form and EMD to be remitted in the shape of Bank Draft. The last date for submission of sealed tender paper is 24.06.2024 upto 04.00 P.M. Vidyalaya Purchase Advisory Committee Meeting will be held on 25.06.2024 at 10.30 A.M.** for the opening of the sealed tenders and selection of the lowest competitive firms. The Chairman of the Committee reserves the right to accept or reject one or all the tenders partially or wholly without assigning any reason thereof. Any dispute in this regard would be subjected to the Court Jurisdiction of the Boudh District only.

**Sd./- Principal**

## HDFC BANK — AUCTION NOTICE FOR GOLD ORNAMENTS

We understand your world

The borrower (s) (whose details are provided in the table herein below), in particular, and the public, in general, are hereby informed that the below mentioned Loan account is overdue, and the borrower account holder has not responded to/ complied with the communications and notices send by HDFC Bank Limited (the "Bank") requesting the Borrower to clear his/her/their dues as per the documents in respect of the below mentioned Loan signed/accepted by the borrower (such documents, collectively " Loan Agreement") and therefore defaulted in terms thereof. The bank has in exercise of its rights as a pledge, decided to enforce the pledge and therefore hold a public auction of the gold ornaments pledged to the Bank as security for the loan for the purpose of selling the same and realizing / recovering the dues owed by the borrower to the Bank. **Kindly refer the below auctions schedule. In the event the auction of any pledged security cannot be conducted or concluded on the date mentioned below. Bank reserves the right to conduct or proceed with the said auction on any subsequent date.**

| AUCTIONS DATE | LOAN NO. | BORROWER'S NAME | LOAN AMOUNT | PLACE OF AUCTION |
|---|---|---|---|---|
| 18.06.2024 | 74048149 | SADAKAR SAHU | 12000 | GROUND FLOOR, OPP. BHARAT PETROL PUMP, AT- DHANUPALI, DIST. SAMBALPUR-768005 |
| 18.06.2024 | 74051451 | ASHOK BAG | 61000 | HDFC BANK LTD, 1ST FLOOR, JAIN SHOPPING COMPLEX, OPP.TITLAGARH MUNICIPALITY OFFICE, TITLAGARH-767033 |
| 18.06.2024 | 73436247 | MEGHA AGARWAL | 985000 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 18.06.2024 | 50200029541950 | RANJAN KUMAR SAHOO | 744223.95 | |
| 18.06.2024 | 73436451 | MEGHA AGARWAL | 502000 | |
| 18.06.2024 | 74280269 | AISHWARYA DAS | 122000 | |
| 18.06.2024 | 74726280 | ANJALI SAHOO | 234600 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 18.06.2024 | 73942056 | BABULA SAMAL | 43700 | |
| 18.06.2024 | 74066418 | BHIKU SEK | 42000 | |
| 18.06.2024 | 73917586 | GYANA PRAKASH SAHOO | 17600 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 18.06.2024 | 75087357 | NIGAMANANDA TRIPATHY | 241000 | HDFC BANK LTD, BAJRAKABATI ROAD, CUTTACK-753001 |
| 18.06.2024 | 74493852 | CHANDRA NARAYAN NANDI | 88700 | |
| 18.06.2024 | 74030955 | BIJAYA LAXMI BEHERA | 30200 | |
| 18.06.2024 | 74063142 | PABITRA KUMAR MOHANTY | 29200 | |
| 18.06.2024 | 74815291 | ARUN KUMAR BHUNYA | 174400 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 18.06.2024 | 73679080 | SUMANTA ROUT | 282200 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 18.06.2024 | 74035165 | MANASH PRIYADARSHAN PATTNAYAK | 259700 | |
| 18.06.2024 | 74433141 | ANANDA SHANKAR DWIVEDY | 222700 | |
| 18.06.2024 | 73012715 | MOHAMMED ARMAAN | 191700 | |
| 18.06.2024 | 73799373 | MAHESWAR MOHANTY | 150200 | |
| 18.06.2024 | 74048023 | BIBEKANANDA DASH | 98000 | |
| 18.06.2024 | 73444962 | MICHAEL DIGAL | 258000 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 18.06.2024 | 73454586 | KUBER ACHARYA | 70500 | |
| 18.06.2024 | 74059129 | HUTASAN DEHERI | 27900 | |
| 18.06.2024 | 74778414 | BIKRAM KESHARI JENA | 138100 | HDFC BANK LTD, CHANDVALI CHOWK, ATHGARH-754029 |
| 18.06.2024 | 74355548 | SHANTANU BUDA | 51000 | HDFC BANK LTD, DURGA COMPLEX, JHARSUGUDA-768201 |
| 18.06.2024 | 50200018697199 | UPVINDER KAUR | 595375.78 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 18.06.2024 | 73266577 | SATISH RAI | 75400 | |
| 18.06.2024 | 74092454 | DURJYODHAN TANTY | 30500 | |
| 18.06.2024 | 74703086 | SK NIZAMUDDIN | 265000 | HDFC BANK LTD, F M CIRCLE, BALASORE-756001 |
| 18.06.2024 | 74336368 | SK NIZAMUDDIN | 103000 | |
| 18.06.2024 | 74214356 | SK NIZAMUDDIN | 65000 | |
| 18.06.2024 | 74051062 | BISIKESAN BEHERA | 19500 | |
| 18.06.2024 | 74079785 | SHAILABALA NAIK | 22000 | HDFC BANK LTD, GHASIPURA, ANANDPUR, KEONJHAR -758015 |
| 18.06.2024 | 74315797 | PRAGYAN PARAMITA PANDA | 215400 | HDFC BANK LTD, GROUND & 1ST FLOOR, PANCHAYAT SAMITI, DHARMASALA, JARAKA-755008 |
| 18.06.2024 | 74865751 | MANOJ KUMAR GEDI | 92600 | |
| 18.06.2024 | 74535372 | RAMESH KUMAR PRADHAN | 153500 | HDFC BANK LTD, GROUND FLOOR, NEAR SAPTASHREE SCIENCE COLLEGE, MAIN ROAD CHIKITI PENTHA, GANJAM-761010 |
| 18.06.2024 | 74796391 | GOBINDA CHANDRA PUJARI | 92000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 18.06.2024 | 74062967 | BHARAT BAHADUR | 76000 | |
| 18.06.2024 | 74787415 | DHARAMJEET SINGH | 54400 | |
| 18.06.2024 | 74890615 | GAYATRI BEHERA | 48000 | |
| 18.06.2024 | 74877764 | DHARAMJEET SINGH | 44900 | |
| 18.06.2024 | 74060567 | BINAYA PRADHAN | 94700 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 18.06.2024 | 74542845 | NROSINGH NAYAK | 132000 | HDFC BANK LTD, KUNJURI, NEAR IOCL PETROL PUMP, CHANDESWAR, TANGI, KHORDHA-752023 |
| 18.06.2024 | 74398412 | MANOJ KUMAR ROUTARAY | 224100 | HDFC BANK LTD, MAHIPAL, KENDRAPARA-754211 |
| 18.06.2024 | 74656086 | GNYANESH SAHOO | 134800 | |
| 18.06.2024 | 74593618 | GOFRAN SHAIK | 110300 | |
| 18.06.2024 | 74074575 | ABINASH DAS | 30900 | |
| 18.06.2024 | 74081511 | ASISH JENA | 17010 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 18.06.2024 | 75006440 | SURESH MEHER | 233000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 18.06.2024 | 74315972 | RINA SUNANI | 179500 | |
| 18.06.2024 | 74298705 | BIJAYA KUMAR SAHU | 88000 | |
| 18.06.2024 | 74755136 | BIJAYA KUMAR SAHU | 46000 | |
| 18.06.2024 | 74767596 | BIJAYA KUMAR SAHU | 45000 | |
| 18.06.2024 | 74527808 | S HARISH | 35000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 18.06.2024 | 73945960 | BISHNUPRIYA DAKSHINARAY | 118200 | HDFC BANK LTD, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 18.06.2024 | 73955813 | SHAMUKA SAGAR | 23500 | |
| 18.06.2024 | 74291031 | RAGHUNATH GEMEL | 106800 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 18.06.2024 | 74059034 | PRIYABRATA BAG | 48400 | HDFC BANK LTD, NEAR ILA MEDICAL STORE, SHANTIPARA, BOLANGIR-767002 |
| 18.06.2024 | 74072148 | NARESH NAG | 30400 | |
| 18.06.2024 | 74063552 | SANTOSH KUMAR PATRA | 17500 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 18.06.2024 | 73523111 | BALARAM SWAIN | 44000 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 18.06.2024 | 74068477 | KAMALALOCHAN GOUDA | 12000 | |
| 18.06.2024 | 75021095 | BISWABANDITA SAHOO | 252300 | HDFC BANK LTD, PATRAPADA, KHURDA, BHUBANESWAR-751019 |
| 18.06.2024 | 73019884 | KLIZA RANI PATRO | 110700 | |
| 18.06.2024 | 74305791 | SOUBHAGYA MOHANTY | 95800 | |
| 18.06.2024 | 74041797 | SOUBHAGYA MOHANTY | 72000 | |
| 18.06.2024 | 75030052 | KAMAKSHYA PRASAD MOHANTY | 1271100 | HDFC BANK LTD, PLOT NO 1078/1110, AT/PO - SHAMPUR, NUAGAON, NEAR RELIANCE FRESH, BHUBANESWAR-751003 |
| 18.06.2024 | 73894650 | DEBASHISA MISHRA | 200000 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 18.06.2024 | 73914699 | DEBASHISA MISHRA | 130000 | |
| 18.06.2024 | 73457181 | MANI SHANKAR DUTTA | 120000 | |
| 18.06.2024 | 74053164 | BADAL KUMAR ROUT | 120000 | |
| 18.06.2024 | 73300066 | DEBASIS MALLICK | 102800 | |
| 18.06.2024 | 74096845 | SWAPNESWAR RATH | 81000 | |
| 18.06.2024 | 73586559 | BHABANI PRASAD DAS | 45000 | |
| 18.06.2024 | 74330639 | ASHIS KUMAR PATTANAIK | 44000 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 18.06.2024 | 74652740 | RANJIT KUMAR JENA | 379000 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 18.06.2024 | 74585214 | ABHAYA KUMAR SAHANI | 208700 | |
| 18.06.2024 | 73921993 | ABHAYA KUMAR SAHANI | 48500 | |
| 18.06.2024 | 50200046197495 | PRASANA KUMAR BEHERA | 523209.08 | HDFC BANK LTD, PLOT NO 6, MAHANADI VIHAR, CUTTACK-753004 |
| 18.06.2024 | 73253730 | SNEHASIS PANI | 168000 | |
| 18.06.2024 | 73142888 | JAGYASENI BISWAL | 67000 | |
| 18.06.2024 | 74101052 | NIBAS BHOI | 90600 | HDFC BANK LTD, PLOT NO-3565, PALASUNI, BHUBANESWAR- 751010 |
| 18.06.2024 | 74102769 | ARJUN CHARAN NAYAK | 150000 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 18.06.2024 | 74056943 | SHABYA RANI MAHALING | 44500 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 18.06.2024 | 73931265 | MANASI PANDA | 108400 | HDFC BANK LTD, S. N. PLAZA, N.H. - 5, NEULPUR, CHANDIKHOL-755024 |
| 18.06.2024 | 74034280 | SIDDHARTHA BAL | 104900 | |
| 18.06.2024 | 73849563 | SABYASACHI DASH | 77500 | |
| 18.06.2024 | 73585617 | TUSHAR RANJAN DASH | 57000 | |
| 18.06.2024 | 74069130 | KALPANA PARIDA | 24900 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 18.06.2024 | 73934842 | HEMANTA KUMAR JENA | 207600 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 18.06.2024 | 74168266 | RAJKISHORE MALLIK | 80700 | |
| 18.06.2024 | 74053690 | MAMATA MOHANTY | 33000 | |
| 18.06.2024 | 74065554 | FIROZ ALI | 63500 | HDFC BANK LTD, SANTI NIKETAN BUILDING, JHOLASAHI, CUTTACK-753001 |
| 18.06.2024 | 74098223 | M UMAMAHESWAR RAO | 1000000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 18.06.2024 | 74620541 | JHUMURI BHUYAN | 208000 | |
| 18.06.2024 | 74678414 | SAMBIT MOHANTY | 150400 | HDFC BANK LTD, UNIT 11, BUXI BAZAR, CANTONMENT, CUTTACK-753001 |
| 18.06.2024 | 74075858 | NIRUPAMA BEHERA | 28000 | HDFC BANK LTD, VIP PLAZA, VIP ROAD, PURI-752001 |
| 18.06.2024 | 74073928 | DURGA SAHU | 64600 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 12-06-2024,**
**Place : ORISSA**

**Sd/- Authorised Officer,**
**HDFC BANK LTD.**

# ‘ସ୍ପିକର’ ଉପରେ ନଜର

ନୂଆଦିଲ୍ଲୀ,୧୧ା୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କ ତୃତୀୟ ପାଳିଶାସନ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ସମେତ ମୋଟ ୭୨ ଜଣ ମନ୍ତ୍ରୀ ଶପଥ ନେଇଛନ୍ତି। ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏବଂ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଭରସାରେ କେନ୍ଦ୍ରରେ ସରକାର ଗଢ଼ାଯାଇଥିବାରୁ ଏନ୍‌ଡିଏର ଏହି ଦୁଇ ବଡ଼ ସହଯୋଗୀ ଲୋକ ସଭା ବାଚସ୍ପତି ପଦ ହାତେଇବା ପାଇଁ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ମେଣ୍ଟ ରାଜନୀତିର ଦୁଇ ଭେଟେରାନ୍ ଏନ୍. ଚନ୍ଦ୍ରାବାବୁ ନାଇଡୁ ଓ ନୀତୀଶ କୁମାର ନିଜ ନିଜ ଦଳ ପାଇଁ ଏହି ପଦକୁ ଢାଲ ଭାବେ ବ୍ୟବହାର କରିପାରନ୍ତି। କିନ୍ତୁ ଭାରତୀୟ ଜନତା ପାର୍ଟି (ଭାଜପା) ବାଚସ୍ପତି ପଦ ହାତଛଡ଼ା କରିବାକୁ ଚାହୁଁନାହିଁ। ତେଣୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ବାଚସ୍ପତି ପଦ ଉପରେ ସମସ୍ତଙ୍କ ନଜର ରହିଛି। କାରଣ ଅତୀତରେ ଦଳବଦଳ, ବିଭାଜନ ଓ ସରକାର ପତନ ଭଳି ଅନେକ ରାଜନୈତିକ ଘଟଣାକ୍ରମ ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ପାର୍ଲାମେଣ୍ଟ ନିମ୍ନ ସଦନ ଅଧ୍ୟକ୍ଷଙ୍କ ନିଷ୍ପତ୍ତି ଉପରେ ଅନେକ କିଛି ନିର୍ଭର କରିଥାଏ।


ଚର୍ଚ୍ଚାରେ ଡି. ପୁରନ୍ଦେଶ୍ୱରୀ

କୁହାଯାଏ ‘ଯାହାର ସ୍ପିକର, ତାହାର ସରକାର’। ତେଣୁ ଭାଜପା ବାଚସ୍ପତି ପଦ ଅନ୍ୟ କୌଣସି ସହଯୋଗୀଙ୍କୁ ଛାଡ଼ିବାକୁ ନାରାଜ। ଆନ୍ଧ୍ର ପ୍ରଦେଶ ଭାଜପା ସଭାପତି ଡି. ପୁରନ୍ଦେଶ୍ୱରୀ ଏହି ଦୌଡ଼ରେ ଥିବା କୁହାଯାଉଛି। ପୁରନ୍ଦେଶ୍ୱରୀ ହେଉଛନ୍ତି ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓଙ୍କ ଝିଅ ତଥା ଚନ୍ଦ୍ରାବାବୁଙ୍କ ଶାଳୀ। ପୁରନ୍ଦେଶ୍ୱରୀଙ୍କ ସ୍ୱାମୀ ଦଗ୍ଗୁବତୀ ଭେଙ୍କଟେଶ୍ୱର ରାଓ ପୂର୍ବରୁ କଂଗ୍ରେସ ଏମ୍‌ପି ଥିଲେ ଏବଂ ପରେ ବର୍ତ୍ତମାନ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିର ବିଧାୟକ। ରାଜମହେନ୍ଦ୍ରି ଏମ୍‌ପି ପୁରନ୍ଦେଶ୍ୱରୀ ଏହା ପୂର୍ବରୁ ମନମୋହନ ସିଂଙ୍କ କ୍ୟାବିନେଟରେ କେନ୍ଦ୍ରମନ୍ତ୍ରୀ ଦାୟିତ୍ୱ ସମ୍ଭାଳିସାରିଛନ୍ତି। ଆନ୍ଧ୍ରପ୍ରଦେଶରୁ ତେଲଙ୍ଗାନାକୁ ଅଲଗା କରି ସ୍ୱତନ୍ତ୍ର ରାଜ୍ୟ ଗଠନ କରିବା ପ୍ରତିବାଦରେ ସେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାରରୁ ଇସ୍ତଫା ଦେଇଥିଲେ। ପୁରନ୍ଦେଶ୍ୱରୀ ୨୦୧୪ରେ ଭାଜପରେ ସାମିଲ ହୋଇଥିଲେ। ୩ ଥର ଏମ୍‌ପି ହୋଇସାରିଥିବା ପୁରନ୍ଦେଶ୍ୱରୀଙ୍କୁ ମୋଦି ୩.୦ରେ ସାମିଲ କରାଯାଇ ନ ଥିବାରୁ ବାଚସ୍ପତି ପଦରେ ତାଙ୍କୁ ଅବସ୍ଥାପିତ କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି।

## ବାଚସ୍ପତି ନିର୍ବାଚନ ପ୍ରକ୍ରିୟା

ସମ୍ବିଧାନ ଅନୁସାରେ ନୂଆ ଲୋକ ସଭାର ପ୍ରଥମ ଅଧିବେଶନ ପୂର୍ବରୁ ବାଚସ୍ପତି ପଦ ଖାଲି ହୋଇଥାଏ। ରାଷ୍ଟ୍ରପତି ଜଣେ ପ୍ରୋଟେମ୍ ସ୍ପିକରଙ୍କୁ ନିଯୁକ୍ତ କରିଥାଆନ୍ତି, ଯିଏକି ନୂଆ ଏମ୍‌ପିମାନଙ୍କୁ ଶପଥପାଠ କରାଇଥାନ୍ତି। ଲୋକ ସଭାର ସଂଖ୍ୟାଗରିଷ୍ଠ ସଦସ୍ୟ ନୂଆ ବାଚସ୍ପତି ଚୟନ କରିଥାଆନ୍ତି। ଏଥିନିମନ୍ତେ କୌଣସି ବିଧିବଦ୍ଧ ମାନଦଣ୍ଡ ନ ଥିଲେ ମଧ୍ୟ ସମ୍ବିଧାନ ଓ ସଂସଦୀୟ ନିୟମଗୁଡ଼ିକ ସମ୍ପର୍କରେ ଅଭିଜ୍ଞ ସଦସ୍ୟଙ୍କୁ ବାଚସ୍ପତି ପଦରେ ଅବସ୍ଥାପିତ କରାଯାଇଥାଏ। ଗତ ୨ଟି ଲୋକ ସଭାରେ ସଂଖ୍ୟାଗରିଷ୍ଠ ଭାଜପାର ସୁମିତ୍ରା ମହାଜନ ଏବଂ ଓମ୍ ବିର୍ଲା ବାଚସ୍ପତି ପଦ ଅଳଙ୍କୃତ କରିଥିଲେ।


## କୌଶଳୀ ପରିଚାଳକ

ଲୋକ ସଭା ଅଧ୍ୟକ୍ଷ ଏକ କୌଶଳୀ ପରିଚାଳକ ପଦ। ଗୃହ ପରିଚାଳନାରେ ବାଚସ୍ପତିଙ୍କୁ ନିରପେକ୍ଷ ବିବେଚନା କରାଯାଏ। କିନ୍ତୁ ଏହି ମର୍ଯ୍ୟାଦାଜନକ ଦାୟିତ୍ୱ ତୁଲାଉଥିବା ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳରୁ ନିର୍ବାଚିତ ହୋଇ ଆସିଥାନ୍ତି। ତେଣୁ ସମ୍ପୃକ୍ତ ଦଳ ପ୍ରତି ସେ ଢଳି ରହିଥିବା ଦେଖାଯାଏ। କଂଗ୍ରେସ ଭେଟେରାନ୍ ଏନ୍. ସଞ୍ଜୀବା ରେଡ୍ଡୀ ଚତୁର୍ଥ ଲୋକ ସଭାର ବାଚସ୍ପତି ନିର୍ବାଚିତ ହେବା ପରେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। କିନ୍ତୁ ପି.ଏ. ସାଙ୍ଗ୍‌ମା, ସୋମନାଥ ଚାଟାର୍ଜୀ ଏବଂ ମୈରା କୁମାରଙ୍କ କ୍ଷେତ୍ରରେ ଏପରି ଦେଖିବାକୁ ମିଳି ନ ଥିଲା। ୨୦୦୮ରେ ଉପା ସରକାର ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ବେଳେ ସୋମନାଥ ଚାଟାର୍ଜୀଙ୍କୁ ତାଙ୍କ ନିରପେକ୍ଷ ଭୂମିକା ଯୋଗୁ ସିପିଆଇଏମ୍‌ରୁ ବହିଷ୍କୃତ ହେବାକୁ ପଡ଼ିଥିଲା। ସୋମନାଥ ଏହାକୁ ‘ତାଙ୍କ ଜୀବନର ସବୁଠୁ ଦୁଃଖଦ ଦିନ’ ବୋଲି ଅଭିହିତ କରିଥିଲେ। ଦଳୀୟ ସଦସ୍ୟତା ହରାଇଥିଲେ ମଧ୍ୟ ସେ ଶେଷ ପର୍ଯ୍ୟନ୍ତ ବାଚସ୍ପତି ଦାୟିତ୍ୱ ତୁଲାଇଥିଲେ।

## ଗମାଙ୍ଗଙ୍କ ଗୋଟିଏ ଭୋଟ

୧୯୯୯ରେ କଂଗ୍ରେସ ଏମ୍‌ପି ଗିରିଧର ଗମାଙ୍ଗଙ୍କ ଗୋଟିଏ ଭୋଟ ଅଟଳ ବିହାରୀ ବାଜପେୟୀଙ୍କ ସରକାରର ପତନ ଘଟାଇଥିଲା। ଗମାଙ୍ଗ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇସାରିଥିବାବେଳେ ଲୋକ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇ ନ ଥିବାରୁ ସରକାର ବିରୋଧରେ ଭୋଟ ଦେଇପାରିଥିଲେ। ସେତେବେଳେ ଏନ୍‌ଡିଏର ଦ୍ୱିତୀୟ ବଡ଼ ସହଯୋଗୀ ଟିଡିପିର ଜିଏମ୍‌ସି ବାଲାଯୋଗୀ ବାଚସ୍ପତି ଥିଲେ। ବାଲାଯୋଗୀ ଚାହିଁଥିଲେ ଆସ୍ଥାଭୋଟ ବେଳେ ଗମାଙ୍ଗଙ୍କ ଭୋଟକୁ ଅବୈଧ ଘୋଷଣା କରିପାରିଥାନ୍ତେ ବୋଲି କୁହାଯାଏ। କିନ୍ତୁ ସେ ସେପରି ନ କରି ଗମାଙ୍ଗଙ୍କୁ ଭୋଟ ଦେବା ପାଇଁ ଅନୁମତି ପ୍ରଦାନ କରିଥିଲେ। ଫଳରେ ବାଜପେୟୀ ସରକାର ସପକ୍ଷରେ ୨୬୯ ଏବଂ ବିରୋଧରେ ୨୭୦ ଭୋଟ ପଡ଼ିଥିଲା। ୧୯୯୮ରେ ଚନ୍ଦ୍ରାବାବୁଙ୍କ ଦାବି ଅନୁସାରେ ବାଲାଯୋଗୀଙ୍କୁ ବାଚସ୍ପତି ନିଯୁକ୍ତ କରାଯାଇଥିଲା।

## ଲୋକ ସଭା ବାଚସ୍ପତି

୧. ଜି.ଭି. ମାଭଲାଙ୍କର (ଅହମଦାବାଦ) — ୧୯୫୨ ମେ’ ୧୫–୧୯୫୬ ଫେବୃଆରୀ ୨୭


୨. ଏମ୍.କେ. ଆୟାଙ୍ଗର (ଚିତ୍ତୋର) — ୧୯୫୬ ମାର୍ଚ୍ଚ ୮–୧୯୬୨ ମାର୍ଚ୍ଚ ୩୧


୩. ହୁକମ୍ ସିଂ (ପଟିଆଲା) — ୧୯୬୨ ଏପ୍ରିଲ ୧୭–୧୯୬୭ ମାର୍ଚ୍ଚ ୧୬


୪. ନିଲମ ସଞ୍ଜୀବା ରେଡ୍ଡୀ (ଇନ୍ଦୁପୁର) — ୧୯୬୭ ମାର୍ଚ୍ଚ ୧୭–୧୯୬୯ ଜୁଲାଇ ୧୯


୫. ଗୁର୍ଦିଆଲ ସିଂ ଧିଲୋନ୍ (ତରନ୍ ତାରନ) — ୧୯୬୯ ଅଗଷ୍ଟ ୮–୧୯୭୫ ଡିସେମ୍ବର ୧



୬. ବଳୀରାମ ଭଗତ (ଆରା) — ୧୯୭୬ ଜାନୁଆରୀ ୧୫–୧୯୭୭ ମାର୍ଚ୍ଚ ୨୫


୭. ନିଲମ ସଞ୍ଜୀବା ରେଡ୍ଡୀ (ନନ୍ଦ୍ୟାଲ) — ୧୯୭୭ ମାର୍ଚ୍ଚ ୨୬–୧୯୭୭ ଜୁଲାଇ ୧୩


୮. କେ.ଏସ୍. ହେଗ୍‌ଡେ (ବାଙ୍ଗାଲୋର ସାଉଥ୍) — ୧୯୭୭ ଜୁଲାଇ ୨୧–୧୯୮୦ ଜାନୁଆରୀ ୨୧


୯. ବଲରାମ ଜାଖର (ଫିରୋଜପୁର/ସିକର) — ୧୯୮୦ ଜାନୁଆରୀ ୨୨–୧୯୮୯ ଡିସେମ୍ବର ୧୮


୧୦. ରବି ରାୟ (କେନ୍ଦ୍ରାପଡ଼ା) — ୧୯୮୯ ଡିସେମ୍ବର ୧୯–୧୯୯୧ ଜୁଲାଇ ୯


୧୧. ଶିବରାଜ ପାଟିଲ (ଲାଟୁର) — ୧୯୯୧ ଜୁଲାଇ ୧୦–୧୯୯୬ ମେ’ ୨୨


୧୨. ପି.ଏ. ସାଙ୍ଗ୍‌ମା (ତୁରା) — ୧୯୯୬ ମେ’ ୨୩–୧୯୯୮ ମାର୍ଚ୍ଚ ୨୩


୧୩. ଜି.ଏମ୍.ସି. ବାଲାଯୋଗୀ (ଅମଲାପୁରମ୍) — ୧୯୯୮ ମାର୍ଚ୍ଚ ୨୪–୨୦୦୨ ମାର୍ଚ୍ଚ ୩


୧୪. ମନୋହର ଜୋଷୀ (ମୁମ୍ବାଇ ନର୍ଥ ସେଣ୍ଟ୍ରାଲ) — ୨୦୦୨ ମେ’ ୧୦–୨୦୦୪ ଜୁନ୍ ୨


୧୫. ସୋମନାଥ ଚାଟାର୍ଜୀ (ଗୋଲପୁର) — ୨୦୦୪ ଜୁନ୍ ୪–୨୦୦୯ ଜୁନ୍ ୪


୧୬. ମୈରା କୁମାର (ସାସାରାମ) — ୨୦୦୯ ଜୁନ୍ ୪–୨୦୧୪ ଜୁନ୍ ୫


୧୭. ସୁମିତ୍ରା ମହାଜନ (ଇନ୍ଦୋର) — ୨୦୧୪ ଜୁନ୍ ୬–୨୦୧୯ ଜୁନ୍ ୧୦


୧୮. ଓମ୍ ବିର୍ଲା (କୋଟା) — ୨୦୧୯ ଜୁନ୍ ୧୯–୨୦୨୪ ଜୁନ୍ ୫


## ବିମାନ ଦୁର୍ଘଟଣାରେ ମାଲାୱିି ଉପରାଷ୍ଟ୍ରପତିଙ୍କ ପରଲୋକ

**ଲିଲୋଙ୍ଗୱେ,୧୧ା୬:** ଏକ ବିମାନ ଦୁର୍ଘଟଣାରେ ମାଲାୱିର ଉପରାଷ୍ଟ୍ରପତି ସୌଲୋସ୍ ଚିଲିମା ଓ ଅନ୍ୟ ୯ ଜଣଙ୍କ ମୃତ୍ୟୁ ଘଟିଛି। ଦୀର୍ଘ ସମୟର ତଲାସି ପରେ ଚିଲିମାଙ୍କୁ ନେଇ ଯାଉଥିବା ସାମରିକ ବିମାନର ଭଗ୍ନାବଶେଷ ଦେଶର ଉତ୍ତରଭାଗରେ ଥିବା



ପାର୍ବତ୍ୟାଞ୍ଚଳରୁ ଠାବ ହୋଇଛି। ବିମାନଟି ସୋମବାର ସକାଳେ ଅବତରଣ କରିବାକୁ ଥିଲାବେଳେ ରାଡାର ପରଦାରେ ଦୃଶ୍ୟ ହୋଇ ନ ଥିଲା। ନିଖୋଜ ବିମାନକୁ ଠାବ କରିବା ପାଇଁ ଶତାଧିକ ସୈନ୍ୟ, ପୋଲିସ ଅଧିକାରୀ ଓ ଜଙ୍ଗଲ ବିଭାଗ ଅଧିକାରୀମାନେ ତଲାସି ଅଭିଯାନରେ ସାମିଲ ହୋଇଥିଲେ। ବିମାନରେ ୫୧ ବର୍ଷୀୟ ମାଲାୱି ଉପରାଷ୍ଟ୍ରପତିଙ୍କ ସହ ପୂର୍ବତନ ଫାଷ୍ଟ ଲେଡି ଶାନିଲ ଜିମ୍ବିରି ଓ ଅନ୍ୟ ୮ ଜଣ ଥିଲେ।

# ଏନ୍‌ଟିଏ ମୁଖ୍ୟାଳୟରେ ଏଆଇଏସ୍‌ଏର ବିକ୍ଷୋଭ

### ଏନ୍‌ଇଇଟି ରେଜଲ୍ଟ ବିବାଦ

ନୂଆଦିଲ୍ଲୀ,୧୧ା୬

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଚଳିତ ବର୍ଷ ଅନୁଷ୍ଠିତ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଏକ୍ସାମିନେଶନ(ଏନ୍‌ଇଇଟି) ୟୁଜି ପରୀକ୍ଷା ଫଳାଫଳରେ ବିଭ୍ରାଟକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିଛି। ପୁନଃ ପରୀକ୍ଷା ଦାବିରେ ଅଖିଳ ଭାରତ ଛାତ୍ର ସଂଗଠନ (ଏଆଇଏସ୍‌ଏ) ପକ୍ଷରୁ ମଙ୍ଗଳବାର ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ମୁଖ୍ୟାଳୟ ବାହାରେ ବିକ୍ଷୋଭ କରାଯାଇଛି। ସାନି ପରୀକ୍ଷା ଦାବିରେ ପରୀକ୍ଷାର୍ଥୀ ଏବଂ ସେମାନଙ୍କ ଅଭିଭାବକଙ୍କ ସହ ଏଆଇଏସ୍‌ଏର ଦିଲ୍ଲୀ ରାଜ୍ୟ ସମ୍ପାଦକ ନେହା ଏନ୍‌ଟିଏ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ଦେଇଛନ୍ତି। ଜୁନ୍ ୪ରେ ଏନ୍‌ଇଇଟି ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ପେପର ଲିକ୍ ଓ ଅନ୍ୟାନ୍ୟ ଅନିୟମିତତା ନେଇ ପ୍ରଶ୍ନ ଉଠିବା ସହ ଆନ୍ଦୋଳନ ଜାରି ରହିଛି। ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଶାୟୀ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଏନ୍‌ଟିଏ ମୁଖ୍ୟାଳୟରେ ଆନ୍ଦୋଳନ ଚଳାଇଥିବାବେଳେ ମଙ୍ଗଳବାର ସେମାନଙ୍କ ସହ ଏଆଇଏସ୍‌ଏ ସାମିଲ ହୋଇଥିଲା। ପରୀକ୍ଷା ଫଳକୁ ବାତିଲ କରାଯାଇ ସାନି ପରୀକ୍ଷା କରାଯିବା ସହ ଏନ୍‌ଟିଏକୁ ଆଉ ପରୀକ୍ଷା ପରିଚଳାନା ଦାୟିତ୍ୱ ଦିଆ ନ ଯିବାକୁ ସେମାନେ ଦାବି କରିଛନ୍ତି। ଏନ୍‌ଟିଏ ନିର୍ଦ୍ଦେଶକ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନଙ୍କୁ ଭେଟିବାକୁ ମନା କରିଦେଇଥିବାବେଳେ ଦୀର୍ଘ ସମୟର ବିକ୍ଷୋଭ ପରେ ପରୀକ୍ଷା ନିର୍ଦ୍ଦେଶକ ବିଜୟ କୁମାର ଆସି ବିକ୍ଷୋଭକାରୀଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ସେ ଗ୍ରେସ୍ ମାର୍କରେ ତ୍ରୁଟି, ପାଟନାରେ ପେପର ଲିକ୍ ହୋଇଥିବା କଥା ଏବଂ ନମ୍ବର ପ୍ରଦାନରେ ପକ୍ଷପାତିତାକୁ ସ୍ୱୀକାର କରିଛନ୍ତି। ତେବେ ଏହି ପ୍ରସଙ୍ଗରେ ତାଙ୍କର କୌଣସି କ୍ଷମତା ନ ଥିବା କୁମାର କହିଛନ୍ତି।




ଏନ୍‌ଇଇଟି ଫଳ ବାତିଲ କରି ସାନି ପରୀକ୍ଷା ଦାବିରେ ଏନ୍‌ଟିଏ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ବିକ୍ଷୋଭରେ ଏଆଇଏସ୍‌ଏ କର୍ମୀ ସାମିଲ ହୋଇଛନ୍ତି।

# ବନ୍ଧୁକ ରଖିବା ଅପରାଧରେ ବାଇଡେନ୍‌ଙ୍କ ପୁଅ ଦୋଷୀ

ୱାଶିଂଟନ,୧୧ା୬

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପୁଅ ହଣ୍ଟର ବାଇଡେନ୍ ବେଆଇନ ଭାବେ ବନ୍ଧୁକ ରଖିବା ମାମଲାରେ ମଙ୍ଗଳବାର ଦୋଷୀସାବ୍ୟସ୍ତ ହୋଇଛନ୍ତି। ୱିଲମିଙ୍ଗଟନ୍ ଫେଡେରାଲ କୋର୍ଟର ଜୁରୀ ତାଙ୍କୁ ସମସ୍ତ ୩ ଅଭିଯୋଗରେ ଦୋଷୀସାବ୍ୟସ୍ତ କରିଥିବାରୁ ସେ ୨୫ ବର୍ଷ ଜେଲଦଣ୍ଡର ସମ୍ମୁଖୀନ ହୋଇପାରନ୍ତି। ପ୍ରଥମ କାଉଣ୍ଟରେ ସେ ବନ୍ଧୁକ କିଣିବା ସମୟରେ ଡ୍ରଗ୍ ବ୍ୟବହାର ସମ୍ପର୍କରେ ମିଛ କହିଥିଲେ। ଏଥିପାଇଁ ତାଙ୍କୁ ୧୦ ବର୍ଷ ଜେଲ ହୋଇପାରେ। ସେହିପରି ଦ୍ୱିତୀୟ ଓ ତୃତୀୟ ଅଭିଯୋଗ ପାଇଁ ଯଥାକ୍ରମେ ୫ ଏବଂ ୧୦ ବର୍ଷ ଜେଲଦଣ୍ଡାଦେଶ ମିଳିପାରେ ବୋଲି କୁହାଯାଉଛି। ସୋମବାରଠାରୁ ୧୨ ଜଣିଆ ଜୁରୀ ବିଚାରବିମର୍ଶ ଆରମ୍ଭ କରିଥିଲେ।


ହଣ୍ଟର ବାଇଡେନ୍

ସୂଚନାଯୋଗ୍ୟ, ହଣ୍ଟର ବାଇଡେନ୍ ୨୦୧୮ରେ ବେଆଇନ ଭାବେ କୋଲ୍ଟ କୋବ୍ରା ଡଟ୍ ୩୮ କାଲିବର ରିଭଲଭର କିଣି ୧୧ ଦିନ ପାଖରେ ରଖିଥିଲେ। ସେତେବେଳେ ସେ ବେଆଇନ ଭାବେ ଡ୍ରଗ୍ସ ବ୍ୟବହାର କରୁଥିବା ସମ୍ପର୍କରେ ଜଣାଇବାରେ ବିଫଳ ହୋଇଥିଲେ।


# ଆଜି ଶପଥ ନେବେ ଚନ୍ଦ୍ରାବାବୁ

### ଆନ୍ଧ୍ରର ଏନ୍‌ଡିଏ ନେତା ନିର୍ବାଚିତ

ବିଜୟୱାଡ଼ା,୧୧ା୬

ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁଦେଶମ୍ ପାର୍ଟି (ଟିଡିପି)ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କୁ ମଙ୍ଗଳବାର ଏନ୍‌ଡିଏର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନିର୍ବାଚିତ କରାଯାଇଛି। ସେ ବୁଧବାର ବିଭାଜିତ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଦ୍ୱିତୀୟ ଥର ପାଇଁ ଶପଥ ଗ୍ରହଣ କରିବେ। ଏହି ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ଏନ୍‌ଡିଏ ନେତାମାନେ ଉପସ୍ଥିତ ରହିବେ।

ଜନସେନା ପାର୍ଟି ବିଧାୟକ ଦଳ ନେତା ପୱନ କଲ୍ୟାଣ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଚନ୍ଦ୍ରାବାବୁଙ୍କ ନାଁ ପ୍ରସ୍ତାବ ରଖିଥିବାବେଳେ ଭାଜପା ରାଜ୍ୟ ସଭାପତି ଡି. ପୁରନ୍ଦେଶ୍ୱରୀ ଏହାକୁ ସମର୍ଥନ ଜଣାଇଥିଲେ। ଏନ୍‌ଡିଏର ମେଣ୍ଟର ନବନିର୍ବାଚିତ ବିଧାୟକମାନେ ଏହାକୁ କରତାଳି ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ଚନ୍ଦ୍ରାବାବୁ କହିଛନ୍ତି, ୧୭୫ ଆସନ ବିଶିଷ୍ଟ ଆନ୍ଧ୍ର ବିଧାନସଭାରେ ଏନ୍‌ଡିଏ ୧୬୪ ଆସନରେ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଛି। ରାଜ୍ୟବାସୀ ମେଣ୍ଟ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ଆମକୁ ସବୁପ୍ରକାର ସମର୍ଥନ କରିବା ଆବଶ୍ୟକ। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ନିବେଦନ କରିଥିଲେ। ସେମାନେ ଯଥାସମ୍ଭବ ସମର୍ଥନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ୪ ଦଶନ୍ଧିର ରାଜନୈତିକ କ୍ୟାରିୟରରେ ଚନ୍ଦ୍ରାବାବୁ ଚତୁର୍ଥଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ଅମରାବତୀ ଆନ୍ଧ୍ରର ରାଜଧାନୀ ହେବ ବୋଲି ଏହି ଅବସରରେ ସେ କହିଛନ୍ତି।


ଏନ୍. ଚନ୍ଦ୍ରାବାବୁ ନାଇଡୁ

ଏହା ପୂର୍ବରୁ ମଙ୍ଗଳାଗିରିସ୍ଥିତ ଜନସେନା ପାର୍ଟି କାର୍ଯ୍ୟାଳୟରେ ପୱନ କଲ୍ୟାଣଙ୍କୁ ଦଳର ବିଧାୟକ ଦଳ ନେତା ନିର୍ବାଚିତ କରାଯାଇଥିଲା। ସେହିପରି ଭାଜପା ରାଜ୍ୟ ସଭାପତି ପୁରନ୍ଦେଶ୍ୱରୀ ମଧ୍ୟ ଦଳୀୟ ବିଧାୟକମାନଙ୍କ ବୈଠକ କରି ବିଧାୟକ ଦଳ ନେତା ପାଇଁ ହାଇକମାଣ୍ଡଙ୍କ ନିଷ୍ପତ୍ତି ପାଳନ କରିବାକୁ କହିଥିଲେ। ଗତ ବିଧାନସଭା ନିର୍ବାଚନରେ ଟିଡିପି ୧୩୫ ଆସନ ଜିତିଥିବାବେଳେ ସହଯୋଗୀ ଦଳ ଜେଏସ୍‌ପି ୨୧ ଏବଂ ଭାଜପା ୮ ଆସନରେ ବିଜୟୀ ହୋଇଥିଲା। ସେହିପରି ଲୋକ ସଭା ନିର୍ବାଚନରେ ଆନ୍ଧ୍ରର ୨୫ ଆସନରୁ ଏନ୍‌ଡିଏକୁ ୨୧ ଆସନ ମିଳିଥିଲା।

# ଭାରତୀୟ ମିମ୍ ଶେୟାର କଲେ ଏଲନ ମସ୍କ

ସାନ୍ ଫ୍ରାନ୍ସିସ୍କୋ

ଟେସଲା ପ୍ରତିଷ୍ଠାତା ଏଲନ ମସ୍କ ମଙ୍ଗଳବାର ଏକ୍ସ’ରେ ଏକ ଭାରତୀୟ ମିମ୍‌କୁ ଶେୟାର କରିଛନ୍ତି। ‘ଓପନ୍ ଏଆଇ’ର ‘ଚାଟ୍ ଜିପିଟି’ ଫିଚର ସହ ‘ଆପଲ’ର ସହଭାଗିତାକୁ ମସ୍କ ବିରୋଧ କରି ଏହି ମିମ୍ ଶେୟାର କରିଛନ୍ତି। ଆପଲ ଡିଭାଇସ ସହ ଚାଟ୍ ଜିପିଟିର ବ୍ୟବହାର ଡାଟା ଗୋପନୀୟତାର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଉଥିବାରୁ ଏହାକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ମସ୍କ ଏହି ପୋଷ୍ଟରେ କହିଛନ୍ତି। ଏହି ସହଭାଗିତାକୁ କାର୍ଯ୍ୟକାରୀ କରାଗଲେ ତାଙ୍କ କମ୍ପାନୀ ଗୁଡ଼ିକରେ ଆପଲ ଡିଭାଇସର ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯିବ।




ଫୁର୍‌ସତ୍

# ଫିଲ୍ମ ପାଇଁ ୧୩୫ କୋଟି ନିଅନ୍ତି ଅକ୍ଷୟ

ମୁମ୍ବାଇ

ବଲିଉଡ୍ ଇଣ୍ଡଷ୍ଟ୍ରିରେ ଖିଲାଡ଼ି କୁମାର ଭାବେ ପରିଚିତ ଅକ୍ଷୟ କୁମାର ୧୦୦ରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରି ସାରିଛନ୍ତି। ସେ ଦେଶର ସର୍ବାଧିକ ପାରିଶ୍ରମିକ ପ୍ରାପ୍ତ ଅଭିନେତାଙ୍କ ତାଲିକାରେ ଆଗଧାଡ଼ିରେ ରହିଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଅନ୍ତର୍ଜାତୀୟ ମାଗାଜିନ ‘ଲାଇଫ ଷ୍ଟାଇଲ ଏସିଆ’ର ଏକ ରିପୋର୍ଟ ଅନୁଯାୟୀ ଅକ୍ଷୟ ପ୍ରତ୍ୟେକ ଚଳଚ୍ଚିତ୍ର ପାଇଁ ହାରାହାରି ୧୩୫ କୋଟି ଟଙ୍କାର ପାରିଶ୍ରମିକ ନିଅନ୍ତି। ଏହାସହ ତାଙ୍କର ମୋଟ ସମ୍ପତ୍ତି ୭୪୨ କୋଟି ଟଙ୍କା ହୋଇଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି। ତେବେ ଅକ୍ଷୟଙ୍କ ଏହି ସମ୍ପତ୍ତିର ଉତ୍ସ କେବଳ ଅଭିନୟ ନୁହେଁ, ବରଂ ସେ ନିବେଶ, ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ଓ ବ୍ୟବସାୟ ମାଧ୍ୟମରେ ମଧ୍ୟ ରୋଜଗାର କରୁଥିବା ଏହି ରିପୋର୍ଟରେ କୁହାଯାଇଛି। ସେ ପ୍ରତିବର୍ଷ ୪ରୁ ୫ଟି ଚଳଚ୍ଚିତ୍ର କରିବା ସହ ନିଜ ଏଣ୍ଡୋର୍ସମେଣ୍ଟ ଡିଲ୍ ମାଧ୍ୟମରେ ପ୍ରତ୍ୟେକ ବ୍ରାଣ୍ଡରୁ ପ୍ରାୟ ୬ କୋଟି ଟଙ୍କା ରୋଜଗାର କରନ୍ତି। ସେହିପରି ଅକ୍ଷୟଙ୍କର ହରିଓମ ନାମକ ଏକ କମ୍ପାନୀ ମଧ୍ୟ ରହିଛି। ଏହାବ୍ୟତୀତ ସେ ରିଅଲ–ଇଷ୍ଟେଟରେ ମଧ୍ୟ ନିବେଶ କରନ୍ତି। ମୁମ୍ବାଇର ଜୁହୁରେ ତାଙ୍କର ୮୦ କୋଟି ଟଙ୍କା ମୂଲ୍ୟର ଏକ ବିଳାସପୂର୍ଣ୍ଣ ବଙ୍ଗଳା ରହିଛି। ସେହିପରି ଅକ୍ଷୟଙ୍କର ଗୋଆରେ ମଧ୍ୟ ୫ କୋଟି ଟଙ୍କା ମୂଲ୍ୟର ଏକ ଆପାର୍ଟମେଣ୍ଟ ଅଛି, ଯେଉଁଠାରେ ସେ ଅନେକ ବାର ନିଜ ପରିବାର ସହ ଛୁଟି କଟାଇବାକୁ ଯାଆନ୍ତି। ଏହାବ୍ୟତୀତ ତାଙ୍କ ପାଖରେ ଏକ ବିଳାସପୂର୍ଣ୍ଣ ଜେଟ୍ ମଧ୍ୟ ରହିଛି, ଯାହାର ମୂଲ୍ୟ ପ୍ରାୟ ୨୬୦ କୋଟି ଟଙ୍କା ହେବ।



# ସୋନାକ୍ଷୀ ବାହାହେବା କଥା ଜଣାଇ ନାହାନ୍ତି: ଶତ୍ରୁଘ୍ନ

**ନୂଆଦିଲ୍ଲୀ:** ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଆସନ୍ତା ୨୩ରେ ନିଜ ପ୍ରେମିକ ଜାହିର ଇକ୍‌ବାଲଙ୍କ ସହ ବିବାହ କରିବେ ବୋଲି ରବିବାର ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ସୋନାକ୍ଷୀଙ୍କ ବାପା ତଥା ବଲିଉଡ୍‌ର ଭେଟେରାନ ଅଭିନେତା ଶତ୍ରୁଘ୍ନ ସିହ୍ନା ପ୍ରତିକ୍ରିୟା ରଖି କହିଛନ୍ତି, “ସୋନାକ୍ଷୀ ବିବାହ କରୁଥିବା ନେଇ ମତେ କିଛି ଜଣାଇ ନାହାନ୍ତି। ସେ ଏନେଇ ଅବଗତ କରାଇଲେ, ମୁଁ ଏବଂ ମୋ ସ୍ତ୍ରୀ ପୁନମ ତାଙ୍କୁ ଆଶୀର୍ବାଦ କରିବୁ। ବିବାହ ନେଇ ନିଜେ ନିଷ୍ପତ୍ତି ନେବାର ଅଧିକାର ସୋନାକ୍ଷୀଙ୍କର ରହିଛି। ଆମେ ତାଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିବୁ”।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସେବି ନିକଟରେ ବିଏଚ୍‌ଏଫ୍‌ଏଲ୍‌ର ଡିଆର୍‌ଏଚ୍‌ପି ଦାଖଲ

**ଭୁବନେଶ୍ୱର,୧୧।୬**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବଜାଜ ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ବଜାଜ୍ ହାଉସିଂ ଫାଇନାନ୍ସ ଲିମିଟେଡ୍ (ବିଏଚ୍‌ଏଫ୍‌ଏଲ୍)ର ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଦାଖଲ କରାଯାଇଛି। ଏପରିକି କମ୍ପାନୀର ଇନିସିଆଲ୍ ପବ୍ଲିକ୍ ଅଫର (ଆଇପିଓ) ପାଇଁ ଏହି ଡିଆର୍‌ଏଚ୍‌ପି ସେବି ନିକଟରେ ଦାଖଲ ହୋଇଛି।

ଉଲ୍ଲେଖଯୋଗ୍ୟ, ବଜାଜ୍ ହାଉସିଂ ଫାଇନାନ୍ସ ଲିମିଟେଡ୍ ହେଉଛି ଏକ ନନ୍-ଡିପୋଜିଟ୍ ହାଉସିଂ ଫାଇନାନ୍ସ କମ୍ପାନୀ, ଯାହା ଜାତୀୟ ହାଉସିଂ ବ୍ୟାଙ୍କରେ ୨୦୧୫ ସେପ୍ଟେମ୍ବର ୨୪ରୁ ପଞ୍ଜୀକୃତ ହୋଇଛି ଏବଂ ୨୦୧୮ ଆର୍ଥିକ ବର୍ଷରୁ ବନ୍ଧକ ଋଣ ପ୍ରଦାନ କରୁଛି। କମ୍ପାନୀ ଏହି ଆଇପିଓ ଜରିଆରେ ୭୦୦୦ କୋଟି ଟଙ୍କା ସଂଗ୍ରହ କରିବାର ପ୍ରସ୍ତାବ ରହିଛି। ନୂଆ ଶେୟାର ଜାରିକରି ୪୦୦୦କୋଟି ଟଙ୍କା ପର୍ଯ୍ୟନ୍ତ ଏବଂ ଅଫର ଫର୍ ସେଲ୍‌ରେ ଅଂଶଧନକାରୀମାନେ ୩୦୦୦କୋଟି ଟଙ୍କା ପର୍ଯ୍ୟନ୍ତ ଶେୟାର ବିକ୍ରି କରିବା ପ୍ରସ୍ତାବ ରହିଛି।

# ଭାରତରେ ଜିଡିପି ଅଭିବୃଦ୍ଧି ହାର ୬.୬% ହେବ

## ବିଶ୍ୱ ବ୍ୟାଙ୍କ ଆକଳନ

**ଭୁବନେଶ୍ୱର,୧୧।୬**
**(ଅନୁରାଧା ମହାରଣା)**

୨୦୨୪ରେ ଭାରତୀୟ ଅର୍ଥନୀତି ୬.୬ ପ୍ରତିଶତ ହାରରେ ବୃଦ୍ଧି ପାଇବ। ୨୦୨୪ ପାଇଁ ଭାରତର ଜିଡିପି ଆକଳନ ବୃଦ୍ଧି ପାଉଥିବାବେଳେ ବିଶ୍ୱ ବ୍ୟାଙ୍କ କହିଛି ଯେ, ଚଳିତ ବର୍ଷ ଭାରତ ୬.୬ ପ୍ରତିଶତ ହାରରେ ବୃଦ୍ଧି ପାଇବ ମାତ୍ର ଜାନୁୟାରୀ ୨୦୨୪ ଆକଳନ ଅନୁଯାୟୀ ଜିଡିପି ଅଭିବୃଦ୍ଧି ହାର ୬.୪ ପ୍ରତିଶତ ହେବ। ୨୦୨୫ରେ ଜିଡିପି ଅଭିବୃଦ୍ଧି ହାର ୬.୭ ପ୍ରତିଶତ ଏବଂ ୨୦୨୬ରେ ୬.୮ ପ୍ରତିଶତ ହେବ ବୋଲି ବିଶ୍ୱ ବ୍ୟାଙ୍କ ପୂର୍ବାନୁମାନ କରିଛି। ବିଶ୍ୱ ବ୍ୟାଙ୍କ ମଧ୍ୟ ଚାଇନାର ଅଭିବୃଦ୍ଧି ପୂର୍ବାନୁମାନକୁ ୪.୫ ପ୍ରତିଶତରୁ ୪.୮ ପ୍ରତିଶତକୁ ବୃଦ୍ଧି କରିଛି।




ବିଶ୍ୱ ବ୍ୟାଙ୍କ କହିଛି ଯେ ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତରେ ଅଭିବୃଦ୍ଧି ହାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବାରୁ ଜିଡିପି ୮.୨ ପ୍ରତିଶତ ହେବ। ଏହା ଜାନୁୟାରୀରେ ହୋଇଥିବା ଆକଳନଠାରୁ ୧.୯ ପ୍ରତିଶତ ଅଧିକ। କୃଷି କ୍ଷେତ୍ରରେ ମୌସୁମୀ ପ୍ରଭାବ ହେତୁ ଉତ୍ପାଦନ ହ୍ରାସ ସତ୍ତ୍ୱେ ଉତ୍ପାଦନ ଏବଂ ନିର୍ମାଣ କ୍ଷେତ୍ରର ଆଶା କରାଯାଉଥିବା ପ୍ରଦର୍ଶନ ଏବଂ ସେବା କାର୍ଯ୍ୟକଳାପରେ ଗତିଶୀଳତା ଅପେକ୍ଷା ଶିଳ୍ପ କାର୍ଯ୍ୟକଳାପରେ ବୃଦ୍ଧି ହେତୁ ଅଭିବୃଦ୍ଧି ହାର ଉତ୍କୃଷ୍ଟ ହୋଇଛି।

ବିଶ୍ୱ ବ୍ୟାଙ୍କ କହିଛି ଯେ, କରୋନା ମହାମାରୀ ପରେ ପୁଞ୍ଜି ନିବେଶ ବୃଦ୍ଧି ତଥା ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ବୃଦ୍ଧି ହେତୁ ଘରୋଇ ଚାହିଦା ବଳବତ୍ତର ରହିଛି। ବିଶ୍ୱବ୍ୟାଙ୍କ କହିଛି ଯେ, ୨୦୨୩ ସେପ୍ଟେମ୍ବରରୁ ଭାରତରେ ମୁଦ୍ରାସ୍ଫୀତି ହାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପରିସର ମଧ୍ୟରେ ୨ ରୁ ୬ ପ୍ରତିଶତ ରହିଛି।

ବିଶ୍ୱ ବ୍ୟାଙ୍କ ଏହାର ଆଉଟଲୁକରେ କହିଛି ଯେ, ବିଶ୍ୱର ପ୍ରମୁଖ ଅର୍ଥନୀତି ମଧ୍ୟରେ ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଇବ। ରିପୋର୍ଟ ଅନୁଯାୟୀ, ୨୦୨୩-୨୪ ଆର୍ଥିକ ବର୍ଷରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ପରେ ଭାରତ ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ହାରାହାରି ୬.୭ ପ୍ରତିଶତ ଅଭିବୃଦ୍ଧି କରିବ। ସାର୍ବଜନୀନ ପୁଞ୍ଜି ବିନିଯୋଗ ଏବଂ ବେସରକାରୀ ପୁଞ୍ଜି ବିନିଯୋଗ ଯୋଗୁ ଏହି ଅବଧି ମଧ୍ୟରେ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇବ। କୃଷି ଉତ୍ପାଦନରେ ପୁନରୁଦ୍ଧାର ଏବଂ ମୁଦ୍ରାସ୍ଫୀତି ହ୍ରାସ ହେତୁ ଘରୋଇ ବ୍ୟବହାର ମଧ୍ୟ ବୃଦ୍ଧି ପାଇବ।

# ନିବେଶକ ନିରୁତ୍ସାହିତ

**ଭୁବନେଶ୍ୱର,୧୧।୬**

ଦିନକ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ ଦିନ (କାର୍ଯ୍ୟ ଦିବସ)ର ବଜାର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୩ (୩୩.୪୯) ପଏଣ୍ଟ ହ୍ରାସ ଘଟି ୭୬,୪୫୭ (୭୬,୪୫୬.୫୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୬ (୫.୬୫) ପଏଣ୍ଟ ବୃଦ୍ଧି ଘଟି ୨୩,୨୬୫ (୨୩,୨୬୪.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ବିଏର ସ୍ୱତନ୍ତ୍ର ପ୍ୟାକ୍

**ଭୁବନେଶ୍ୱର,୧୧।୬**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ତଥା ଭାରତୀ ଏୟାରଟେଲ (ବିଏ)ର ନୂତନ ସ୍ୱତନ୍ତ୍ର ପ୍ୟାକ୍ ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ଏହି ସ୍ୱତନ୍ତ୍ର ପ୍ୟାକ୍ ଗ୍ରାହକଙ୍କ ପାଇଁ ଏକ ନୂଆ ଅନୁଭୂତ ପ୍ରଦାନ ସହ ବିଶ୍ୱର ସର୍ବବୃହତ୍ ଟି୨୦ କ୍ରିକେଟ ମ୍ୟାଚ ପାଇଁ ଆରମ୍ଭ କରାଯାଇଛି। ଉଲ୍ଲେଖଯୋଗ୍ୟ, ଏହି ନୂତନ ସ୍ୱତନ୍ତ୍ର ପ୍ୟାକ୍ ଜରିଆରେ ଗ୍ରାହକ ଅନେକ ପ୍ରକାର ସୁବିଧା ସାଙ୍ଗକୁ ରିହାତି ମଧ୍ୟ ପାଇଁ ପାରିବେ। ଏପରିକି ଟି୨୦ କ୍ରିକେଟ ମ୍ୟାଚ ପାଇଁ ପ୍ରିପେଡ୍ ପ୍ଲାନ୍ସ ୪୪୯ରୁ ଆରମ୍ଭ ହେଉଥିବାବେଳେ ୧୪୯୯ ପର୍ଯ୍ୟନ୍ତ ପୋଷ୍ଟପେଡ ପ୍ଲାନ୍ସ ମଧ୍ୟ ଉପଲବ୍ଧ ରହିଛି। ସେହିଭଳି ୮୩୯ ଟଙ୍କା ଏବଂ ୩୫୫୯ ଟଙ୍କାର ଆକର୍ଷଣୀୟ ପ୍ରିପେଡ୍ ପ୍ଲାନ୍‌ଗୁଡିକ ମଧ୍ୟ ଗ୍ରାହକଙ୍କୁ ବିଶେଷ ସୁବିଧା ଯୋଗାଇ ଦେଉଛି। ଏପରିକି ୬୯୯ ଟଙ୍କାରୁ ୩୯୯୯ ଟଙ୍କାର ହୋମ୍ ୱାଇଫାଇଯୁକ୍ତ ପ୍ଲାନ୍‌ଗୁଡିକ ମଧ୍ୟ ଉଭୟ ଘରୋଇ ଓ ବ୍ୟବସାୟିକ ଗ୍ରାହକଙ୍କୁ ନୂଆ ସୁଯୋଗ ଓ ସୁବିଧା ପ୍ରଦାନ କରୁଛି।


CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BINET SCIENCE ACADEMY
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947


ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଆବିର୍ଭାବ: ୧୦.୦୮.୧୯୨୮
ତିରୋଧାନ: ୨୫.୦୫.୨୦୨୩



✓ନାରାୟଣ ତ୍ରିପାଠୀ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମ୍ଭମାନଙ୍କର ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।

ପୁଅ-ସୁଶାନ୍ତ ତ୍ରିପାଠୀ, ବୋହୂ-ଅଂଶୁ ତ୍ରିପାଠୀ,
ନାତିନାତୁଣୀ- ସୂର୍ଯ୍ୟକାନ୍ତ ଓ ଅଙ୍କିତା
ଏବଂ ଶୋକସନ୍ତପ୍ତ ତ୍ରିପାଠୀ ପରିବାରବର୍ଗ
C/1290, 1st Floor, CDA, Sector-VI, Cuttack-753014

ସୌଜନ୍ୟ- P&A, PIXCELADS, hp Minerals, MO Fashion, WEALTHVITA IMF PRIVATE LIMITED


# ବୈଶ୍ୱିକ ଶକ୍ତି ସଂରକ୍ଷଣର ସମ୍ପ୍ରସାରଣ କରିବ ଇକ୍ୟୁ ଏନର୍ଜି

**ଭୁବନେଶ୍ୱର,୧୧।୬(ଅନୁରାଧା ମହାରଣା)**

ବ୍ୟାଟେରି ଷ୍ଟୋରେଜ କମ୍ପାନୀ ଇକ୍ୟୁ ଏନର୍ଜି ବିଶ୍ୱସ୍ତରରେ ଏହାର ଶକ୍ତି ସଂରକ୍ଷଣ କ୍ଷମତାକୁ ୨୦୨୮ ସୁଦ୍ଧା ୧.୩ ଜିଡବ୍ଲ୍ୟୁଏଚ୍‌ରୁ ୯ ଜିଡବ୍ଲ୍ୟୁଏଚ୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଇକ୍ୟୁ ଏନର୍ଜିର ପରିଚାଳନା ନିର୍ଦ୍ଦେଶକ କେଣ୍ଟାରୋ ଓନୋ ସୂଚନା ଦେଇଛନ୍ତି। ଇକ୍ୟୁ ଏନର୍ଜି ମିଳିତ ଭାବରେ ମାକେୟାର ଗ୍ରୁପର ଗ୍ରୀନ୍ ଇନଭେଷ୍ଟମେଣ୍ଟ ଫଣ୍ଡ ଏବଂ କାନାଡିଆନ ପେନସନ୍ ଫଣ୍ଡ ବ୍ରିଟିଶ କଲମ୍ବିଆ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟ ଖୋଲିଛି। ଜାପାନରେ ୩୦ଏମ୍‌ଡବ୍ଲ୍ୟୁ/ ୧୨୦ଏମ୍‌ଡବ୍ଲ୍ୟୁ ବ୍ୟାଟେରି ଶକ୍ତି ସଂରକ୍ଷଣ ବ୍ୟବସ୍ଥା ନିର୍ମାଣ ଲକ୍ଷ୍ୟରେ ଏହାର ପ୍ରଥମ ପ୍ରକଳ୍ପ ଦକ୍ଷିଣ କ୍ୟୁସୁ ଦ୍ୱୀପରେ ମିୟାଜାକି ପ୍ରିଫେକ୍ଟରର ଶୁଭାରମ୍ଭ କରାଯାଇଛି। ଡିକାର୍ବୋନାଇଜେସନ ଲକ୍ଷ୍ୟ ପୂରଣ କରିବା ଏବଂ ଶକ୍ତି ନିରାପତ୍ତା ବୃଦ୍ଧି ପାଇଁ ଅକ୍ଷୟ ଶକ୍ତି ବିସ୍ତାର ଉଦ୍ଦେଶ୍ୟରେ ଜାପାନ ସୌର ଏବଂ ପବନ ଶକ୍ତିର ଯୋଗାଣକୁ ସୁଗମ କରିବା ପାଇଁ ବ୍ୟାଟେରି ବ୍ୟବହାର ବୃଦ୍ଧି କରୁଥିବା କୁହାଯାଉଛି। ଇକ୍ୟୁ ଏନର୍ଜି ନୂତନ ପ୍ରକଳ୍ପ ପାଇଁ ୟୁଟିଲିଟି ଟୋକିଓ ଗ୍ୟାସ ସହିତ ୨୦ ବର୍ଷର ଅଫଟେକ ଚୁକ୍ତି କରିଛି।



ଜୁଲାଇ ୨୦୨୬ରେ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ଲକ୍ଷ୍ୟ ରହିଥିବାବେଳେ ଚଳିତ ବର୍ଷ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଚାରି ଘଣ୍ଟା ପାଇଁ ପ୍ରାୟ ୬୩,୦୦୦ ଘରକୁ ବିଦ୍ୟୁତ୍ ଯୋଗାଇବା ପାଇଁ ଏହା ପର୍ଯ୍ୟାପ୍ତ ବିଦ୍ୟୁତ ସଂରକ୍ଷଣ କରିବାରେ ସକ୍ଷମ ହେବ ବୋଲି ଆଶା କରାଯାଉଛି। କମ୍ପାନୀ ବ୍ରିଟେନ, ଅଷ୍ଟ୍ରେଲିଆ, ଇଟାଲୀ ଏବଂ ଜାପାନରେ ଶକ୍ତି ସଂରକ୍ଷଣର ବିକାଶ କରୁଥିବାବେଳେ କେବଳ ଜାପାନରେ ଏହାକୁ ସୀମିତ ରଖିବା କମ୍ପାନୀର ଲକ୍ଷ୍ୟ ନ ଥିବା ଓନୋ କହିଛନ୍ତି। ଇକ୍ୟୁ ଏନର୍ଜି ବହୁ ସଂଖ୍ୟକ ପ୍ରକଳ୍ପର ବିକାଶ କରିବାକୁ ଲକ୍ଷ୍ୟ ରଖିଛି, କାରଣ ଦେଶ ହେଉଛି ବିଶ୍ୱର ଚତୁର୍ଥ ବୃହତ୍ତମ ବିଦ୍ୟୁତ୍ ଉପଭୋକ୍ତା ଏବଂ ଏକ ବିଦ୍ୟୁତ ବାଣିଜ୍ୟ ବଜାର ବ୍ୟବସ୍ଥା ପ୍ରତିଷ୍ଠା କରାଯାଉଛି ବୋଲି ଓନୋ କହିଛନ୍ତି।

ସୂଚନା ଥାଉକି, ଚାଇନା ଏବଂ ଆମେରିକା ଦ୍ୱାରା ପରିଚାଳିତ ବ୍ୟାଟେରି ଷ୍ଟୋରେଜ ସମଗ୍ର ବିଶ୍ୱରେ ଦ୍ରୁତ ଗତିରେ ବିସ୍ତାର କରୁଛି। ପଛରେ ପଡିଥିବା ଜାପାନରେ ସରକାରୀ ସହାୟତା ତଥା ବିଦ୍ୟୁତ୍ ଯୋଗାଣ ଏବଂ ଚାହିଦାକୁ ସୁଧାରିବା ପାଇଁ ବଜାରର ବିକାଶ ଭଳି ଆନୁଷ୍ଠାନିକ ପରିବର୍ତ୍ତନ ହେତୁ ଅଭିବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି।


Classified Everyday
0674-2580101, 2549949




GROOM WANTED

47 ବର୍ଷର ମହିଳା, Agriculture Departmentରେ କାର୍ଯ୍ୟରତ ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ନିମନ୍ତେ ଯୋଗାଯୋଗ କରନ୍ତୁ। ଘରଜ୍ୱାଇଁଆ ଗ୍ରହଣୀୟ। 7656973285. D-471

Brahmin girl (Divorcee) 1984/5'4", M.Com settled Bhubaneswar- 9871849482, 7008967858 (Caste no bar). D-71075

ବୟସ 29, Private ଚାକିରି କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। 6370559357. D-75336




SALE

Developed Gharabari, Electric, Boundary ପ୍ଲଟ୍ ବାଲକାଟି ଏବଂ ଗୁଡ଼ିଆପୋଖରୀରେ କିଣନ୍ତୁ। 7008492511. D-484

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-417

(1) Commercial plot, facing to NH Road Nakhara to Niali NH 10000sqft. 3 sides road, (2) Residential plot near Petal English Medium School 850/- sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452. D-75751

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ଏବଂ Sum-2 ହସ୍‌ପିଟାଲ୍‌ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 7008175202. D-75963

Duplex sale at Bhubaneswar @ 57,00,000/-. Only contact- 9777433701, 9090545126. D-75964

Plot for sale near Trisulia, CISF Campus CDA, RERA Approved. (RP/07/2023/01069), (www.rera.odisha.gov.in). Contact- 7008513309. D-472




Construct your dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-418




Fully relaxed body massage trained therapist. Central SPA. 9556483961. D-75752

Newly open health benefits SPA special offer @ 999 Bapujinagar. 8018429809. D-76126

Relax, Refresh your body, mind at Saikrupa Spa with best therapies. 8984068077. D-416

Newly open Jyoti SPA positively health benefits (Expert therapist). 8458067955. D-76125

Full body massage experience, good looking therapist @999 (Bhubaneswar). 9078484455. D-426

Monalisa massage Club: All types body massage with hiprofile smart lady rooms service available. 9708545108. D-481

AFFIDAVIT

I, Smt. Preeti Agarwalla, W/o- Raj Kumar Agarwalla, At- Laxmi Honda, Bazarpada, P.O./ Dist.- Angul, declared by this affidavit vide No.- 10855 dtd. 11.06.2024 that now onwards I shall be known as Preeti Agarwalla for all future purposes. D-487


ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



✓ରବିନାରାୟଣ ଜେନା

ସୁହାଗ ସିନ୍ଦୁର ପୋଛି ହୋଇଗଲା
ତୁଟିଗଲା ନାଲି ଶଙ୍ଖା।
ବଞ୍ଚିବା ମରିବା ସମାନ ହୋଇଲା
ଧର୍ମକୁ କରି ସଖା ।।
ବଣ ପୋଡ଼ିଗଲେ ସଭିଏଁ ଜାଣନ୍ତି
ମନ ପୋଡ଼ିଗଲେ ଜାଣୁଛି କିଏ
ତୁମେ ମୋ ପାଇଁ ଅମୂଲ୍ୟମୂଲ
ଝୁରୁଛି ଝୁରିବି ମରିବା ଯାଏ ।।
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଆମେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ତୁମର ସ୍ତ୍ରୀ ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୪୯୦

### ସପ୍ତମ ଶ୍ରାଦ୍ଧବାର୍ଷିକୀ



✓ପ୍ରଫେସର ମଧୁସୂଦନ ମିଶ୍ର
ଆବିର୍ଭାବ : ୧୭.୦୭.୧୯୪୫
ତିରୋଧାନ : ୩୧.୦୫.୨୦୧୭(ଶୀତଳ ଷଷ୍ଠୀ)

ଆପଣଙ୍କର ସ୍ମୃତି ଚିରଅଳିଭା, ଅବିସ୍ମରଣୀୟ ବ୍ୟକ୍ତିତ୍ୱ, ଉଦାରବାର୍ତ୍ତା କିଲୋଳ ହସରେ ବିଭାସିତ ବୁଦ୍ଧିଦୀପ୍ତ ମୁଖମଣ୍ଡଳ ସଭିଙ୍କ ହୃଦୟରେ ଅଙ୍କା ହୋଇ ରହିଛି ଓ ରହିଥିବ। ଆପଣଙ୍କ ପାରିବାରିକ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟବୋଧର ଅଭାବବୋଧ କୌଣସି ପ୍ରକାରେ ପୂର୍ଣ୍ଣ ହୋଇ ପାରିବନାହିଁ। ବିଭୁପଦାରବିନ୍ଦରେ ଆପଣ ଆଶ୍ରିତ ହେବା ସାତ ବର୍ଷ ଚାଲିଗଲା। ଆପଣ ଆମ ଗହଣରେ ନାହାନ୍ତି ବିଶ୍ୱାସ ହେଉନି। ଆପଣଙ୍କର ଆଶୀର୍ବାଦ ଓ ଶୁଭେଚ୍ଛା ଆମ ଚଲାପଥରେ ସହାୟ ହେଉ ଏତିକି ଈଶ୍ୱରଙ୍କ ନିକଟରେ କାମନା ଜୟ ଜଗନ୍ନାଥ।
ଆପଣଙ୍କର ଶୋକସନ୍ତପ୍ତ ସ୍ତ୍ରୀ, ଝିଅ ଏବଂ ପରିବାରବର୍ଗ
ଧ-୭୫୫୪୪


# ରିଲାଏନ୍ସ ଜୁଏଲ୍ସର ସ୍ୱତନ୍ତ୍ର ରଜ କଲେକ୍ସନ

**ଭୁବନେଶ୍ୱର,୧୧।୬**
**(ଅଭୟ ଦାଶ)**



ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ଜାତୀୟସ୍ତରର ଗହଣା ବ୍ରାଣ୍ଡ 'ରିଲାଏନ୍ସ ଜୁଏଲ୍ସ'ର ନୂତନ କଲେକ୍ସନ 'ସ୍ୱତନ୍ତ୍ର ରଜ ସଂଗ୍ରହ'ର ଅନାବରଣ ନିକଟରେ ହୋଇଯାଇଛି। ବିଶେଷକରି ଓଡ଼ିଶାର ପ୍ରସିଦ୍ଧ ରଜ ପର୍ବ ପାଇଁ ଏହି ସ୍ୱତନ୍ତ୍ର ରଜ ଅଳଙ୍କାର ସମ୍ଭାର ଶୁଭାରମ୍ଭ କରାଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଜୁନ୍ ୧୪ରୁ ଆରମ୍ଭ ହେଉଥିବା ୩ଦିନିଆ ରଜ ପର୍ବ ନାରୀ ଏବଂ ଭୂମିର ଉତ୍ପଜତାକୁ ପାଳନ କରିଥାଏ। ଚଳିତ ବର୍ଷ ରିଲାଏନ୍ସ ଜୁଏଲ୍ସ ଏହି ପରମ୍ପରାକୁ ସମ୍ମାନ ଜଣାଇ ଏହି ସ୍ୱତନ୍ତ୍ର କ୍ୟୁରେଟେଡ୍ କଲେକ୍ସନ୍ ବଜାରକୁ ନେଇ ଆସିଛି, ଯାହା ନାରୀ ଏବଂ ଉତ୍ସବର ଉତ୍ସାହ ତଥା ମୂଳ ଭାବନାକୁ ପ୍ରତିଫଳିତ କରୁଛି।

ଅପରପକ୍ଷରେ ରିଲାଏନ୍ସ ଜୁଏଲ୍ସ ଦ୍ୱାରା ରଜ ପର୍ବ ସମ୍ଭାର ନିତିଦିନିଆ ବ୍ୟବହାର ପାଇଁ ସରଳ ଭାବେ ପ୍ରସ୍ତୁତ ହାଲୁକା ଓଜନ ୧୮ କାରେଟ୍ ସୁନା ହାର ଏବଂ ପେଣ୍ଡେଣ୍ଟ ସେଟ୍ ସମୂହ ସାମିଲ ରହିଛି। ଏହି ସ୍ୱତନ୍ତ୍ର ରଜ ପର୍ବ କଲେକ୍ସନର ପ୍ରତ୍ୟେକଟି ଅଳଙ୍କାର ଛୋଟ ଝିଅ ଏବଂ ଯୁବତୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଛି, ଯାହା ଆକର୍ଷଣୀୟ ଓ ଆଦର୍ଶ ରଜ ଉପହାର ହୋଇପାରିବ।

ସେହିଭଳି ଏହି ସ୍ୱତନ୍ତ୍ର ସମ୍ଭାର ଉନ୍ମୋଚନର ଏକ ଅଂଶ ଭାବେ ରିଲାଏନ୍ସ ଜୁଏଲ୍ସର ନିର୍ଦ୍ଦିଷ୍ଟ ଷ୍ଟୋରଗୁଡିକରେ ସୁନାଗହଣାର ମେକିଂ ଚାର୍ଜ ଏବଂ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୦% ରିହାତି ଅଫର ପ୍ରଦାନ କରାଯାଉଛି। ଏହି ସୀମିତ ସମୟର ଅଫର ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ମୂଲ୍ୟରେ ସୂକ୍ଷ୍ମ ଅଳଙ୍କାରରେ ନିବେଶ କରିବା ପାଇଁ ଏକ ପ୍ରକୃଷ୍ଟ ସୁଯୋଗ ନେଇ ଆସିଛି।

# ମାଲାବାରର 'ଶଙ୍ଖା ପୋଲା' କଲେକ୍ସନ

**ଭୁବନେଶ୍ୱର,୧୧।୬**




ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ବହୁ ପ୍ରତୀକ୍ଷିତ 'ଶଙ୍ଖା ପୋଲା କଲେକ୍ସନ'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ଏହି ନୂତନ ସଂଗ୍ରହ ବା କଲେକ୍ସନ ଅଫ୍ ବ୍ୟାଙ୍ଗେଲ୍ସକୁ ହିନ୍ଦୁ ସଂସ୍କୃତି ଅନୁଯାୟୀ ନିର୍ମାଣ ସହ ସ୍ୱତନ୍ତ୍ର ଭାବେ ଡିଜାଇନ ମଧ୍ୟ କରାଯାଇଛି। ବିଶେଷକରି ଓଡ଼ିଶା ବଜାରରେ ଏହି କଲେକ୍ସନକୁ ଅନାବରଣ ସହ ଉପଲବ୍ଧ କରାଯାଇଛି। ଉଲ୍ଲେଖଯୋଗ୍ୟ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଭୁବନେଶ୍ୱରସ୍ଥିତ ଶହୀଦନଗର ଓ ଚନ୍ଦ୍ରଶେଖର ଏକ୍ସକ୍ଲୁସିଭ ଷ୍ଟୋର ସହ କଟକ ଷ୍ଟୋରରେ ମଧ୍ୟ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେଉଛି ବୋଲି ମାଲାବାର ଓଡ଼ିଶା ୟୁନିଟ୍ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଛନ୍ତି, ଆମେ ଓଡ଼ିଶା ବଜାରରେ ଶଙ୍ଖା ପୋଲା କଲେକ୍ସନକୁ ଅନାବରଣ ସହ ଉପଲବ୍ଧ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ହିନ୍ଦୁ ପରମ୍ପରା ଓ ରୀତିନୀତି ଅନୁସାରେ ଏହାର ଡିଜାଇନ ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଛି। ସେହିଭଳି ମହିଳାମାନଙ୍କ ହାତକୁ ସୁନ୍ଦର ଦେଖାଯିବା ସହ ସେମାନଙ୍କ ସୌନ୍ଦର୍ଯ୍ୟକୁ ଏହା ଦ୍ୱିଗୁଣିତ କରିବ ବୋଲି ଆମେ ଆଶା କରୁଛୁ।

# ପ୍ରଦୂଷଣମୁକ୍ତ ଜୈବିକ ଯବକ୍ଷାରଜାନ


ପ୍ର. ସୁବୋଧ କୁମାର ସାହୁ

ଫସଲ ତା'ର ଜୀବନଚକ୍ର ପରିପୂର୍ଣ୍ଣକରି ଉତ୍ପାଦନକ୍ଷମ ହେବା ପାଇଁ ୧୭ ଗୋଟି ଖାଦ୍ୟ ଉପାଦାନ ଆବଶ୍ୟକ କରିଥାଏ। ସେଥିମଧ୍ୟରୁ ଯବକ୍ଷାରଜାନ ମୁଖ୍ୟ ଏବଂ ଫସଲ ଏହାକୁ ସବୁଠାରୁ ଅଧିକ ପରିମାଣରେ ଗ୍ରହଣ କରିଥାଏ । ବିଭିନ୍ନ ଫସଲର ଯବକ୍ଷାରଜାନ ଉପାଦାନର ଆବଶ୍ୟକତା ପୃଥକ୍ ପରିମାଣର । ହେକ୍ଟର ପିଛା ବିଭିନ୍ନ ଫସଲ ପାଇଁ ଯବକ୍ଷାରଜାନ ୨୦ରୁ ୮୦ କିଲୋ ପର୍ଯ୍ୟନ୍ତ ଆବଶ୍ୟକ ହୋଇଥାଏ । ଉକ୍ତ ପରିମାଣର ଯବକ୍ଷାରଜାନ ଫସଲ ମୁଖ୍ୟତଃ ଦୁଇଗୋଟି ମାଧ୍ୟମରୁ ପାଇଥାଏ । ପ୍ରଥମଟି ରାସାୟନିକ ସାର ଏବଂ ଦ୍ୱିତୀୟଟି ଜୈବିକ ସାର । ରାସାୟନିକ ସାର ବହୁ ବ୍ୟୟରେ କାରଖାନାରୁ ପ୍ରସ୍ତୁତ ହୁଏ । ବିବିଧ ରାସାୟନିକ ପଦ୍ଧତିରେ ରାସାୟନିକ ସାର ପ୍ରସ୍ତୁତ ହେଉଥିବାରୁ ଏହା ମାଟି ଏବଂ ପରିବେଶ ପ୍ରତି କ୍ଷତିକାରକ । ରାସାୟନିକ ଯବକ୍ଷାରଜାନ ମାଟିର ଭୌତିକ, ରାସାୟନିକ ଏବଂ ଜୈବିକ ଧର୍ମକୁ ନଷ୍ଟକରେ । ଦ୍ୱିତୀୟତଃ ରାସାୟନିକ ଯବକ୍ଷାରଜାନ ଫସଲକୁ କଅଁଳ ତଥା ନରମକରି ବଢ଼ାଇ ବିଭିନ୍ନ ରୋଗ ପୋକକୁ ଆକର୍ଷଣ କରାଏ, ଯେଉଁଥିପାଇଁ ଚାଷୀକୁ ରୋଗ ଓ ପୋକ ନିରୋଧକ ରାସାୟନିକ ବିଷାକ୍ତ କୀଟନାଶକ ପ୍ରୟୋଗ କରିବାକୁ ପଡ଼େ । ଏହାଦ୍ୱାରା ପରିବେଶ ବହୁ ମାତ୍ରାରେ ପ୍ରଦୂଷଣ ହୁଏ । ଅନ୍ୟପକ୍ଷରେ ଜୈବିକ ଯବକ୍ଷାରଜାନ ପ୍ରକୃତିଦତ୍ତ । ବିଭିନ୍ନ ବର୍ଜ୍ୟପଦାର୍ଥ ଏବଂ ମାଟି ଭିତରେ ଥିବା କେତେକ ଉପକାରୀ ବୀଜାଣୁ ଦ୍ୱାରା ଜୈବିକ ଯବକ୍ଷାରଜାନ ଫସଲକୁ ମିଳିଥାଏ । ଜୈବିକ ଯବକ୍ଷାରଜାନ, ଫସଲ ପାଇଁ ସ୍ୱଳ୍ପ ପରିମାଣରେ ମିଳିଥିଲେ ମଧ୍ୟ ଏହା ମିତବ୍ୟୟ ଏବଂ ପ୍ରଦୂଷଣମୁକ୍ତ। ଫସଲକୁ ଏହା ଧୀରେ ଧୀରେ ଗ୍ରହଣ ହୋଇ ଗୁଣାତ୍ମକ ଶସ୍ୟ ଉତ୍ପାଦନ କରେ। ଉକ୍ତ ସାର ଦ୍ୱାରା ଉତ୍ପାଦିତ ଫସଲରେ ରୋଗପୋକ ଆକ୍ରମଣର ପ୍ରବାହ ଯଥେଷ୍ଟ କମ୍ । ଜୈବିକ ଯବକ୍ଷାରଜାନ ମାଟିର ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପକାଏ ନାହିଁ।

ଜୈବିକ ଯବକ୍ଷାରଜାନର ମୁଖ୍ୟ ମାଧ୍ୟମ ମଧ୍ୟରୁ କମ୍ପୋଷ୍ଟ ଖତ, ବୀଜାଣୁ ସାର ଏବଂ ସବୁଜ ସାର ମୁଖ୍ୟ । ଗୋରୁଙ୍କ ଗୋବର, ମୂତ୍ର ଏବଂ ଖେତବାଡ଼ି ବଗିଚାର ବର୍ଜ୍ୟବସ୍ତୁରୁ କମ୍ପୋଷ୍ଟ ଖତ ପ୍ରସ୍ତୁତ ହୁଏ । କମ୍ପୋଷ୍ଟ ଖତରେ ଯବକ୍ଷାରଜାନ ପରିମାଣ ଶତକଡା ୦.୫୦ ରୁ ୦.୮୦ ଭାଗ ସହ ଫସ୍‌ଫେଟ୍ ଏବଂ ପଟାସ୍ ପରିମାଣ ଯଥା କ୍ରମେ ପ୍ରାୟ ଶତକଡ଼ା ୦.୨୫ ରୁ ୦.୯୦ ଏବଂ ୦.୩୦ ରୁ ୦.୮୦ ଭାଗ ଥାଏ । କମ୍ପୋଷ୍ଟରେ ଯବକ୍ଷାରଜାନ ଏବଂ ଅନ୍ୟ ଖାଦ୍ୟ ଉପାଦାନ କମ୍ ଥିବାରୁ ଏହାକୁ ହେକ୍ଟର ପ୍ରତି ୧୦ରୁ ୧୫ ଟନ୍ ପର୍ଯ୍ୟନ୍ତ ଅନୁମୋଦନ କରାଯାଏ । ଏଥିରୁ ମାଟିକୁ ହେକ୍ଟର ପ୍ରତି ୫୦ ରୁ ୬୦ କିଲୋ ପର୍ଯ୍ୟନ୍ତ ଯବକ୍ଷାରଜାନ ଆସିଥାଏ । ଅବଶ୍ୟ ସବୁ ଯବକ୍ଷାରଜାନକୁ ପ୍ରଥମ ଫସଲ ଗ୍ରହଣ କରିପାରେ ନାହିଁ । ପ୍ରଥମ ଫସଲ ଏଥିରୁ ପ୍ରାୟ ୩୦ ରୁ ୪୫ କିଲୋ ପର୍ଯ୍ୟନ୍ତ ପାଇଥାଏ । ଅବଶିଷ୍ଟ ଯବକ୍ଷାରଜାନରୁ ପରବର୍ତ୍ତୀ ଫସଲ କିଛି ମାତ୍ରାରେ ପାଏ ଏବଂ କିଛି ବିଭିନ୍ନ ଉପାୟରେ ନଷ୍ଟହୁଏ । କମ୍ପୋଷ୍ଟରେ ଯବକ୍ଷାରଜାନ ସହ ଥିବା ଫସ୍‌ଫେଟ୍ ଏବଂ ପଟାସ୍ ଫସଲକୁ ସୁଷମ ପରିମାଣରେ ଗ୍ରହଣଯୋଗ୍ୟ ହୁଏ । କମ୍ପୋଷ୍ଟ ଖତକୁ ମୁଖ୍ୟତଃ ମଞ୍ଜିବୁଣା କିମ୍ବା ଚାରା ରୁଆ ସମୟରେ ପ୍ରୟୋଗ କରାଯାଇ ମାଟିରେ ଭଲଭାବେ ମିଶାଯାଏ । କମ୍ପୋଷ୍ଟ ଖତ ପରି ଜିଆଖତ, ଜୈବ ଯବକ୍ଷାରଜାନର ଅନ୍ୟ ଏକ ଉତ୍ସ । ଜିଆଖତରେ ଶତକଡ଼ା ୧.୪ ରୁ ୧.୬ ଭାଗ ଯବକ୍ଷାରଜାନ ଥାଏ । ଉକ୍ତ ଯବକ୍ଷାରଜାନ ଫସଲକୁ କମ୍ପୋଷ୍ଟଠାରୁ ଶୀଘ୍ର ଗ୍ରହଣ ହୁଏ । କିନ୍ତୁ ଜିଆଖତ କମ୍ପୋଷ୍ଟ ପରି ଅଧିକ ପରିମାଣରେ ମିଳି ନ ଥାଏ । ଏହାକୁ ହେକ୍ଟର ପ୍ରତି ୧୦୦ରୁ ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଧାଡ଼ିରେ କିମ୍ବା ଚାରା ମୂଳରେ ପ୍ରୟୋଗ କରାଯାଏ । ଜିଆଖତ ପନିପରିବା ଏବଂ ଫୁଲଚାରା ପାଇଁ ଉପଯୁକ୍ତ । ତୈଳବୀଜରୁ ତେଲ ନିଷ୍କାସନ ପରେ ରହୁଥିବା ଅବଶିଷ୍ଟାଂଶକୁ ପିଡ଼ିଆ କହନ୍ତି । ଏଥିରେ ଥିବା ଜୈବ ଯବକ୍ଷାରଜାନ ପରିମାଣ ଶତକଡ଼ା ୫.୫ ରୁ ୫.୮ ଥାଏ । ଉକ୍ତ ଯବକ୍ଷାରଜାନ ଫସଲକୁ କମ୍ପୋଷ୍ଟଠାରୁ ଶୀଘ୍ର ଗ୍ରହଣଯୋଗ୍ୟ ହୁଏ । ପିଡ଼ିଆକୁ ମୂଳସାର ଭାବେ ପନିପରିବା ଏବଂ ଫୁଲ ଚାରା ମୂଳରେ ପ୍ରୟୋଗ କରାଯାଏ । ପିଡ଼ିଆକୁ ଭଲଭାବେ ଗୁଣ୍ଡକରି ପ୍ରୟୋଗ କରିବା ଦରକାର । ଗୋବରଖତ ପରି କୁକୁଡ଼ା ମଳରେ ଜୈବ ଯବକ୍ଷାରଜାନ ୧.୧ ରୁ ୧.୪ ଭାଗ ଥାଏ । ଯବକ୍ଷାରଜାନ ବ୍ୟତୀତ ଏଥିରେ ଫସ୍‌ଫେଟ୍, ପଟାସ୍ ଏବଂ ଅଣୁ ଖାଦ୍ୟ ଉପାଦାନ ଥାଏ । କୁକୁଡ଼ା ଖତକୁ ହେକ୍ଟର ପ୍ରତି ୨.୫ ରୁ ୪ ଟନ୍ ପର୍ଯ୍ୟନ୍ତ ପ୍ରୟୋଗ କରାଯାଏ । କୁକୁଡ଼ା ଖତକୁ ସିଧାସଳଖ ଫସଲରେ ପ୍ରୟୋଗକଲେ ଏଥିରେ ଥିବା ୟୁରିକ୍ ଅମ୍ଳ ମଞ୍ଜି ଏବଂ ଚାରା ପାଇଁ କ୍ଷତିକାରକ । ତେଣୁ ଉକ୍ତ ଖତକୁ ଛାଇରେ ଏକତ୍ରକରି ୨ ସପ୍ତାହ ପାଣିରେ ଓଦାକଲେ କ୍ଷତିକାରକ ଅମ୍ଳ ଧୋଇଯାଏ ।



''ଜୈବିକ ଯବକ୍ଷାରଜାନର ମୁଖ୍ୟ ମାଧ୍ୟମ ମଧ୍ୟରୁ କମ୍ପୋଷ୍ଟ ଖତ, ବୀଜାଣୁ ସାର ଏବଂ ସବୁଜ ସାର ମୁଖ୍ୟ । ଗୋରୁଙ୍କ ଗୋବର, ମୂତ୍ର ଏବଂ ଖେତବାଡ଼ି ବଗିଚାର ବର୍ଜ୍ୟ ବସ୍ତୁରୁ କମ୍ପୋଷ୍ଟ ଖତ ପ୍ରସ୍ତୁତ ହୁଏ । କମ୍ପୋଷ୍ଟ ଖତରେ ଯବକ୍ଷାରଜାନ ପରିମାଣ ଶତକଡ଼ା ୦.୫୦ ରୁ ୦.୮୦ ଭାଗ ସହ ଫସ୍‌ଫେଟ୍ ଏବଂ ପଟାସ୍ ପରିମାଣ ଯଥା କ୍ରମେ ପ୍ରାୟ ଶତକଡ଼ା ୦.୨୫ରୁ ୦.୯୦ ଏବଂ ୦.୩୦ରୁ ୦.୮୦ ଭାଗ ଥାଏ। କମ୍ପୋଷ୍ଟରେ ଯବକ୍ଷାରଜାନ ଏବଂ ଅନ୍ୟ ଖାଦ୍ୟ ଉପାଦାନ କମ୍ ଥିବାରୁ ଏହାକୁ ହେକ୍ଟର ପ୍ରତି ୧୦ରୁ ୧୫ ଟନ୍ ପର୍ଯ୍ୟନ୍ତ ଅନୁମୋଦନ କରାଯାଏ । ଏଥିରୁ ମାଟିକୁ ହେକ୍ଟର ପ୍ରତି ୫୦ ରୁ ୬୦ କିଲୋ ପର୍ଯ୍ୟନ୍ତ ଯବକ୍ଷାରଜାନ ଆସିଥାଏ । ଅବଶ୍ୟ ସବୁ ଯବକ୍ଷାରଜାନକୁ ପ୍ରଥମ ଫସଲ ଗ୍ରହଣ କରିପାରେ ନାହିଁ ।''

ଜୈବିକ ଯବକ୍ଷାରଜାନ ସାର ମଧ୍ୟରେ ବୀଜାଣୁ ସାର ଅନ୍ୟତମ । ମାଟି ଭିତରେ ଥିବା କେତେକ ଉପକାରୀ ବୀଜାଣୁ ଯଥା ରାଇଜୋବିୟମ, ଆଜୋସ୍ପିରିଲମ୍ ଏବଂ ଆଜୋଟ୍‌ବାକ୍ଟର ବାୟୁମଣ୍ଡଳର ନିଷ୍କ୍ରିୟ ଯବକ୍ଷାରଜାନକୁ ନିଜ କୋଷ ମଧ୍ୟରେ ସକ୍ରିୟ କରି ଫସଲକୁ ଯୋଗାନ୍ତି । ରାଇଜୋବିୟମ ବୀଜାଣୁ, ଡାଲି ଏବଂ ଶିମି ଜାତିୟ ଫସଲର ଚେ଼ରରେ ବହୁ ସଂଖ୍ୟାରେ ଭାତୁଡ଼ି ସୃଷ୍ଟିକରି, ଏଥି ମଧ୍ୟର ଯବକ୍ଷାରଜାନକୁ ଧରି ରଖି ଫସଲକୁ ଯୋଗାନ୍ତି ଏବଂ ମାଟିକୁ ଉର୍ବର କରନ୍ତି । ଆଜୋସ୍ପିରିଲମ୍ ଏବଂ ଆଜୋଟ୍‌ବାକ୍ଟର ମାଟିରେ ମୁକ୍ତ ଅବସ୍ଥାରେ ରହି ସେମାନଙ୍କ କୋଷରେ ଥିବା ଯବକ୍ଷାରଜାନ ଦ୍ୱାରା ମାଟିକୁ ଉର୍ବର କରନ୍ତି । (କ୍ରମଶଃ..)

-ଶୈଳଶ୍ରୀବିହାର, ଭୁବନେଶ୍ୱର

ମୋ: ୯୫୫୬୨୬୬୦୮୫

## ମାଛଚାଷ ପାଇଁ ପ୍ରସ୍ତୁତି



ମାଛଚାଷ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ। ଯେଉଁ ଚାଷୀଭାଇମାନେ ପୋଖରୀକୁ ମେ' ମାସ ଶେଷ ସୁଦ୍ଧା ଶୁଖାଇ ପାରିନାହାନ୍ତି ସେମାନେ ଜୁନ୍ ମାସ ମଧ୍ୟରେ ପୋଖରୀରୁ ପାଣି ବାହାରକରି ଶୁଖାଇ ଦିଅନ୍ତୁ । ଶୁଖାଇଥିବା ପୋଖରୀକୁ ଭଲଭାବେ ହଳ କରିଦିଅନ୍ତୁ । ମାଟିର ଅମ୍ଳତାର ମାତ୍ରା ଅନୁସାରେ ଚୂନ ପ୍ରୟୋଗ କରନ୍ତୁ । ଜୁନ୍ ୧୫ ପରେ ବର୍ଷା ହେଲେ ପୋଖରୀରେ ପାଣି ରହିବ । ଏହି ସମୟରେ ଏକର ପ୍ରତି ୧ ଟନ୍ ହିସାବରେ କଞ୍ଚା ଗୋବର ପାଣିରେ ମିଶାଇ ଦିଅନ୍ତୁ। ଏହା ମାଛର ପ୍ରାକୃତିକ ଖାଦ୍ୟ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ ।

## ବିହନ ସାଇତି ରଖୁଥିଲେ..



ଘରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା-ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷକରନ୍ତୁ। ଖାଲ ଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ। ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡ଼ିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ତିନି ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ।

## ରାଶି ଚାଷ



ରାଶି ଚାଷ କରିବା ପୂର୍ବରୁ କେତେକ ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ପ୍ରଥମେ ଏଥିପାଇଁ ଜମି ଚୟନ କରନ୍ତୁ। ଉକ୍ତ ଚାଷ ପାଇଁ ଜମି ପ୍ରସ୍ତୁତି ଶେଷ ହେବା ପରେ କିପରି ଏହାର ବିହନକୁ ବୁଣିବେ ସେ ନେଇ ଚାଷୀମାନେ ଭଲ ଭାବରେ ଅବଗତ ହେବା ଦରକାର। ରାଶି ଚାଷ ପାଇଁ ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ। ରାଶି ବିହନ ବୁଣିବା ସମୟରେ ଏହାକୁ ଧାଡିକୁ ଧାଡି ବୁଣନ୍ତୁ। ଏକଥା ମନେ ରଖନ୍ତୁ ଯେ, ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନରେ ବୁଣିବା ଦରକାର। ହେଲେ ବିହନ ବୁଣିବା ପୂର୍ବରୁ ସାର ପ୍ରୟୋଗ କରିବାକୁ ଭୁଲନ୍ତୁ ନାହିଁ। ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ରାଶିର ଅନୁମୋଦିତ କିସମଗୁଡ଼ିକ ହେଲା - କନକ, ଉଷା, ଉମା, ଅମ୍ରିତ୍, ପ୍ରାଚୀ, ନିର୍ମଳା, ସ୍ମାରକ ଓ ଶୁଭ୍ରା ।

## ଅଣଧାନ ଫସଲ ଚାଷ

ଧାନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢ଼ିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହିପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।



## ପନିପରିବା ଚାଷ ପୂର୍ବରୁ...



ବର୍ଷାଦିନେ ସାଧାରଣତଃ ବାଇଗଣ, ବର୍ଷାଦିନିଆ ବିଲାତି ବାଇଗଣ, କୋବି, ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡଙ୍ଗ ଆଦି ପନିପରିବା ଫସଲ ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ । ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଦ୍ୱାରା ଚତୁଃପାର୍ଶ୍ୱ ନିବୁଜ କରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ। ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ।

## ଫଳଚାରା ଲଗାଉଥିଲେ...



ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ି ଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା:- ଆମ୍ବ ଓ ସପେଟା - ୧ ମି. x ୧ ମି. x ୧ ମି., ନଡ଼ିଆ - ୧ ମି. x ୧ ମି. x୧ ମି. , କଦଳୀ - ୦.୫ ମି. x ୦.୫ ମି.x ୦.୫ ମି. , କମଳା/ଲେମ୍ବୁ - ୦.୬ ମି. x ୦.୬ ମି. x ୦.୬ ମି.। ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବରଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ। ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଅନ୍ୟପକ୍ଷରେ ନର୍ସରି ପାଇଁ ଆମ୍ବ ଟାକୁଆ ସଂଗ୍ରହକରି ଚାରା ପକାନ୍ତୁ । ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ । ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ। ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଛାଇ ପ୍ରଦାନ ସହ ଜଳସେଚନ କରନ୍ତୁ । ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ । ସପେଟା କଲମୀ କରନ୍ତୁ । ବାତ୍ୟାରେ ଭାଙ୍ଗିପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫାକରି କମ୍ପୋଷ୍ଟ ଖାତରେ ଭରି ଦିଅନ୍ତୁ।

## ପ୍ରାଣୀଙ୍କ ଯତ୍ନ




ଗୋ-ମହିଷ ଓ ବାଛୁରୀମାନଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ଆଶଙ୍କା ରହିଛି । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପଶୁଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏହି ମାସରେ ଗୋ-ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମହିଷଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ । ପଶୁମାନଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ସମ୍ଭାବନା ଥାଏ । ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଗୁହାଳ ତଳ ଓଦା ରଖନ୍ତୁ ନାହିଁ। ଓଦା ରହିଲେ ବିଭିନ୍ନ ରୋଗର ସମ୍ଭାବନା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ ।

ଧରିତ୍ରୀ
DHARITRI

# ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୬ ପଦକ




କଳିଙ୍ଗ ଷ୍ଟାଡିୟମ ଆକ୍ୱାଟିକ୍ ସେଣ୍ଟରରେ ଚାଲିଥିବା ନ୍ୟାଶନାଲ ସୁଇମିଂ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ପୁରସ୍କାର ଗ୍ରହଣ ଅବସରରେ କୃତୀ ପ୍ରତିଯୋଗୀମାନେ।

**କଳିଙ୍ଗରେ ନ୍ୟାଶନାଲ ସୁଇମିଂ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍**

## ମନ୍ନତା, ସୃଷ୍ଟିଙ୍କୁ ସ୍ୱର୍ଣ୍ଣ, ଦିବ୍ୟଙ୍କା ରୌପ୍ୟ ଓ ବ୍ରୋଞ୍ଜ, ସୋନିଆ, ଅଭିନବଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୦।୬ (ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ଆକ୍ୱାଟିକ୍ ସେଣ୍ଟରରେ ଚାଲିଥିବା ୨ୟ ନ୍ୟାଶନାଲ ସୁଇମିଂ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶା ପ୍ରତିଯୋଗୀମାନେ ୬ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ସାମିଲ। ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ୧:୧୪.୦୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ୧୦୦ ମିଟର ବଟରଫ୍ଲାଏରେ ସୃଷ୍ଟି ଉପାଧ୍ୟାୟ ୧:୦୩.୦୪ ସେକେଣ୍ଡ ସହିତ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଦିବ୍ୟଙ୍କା ପ୍ରଧାନ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ୧:୧୬.୦୧ ସେକେଣ୍ଡ ସହିତ ରୌପ୍ୟ ଓ ୧୦୦ ମିଟର ବଟରଫ୍ଲାଏରେ ୧:୦୭.୦୦ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୦୦ ମିଟର ଫ୍ରିଷ୍ଟାଇଲରେ ସୋନିଆ ପଟେଲ (୧:୦୧.୦୭) ଓ ୧୫୦୦ ମିଟର ଫ୍ରିଷ୍ଟାଇଲରେ ଅଭିନବ ସିଂ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହାକୁ ମିଶାଇ ପ୍ରତିଯୋଗିତାରେ ଓଡ଼ିଶା ପଦକ ସଂଖ୍ୟା ୧୧ରେ ପହଞ୍ଚିଛି। ପ୍ରଥମ ଦିବସରେ ଓଡ଼ିଶାକୁ ୫ ପଦକ ମିଳିଥିଲା।

୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୨୦୦ ମିଟର ବଟରଫ୍ଲାଏରେ ସୃଷ୍ଟି ଉପାଧ୍ୟାୟ ସ୍ୱର୍ଣ୍ଣ, ୧୮ ବର୍ଷରୁ କମ୍ ବାଳିକା ୨୦୦ ମିଟର ବଟରଫ୍ଲାଏରେ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ରୌପ୍ୟ, ୫୦ ମିଟର ବାଳିକା ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ରୌପ୍ୟ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ବ୍ରୋଞ୍ଜ ଏବଂ ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୨୦୦ ମିଟର ଫ୍ରି ଷ୍ଟାଇଲରେ ପ୍ରତ୍ୟାଶା ରାୟ ରୌପ୍ୟ ପଦକ ପାଇଥିଲେ।

## ଜୁନିୟର ହକି ବିଶ୍ୱକପ୍ ଆୟୋଜନ କରିବ ଭାରତ

**ଲାଉସାନେ,୧୧।୬(ପି.ଟି.):** ଆସନ୍ତା ବର୍ଷ ପାଇଁ ଭାରତରେ ଆୟୋଜିତ ହେବ ଜୁନିୟର ହକି ବିଶ୍ୱକପ। ଫଳରେ ଦୀର୍ଘ ୪ ବର୍ଷ ପରେ ଭାରତକୁ ଏହି ଇଭେଣ୍ଟ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି। ମଙ୍ଗଳବାର ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍) ପକ୍ଷରୁ ଏହି ଘୋଷଣା କରାଯାଇଛି। ଡିସେମ୍ବରରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବାକୁ ଥିବା ବେଳେ ପ୍ରଥମ ଥର ପାଇଁ ୨୪ ଦଳ ଏଥିରେ ଅଂଶଗ୍ରହଣ କରିବେ। ଏଫ୍‌ଆଇଏଚ୍ ସଭାପତି ତାୟାବ ଇକ୍ରାମ ଦଳ ସଂଖ୍ୟା ବଢ଼ିଥିବା ନେଇ ଘୋଷଣା କରିଛନ୍ତି। ଅଧିକ ଦେଶକୁ ସୁଯୋଗ ମିଳିବା ଦ୍ୱାରା ଟୁର୍ନାମେଣ୍ଟର ବିବିଧତା ବଢିବ ବୋଲି ଇକ୍ରାମ କହିଛନ୍ତି। ଫାଇଭ୍ ଏ ସାଇଡ୍ ହକି ବିଶ୍ୱକପରେ ଏହା ସଫଳ ହୋଇଥିବା ବେଳେ ଏହାକୁ ଜୁନିୟର ବିଶ୍ୱକପରେ ଲାଗୁ କରାଯିବ ବୋଲି କୁହାଯାଇଛି। ଶେଷ ଥର ପାଇଁ ମାଲେସିଆର କୁଆଲାଲମ୍ପୁରରେ ୨୦୨୩ ସଂସ୍କରଣର ବିଶ୍ୱକପ ଆୟୋଜିତ ହୋଇଥିଲା। ଫ୍ରାନ୍ସକୁ ୨-୧ରେ ହରାଇ ଜର୍ମାନୀ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଅତୀତରେ ଭାରତ ୩ ଥର ଜୁନିୟର ବିଶ୍ୱକପ ଆୟୋଜନ କରିଛି। ୨୦୧୩ (ନୂଆଦିଲ୍ଲୀ), ୨୦୧୬ (ଲକ୍ଷ୍ନୌ) ଓ ୨୦୨୧ (ଓଡ଼ିଶା)ରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଭାରତ ୨୦୧୬ରେ ଚାମ୍ପିୟନ ମଧ୍ୟ ହୋଇଥିଲା। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଏଫ୍‌ଆଇଏଚ୍‌ର ନିଷ୍ପତ୍ତିରେ ସନ୍ତୋଷ ପ୍ରକାଶ କରିଛନ୍ତି।

## ନାସାଉରେ ବୋଲରଙ୍କ ପ୍ରଭାବ ଜାରି

**ନ୍ୟୁୟର୍କ, ୧୧।୬**

ସ୍ଥାନୀୟ ନାସାଉ କାଉଣ୍ଟି କ୍ରିକେଟ ଷ୍ଟାଡିୟମରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରହିଛି। ଟି୨୦ କ୍ରିକେଟ ବିଶ୍ୱକପର ମଙ୍ଗଳବାର ଅନୁଷ୍ଠିତ ଗ୍ରୁପ୍ 'ଏ' ମ୍ୟାଚରେ ପାକିସ୍ତାନ ବୋଲରମାନେ ଚମତ୍କାର ବୋଲିଂ କରି କାନାଡ଼ା ଇନିଂସକୁ ୨୦ ଓଭରରେ ୧୦୬/୭ରେ ସୀମିତ ରଖିଛନ୍ତି। କାନାଡ଼ା ଓପନର ଆରୋନ ଜନସନ ଲଢୁଆ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ବଡ଼ ପାର୍ଟନରଶିପ୍ ସମ୍ଭବ ହୋଇ ନ ଥିଲା। ସେ ପାକିସ୍ତାନୀ ବୋଲରଙ୍କୁ ସଫଳ ମୁକାବିଲା କରି ୪୪ ବଲ୍‌ରୁ ୪ଟି ଲେଖାଏ ଚୌକା ଓ ଛକା ସହାୟତାରେ ୫୨ ରନ କରିଥିବାବେଳେ କାନାଡ଼ା ଟପ୍ ଓ ମିଡିଲ ଅର୍ଡରର ୫ ଖେଳାଳି ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ନସିମ ଶାହା ନିଜର ତଥା ଇନିଂସର ଶେଷ ଓଭରରେ ୧୦ ରନ ବ୍ୟୟ କରିବାରୁ କାନାଡ଼ା ସ୍କୋର ୧୦୦ ଅତିକ୍ରମ କରିଥିଲା। କାନାଡ଼ା ପକ୍ଷରୁ କଲିମ ସାନା ଦ୍ୱିତୀୟ ସର୍ବାଧିକ ୧୩ ରନକରି ଅପରାଜିତ ରହିଥିଲେ। ପାକିସ୍ତାନ ବୋଲରମାନେ ଅତିରିକ୍ତଭାବେ ୧୩ ରନ ବ୍ୟୟ କରିଥିବାବେଳେ ମହମ୍ମଦ ଅମିର ଓ ହାରିସ ରୌଫଙ୍କୁ ୨ଟି ଲେଖାଏ ଏବଂ ଶାହିନ ଆଫ୍ରିଦୀ ଓ ନସିମ ଶାହା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପାକିସ୍ତାନ ନିଜର ପ୍ରଥମ ୨ଟି ମ୍ୟାଚରେ ଯଥାକ୍ରମେ ଆମେରିକା ଓ ଭାରତ ନିକଟରୁ ପରାଜିତ ହୋଇଛି। କାନାଡ଼ା ଆମେରିକାଠାରୁ ହାରିଥିବାବେଳେ ଆୟର୍ଲାଣ୍ଡ ବିପକ୍ଷରେ ବିଜୟ ହାସଲ କରିଛି।

**ସଂକ୍ଷିପ୍ତ ସ୍କୋର**

କାନାଡ଼ା ୨୦ ଓଭରରେ ୧୦୬/୭ (ଆରୋନ ଜନସନ-୫୨, ମହମ୍ମଦ ଅମିର-୨/୧୩, ହାରିସ ରୌଫ-୨/୨୬, ଶାହିନ ଆଫ୍ରିଦୀ-୧/୨୧, ନସିମ ଶାହା-୧/୨୪)।

**ଟି୨୦ ବିଶ୍ୱକପ**

**(ଆଜିର ମ୍ୟାଚ)**

**ଶ୍ରୀଲଙ୍କା ବନାମ ନେପାଳ**
ସ୍ଥାନ: ଫ୍ଲୋରିଡ଼ା
ସମୟ: ପ୍ରାତଃ ୫ଟା

**ଅଷ୍ଟ୍ରେଲିଆ ବନାମ ନାମ୍ବିଆ**
ସ୍ଥାନ: ଆଣ୍ଟିଗୁଆ
ସମୟ: ସକାଳ ୬ଟା

**ଭାରତ ବନାମ ଆମେରିକା**
ସ୍ଥାନ: ନ୍ୟୁୟର୍କ
ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ରାଜ୍ୟ ମହିଳା ଚେସ୍ ଉଦ୍‌ଘାଟିତ




ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୧।୬ (ତପନ ସ୍ୱାଇଁ)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ରାଜ୍ୟ ମହିଳା ଚେସ୍ ଚାମ୍ପିୟନଶିପ୍ ମଙ୍ଗଳବାର ସ୍ଥାନୀୟ ପ୍ରଚେଷ୍ଟା (ପ୍ରଫେଶନାଲ ଚେସ୍ ଟ୍ରେନିଂ ଏକାଡେମୀ) ପରିସରରେ ଆରମ୍ଭ ହୋଇଛି। ପ୍ରତିଯୋଗିତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ବିଭିନ୍ନ ସ୍ଥାନରୁ ୯୧ ମହିଳା ଖେଳାଳି ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି, ଯାହାକି ମହିଳା ଚେସ୍ ଚାମ୍ପିୟନଶିପ୍‌ରେ ଏକ ରେକର୍ଡ । ଯଶିତା ରାଉତ ଟପ୍‌ସିଡ୍ ଅଛନ୍ତି। ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲଧାରୀ ସ୍ୱୟଂଶୁ ସତ୍ୟପ୍ରଜ୍ଞ ଓ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୂର୍ଯ୍ୟକାନ୍ତ ବିଷୋୟୀ ଇଭେଣ୍ଟ ସଂଯୋଜକ ରହିଥିବାବେଳେ ଅନ୍ତର୍ଜାତୀୟ ଆର୍ବିଟର ଭବେଶ ମହାନ୍ତି ଓ ସନ୍ତୋଷ ମହାପାତ୍ର ପରିଚାଳନା ଦାୟିତ୍ୱରେ ଅଛନ୍ତି। ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ସମସ୍ତ ମହିଳା ପ୍ରତିଯୋଗୀଙ୍କୁ ସ୍ୱାଗତ କରିବା ସହ ଶୁଭକାମନା ଜଣାଇଛନ୍ତି।

## ଭୁବନେଶ୍ୱର 'ଏ'ର ବୃହତ୍ ସ୍କୋର

**ଭୁବନେଶ୍ୱର, ୧୧।୬ (ତପନ ସ୍ୱାଇଁ):** କଳାହାଣ୍ଡି କପ୍ କ୍ରିକେଟ ସୁପର ଲିଗ୍‌ର ୪ଟି ମ୍ୟାଚ ବୁଧବାର କଟକରେ ଆରମ୍ଭ ହୋଇଛି। ୨ ଦିନ ବିଶିଷ୍ଟ ପ୍ରତିଯୋଗିତାର ପ୍ରଥମ ଦିବସରେ ସନ୍‌ସାଇନ୍ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ରେଷ୍ଟ ଅଫ୍ ଓଡ଼ିଶା-ଡି ବିପକ୍ଷରେ ଭୁବନେଶ୍ୱର-ଏ ବୃହତ୍ ସ୍କୋର କରିଛି। କାର୍ତ୍ତିକ ବିଶ୍ୱାଳ (୧୫୫ ରନ) ଓ ସନ୍ଦିପ ପଟ୍ଟନାୟକ (୧୩୯)ଙ୍କ ଶତକ ସହାୟତାରେ ଭୁବନେଶ୍ୱର-ଏ ୯୦ ଓଭରରେ ୪ ଉଇକେଟ ହରାଇ ୪୧୩ ରନ ସଂଗ୍ରହ କରିଛି। ଡ୍ରିମ୍ସ ଷ୍ଟାଡିୟମରେ ଇକୋର୍ସା ୨୧୦ରେ ଅଲ୍‌ଆଉଟ ହୋଇଥିବାବେଳେ ରେଷ୍ଟ ଅଫ୍ ଓଡ଼ିଶା-ସି ୨ ଉଇକେଟ ହରାଇ ୭୭ ରନ କରିଛି। ବାରବାଟୀ ଷ୍ଟାଡିୟମରେ ରେଷ୍ଟ ଅଫ୍ ଓଡ଼ିଶା-ଏ ୨୩୫ ରନରେ ଅଲଆଉଟ ହୋଇଛି। କଟକ-ଏ'ର ଶୁଭମ୍ ନାୟକ ୭ ଉଇକେଟ ନେଇଛନ୍ତି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ବାଲେଶ୍ୱର ୨୧୨ରେ ସମସ୍ତ ଉଇକେଟ ହରାଇଥିବାବେଳେ ରେଷ୍ଟ ଅଫ୍ ଓଡ଼ିଶା-ବି ୧ ଉଇକେଟ ହରାଇ ୧୫୨ ରନ କରିଛି।

## ବିଶ୍ୱକପ୍ ଶେଷ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ ତେନ୍ଦୁଲଙ୍କର ମହମ ପ୍ରତିମୂର୍ତ୍ତି

**ନ୍ୟୁୟର୍କ, ୧୧।୬**

ମର୍ଲିନ ଏଣ୍ଟରଟେନମେଣ୍ଟର ମାଡାମ୍ ଟୁସାଦ ନ୍ୟୁୟର୍କର ଅନ୍ୟତମ ଆକର୍ଷଣ, ଯେଉଁଠାରେ ବିଶ୍ୱର ବିଭିନ୍ନ କ୍ଷେତ୍ରରେ ଯଥା ଅଭିନେତା, ମ୍ୟୁଜିସିଆନ, କ୍ରୀଡ଼ା ତାରକା, ମଡେଲ, ବିଶ୍ୱନେତାଙ୍କର ମହମ ପ୍ରତିମୂର୍ତ୍ତି ସ୍ଥାନ ପାଇଥାଏ। ସେଠାରେ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କର ଏକ ପ୍ରତିମୂର୍ତ୍ତି ୨୦୧୪ରୁ ସ୍ଥାନ ପାଇଛି। ଭାରତୀୟ କ୍ରିକେଟର ଟି୨୦ ବିଶ୍ୱକପ୍ ଦେଖିବା ଲାଗି ନ୍ୟୁୟର୍କ ଆସିଛନ୍ତି। ନ୍ୟୁୟର୍କରେ ତେନ୍ଦୁଲକରଙ୍କ ମହମ ପ୍ରତିମୂର୍ତ୍ତି ପହଞ୍ଚିବାର ପୂର୍ତ୍ତି ପାଳନ ଅବସରରେ କ୍ରିକେଟ କିମ୍ବଦନ୍ତୀଙ୍କୁ ମର୍ଲିନ ଏଣ୍ଟରଟେନମେଣ୍ଟ ମାଡାମ୍ ଟୁସାଦ ତରଫରୁ ଆମନ୍ତ୍ରଣ କରାଯାଇଥିଲ। ଜୁନ୍ ୯ରେ ଭାରତ-ପାକିସ୍ତାନ ମୁକାବିଲା ପୂର୍ବରୁ ମହମମୂର୍ତ୍ତିଟିକୁ ନାସାଉ କ୍ରିକେଟ ଷ୍ଟାଡିୟମକୁ ଅଣାଯାଇଥିଲା। ନିଖୁଣ ଭାବେ ନିର୍ମିତ ପ୍ରତିମୂର୍ତ୍ତି ନିକଟରେ ମାଷ୍ଟର ବ୍ଲାଷ୍ଟରଙ୍କ ଆକସ୍ମିକ ଉପସ୍ଥିତି କ୍ରୀଡ଼ା ପ୍ରେମୀଙ୍କୁ ଉଲ୍ଲସିତ କରିଥିଲା। ତେନ୍ଦୁଲକରଙ୍କ ମହମ ମୂର୍ତ୍ତିଟି ଜୁନ୍ ୧୦ରୁ ଜୁନ ୨୯ ବିଶ୍ୱକପ୍ ଫାଇନାଲ ପର୍ଯ୍ୟନ୍ତ ମାଡାମ୍ ଟୁସାଦ ନ୍ୟୁୟର୍କ ଲବିରେ ପ୍ରଶଂସକଙ୍କ ନିମନ୍ତେ ମାଗଣାରେ ଦେଖିବା ଓ ଫଟୋ ଉଠାଇବା ଲାଗି ଉପଲବ୍ଧ ହେବ। ତେନ୍ଦୁଲକରଙ୍କ ପ୍ରଥମ ମହମପ୍ରତିମୂର୍ତ୍ତି ୨୦୦୯ରେ ଲଣ୍ଡନସ୍ଥିତ ମାଡାମ୍ ଟୁସାଦଠାରେ ଅନାବରଣ ହୋଇଥିଲା। ଇତିମଧ୍ୟରେ ତାଙ୍କ ସମ୍ମାନାର୍ଥେ ୫ଟି ପ୍ରତିମୂର୍ତ୍ତି ଅନାବରଣ ସରିଛି।




ନିଜ ମହମ ପ୍ରତିମୂର୍ତ୍ତି ନିକଟରେ ସଚିନ ତେନ୍ଦୁଲକର।

# ନ୍ୟୁୟର୍କରେ ଇଣ୍ଡିଆ ବନାମ ମିନି ଇଣ୍ଡିଆ

**ଟି୨୦ ବିଶ୍ୱକପ୍**

**ନ୍ୟୁୟର୍କ, ୧୧।୬ (ପି.ଟି.)**

ଟି୨୦ ବିଶ୍ୱକପ୍‌ରେ ବୁଧବାର ଆମେରିକା ବିପକ୍ଷରେ ଭାରତ ଏହାର ତୃତୀୟ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌କୁ ଇଣ୍ଡିଆ ବନାମ ମିନି ଇଣ୍ଡିଆ ମ୍ୟାଚ୍ ଭାବରେ ବିବେଚନା କରାଯାଉଛି। ଆମେରିକା ଦଳରେ ୫-୬ ଜଣ ଭାରତୀୟ ବଂଶୋଦ୍ଭବ ଖେଳାଳି ରହିଥିବାରୁ ଏହାକୁ ମିନି ଇଣ୍ଡିଆ କୁହାଯାଉଛି। ତେଣୁ ଭାରତ ଓ ମିନି ଭାରତ ମଧ୍ୟରେ ମ୍ୟାଚ୍‌କୁ ନେଇ ସମସ୍ତଙ୍କ ମନରେ ଉତ୍କଣ୍ଠା ଦେଖାଦେଇଛି। ଭାରତ ପାଇଁ ଖେଳିବାର ଆଶା ପୂରଣ ହୋଇ ନ ଥିବା ଅନେକ ଖେଳାଳି ବର୍ତ୍ତମାନ ଏକ ବିଶ୍ୱକପ୍ ଖେଳୁଥିବା ବେଳେ ନିଜ ଦେଶ ବିପକ୍ଷରେ ଖେଳିବାକୁ ଯାଉଛନ୍ତି। ଉଭୟ ଦଳ ପ୍ରଥମ ୨ ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ବୁଧବାର ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ସୁପର୍-୮ ପାଇଁ ଯୋଗ୍ୟତା ଅର୍ଜନ କରିବ। ତେବେ ଭାରତ ଏହି ମ୍ୟାଚ୍‌ରେ ନିଜ ବ୍ୟାଟିଂକୁ ସଶକ୍ତ କରିବାକୁ ଚାହିଁବ। ନାସାଉ କାଉଣ୍ଟି ଷ୍ଟାଡିୟମ ପିଚ୍‌ରେ ବୋଲରଙ୍କୁ ସହାୟତା ମିଳୁଥିବା ବେଳେ ବ୍ୟାଟରଙ୍କ ପାଇଁ ଏହା ଦୁଃସ୍ୱପ୍ନ ରହିଛି। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତ ଏହାର ଅନ୍ତିମ ୭ ଉଇକେଟ ମାତ୍ର ୨୮ ରନ୍‌ରେ ହରାଇଥିଲା।

ଆମେରିକା ଦଳରେ ରହିଥିବା ଖେଳାଳିଙ୍କ ମଧ୍ୟରୁ ସୌରଭ ନେତ୍ରଭଲକର, ମୋନାଙ୍କ ପଟେଲ, ହରମିତ୍ ସିଂ ଓ ମିଲିନ୍ଦ କୁମାର ଭାରତରେ ଘରୋଇ କ୍ରିକେଟ ଖେଳି ସାରିଛନ୍ତି। ଏହା ବ୍ୟତୀତ ଦଳରେ ୨ ଜଣ ପାକିସ୍ତାନୀ, ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ନେଦରଲାଣ୍ଡ୍ସର ଜଣେ ଲେଖାଏ ଖେଳାଳି ସାମିଲ ରହିଛନ୍ତି। ଆମେରିକା ଏହାର ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନକୁ ସୁପର ଓଭରରେ ପରାସ୍ତ କରିଥିଲା। ଭାରତ ବିପକ୍ଷରେ ଦଳ ସମାନ ମ୍ୟାଜିକ୍ ଦୋହରାଇବାକୁ ଚାହିଁବ। ନ୍ୟୁୟର୍କରେ ଏହା ଭାରତର ଅନ୍ତିମ ମ୍ୟାଚ୍ ହୋଇଥିବା ବେଳେ ଦଳ ବିଜୟୀ ହୋଇ ସୁପର୍-୮ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ଚାହିଁବ। ବିରାଟ କୋହଲି, ରୋହିତ ଶର୍ମା ଓ ଯଶପ୍ରୀତ ବୁମ୍‌ରାଙ୍କ ଭଳି ଖେଳାଳିଙ୍କ ବିପକ୍ଷରେ ଖେଳିବା ଅଭିଜ୍ଞତା ଆମେରିକୀୟ ଖେଳାଳିଙ୍କୁ ମିଳିବ। ଭାରତ ଯଦି ଟସ୍ ଜିତି ବୋଲିଂ ନିଷ୍ପତ୍ତି ନିଏ ତା' ହେଲେ ଆମେରିକା ତିନି ଅଙ୍କ ସ୍କୋରରେ ପହଞ୍ଚିବା କଷ୍ଟସାଧ୍ୟ। ବୁମ୍‌ରା, ସିରାଜ, ଜାଡେଜା ଓ ଅର୍ଶଦୀପ ସିଂଙ୍କ ବୋଲିଂ ଉପରେ ସମସ୍ତଙ୍କ ନଜର ରହିବ। ସେହିପରି ନାସାଉରେ ଆଉ ଏକ ମୁମ୍ବାଇ ଲଢେଇ ଦେଖିବାକୁ ମିଳିବ। ବିଭିନ୍ନ ବର୍ଗରେ ମୁମ୍ବାଇର ପ୍ରତିନିଧିତ୍ୱ କରିଥିବା ସୌରଭ ନେତ୍ରଭଲକର ନିଜର ପୂର୍ବତନ ଟିମ୍ ମେଟ୍ ସୂର୍ଯ୍ୟକୁମାରଙ୍କ ବିପକ୍ଷରେ ଖେଳିବେ। ଭାରତ ତଥା ଖାସ୍ କରି ସୂର୍ଯ୍ୟକୁମାରଙ୍କ ବିପକ୍ଷରେ ବୋଲିଂ କରିବା ତାଙ୍କ ପାଇଁ ଇମୋଶନାଲ ଯାତ୍ରା ରହିବ ବୋଲି କହିଛନ୍ତି ସୌରଭ ନେତ୍ରଭଲକର।

ପ୍ରଥମ ଦୁଇ ମ୍ୟାଚ୍‌ରେ ଭାରତର ଶିବମ ଦୁବେଙ୍କ ପ୍ରଦର୍ଶନ ଦଳ ପାଇଁ ବୋଝ ହୋଇଛି। ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଇମ୍ପାକ୍ଟ ପ୍ଲେୟର ଭାବରେ ଆଇପିଏଲ୍‌ରେ ଖେଳିଥିବା ଦୁବେଙ୍କ ବ୍ୟାଟ ନୀରବ ରହିଥିବା ବେଳେ ସେ ବୋଲିଂ ମଧ୍ୟ କରୁନାହାନ୍ତି। ଅନ୍ୟପକ୍ଷରେ ଦୁବେଙ୍କ ସ୍ଥାନରେ ଭାରତ ଜଣେ ଅତିରିକ୍ତ ସ୍ପିନର ଖେଳାଇପାରେ। ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ।



ଆମେରିକା ବିପକ୍ଷ ମୁକାବିଲା ପୂର୍ବରୁ ଭାରତୀୟ ଦଳର ଅଭ୍ୟାସ।

## ଓଡ଼ିଶା ଏଫ୍‌ସିରେ ରୋହିତ କୁମାର

**ଭୁବନେଶ୍ୱର, ୧୧।୬ (ତପନ ସ୍ୱାଇଁ):** ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ରୋହିତ କୁମାର ଓଡ଼ିଶା ଏଫ୍‌ସି କ୍ଲବ ସହ ଅନୁବନ୍ଧିତ ହୋଇଛନ୍ତି। ଏହି ତାରକା ମିଡ୍‌ଫିଲ୍ଡର କ୍ଲବ ସହ ୨ ବର୍ଷ ପାଇଁ ଚୁକ୍ତି କରିଛନ୍ତି। ଭାରତୀୟ ଦଳର ସଦସ୍ୟ ରହି ଆସିଥିବା ରୋହିତ ଇଣ୍ଡିଆନ ସୁପର ଲିଗ୍‌ରେ ୮୦ରୁ ଅଧିକ ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଦେଶ ପାଇଁ ସେ ୯ଟି ମ୍ୟାଚ ଖେଳିଛନ୍ତି। ଡିଏସ୍‌କେ ଶିବାଜିଆନ୍ସ ଗ୍ରାଜୁଏଟ୍ ରୋହିତ କିର୍ଗିଜସ୍ତାନ ବିପକ୍ଷରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ସେ ଅନିରୁଦ୍ଧ ଥାପାଙ୍କ ବଦଳ ଖେଳାଳିଭାବେ ସୁଯୋଗ ପାଇଥିଲେ ଏବଂ ଏହି ମ୍ୟାଚରେ ଭାରତ ୨-୦ ଗୋଲରେ ବିଜୟୀ ହୋଇଥିଲା। ଏହି ମିଡ୍‌ଫିଲ୍ଡର ନିଜର ପୂର୍ବତନ କ୍ଲବ ବେଙ୍ଗାଲୁରୁ ଏଫ୍‌ସି ଏବଂ ଦେଶ ପକ୍ଷରୁ ଚମତ୍କାର ଖେଳି ବହୁ ସମ୍ମାନ ପାଇଛନ୍ତି। ସେ ବେଙ୍ଗାଲୁରୁ ପକ୍ଷରୁ ଡୁରାଣ୍ଡ କପ୍‌ରେ ଖେଳିଥିବାବେଳେ ଭାରତ ପକ୍ଷରୁ ସାଫ୍ ଚାମ୍ପିୟନଶିପ୍, ତ୍ରିରାଷ୍ଟ୍ରୀୟ ସିରିଜ ଓ ଇଣ୍ଟର କଣ୍ଟିନେଣ୍ଟାଲ କପ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। "ଓଡ଼ିଶା ଏଫ୍‌ସିର ଅଂଶବିଶେଷ ହୋଇଥିବାରୁ ମୁଁ ବହୁତ ଖୁସି। କୋଚ୍‌ଙ୍କ ସହିତ ମୋର ଆଲୋଚନା ବହୁତ ସକାରାତ୍ମକ ରହିଛି। ମୁଁ ତାଙ୍କ ଅଧୀନରେ ଖେଳି ଅନେକ କିଛି ଶିଖିବାକୁ ଚାହୁଁଛି। ଆଇଏସଏଲ୍‌ରେ ଓଡ଼ିଶା ଏଫ୍‌ସିର ଖେଳକୁ ମୁଁ ଅନେକ ବର୍ଷଧରି ଦେଖି ଆସୁଛି। ଏପରି ସିଷ୍ଟମରେ ଖେଳିବାକୁ ମୁଁ ଇଚ୍ଛା କରିଥାଏ" ବୋଲି ରୋହିତ ପ୍ରକାଶ କରିଛନ୍ତି।

# ବିଜୟ ସହ ଓଡ଼ିଶା ମହିଳା, ପୁରୁଷ ଦଳର ଅଭିଯାନ

**ଜାତୀୟ ସିନିୟର ପେନ୍‌ଚାକ ସିଲାଟ ଚାମ୍ପିୟନଶିପ୍ ଉଦ୍‌ଘାଟିତ**

**ଭୁବନେଶ୍ୱର, ୧୧।୬ (ତପନ ସ୍ୱାଇଁ)**

ଜାତୀୟ ସିନିୟର ପେନ୍‌ଚାକ ସିଲାଟ ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ)ର ଦ୍ୱାଦଶ ସଂସ୍କରଣ ମଙ୍ଗଳବାର କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏଶନ ଆନୁକୂଲ୍ୟରେ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୯୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କଳିଙ୍ଗ କମର୍ସିଆଲ କର୍ପୋରେଶନ (କେସିସିଏଲ୍)ର ଉପସଭାପତି ଅଭିଷେକ ଦେବୀଦତ୍ତ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ତଥା ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ, ଭାରତୀୟ ପେନ୍‌ଚାକ୍ ସିଲାଟ ଫେଡେରେଶନ ସଭାପତି କିଶୋର ୟାଓ୍ୱଲେ, ଅଧ୍ୟକ୍ଷ ମହମ୍ମଦ ଇକବାଲ, ସମ୍ପାଦକ ତାରିକ୍ ଅହମଦ ଜାର୍ଗର, ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏଶନ ସଭାପତି ତାପସ ରାୟ ଚୌଧୁରୀ, ସମ୍ପାଦକ ପ୍ରେମ୍ ସିଂ ଥାପ୍ପା, ଖୋର୍ଦ୍ଧା ପେନ୍‌ଚାକ ସିଲାଟ ଆସୋସିଏଶନ ଅଧ୍ୟକ୍ଷ ସଚିନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

ପ୍ରଥମ ଦିବସରେ ଅନୁଷ୍ଠିତ ପ୍ରତିଯୋଗିତା ମଧ୍ୟରେ ପୁରୁଷ ୪୫ରୁ ୫୦ କେଜି ବର୍ଗରେ ଓଡ଼ିଶା ଉତ୍ତର ପ୍ରଦେଶକୁ ହରାଇ ଅଭିଯାନ ଆରମ୍ଭ କରିଛି। ସେହିପରି ଛତିଶଗଡ଼କୁ ଗୋଆ ପରାସ୍ତ କରିଛି। ମହିଳା ୪୫ରୁ ୫୦ କେଜି ବର୍ଗରେ ରାଜସ୍ଥାନକୁ ଓଡ଼ିଶା ଓ ଲାକ୍ଷାଦ୍ୱୀପକୁ ତାମିଲନାଡୁ ହରାଇ ଦେଇଛି। ପୁରୁଷ ୬୫ କେଜିରୁ ୭୦ କେଜି ବର୍ଗରେ ମିଜୋରାମକୁ ଜମ୍ମୁ କଶ୍ମୀର ଏବଂ ପଶ୍ଚିମବଙ୍ଗକୁ କର୍ନାଟକ ପରାସ୍ତ କରିଛି।




ଉଦ୍‌ଘାଟନୀ ସମାରୋହରେ ବିଭିନ୍ନ ରାଜ୍ୟର ପ୍ରତିଯୋଗୀ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ